

ପ୍ରତ୍ୟାବର୍ତ୍ତନରେ ସେରେନା ନିରାଶ
▶ପୃଷ୍ଠା ୧୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-08 ♦THURSDAY ♦02 JULY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୦୮ ♦ଗୁରୁବାର ♦୦୨ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଲାଗୁହେଲା ‘ଜି-ରାମ୍-ଜି’

## ସର୍ବନିମ୍ନ ମଜୁରି ୩୦୦ ଟଙ୍କା

■ ନୂଆଦିଲ୍ଲୀ, ୧।୭ (ଏଜେନ୍ସି): ଗ୍ରାମାଞ୍ଚଳର ଗରିବ ଶ୍ରମିକମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ମନରେଗା ବଦଳରେ ବିକଶିତ ଭାରତ - ରୋଜଗାର ଏବଂ ଆଜୀବିକା ସୁରକ୍ଷା ଅଭିଯାନ ଗ୍ରାମୀଣ ଆଇନ, ୨୦୨୫ (ଭିବି-ଜିରାମ୍‌ଜି) ଆଜିଠାରୁ ସାରା ଦେଶରେ କାର୍ଯ୍ୟକାରୀ କରିଛନ୍ତି। ସଂଶୋଧିତ ମଜୁରି ସହିତ ଏହାକୁ ଲାଗୁ କରାଯାଇଛି। ଏଣିକି ଦେଶର କୌଣସି ବି ରାଜ୍ୟରେ ଶ୍ରମିକଙ୍କ ଦୈନିକ ମଜୁରୀ ୩୨୭ ଟଙ୍କାରୁ କମ୍ ରହିବ ନାହିଁ। ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଦେଶର ସମସ୍ତ ୩୪ଟି



ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମଜୁରି ହାରରେ ବୃଦ୍ଧି କରାଯାଇଛି। ପୂର୍ବରୁ ଜାତୀୟ ସ୍ତରରେ ହାରାହାରି ଦୈନିକ ମଜୁରି ପ୍ରାୟ ୨୯୮ ଟଙ୍କା ୮୦ ପଇସା ଥିବା ବେଳେ, ଏବେ

### ଇତିହାସ ପାଲଟିଲା ମନରେଗା

ଏହା ବୃଦ୍ଧି ପାଇ ପ୍ରାୟ ୩୨୭ ଟଙ୍କା ୪୦ ପଇସା ହୋଇଛି। ମଜୁରିରେ ହାରାହାରି ପ୍ରାୟ ୨୮ ଟଙ୍କା ୬୦ ପଇସାର ବୃଦ୍ଧି ଘଟିଛି, ଯାହାକି ଶତକଡ଼ା ହିସାବରେ ୧୦ ପ୍ରତିଶତରୁ ଅଧିକ। ଏହି ନୂତନ ନିୟମ ଯୋଗୁଁ ସେହିସବୁ ରାଜ୍ୟଗୁଡ଼ିକ ସବୁଠାରୁ ଅଧିକ ଲାଭବାନ ହେବେ, ଯେଉଁଠାରେ ପୂର୍ବରୁ ବହୁତ କମ୍ ମଜୁରି ମିଳୁଥିଲା। ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା, ଆସାମ, ଅରୁଣାଚଳ ପ୍ରଦେଶ ଏବଂ ହିମାଚଳ ପ୍ରଦେଶ ଭଳି ରାଜ୍ୟଗୁଡ଼ିକରେ ମଜୁରି ହାର ପ୍ରାୟ ୧୫ରୁ ୨୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଅପରପକ୍ଷରେ କେରଳ, ହରିୟାଣା, ପଞ୍ଜାବ ଓ କର୍ଣ୍ଣାଟକ ଭଳି ଧନୀ ରାଜ୍ୟଗୁଡ଼ିକରେ ମଜୁରି ହାର ୩୬୦ ଟଙ୍କାରୁ ଆରମ୍ଭ କରି ୪୦୯ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହି ଆଇନ ମାଧ୍ୟମରେ ବର୍ଷକୁ ଗ୍ୟାରେଣ୍ଟି ସହ ମିଳୁଥିବା କାମର ଅବଧିକୁ ମଧ୍ୟ ୧୨୫ ଦିନକୁ ବୃଦ୍ଧି କରାଯାଇଛି।

# ୧୨ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

## ଚଳିତ ବର୍ଷରୁ ରାଜ୍ୟରେ ମାଗଣା ଶିକ୍ଷା

■ ଭୁବନେଶ୍ୱର, ୧।୭ (ସମିସ): ଏଣିକି ରାଜ୍ୟରେ କେଜିରୁ ପିଜି ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ଛାତ୍ରଛାତ୍ରୀ ମାଗଣା ଶିକ୍ଷା ପାଇପାରିବେ। ଆଉ ରାଜ୍ୟର ଜଣେ ବି ପିଲା ଆର୍ଥିକ ଅଭାବ କାରଣରୁ ଶିକ୍ଷାରୁ ବଞ୍ଚିତ ହେବେନାହିଁ କିମ୍ବା ପାଠପଢା ମଝିରୁ ପାଠ ଛାଡିବେ ନାହିଁ। ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତା ଭିତ୍ତିକ ଏବଂ ସୁଲଭ କରିବା ପାଇଁ ଏହି ଐତିହାସିକ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବୁଧବାର ରାଜ୍ୟ କ୍ୟାବିନେଟ ବୈଠକରେ ‘ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି’ ଯୋଜନା ଉପରେ ମୋହର ବାଜିଥିବା ବେଳେ ଏହି ଯୋଜନା ଅଧୀନରେ, ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା



### ଆରମ୍ଭ ହେଲା ‘ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି’

### ୫ ବର୍ଷରେ ଖର୍ଚ୍ଚହେବ ୫,୪୬୭.୫୫ କୋଟି ଟଙ୍କା

### ଅର୍ଥ ପାଇଁ କେହି ଶିକ୍ଷାରୁ ବଞ୍ଚିତ ହେବେନାହିଁ: ମୁଖ୍ୟମନ୍ତ୍ରୀ

ବିଭାଗ ଅଧୀନସ୍ଥ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନ ଗୁଡ଼ିକରେ ନିୟମିତ ପାଠ୍ୟକ୍ରମରେ ନାମ ଲେଖାଇଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ନାମଲେଖା ଫି’ ଛାଡ଼ କରାଯିବାକୁ ବ୍ୟବସ୍ଥା କରାଯାଇଛି। ▶ପୃଷ୍ଠା-୧୦

## ୮ ଲେନ୍ ହେବ ଜୟଦେବ ବିହାର-ନନ୍ଦନକାନନ ରାସ୍ତା

■ ଭୁବନେଶ୍ୱର, ୧।୭ (ସମିସ): ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୮ ଟି ବିଭାଗର ୧୨ ଟି ପ୍ରସ୍ତାବ ଉପରେ ମୋହର ବାଜିଛି। ଏଥିରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଭାବେ ରାଜଧାନୀ ଭୁବନେଶ୍ୱରର ଟ୍ରାଫିକ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କଳିଙ୍ଗ ଷ୍ଟାଡିୟମ (ଗେଟ୍ ନଂ-୪) ଠାରୁ ରଘୁନାଥପୁର ସେତୁ ପର୍ଯ୍ୟନ୍ତ ଜୟଦେବ ବିହାର-ନନ୍ଦନକାନନ ରାସ୍ତାକୁ ୮ ଲେନ୍‌କୁ ସମ୍ପ୍ରସାରଣ କରାଯିବ।

### ୫୭୯ କୋଟି ବ୍ୟୟ ଅଟକଳକୁ ଅନୁମୋଦନ

### ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ ହେବ ନିର୍ମାଣ କାର୍ଯ୍ୟ

### ଗଭୀର ସମୁଦ୍ର ମତ୍ସ୍ୟ ମିଶନ ୨୦୨୬-୨୦୩୬କୁ ମଞ୍ଜୁରୀ

ଏହି ପ୍ରକଳ୍ପରେ ବିଭିନ୍ନ ପ୍ରମୁଖ ଛକରେ ଫ୍ଲାଏଓଭର, ଅଣ୍ଡରପାସ ଓ ଭୂତଳ ପାର୍କିଂ ନିର୍ମାଣ କରାଯିବ। ଏହି ପ୍ରକଳ୍ପ ପାଇଁ ମେସର୍ସ ଦୀନେଶଚନ୍ଦ୍ର ଆର୍ ଅଗ୍ରୱାଲ ଇନଫ୍ରାକନ୍ ପ୍ରାଇଭେଟ୍ ଲିମିଟେଡର ୫୭୯ କୋଟି ଟଙ୍କା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଆଗାମୀ ୨୪ମାସ ମଧ୍ୟରେ ଏହି କାର୍ଯ୍ୟ ଶେଷ ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ପୂର୍ତ୍ତ ବିଭାଗ ଅଧୀନରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ସୁନ୍ଦରଗଡ଼ ଜିଲ୍ଲାର ▶ପୃଷ୍ଠା-୧୦

## ରାମ ମନ୍ଦିର ଚାନ୍ଦା ଚୋରି

# ପଶିବ ଇଡି, ଆୟକର ବିଭାଗ



### ଷଡ଼ଯନ୍ତ୍ର ଉପରୁ ପରଦା ଉଠୁଛି

### ଟ୍ରଷ୍ଟ ଓ ବ୍ୟାଙ୍କ କର୍ମଚାରୀ ସାମିଲ

### ଅଭିଯୁକ୍ତ ଘରୁ ମିଳିଲା ଦାନବାକ୍ସ

### କୁମ୍ଭମେଳାରେ କୋଟି କୋଟି ଚୋରି

### ବାଥ୍‌ରୁମ୍‌ରେ ଲୁଚାଇଥିଲା ଟଙ୍କା

■ ନୂଆଦିଲ୍ଲୀ/ଅଯୋଧ୍ୟା, ୧।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରର ଦାନ ବାକ୍ସରୁ ହୋଇଥିବା ଚାନ୍ଦା ଚୋରି ମାମଲାକୁ ନେଇ ଦିନକୁ ଦିନ ନୂଆ ତଥ୍ୟ ଆସିବାରେ ଲାଗିଛି। ଏହାକୁ ଲୁଟିବା ଲାଗି ବଡ଼ ଧରଣର ଷଡ଼ଯନ୍ତ୍ର ହୋଇଥିଲା ଏବଂ ଏଥିରେ ଟ୍ରଷ୍ଟ କର୍ମଚାରୀଙ୍କ ସହିତ ବ୍ୟାଙ୍କ କର୍ମଚାରୀ ମଧ୍ୟ ସାମିଲ ଥିଲେ। ମନ୍ଦିର ଟ୍ରଷ୍ଟର ଅନେକ ବରିଷ୍ଠ କର୍ମକର୍ତ୍ତା ଏହା ଜାଣିଥିବା ଅଭିଯୁକ୍ତମାନେ ପୁଲିସ ପଚରାଉଚରା ବେଳେ ସ୍ୱୀକାର କରିଛନ୍ତି। କୁମ୍ଭମେଳା ସମୟରେ ସବୁଠାରୁ ବେଶି ଚୋରି ହୋଇଛି। ଏହି ସମୟରେ କୋଟି କୋଟି ଟଙ୍କା ଲୁଟ୍ କରାଯାଇ ଜମି ସହିତ ଅନ୍ୟ କାରବାରରେ ଲଗାଇଛନ୍ତି ଅଭିଯୁକ୍ତ। ଅଭିଯୁକ୍ତଙ୍କର ଏଭଳି ଖୁଲାସା ପରେ ଅର୍ଥ କାରବାର ଅନୁସନ୍ଧାନ ନେଇ ଅସହାୟ ହୋଇପଡ଼ିଛି ପୁଲିସ। ତେଣୁ ଏଥିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଆୟକର ବିଭାଗର ସହାୟତା ଲୋଡ଼ାଯାଇଛି। ଏହି ଘୋଟାଲାରେ ଟ୍ରଷ୍ଟର କିଛି ପ୍ରଭାବଶାଳୀ କର୍ମକର୍ତ୍ତା ସାମିଲ ଥିବାରୁ ଇଡିର ସହାୟତା ନିଆଯାଇଥିବା କୁହାଯାଉଛି।

ଏହି ମାମଲାରେ ପୁଲିସ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଖୋଳତାଡ଼ ଚଳାଇଛି। ପଚରାଉଚରା ବେଳେ ଅଭିଯୁକ୍ତ ମାନେ ସ୍ୱୀକାର କରିଛନ୍ତି ଯେ ୨୦୨୫ ମସିହା ପ୍ରାରମ୍ଭରେ ଅନୁଷ୍ଠିତ କୁମ୍ଭମେଳା ସମୟରେ ହିଁ ରାମ ▶ପୃଷ୍ଠା-୧୦

## ଗଣଶିକ୍ଷା ବିଭାଗର ଆଡ଼ବାୟା ନୀତି

# ମନ୍ତ୍ରୀଙ୍କ ମନ୍ତବ୍ୟକୁ କାଟିଲେ ସଚିବ

### ପିଲାଙ୍କୁ ମିଳିବ ତ୍ରୁଟିଶୂନ୍ୟ ନୂଆ ବହି

■ ଭୁବନେଶ୍ୱର, ୧।୭ (ସମିସ): ସ୍କୁଲ ପିଲାଙ୍କ ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ପ୍ରସଙ୍ଗ ଦିନକୁ ଦିନ ଅଧିକ ଜଟିଳ ହେଉଛି। ଗତ ସୋମବାର ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗଣମାଧ୍ୟକୁ ପ୍ରତିକ୍ରିୟା ଦେଇ ପାଠ୍ୟପୁସ୍ତକ ଫେରସ୍ତ ହେବ ନାହିଁ ଓ ସେହି ବହିକୁ ସଂଶୋଧିତ କରି ଶିକ୍ଷାଦାନ କରାଯିବ ବୋଲି କହିଥିଲେ। ମାତ୍ର ଦିନକ ପରେ ଅର୍ଥାତ୍ ଆଜି ବିଭାଗୀୟ ସଚିବ ଏନ୍ ଥିରୁମାଳା ନାଏକ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀଙ୍କ ମନ୍ତବ୍ୟକୁ ଭୁଲ୍ ପ୍ରମାଣିତ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ସମ୍ପୂର୍ଣ୍ଣ ନୂତନ ଭାବେ ତ୍ରୁଟିଶୂନ୍ୟ ପୁସ୍ତକ ଯୋଗାଇ ଦିଆଯିବ ବୋଲି ସଚିବ ଘୋଷଣା କରିଛନ୍ତି। ମନ୍ତ୍ରୀ ଓ ସଚିବଙ୍କ କଥାରେ ତାଳମେଳ ରହୁ ନଥିବା ବେଳେ ପିଲାଙ୍କୁ କେବେ ସୁଦ୍ଧା ନୂତନ ବହି ମିଳିବ ତାହା ସ୍ପଷ୍ଟ ହୋଇନାହିଁ। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଓ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ପୁସ୍ତକ ଯୋଗାଣ ସମ୍ପର୍କରେ ସଚିବ କହିଛନ୍ତି ଯେ, ଖୁବଶୀଘ୍ର ପିଲାଙ୍କୁ ନୂଆ ବହି ଯୋଗାଇ ▶ପୃଷ୍ଠା-୧୦

**ସୋମବାର ପୁରୁଣା ବହି ଫେରସ୍ତକୁ ମନା କରିଥିଲେ ମନ୍ତ୍ରୀ**

**ନୂଆ ମିଳିବା ଯାଏ ତାଳିପକା ବହିରେ ଚାଲିବ ପାଠପଢ଼ା**

### କଟା ଘା’ରେ ଚୂନ — ଯେତିକି କୁହାଯାଉଛି, ସେତିକି ଭୁଲ୍ ହୋଇନାହିଁ: ସଚିବ

■ ଭୁବନେଶ୍ୱର, ୧।୭ (ସମିସ): ସ୍କୁଲ ପିଲାଙ୍କ ପଢ଼ା ବହିରେ ତ୍ରୁଟିକୁ ନେଇ ସାରା ରାଜ୍ୟ ହୁଲସ୍ଥୁଲ। ଏହି ପ୍ରସଙ୍ଗ ଜାତୀୟସ୍ତରରେ ଓଡ଼ିଶାକୁ ନିନ୍ଦିତ କରିଛି। ବିରୋଧୀଦଳଗୁଡ଼ିକ ସରକାରଙ୍କୁ ତୀବ୍ର ସମାଲୋଚନା କରୁଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ଏହି ଭୁଲ ପଛରେ ଷଡ଼ଯନ୍ତ୍ର ହୋଇଥିବା ସନ୍ଦେହ କରିଛନ୍ତି। ବିଭାଗୀୟ ସଚିବ ଭୁଲ ଥିବା ସ୍ୱୀକାର କରି ପିଲାଙ୍କୁ ତ୍ରୁଟିଶୂନ୍ୟ ନୂଆ ବହି ଯୋଗାଇବାକୁ ଘୋଷଣା କରିଛନ୍ତି। ମାତ୍ର ବହିରେ ଥିବା ଗୁରୁଚଣ୍ଡାଳ ଦୋଷଗୁଡ଼ିକକୁ ଘୋଡ଼ାଇବା ସହିତ ଏହା ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ଘୋଡ଼ାଇବାକୁ ଉଦ୍ୟମ କରିଛନ୍ତି। ଯାହାକି ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷାବିତ୍‌ଙ୍କ କଟା ଘା’ରେ ଚୂନ ମାରିବା ପରି ହୋଇଛି। ବହିରେ ଯେତିକି ଭୁଲ ଥିବା କୁହାଯାଉଛି, ବାସ୍ତବରେ ସେତିକି ଭୁଲ ନାହିଁ ବୋଲି ସଚିବଙ୍କ ଟିପ୍ପଣୀ ଏବେ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିର୍ଦ୍ଦିଷ୍ଟ ଅଧିକାରୀମାନଙ୍କୁ ଘଣ୍ଟ ଘୋଡ଼ାଇବାକୁ ସଚିବ ଏପରି ମନ୍ତବ୍ୟ ଦେଇଛନ୍ତି ବୋଲି ଅନେକ ଅଭିଯୋଗ କରିଛନ୍ତି।

ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଓସେପା ପକ୍ଷରୁ ବହିରେ ୧୬୭୮ ଟି ତ୍ରୁଟି ଥିବା ସ୍ୱୀକାର କରାଯିବା ▶ପୃଷ୍ଠା-୧୦

## କୋଚିଂ ସେଣ୍ଟରରେ ନାବାଳିକାକୁ ଦୁଷ୍କର୍ମ

# ଅଭିଯୁକ୍ତ ଏଚ୍‌ଆଇଭି ପଜିଟିଭ୍

■ ଭୁବନେଶ୍ୱର ୧।୭ (ସମିସ): ରାଜଧାନୀର ଏକ କୋଚିଂ ସେଣ୍ଟରରେ ନାବାଳିକାକୁ ଦୁଷ୍କର୍ମ ଘଟଣାରେ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଥିବା ଅଭିଯୁକ୍ତ ଶିକ୍ଷକ ଏଚ୍‌ଆଇଭି ପଜିଟିଭ୍ ବୋଲି ଡାକ୍ତରୀ ପରୀକ୍ଷା ପରେ ଜଣାପଡ଼ିଛି। ଏହା ପଦାକୁ ଆସିବା ପରେ ଝାରପଡ଼ା ଜେଲ୍ କର୍ତ୍ତୃପକ୍ଷ ସତର୍କ ହୋଇଛନ୍ତି। ଅଭିଯୁକ୍ତର ଚିକିତ୍ସା ପାଇଁ ଆବଶ୍ୟକ ପଦକ୍ଷେପ ନେବା ସହ ଭୁବନେଶ୍ୱର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଓ ଡିସିପିଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ଝାରପଡ଼ା ଜେଲ୍ କର୍ତ୍ତୃପକ୍ଷ।

**କୋର୍ଟ ଓ ପୁଲିସକୁ ଚିଠି ଲେଖିଲେ ଜେଲ୍ କର୍ତ୍ତୃପକ୍ଷ**

ସୂଚନା ଅନୁସାରେ ଜଣେ ୧୭ ବର୍ଷୀୟା ନାବାଳିକା ରାଜଧାନୀର ଏକ କୋଚିଂ ସେଣ୍ଟରରେ ପଢୁଥିବା ବେଳେ ଅଭିଯୁକ୍ତ ଜଣକ ସେଠାରେ ଶିକ୍ଷକତା କରୁଥିଲେ। ପାଠ ପଢ଼ିବା ସମୟରେ ନାବାଳିକାକୁ ପ୍ରେମ ଜାଲରେ ଫସାଇ ବିଭିନ୍ନ ସ୍ଥାନକୁ ନେଇଥିଲେ। ସେଠାରେ ନାବାଳିକାକୁ ବଳପୂର୍ବକ ଦୁଷ୍କର୍ମ କରିଥିଲେ। ପରବର୍ତ୍ତୀ ସମୟରେ ବ୍ଲାକମେଲିଂ କରି ସମ୍ପୃକ୍ତ ନାବାଳିକା ସହ ସେ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ ଓ ମାନସିକ ନିର୍ଯାତନା ଦେଇଥିଲେ । ଅତ୍ୟାଚାର ଅସହ୍ୟ ହେବାରୁ ନାବାଳିକା ଜଣକ ମହିଳା ଥାନାରେ ଲିଖିତ ଏତଲା ଦେଇଥିଲେ। କିଛିଦିନ ପୂର୍ବେ ପୁଲିସ ▶ପୃଷ୍ଠା-୧୦

# ବିଜୟ ସରକାର ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର!



### ବିଧାୟକଙ୍କୁ ୩୫ କୋଟିର ପ୍ରଲୋଭନ

■ ଚେନ୍ନଇ, ୧।୭ (ଏଜେନ୍ସି): ତାମିଲନାଡୁରେ ସୁପରଷ୍ଟାର୍ ବିଜୟଙ୍କ ନେତୃତ୍ୱାଧୀନ ‘ଟିଭିକେ’ (ତାମିଲିଗା ଭେଟ୍ରି କାଜାଗାମ) ସରକାର ଗଠନ ହେବାର ମାତ୍ର ଦୁଇ ମାସ ମଧ୍ୟରେ ଏହାକୁ ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର। ବିଧାନସଭାରୁ ଇସ୍ତଫା ଦେବାଲାଗି ଟିଭିକେ ବିଧାୟକଙ୍କୁ ଯଚାଯାଇଥିଲା ୩୫ କୋଟି ଟଙ୍କା। ଏହି ଷଡ଼ଯନ୍ତ୍ରର ପର୍ଦ୍ଦାଫାସ ହେବାପରେ ତାମିଲନାଡୁ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ଏହି ଘଟଣାରେ ତିନି ଜଣଙ୍କୁ ଗିରଫ କରାଯିବା ପରେ ଷଡ଼ଯନ୍ତ୍ରରେ ଡିଏମକେ ସାମିଲ ଥିବା ନେଇ ଅଭିଯୋଗ ହୋଇଛି।

ରାଜ୍ୟ ଗୋଇନ୍ଦା ବିଭାଗ ଏହି ଯୋଜନାକୁ ପଣ୍ଡ କରିଥିବା ଦାବି କରିଛି। ମିଳିଥିବା ସୂଚନା ଅନୁଯାୟୀ, ସରକାରର ପତନ ପାଇଁ ଏକାସଙ୍ଗେ ୧୫ ଜଣ ଟିଭିକେ ବିଧାୟକଙ୍କୁ ଇସ୍ତଫା ଦେବା ପାଇଁ ପ୍ରଲୋଭିତ କରାଯାଉଥିଲା। ଏକ ସମୟରେ ଏତେ ବିଧାୟକ ଇସ୍ତଫା ଦେଇଥିଲେ ବିଜୟ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଯୋଜନା ହୋଇଥିଲା। ବିରୋଧୀ ଦଳ ▶ପୃଷ୍ଠା-୧୦


SIKSHA ‘O’ ANUSANDHAN

Empowering students for a brighter future

B.TECH PROGRAMMES IN ELECTRONICS DESIGN
- Electrical and Electronics Engineering
- Electronics and Communication Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through JEE-Main, Please visit: www.soa.ac.in


# ରାଜ୍ୟବ୍ୟାପୀ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

## ସରକାରୀ ହସ୍ପିଟାଲ୍‌ରେ ସ୍ୱାସ୍ଥ୍ୟ ସେବା ପ୍ରଭାବିତ

■ ଭୁବନେଶ୍ୱର, ୧।୭ (ସମିସ): ଜାତୀୟ ଡାକ୍ତର ଦିବସଠାରୁ ଓଡିଶା ମେଡିକାଲ୍ ସର୍ଭିସେସ୍ ଆସୋସିଏସନ୍ (ଓମସା) ଆରମ୍ଭ କରିଛି ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ। ୧୦-ଦଫା ଦାବି ପୂରଣ ନ ହେବାରୁ ଡାକ୍ତରମାନେ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କରିବା ସହ କାର୍ଯ୍ୟବନ୍ଦ କରିଥିବାରୁ ସରକାରୀ ହସ୍ପିଟାଲଗୁଡ଼ିକରେ ରୋଗୀ ସେବା ଗୁରୁତର ପ୍ରଭାବିତ ହୋଇଛି। ରାଜ୍ୟର ସମସ୍ତ ସରକାରୀ ଚିକିତ୍ସାଳୟରେ ଓପିଡି ଏବଂ ଇନ୍‌ଡୋର ସେବା ଗୁରୁତର ଭାବେ ପ୍ରଭାବିତ ହୋଇଥିବାରୁ ରୋଗୀମାନେ ବହୁ ଦୂରଦୁରାନ୍ତରୁ ଆସି ହସ୍ପିଟାଲରୁ ନିରାଶ ହୋଇ



ଫେରିଛନ୍ତି। କେନ୍ଦ୍ରୀୟ ବେତନ କ୍ରମ ଲାଗୁ, ବିନା ସର୍ତ୍ତରେ ଡାଇନାମିକ୍ ଆସ୍ୟୁର୍ଡ୍ କ୍ୟାରିୟର୍ ପ୍ରୋଗ୍ରେସନ୍ କାର୍ଯ୍ୟକାରୀ, ଡାକ୍ତରଙ୍କ ସୁରକ୍ଷା, ଖାଲି ପଦବୀ ପୂରଣ, ଅନ୍ୟାନ୍ୟ ଭତ୍ତା, ଟ୍ରାନ୍ସଫର୍ ନୀତି ଓ ସେବା ସୁନିଶ୍ଚିତତା ଲାଗି ଡାକ୍ତରମାନେ ଦାବି କରିଛନ୍ତି।

ଓମସା ପକ୍ଷରୁ କୁହାଯାଇଛି ଯେ ଗତ କିଛି ମାସ ଧରି ସରକାରଙ୍କୁ ସମୟ ଦିଆଯାଇଥିଲା, କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଯଦି ଦାବି ପୂରଣ ନ ହୁଏ ତେବେ ଆନ୍ଦୋଳନ ଆହୁରି ତୀବ୍ର ହେବ। ଏହି ଆନ୍ଦୋଳନ ଯୋଗୁଁ ରାଜ୍ୟର ବିଭିନ୍ନ ଜିଲ୍ଲା ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର୍, କଳାହାଣ୍ଡି ଆଦି ସରକାରୀ ହସ୍ପିଟାଲ୍‌ରେ ରୋଗୀ ସେବା ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ସରକାର ଏହି ଆନ୍ଦୋଳନ ପ୍ରଶମିତ କରିବା ପାଇଁ ପଦକ୍ଷେପ ନ ନେଲେ ଜରୁରୀ ସେବା ଉପରେ ମଧ୍ୟ ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ▶ପୃଷ୍ଠା-୧୦

## ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କ କାର୍ଯ୍ୟକାଳ ୧ ବର୍ଷ ପାଇଁ ବୃଦ୍ଧି

ନୂଆଦିଲ୍ଲୀ, ୧୭(ଏଜେନ୍ସି): କେନ୍ଦ୍ର ସରକାର ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କ କାର୍ଯ୍ୟକାଳକୁ ଆଉ ଏକ ବର୍ଷ ପାଇଁ ବୃଦ୍ଧି କରିଛନ୍ତି। କ୍ୟାବିନେଟର ନିଯୁକ୍ତି କମିଟି (ଏସିସି) ର ଅନୁମୋଦନ ଅନୁଯାୟୀ, ଶ୍ରୀ ମିଶ୍ରି ଏବେ ୨୦୨୭ ଜୁଲାଇ ୧୪ ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ ଜାରି ରଖିବେ। ମିଶ୍ରି ୨୦୨୪ ଜୁଲାଇରେ ବୈଦେଶିକ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।



ବର୍ତ୍ତମାନର ଜଟିଳ ବିଶ୍ୱରାଜନୈତିକ ପରିସ୍ଥିତିରେ ଭାରତର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ କାର୍ଯ୍ୟକ୍ରମ ଯଥା ଜି୨୦ ସମ୍ପର୍କିତ କାର୍ଯ୍ୟକ୍ରମ, କ୍ୱାଡ୍ ପାଇଁ ପଦକ୍ଷେପ ଏବଂ ଆମେରିକା, ଚୀନ୍ ଓ ୟୁରୋପୀୟ ସଂଘ ସହିତ ଦ୍ୱିପାକ୍ଷିକ ଆଲୋଚନା ଆଦିର ସଫଳତା ଲକ୍ଷ୍ୟ ରହିଛି। ଏଥିପାଇଁ ବୈଦେଶିକ ମନ୍ତ୍ରଣାଳୟରେ ନିରନ୍ତରତା ଅତ୍ୟନ୍ତ ଆବଶ୍ୟକ ଥିବାରୁ ଏହି ବୃଦ୍ଧି ଆବଶ୍ୟକ ବୋଲି କୁହାଯାଇଛି। ୧୯୮୯ ବ୍ୟାଚର ଭାରତୀୟ ବୈଦେଶିକ ସେବା (ଆଇଏଫ୍‌ଏସ୍) ଅଧିକାରୀ ବିକ୍ରମ ମିଶ୍ରିଙ୍କର ଦୀର୍ଘକାଳୀନ ଅଭିଜ୍ଞତା ରହିଛି। ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦ୍ର କୁମାର ଗୁଜରାଲ, ମନମୋହନ ସିଂ ଏବଂ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟକ୍ତିଗତ ସଚିବ ଭାବେ ଦାୟିତ୍ୱ ତୁଲାଇଛନ୍ତି। ସେ ଚୀନ୍, ମ୍ୟାନମ୍ୟାର ଏବଂ ସ୍ପେନରେ ଭାରତର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିବା ସହ ବ୍ରୁସେଲ୍ସ ଏବଂ ଟ୍ୟୁନିସରେ ମଧ୍ୟ କାର୍ଯ୍ୟ କରିଛନ୍ତି। ବୈଦେଶିକ ସଚିବ ପୂର୍ବରୁ ସେ ଉପ-ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଦାୟିତ୍ୱ ତୁଲାଇଛନ୍ତି। ୨୦୨୦ରେ ପୂର୍ବ ଲଦାଖ ଏବଂ ଗଲୱାନ୍ ଘାଟି ସଂଘର୍ଷ ପରେ ଚୀନ୍ ସହ କୂଟନୈତିକ ସମ୍ପର୍କ ପରିଚାଳନାରେ ମିଶ୍ରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

## ଖାମେନେଇଙ୍କ ଅନ୍ତ୍ୟେଷ୍ଟିକ୍ରିୟାକୁ ଜୈନ ମୁନିଙ୍କୁ ନିମନ୍ତ୍ରଣ

ତେହେରାନ, ୧୭(ଏଜେନ୍ସି): ଇରାନର ପୂର୍ବତନ ସର୍ବୋଚ୍ଚ ଧାର୍ମିକ ନେତା ଆୟାତୋଲ୍ଲା ସୈୟଦ ଅଲୀ ଖାମେନେଇଙ୍କ ଆଗାମୀ ରାଷ୍ଟ୍ରୀୟ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଭାରତର ଜୈନ ମୁନି ଆଚାର୍ଯ୍ୟ ଲୋକେଶଙ୍କୁ ବିଶେଷ ଭାବେ ନିମନ୍ତ୍ରଣ କରାଯାଇଛି। ବିଶ୍ୱ ଶାନ୍ତି କେନ୍ଦ୍ରର ପ୍ରତିଷ୍ଠାତା ତଥା ସର୍ବଧର୍ମ ସମନ୍ୱୟର ପ୍ରବକ୍ତା ଆଚାର୍ଯ୍ୟ ଲୋକେଶଙ୍କୁ ମିଳିଥିବା ଏହି ନିମନ୍ତ୍ରଣ ଏବେ ଅନ୍ତର୍ଜାତୀୟ କୂଟନୀତି କ୍ଷେତ୍ରରେ ଏକ ବିରଳ ମୁହୂର୍ତ୍ତ ସୃଷ୍ଟି କରିଛି। ଜୁଲାଇ ୪ରୁ ୯ ତାରିଖ ପର୍ଯ୍ୟନ୍ତ ଇରାନର ବିଭିନ୍ନ ପବିତ୍ର ସହରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଚାର୍ଯ୍ୟ ଲୋକେଶ ଗତ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଜାତିସଂଘ ଏବଂ ବିଶ୍ୱର ବିଭିନ୍ନ ପ୍ରମୁଖ ମଞ୍ଚରେ ଜୈନ ଦର୍ଶନ, ଅହିଂସା ଓ ବିଶ୍ୱ ଶାନ୍ତିର ବାର୍ତ୍ତା ପ୍ରଚାର କରିଆସୁଛନ୍ତି। ରାଜନୈତିକ ଏବଂ ଆଦର୍ଶଗତ ମତଭେଦକୁ ଦୂର କରି ଧାର୍ମିକ ସଦ୍ଭାବନା ରକ୍ଷା କରିବାରେ ତାଙ୍କର ପ୍ରଚେଷ୍ଟା ପାଇଁ ଇରାନ ସରକାର ତାଙ୍କୁ ଏହି ସମ୍ମାନଜନକ କାର୍ଯ୍ୟକ୍ରମକୁ ଆମନ୍ତ୍ରଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ପକ୍ଷରୁ ସରକାରୀ ପ୍ରତିନିଧି ଭାବେ କେନ୍ଦ୍ର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗାରେଟା ଏବଂ ବିହାରର ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ ସୈୟଦ ଅତା ହସନେନ ଯୋଗଦେବେ। ଏହାସହିତ ବିଜେପି ସଭାପତି ନିତିନ ନବୀନ ଏବଂ କଂଗ୍ରେସ ସଭାପତି ଖଡ଼ଗେଙ୍କୁ ମଧ୍ୟ ଇରାନ ନିମନ୍ତ୍ରଣ କରିଛି।

## ମହୁଆ ମୈତ୍ରଙ୍କ ସଭାରେ ଅଣ୍ଡା ମାଡ଼

ନଦିଆ, ୧୭(ଏଜେନ୍ସି): ପଶ୍ଚିମବଙ୍ଗର ନଦିଆ ଜିଲ୍ଲାର କାଳିଗଞ୍ଜଠାରେ ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ମହୁଆ ମୈତ୍ରଙ୍କ ଏକ ଦଳୀୟ ବୈଠକ ଚାଲିଥିବା ସମୟରେ ତାଙ୍କୁ ଲକ୍ଷ୍ୟ କରି ଅଣ୍ଡା ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ବିରୋଧୀ



ବିଜେପି ସମର୍ଥକମାନେ ବୈଠକ ସ୍ଥଳକୁ ଚାରିପଟୁ ଘେରିଯିବା ସହ ସେମାନଙ୍କୁ ସେଠାରୁ ବାହାରକୁ ଯିବାକୁ ଦେଇନଥିଲେ ବୋଲି ସାଂସଦ ଅଭିଯୋଗ କରିଛନ୍ତି। ସାମାଜିକ ଗଣମାଧ୍ୟମରେ କିଛି ଭିଡିଓ ସେୟାର କରି ମହୁଆ ମୈତ୍ର ଅଭିଯୋଗ କରିଛନ୍ତି ଯେ, କଳା ପତାକା ଧରିଥିବା ବିଜେପି କର୍ମୀମାନେ ରାସ୍ତା ଅବରୋଧ କରିବା ସହ ଝରକା ବାଟେ ଭିତରକୁ ଅଣ୍ଡା ଓ ଅନ୍ୟାନ୍ୟ ସାମଗ୍ରୀ ଫିଙ୍ଗିଥିଲେ, ଯାହା ମଧ୍ୟରୁ ଗୋଟିଏ ଅଣ୍ଡା ତାଙ୍କ ଦେହରେ ବାଜିଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ପୋଲିସ କୌଣସି ପଦକ୍ଷେପ ନେଇନଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ, ଟିଏମସି ଏହାକୁ ଏକ ସୁଚିନ୍ତିତ ରାଜନୈତିକ ଆକ୍ରୋଶ ବୋଲି ଦର୍ଶାଇଥିବା ବେଳେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ଉତ୍ତେଜନା ପ୍ରକାଶ ପାଇଛି। ଏହି ଘଟଣାରେ ପୁଲିସ ଭୂମିକାକୁ ପାର୍ଟି ସମାଲୋଚନା କରିଛି।

## ୨୧ ଘଣ୍ଟାର ଅପରେସନ ବିଫଳ ବୋରୱେଲରୁ ଶିଶୁର ମୃତଦେହ ଉଦ୍ଧାର

ଚଣ୍ଡିଗଡ଼, ୧୭(ଏଜେନ୍ସି): ହରିୟାଣାର ଅମ୍ବାଲା ଜିଲ୍ଲାରେ ୨୨୦ ଫୁଟ ଗଭୀର ଏକ ଖୋଲା ବୋରୱେଲରେ ପଡ଼ିଯାଇଥିବା ୪ ବର୍ଷର ଶିଶୁ ନିର୍ଭୟକୁ ଦୀର୍ଘ ୨୧ ଘଣ୍ଟାର କଠିନ ପରିଶ୍ରମ ପରେ ଉଦ୍ଧାର କରାଯାଇଛି। ହେଲେ ତା' ଜୀବନରକ୍ଷା ହୋଇପାରି ନାହିଁ। ଗତକାଲି ସକାଳେ ନିର୍ଭୟ ନିଜ ପିତା ମନଜିତଙ୍କ ସହ ବିଲକୁ ଯାଇଥିଲା। ଖେଳୁ ଖେଳୁ ସେଠାରେ ଥିବା ଏକ ୯ ଇଞ୍ଚ ଓସାରର ଖୋଲା ବୋରୱେଲ ଭିତରକୁ ଖସି ପଡ଼ିଥିଲା। ଶିଶୁଟିକୁ ବଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ ବଡ଼ ଧରଣର ଅପରେସନ ଆରମ୍ଭ କରାଯାଇଥିଲା। ଦୀର୍ଘ ୨୧ ଘଣ୍ଟାର ସଂଘର୍ଷ ପରେ ବୁଧବାର ଭୋର ପ୍ରାୟ ୩.୩୦ ମିନିଟରେ ତାକୁ ବୋରୱେଲରୁ ବାହାର କରାଯାଇଥିଲା। ହେଲେ ସେତେବେଳକୁ ତାର ଶରୀର ଶିଥିଳ ପଡ଼ିଯାଇଥିଲା। ଅମ୍ବାଲା ସିଭିଲ୍ ହସ୍ପିଟାଲରେ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିବା ଡାକ୍ତର କହିଛନ୍ତି। ଅମ୍ବାଲା ଡେପୁଟି କମିଶନର ଅଜୟ ସିଂହ ତୋମାର ଏହି ଘଟଣା ପାଇଁ ବୋରୱେଲ ମାଲିକଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏଥିସହ ସମସ୍ତ ଚାଷୀଙ୍କୁ ନିଜ କ୍ଷେତରେ ଥିବା ବୋରୱେଲଗୁଡ଼ିକୁ ଘୋଡ଼ାଇ ରଖିବାକୁ ସେ ନିବେଦନ କରିଛନ୍ତି।

## ଡାକ୍ତରଖାନାରେ ଅମାନୁଷିକତା



**ରୋଗୀଙ୍କୁ ୩୫ ସେକେଣ୍ଡରେ ୧୦ରୁ ଅଧିକ ଗୋଇଠା**

ରାୟବରେଲି, ୧୭(ଏଜେନ୍ସି): ଉତ୍ତର ପ୍ରଦେଶର ରାୟବରେଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଏକ ଅତି ନିନ୍ଦନୀୟ ଓ ଅମାନୁଷିକ ଘଟଣା ସାମ୍ନାକୁ ଆସିଛି। ଡାକ୍ତରଖାନାର ଜଣେ ମହିଳା ସଫେଇ କର୍ମଚାରୀ ଜଣେ ଅସହାୟ ରୋଗୀଙ୍କୁ ଅତି ଅମାନୁଷିକ ଭାବେ ମାତ୍ର ୩୫ ସେକେଣ୍ଡ ଭିତରେ ୧୦ ରୁ ଅଧିକ ଥର ଗୋଇଠା ମାରିବା ସହ ଗାଳିଗୁଲଜ କରୁଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଛି। ଏହି ଘଟଣାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକଙ୍କ ନିର୍ଦ୍ଦେଶ କ୍ରମେ, ଚିକିତ୍ସାଳୟ କର୍ତ୍ତୃପକ୍ଷ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବିତ କରିଛନ୍ତି। ଡାକ୍ତରଖାନାର ମୁଖ୍ୟ ଚିକିତ୍ସା ଅଧୀକ୍ଷକଙ୍କ ସୂଚନା ଅନୁଯାୟୀ, ନିଲମ୍ବିତ କର୍ମଚାରୀଙ୍କ ନାମ ପିଙ୍କି ଏବଂ ସେ ସେଠାରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ସରକାରୀ କର୍ମଚାରୀ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗରେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ଘଟଣାର ସଠିକ୍ ଅନୁସନ୍ଧାନ ପାଇଁ ତିନି ଜଣିଆ ଡାକ୍ତରୀ କମିଟି ଗଠନ କରାଯାଇଛି, ଯେଉଁମାନେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ରିପୋର୍ଟ ପ୍ରଦାନ କରିବେ। ଏହି ଘଟଣା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ଯେ, ରୋଗୀଙ୍କ ସହ କୌଣସି ପ୍ରକାରର ଦୁର୍ବ୍ୟବହାର କିମ୍ବା ଅମାନୁଷିକ ଆଚରଣକୁ ଆଦୌ ବରଦାସ୍ତ କରାଯିବ ନାହିଁ।



## ମୃତଦେହରୁ ଗାଏବ ମସ୍ତିଷ୍କ, ହୃତ୍‌ପିଣ୍ଡ ଓ ଫୁସଫୁସ

ନୂଆଦିଲ୍ଲୀ, ୧୭(ଏଜେନ୍ସି): ଭେନେଜୁଏଲାରେ ରହସ୍ୟଜନକ ଭାବେ ପ୍ରାଣ ହରାଇଥିବା ଜଣେ ଭାରତୀୟ ନାବିକଙ୍କ ମୃତଦେହ ସ୍ୱଦେଶ ଫେରିବା ପରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଉତ୍ତର ପ୍ରଦେଶର ଦେଓରିଆ ଜିଲ୍ଲାର ବାସିନ୍ଦା ୩୩ ବର୍ଷୀୟ ରାକେଶ ଚୌହାନଙ୍କ ମୃତଦେହରୁ ମସ୍ତିଷ୍କ, ହୃତପିଣ୍ଡ, ଫୁସଫୁସ, ଯକୃତ ଓ କିଡନୀ ଭଳି ସମସ୍ତ ଗୁରୁତ୍ୱପୂର୍ଣ୍ଣ ଆଭ୍ୟନ୍ତରୀଣ ଅଙ୍ଗ ଗାଏବ ଥିବା ଜଣାପଡ଼ିଛି। ଏହି ଘଟଣା ପରେ ଭାରତୀୟ ନାବିକ ସଂଘ (ଏଫଏସୟୁଆଇ) ଏବଂ ମୃତକଙ୍କ ପରିବାର ଲୋକେ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ରାକେଶ ଗତ ୨୦୨୫ ନଭେମ୍ବରରେ ଏକ ବାଣିଜ୍ୟିକ ଜାହାଜରେ କାର୍ଯ୍ୟ କରିବାକୁ ଭେନେଜୁଏଲା ଯାଇଥିଲେ। ଚଳିତ ବର୍ଷ ମେ ମାସରେ ଜାହାଜରେ ପଡ଼ିଯିବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ସମ୍ପୃକ୍ତ କମ୍ପାନୀ ପରିବାର ଲୋକଙ୍କୁ ଜଣାଇଥିଲା। ଗତ ଜୁନ୍ ୪ ତାରିଖରେ ମୃତଦେହ ଗାଁରେ ପହଞ୍ଚିବା ପରେ, ସନ୍ଦେହ ହେବାରୁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶରେ ଭାରତରେ ଦ୍ୱିତୀୟ ଥର ପାଇଁ ଶବ ବ୍ୟବଚ୍ଛେଦ କରାଯାଇଥିଲା। ଡାକ୍ତରୀ ଦଳଙ୍କ ରିପୋର୍ଟ ଅନୁଯାୟୀ, ମୃତଦେହରେ ଗୋଟିଏ ହେଲେ ବି ଅଙ୍ଗ ନଥିଲା ଏବଂ ଶରୀରରେ ବ୍ୟାପକ ସିଲେଇ ଚିହ୍ନ ରହିଥିଲା। ଶରୀରରେ କୌଣସି ଅଙ୍ଗ ନଥିବାରୁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ। ଭେନେଜୁଏଲା ପ୍ରଶାସନ କିମ୍ବା ସମ୍ପୃକ୍ତ କମ୍ପାନୀ ପକ୍ଷରୁ କୌଣସି ଶବ ବ୍ୟବଚ୍ଛେଦ ରିପୋର୍ଟ କିମ୍ବା ସ୍ପଷ୍ଟୀକରଣ ଦିଆଯାଇ ନଥିବାରୁ ପରିବାର ଲୋକେ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଛନ୍ତି। ସାଧାରଣତଃ ଅନୁସନ୍ଧାନ ପାଇଁ ପ୍ରଥମ ଶବ ବ୍ୟବଚ୍ଛେଦ ସମୟରେ କିଛି ଅଙ୍ଗ ବାହାର କରାଯାଉଥିଲେ ବି, ଏଭଳି ସମସ୍ତ ଅଙ୍ଗ ଗାଏବ ହେବା ଅଙ୍ଗ ଚୋରା ଚାଲାଣର ସନ୍ଦେହ ବଢ଼ାଉଛି। ଏହି ମାମଲାରେ ଭାରତୀୟ ଦୂତାବାସ ତୁରନ୍ତ ହସ୍ତକ୍ଷେପ କରି ନ୍ୟାୟ ଓ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି।

# ପାଣି ପାଇଁ ଆଣ୍ଠେଇଲାଣି ପାକିସ୍ତାନ

ଇସଲାମାବାଦ, ୧୭(ଏଜେନ୍ସି): ଭୀଷଣ ଗ୍ରୀଷ୍ମ ପ୍ରବାହ ଏବଂ ଜଳ ସଙ୍କଟ ମଧ୍ୟରେ ଗତି କରୁଥିବା ପାକିସ୍ତାନ ଏବେ ସିନ୍ଧୁ ନଦୀ ଜଳ ଚୁକ୍ତିକୁ ନେଇ ସମ୍ପୂର୍ଣ୍ଣ ଭୟଭୀତ ହୋଇପଡ଼ିଛି। ଯଦି ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ସିନ୍ଧୁ ନଦୀ ଜଳ ଚୁକ୍ତି ରଦ୍ଦ ହୁଏ, ତେବେ କାଗଜପତ୍ରରେ ଥିବା ସମଗ୍ର ବିଶ୍ୱ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ବୋଲି ପାକିସ୍ତାନ ଚେତାବନୀ ଦେଇଛି। ୨୦୨୫ ମସିହା ଅପ୍ରେଲ ମାସରେ ପହଲଗାମଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ସାଧାରଣ ନାଗରିକ ପ୍ରାଣ ହରାଇବା ପରେ ଭାରତ ଏହି ଜଳ ଚୁକ୍ତିକୁ ସ୍ଥଗିତ ରଖିଛି। ଏହା ପରେ ପାକିସ୍ତାନରେ ଜଳ ସଙ୍କଟ ଦେଖାଦେବାର ଆଶଙ୍କା ତୀବ୍ର ହୋଇଛି। ଏହି ସଙ୍କଟକୁ ନେଇ ପାକିସ୍ତାନର ରାଜଧାନୀ ଇସଲାମାବାଦଠାରେ ଏକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ପାକିସ୍ତାନର ଉପ-ପ୍ରଧାନମନ୍ତ୍ରୀ ଇଶାକ ଦାର୍ କହିଛନ୍ତି ଯେ, ଭାରତ ପକ୍ଷରୁ ସିନ୍ଧୁ ନଦୀ ଜଳ ଚୁକ୍ତିକୁ ସ୍ଥଗିତ ରଖିବା ସମ୍ପୂର୍ଣ୍ଣ ବେଆଇନ ଏବଂ ଜଳକୁ କେବେ ବି ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରାଯିବା ଉଚିତ ନୁହେଁ। ଏହା ସହ ସେ ଧମକପୂର୍ଣ୍ଣ ସ୍ୱରରେ କହିଛନ୍ତି ଯେ, ପାକିସ୍ତାନର ଜଳରାଶିକୁ ରୋକିବା କିମ୍ବା ବଦଳାଇବା ଚେଷ୍ଟାକୁ ଏକ 'ଯୁଦ୍ଧର ଆହ୍ୱାନ' ଭାବେ ଗ୍ରହଣ କରାଯିବ। ଅପରପକ୍ଷରେ, ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ର ମୁଖ୍ୟ ବିଲାୱାଲ ଭୁଟ୍ଟୋ ଜରଦାରୀ କହିଛନ୍ତି ଯେ ସିନ୍ଧୁ ନଦୀ ପାକିସ୍ତାନର ଜୀବନରେଖା ଏବଂ ଏହାକୁ ନେଇ କୌଣସି ବୁଝାମଣା କରାଯିବ ନାହିଁ। ପାକିସ୍ତାନର ଅନ୍ୟ ଜଣେ ମନ୍ତ୍ରୀ ମୁସାଦିକ୍ ମଲିକ କହିଛନ୍ତି, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ

**■ ସିନ୍ଧୁ ନଦୀ ଜଳ ଚୁକ୍ତି ବାତିଲକୁ ନେଇ ଚିନ୍ତା**
**■ ଚୁକ୍ତି ଭାଙ୍ଗିଲେ 'ଭୁଶୁଡ଼ି ପଡ଼ିବ ବିଶ୍ୱ ବ୍ୟବସ୍ଥା'**

ଗଠିତ ହୋଇଥିବା କୌଣସି ବିଶ୍ୱ ନିୟମ ସୁରକ୍ଷିତ ରହିବ ନାହିଁ ଯଦି ଏହି ଚୁକ୍ତି ଭାଙ୍ଗିଯାଏ। ଏହି ସମ୍ପର୍କରେ ନୂଆଦିଲ୍ଲୀ ପକ୍ଷରୁ ତୁରନ୍ତ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନଥିଲେ ମଧ୍ୟ ମିଳିତ ଜାତିସଂଘର ଏକ କାର୍ଯ୍ୟକ୍ରମରେ ଭାରତର ସ୍ଥାୟୀ ପ୍ରତିନିଧି ହରୀଶ ପର୍ବଥାନେନୀ ସ୍ପଷ୍ଟ କରିଛନ୍ତି ଯେ, ବାରମ୍ବାର ଉତ୍ତେଜନାମୂଳକ କାର୍ଯ୍ୟ ଏବଂ ଦ୍ୱିପାକ୍ଷିକ ଆଲୋଚନା ବିଫଳ ହେବା ପରେ ଭାରତ ଏହି ପଦକ୍ଷେପ ନେବାକୁ ବାଧ୍ୟ ହୋଇଛି। ଯେପର୍ଯ୍ୟନ୍ତ ପାକିସ୍ତାନ ଆତଙ୍କବାଦ ବିରୋଧରେ ଦୃଢ଼ ଏବଂ ସ୍ଥାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିଛି, ସେପର୍ଯ୍ୟନ୍ତ ଏହି ସିନ୍ଧୁ ନଦୀ ଜଳ ଚୁକ୍ତି ସ୍ଥଗିତ ରହିବ। ବିଶ୍ୱ ବ୍ୟାଙ୍କର ମଧ୍ୟସ୍ଥତାରେ ୧୯୬୦ ମସିହାରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏହି ସିନ୍ଧୁ ନଦୀ ଜଳ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ନିୟମ ଅନୁଯାୟୀ, ପୂର୍ବ ନଦୀଗୁଡ଼ିକ (ରାବି, ସୁତଲେଜ



ଓ ବ୍ୟାସ) ର ଜଳ ଭାରତ ନିୟନ୍ତ୍ରଣ କରୁଥିବାବେଳେ ପଶ୍ଚିମ ନଦୀଗୁଡ଼ିକ (ସିନ୍ଧୁ, ଝେଲମ ଓ ଚେନାବ) ର ଜଳ ପାକିସ୍ତାନକୁ ମିଳିଥାଏ। ୧୯୬୫, ୧୯୭୧ ଏବଂ କାର୍ଗିଲ ଯୁଦ୍ଧ ସମୟରେ ମଧ୍ୟ ଏହି ଚୁକ୍ତି ବଳବତ୍ତର ରହିଥିଲା, ମାତ୍ର ୨୦୨୫ ମସିହାର ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି। ସୀମାପାର ଆତଙ୍କବାଦକୁ ପ୍ରଶ୍ରୟ ଦେଇ ଆସୁଥିବା ପାକିସ୍ତାନ ଏବେ ନିଜର ଦୁର୍ଦ୍ଦଶା ପାଇଁ ବିଶ୍ୱ ସମୁଦାୟ ଆଗରେ ଗୁହାରି କରୁଛି। ମାତ୍ର ଭାରତ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିସାରିଛି ଯେ, ଆତଙ୍କବାଦ ଏବଂ ଆଲୋଚନା ଏକାଠି ଚାଲିପାରିବ ନାହିଁ।

## ଅଶାନ୍ତ ହେଉଛି ପିଓକେ

ଇସଲାମାବାଦ, ୧୭(ଏଜେନ୍ସି): ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ର ରାୱାଲାକୋଟ୍‌ଠାରେ ପାକିସ୍ତାନ ସରକାର ବିରୋଧରେ ଗଣ-ବିଦ୍ରୋହ ତୀବ୍ର ରୂପ ଧାରଣ କରିଛି। 'ଜାମ୍ମୁ ଆଣ୍ଡ କାଶ୍ମୀର ଆୱାମୀ ଆକ୍ସନ କମିଟି' (ଜେଏଏସି) ନେତୃତ୍ୱରେ ହଜାର ହଜାର ପ୍ରତିବାଦକାରୀ ଏକାଠି ହୋଇ 'ଆମେ ପାକିସ୍ତାନର ଅଂଶ ନୋହୁଁ' ବୋଲି ଖୋଲାଖୋଲି ଘୋଷଣା କରିଛନ୍ତି। ସରକାର ବିରୋଧୀ ଆନ୍ଦୋଳନକୁ ଦବାଇବା ପାଇଁ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ପ୍ରାୟ ୬୦୦ରୁ ଅଧିକ ସଂଗଠନକାରୀଙ୍କୁ ଗିରଫ କରାଯାଇଛି। ଏପରିକି ସରକାରଙ୍କ ଦ୍ୱାରା ୧ କୋଟି ଟଙ୍କାର ପୁରସ୍କାର ଘୋଷଣା ହୋଇଥିବା ମୁଖ୍ୟ ନେତା ଶୌକତ ନୱାଜ ମୀରଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ପୂର୍ବରୁ କେବଳ ମହଙ୍ଗା ମାଡ଼, ଖାଦ୍ୟ ସଙ୍କଟ ଓ ପ୍ରଶାସନିକ ଅବହେଳାକୁ ନେଇ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଏବେ ଏକ ବଡ଼ ରାଜନୈତିକ ବିଦ୍ରୋହର ରୂପ ନେଇଛି। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ଗତ ଦୁଇ ସପ୍ତାହ ମଧ୍ୟରେ ସୁରକ୍ଷାବଳ ଓ ଜନସାଧାରଣଙ୍କ ମଧ୍ୟରେ ହୋଇଥିବା ସଂଘର୍ଷରେ ପ୍ରାୟ ୨୨ ଜଣଙ୍କର ମୃତ୍ୟୁ ଘଟିଛି। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ କରିଦେଇଛି। ଆସନ୍ତା ଜୁଲାଇ ୨୭ ତାରିଖରେ ଏହି ଅଞ୍ଚଳରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏଭଳି ହିଂସାତ୍ମକ ପରିସ୍ଥିତି ପାକିସ୍ତାନ ସରକାରଙ୍କ ପାଇଁ ବଡ଼ ଚିନ୍ତାର କାରଣ ପାଲଟିଛି।

## ହତ୍ୟା ପରେ କେତନଙ୍କ ଫୋନ୍ ନେଇଯାଇଥିଲେ ସିୟା

ପୁଣେ, ୧୭(ଏଜେନ୍ସି): ପୁଣେର ଜଣାଶୁଣା ଜମିବାଡ଼ି ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ରହସ୍ୟଜନକ ହତ୍ୟା ମାମଲାରେ ପୋଲିସ ଏକ ନୂଆ ତଥ୍ୟ ସାମ୍ନାକୁ ଆଣିଛି। ପୋଲିସର ସୂଚନା ଅନୁଯାୟୀ, ହତ୍ୟାକାଣ୍ଡ ପରେ କେତନଙ୍କ ମୋବାଇଲ୍ ଫୋନ୍ କିଛି ସମୟ ପାଇଁ ତାଙ୍କ ଭାବି ପତ୍ନୀ ସିୟା ଗୋୟଲଙ୍କ ପାଖରେ ଥିଲା, ଯାହାକୁ ସେ ପରବର୍ତ୍ତୀ ସମୟରେ କେତନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ସେହି ସମୟ ମଧ୍ୟରେ ସିୟା ଫୋନ୍‌ରୁ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ କିମ୍ବା ବାର୍ତ୍ତା କାଟି ଦେଇଛନ୍ତି କିମ୍ବା ବଦଳାଇ ଦେଇଛନ୍ତି କି ନାହିଁ, ସେ ନେଇ ପୋଲିସ ବର୍ତ୍ତମାନ ଯାଞ୍ଚ କରୁଛି। ଗତ ଜୁନ୍ ୧୮ ତାରିଖରେ ପୁଣେ ଜିଲ୍ଲାର ଐତିହାସିକ ଲୋହଗଡ଼ ଦୁର୍ଗର ଏକ ପାହାଡ଼ ଉପରୁ ଠେଲି ଦେଇ କେତନଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ୨୦ ବର୍ଷୀୟା ସିୟା ଗୋୟଲ ଏବଂ ତାଙ୍କ ପ୍ରେମିକ ଚେତନ ଚୌଧୁରୀଙ୍କୁ ପୋଲିସ ଗିରଫ କରିଛି। ଆସନ୍ତା ନଭେମ୍ବର ମାସରେ କେତନ ଏବଂ ସିୟାଙ୍କର ବିବାହ ହେବାର ଥିଲା। ବୁଧବାର ଦିନ ପୁଣେ ଗ୍ରାମୀଣ ପୋଲିସ ଅଭିଯୁକ୍ତ ଚେତନଙ୍କୁ ଘଟଣାସ୍ଥଳକୁ ନେଇ

**ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ**



ସମ୍ପୂର୍ଣ୍ଣ ହତ୍ୟାକାଣ୍ଡର ପୁନଃ ପ୍ରଦର୍ଶନ ବା ରୂପାୟନ କରିଛି। ଏହାପୂର୍ବରୁ ରବିବାର ଦିନ ସିୟାଙ୍କ ଉପସ୍ଥିତିରେ ଏକ ପୁତଳାକୁ ପାହାଡ଼ରୁ ତଳକୁ ଫିଙ୍ଗି ପୋଲିସ ଘଟଣାର ଯାଞ୍ଚ କରିଥିଲା। କେତନଙ୍କ ପିତା ବିଶାଳ ଅଗ୍ରୱାଲ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି ଯେ, କେତନ ପ୍ରାୟତଃ ସିୟା ଏବଂ ଚେତନଙ୍କ ଅତି ନିବିଡ଼ ସମ୍ପର୍କକୁ ନେଇ ଚିନ୍ତିତ ରହୁଥିଲେ।

## ୩୦ ଦିନ ପର୍ଯ୍ୟନ୍ତ ଜେଲ୍‌ରେ ରହିଲେ ମନ୍ତ୍ରୀପଦ ଯିବ

ନୂଆଦିଲ୍ଲୀ, ୧୭: ୩୦ ଦିନ ପର୍ଯ୍ୟନ୍ତ ଜେଲରେ ରହିଲେ ମନ୍ତ୍ରୀ ପଦ ଯିବ। ସଂସଦର ଆଗାମୀ ମୌସୁମୀ ଅଧିବେଶନରେ ସରକାର ଏସଂପର୍କରେ ଏକ ସମ୍ବିଧାନ ସଂଶୋଧନ ବିଲ୍ ଆଣିବାକୁ ଯାଉଛନ୍ତି। ଯଦି ଜଣେ ମନ୍ତ୍ରୀଙ୍କୁ ଏଭଳି ଏକ ଅଭିଯୋଗରେ ଗିରଫ କରାଯାଇଛି, ଯେଉଁଥିରେ ୫ ବର୍ଷ କିମ୍ବା ତାଠାରୁ ଅଧିକ ସମୟ ପାଇଁ ଜେଲଦଣ୍ଡର ବ୍ୟବସ୍ଥା ଥିବ, ସେମାନଙ୍କ ପ୍ରତି ଏହି ନିୟମ ଲାଗୁ ହେବ। ସେମାନେ ୩୦ ଦିନ ପର୍ଯ୍ୟନ୍ତ ଜେଲରେ

**ସଂସଦରେ ଆସିବ ନୂଆ ବିଲ୍**

ରହିଲେ ୩୧ତମ ଦିନରେ ଆପେ ଆପେ ମନ୍ତ୍ରୀ ପଦ ହରାଇବେ। ଏହି ନିୟମ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ କ୍ଷେତ୍ରରେ ମଧ୍ୟ ଲାଗୁହେବ। ରାଷ୍ଟ୍ରପତି ଏବଂ ରାଜ୍ୟପାଳ ମଧ୍ୟ ସେମାନଙ୍କୁ ବରଖାସ୍ତ କରାପାରିବେ। ତେବେ ବିରୋଧୀ ଦଳ ଏହାକୁ ବିରୋଧ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ବିରୋଧୀ ଦଳ ଶାସିତ ସରକାରଙ୍କୁ ଅସ୍ଥିର କରିବା ଲାଗି ସରକାର ଏହାର ରାଜନୈତିକ ଦୁରୁପଯୋଗ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ଉଭୟ କେଜ୍ରିୱାଲ ଏବଂ ହେମନ୍ତ ସୋରେନଙ୍କ କ୍ଷେତ୍ରରେ ଦେଖାଦେଇଛି।

## ଆସାମରେ ବନ୍ୟା ପରିସ୍ଥିତି ସଂଗିନ

ଗୌହାଟୀ, ୧୭(ଏଜେନ୍ସି): ଆସାମରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ରୂପ ଧାରଣ କରିଛି। ଲଗାତାର ବର୍ଷା ଯୋଗୁଁ ବ୍ରହ୍ମପୁତ୍ର ସମେତ ଅନ୍ୟାନ୍ୟ ପ୍ରମୁଖ ନଦୀଗୁଡ଼ିକ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛନ୍ତି। ଏହାଦ୍ୱାରା ରାଜ୍ୟର ୬ଟି ଜିଲ୍ଲାର ପ୍ରାୟ ୪୬, ୦୦୦ରୁ ଅଧିକ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଚଳିତ ବନ୍ୟା ଋତୁରେ ଧେମାଜୀ ଜିଲ୍ଲାରେ ଜଣେ ମହିଳାଙ୍କର ପ୍ରାଣହାନି ଘଟିଛି, ଯାହା ଚଳିତ ବର୍ଷର ପ୍ରଥମ

**■ ବିପଦ ସଙ୍କେତ ଉପରେ ବ୍ରହ୍ମପୁତ୍ର**
**■ ୬ଟି ଜିଲ୍ଲାର ୪୬ ହଜାର ପ୍ରଭାବିତ**

ବନ୍ୟାଜନିତ ମୃତ୍ୟୁ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆସାମ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ରାଜ୍ୟର ଧେମାଜୀ, ନଳବାଡ଼ି, ଦିବ୍ରୁଗଡ଼, ଚିରାଙ୍ଗ, ଲଖିମପୁର ଏବଂ ବିଶ୍ୱନାଥ ଜିଲ୍ଲାର ପ୍ରାୟ ୨୨୧ଟି ଗ୍ରାମ ବନ୍ୟା ଜଳରେ ବୁଡ଼ି ରହିଛି। ଏହା ମଧ୍ୟରୁ ଧେମାଜୀ ଜିଲ୍ଲା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି, ଯେଉଁଠାରେ ପ୍ରାୟ ୪୫, ୦୦୦ରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟା ଯୋଗୁଁ ୩, ୮୦୯ ହେକ୍ଟରରୁ ଅଧିକ ଚାଷଜମି ପାଣିରେ ବୁଡ଼ି ରହିବା ସହ ବହୁଳ ପରିମାଣରେ ଫସଲ ନଷ୍ଟ ହୋଇଛି। ସରକାରଙ୍କ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜୋରଦାର କରାଯାଇଛି। ବାସହୀନ ହୋଇପଡ଼ିଥିବା ଲୋକମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଆଶ୍ରୟ ସ୍ଥଳୀ ଏବଂ ସାମଗ୍ରୀ ବଣ୍ଟନ କେନ୍ଦ୍ର ଖୋଲାଯାଇଛି। ମଣିଷଙ୍କ ସହ



ପ୍ରାୟ ୮୮, ୦୦୦ରୁ ଅଧିକ ଗୃହପାଳିତ ପଶୁ ମଧ୍ୟ ଏହି ବନ୍ୟାରେ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଭିତ୍ତିଭୂମିର ବ୍ୟାପକ କ୍ଷତି ଘଟିଥିବା ବେଳେ ପ୍ରଶାସନ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି।

## ଭାରତ-ପାକ୍ ସମ୍ପର୍କ ସୁଧାରିବା ପାଇଁ ମୋଦୀ ଓ ସରିଫ୍‌ଙ୍କୁ ୧୧୭ ବିଶିଷ୍ଟ ନାଗରିକଙ୍କ ଚିଠି

ନୂଆଦିଲ୍ଲୀ, ୧୭(ଏଜେନ୍ସି): ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ତିକ୍ତତା ଦୂର କରି ଶାନ୍ତି ପ୍ରତିଷ୍ଠା ଓ ଦ୍ୱିପାକ୍ଷିକ ଆଲୋଚନା ପୁନର୍ବାର ଆରମ୍ଭ କରିବା ପାଇଁ ଦୁଇ ଦେଶର ୧୧୭ ଜଣ ବିଶିଷ୍ଟ ବ୍ୟକ୍ତି ମିଳିତ ଭାବେ ଅପିଲ୍ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍‌ଙ୍କୁ ଏକ ସ୍ପଷ୍ଟ ପତ୍ର ଲେଖିଛନ୍ତି। ଏହି ପତ୍ରରେ ଭାରତର ୬୧ ଜଣ ଏବଂ ପାକିସ୍ତାନର ୫୬ ଜଣ ପ୍ରମୁଖ ରାଜନେତା, ପୂର୍ବତନ କୂଟନୀତିଜ୍ଞ ଏବଂ ବୁଦ୍ଧିଜୀବୀ ସ୍ୱାକ୍ଷର କରିଛନ୍ତି। ଏହି ନାଗରିକମାନେ ଦୁଇ ଦେଶର ସରକାରଙ୍କୁ ଦୀର୍ଘଦିନର ଶତ୍ରୁତା ଶେଷ କରି ପୂର୍ଣ୍ଣ କୂଟନୈତିକ ସମ୍ପର୍କ ସ୍ଥାପନ କରିବାକୁ ଅନୁରୋଧ କରିଛନ୍ତି। ଏହା ସହିତ ଉଭୟ ଦେଶରେ ଉଚ୍ଚାୟୁକ୍ତ ନିଯୁକ୍ତି, ସାଧାରଣ ଭିସା ସେବା ପୁନଃ ପ୍ରଚଳନ, ବାଣିଜ୍ୟିକ ବିମାନ ଚଳାଚଳ ପାଇଁ ଆକାଶମାର୍ଗ ଖୋଲିବା ଏବଂ ଅଟ୍ଟାରୀ-ୱାଘା ସୀମା ଦେଇ ବାଣିଜ୍ୟ କାରବାର ଆରମ୍ଭ କରିବାକୁ ଚିଠିରେ ପ୍ରସ୍ତାବ ଦିଆଯାଇଛି। ଏହା ସହ ଶ୍ରୀନଗର-ମୁଜାଫରାବାଦ ବସ୍ ସେବା ଏବଂ କାର୍ତ୍ତାରପୁର କରିଡର ଭଳି ସାଂସ୍କୃତିକ ତଥା ଧାର୍ମିକ ସ୍ଥଳଗୁଡ଼ିକୁ ଯାତାୟାତ ସହଜ କରିବାକୁ ସେମାନେ ନିବେଦନ କରିଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଭାରତ ଏବଂ ପାକିସ୍ତାନ ମିଶି ସମଗ୍ର ବିଶ୍ୱ ଜନସଂଖ୍ୟାର ପ୍ରାୟ ପଞ୍ଚମାଂଶ। ଏହି ଦୁଇ ଦେଶର ଯୁବପିଢ଼ିଙ୍କ ଭବିଷ୍ୟତ, ପ୍ରଗତି ଏବଂ ଆଞ୍ଚଳିକ ସ୍ଥିରତା ପାଇଁ ପରସ୍ପର ମଧ୍ୟରେ ଶାନ୍ତିପୂର୍ଣ୍ଣ ଆଲୋଚନା ହିଁ ଏକମାତ୍ର ମାଧ୍ୟମ।

## କେବଳ ପ୍ରମାଣପତ୍ର ଥିଲେ ହିନ୍ଦୁ ବିବାହ ବୈଧ ନୁହେଁ

### ପରମ୍ପରା ଓ ରୀତିନୀତି ମଧ୍ୟ ଜରୁରୀ: ଗୁଜରାଟ ହାଇକୋର୍ଟ

ଅହମଦାବାଦ, ୧୭(ଏଜେନ୍ସି): କେବଳ ମ୍ୟାରେଜ୍ ସାର୍ଟିଫିକେଟ୍ (ବିବାହ ପ୍ରମାଣପତ୍ର) କିମ୍ବା ପଞ୍ଜୀକରଣ (ରେଜିଷ୍ଟ୍ରେସନ) ଆଧାରରେ ଏକ ହିନ୍ଦୁ ବିବାହକୁ ଆଇନଗତ ଭାବେ ବୈଧ କୁହାଯାଇପାରିବ ନାହିଁ ବୋଲି ଗୁଜରାଟ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ହିନ୍ଦୁ ବିବାହ ଆଇନ (ହିନ୍ଦୁ ମ୍ୟାରେଜ ଆକ୍ଟ) ଅନୁଯାୟୀ ନିର୍ଦ୍ଧାରିତ ସମସ୍ତ ରୀତିନୀତି ଏବଂ ପରମ୍ପରା ପାଳନ କରାଯାଇଥିଲେ ହିଁ ବିବାହକୁ ସ୍ୱୀକୃତି ମିଳିବ। ଯେଉଁ ସମୁଦାୟରେ ସପ୍ତପଦୀ (ଅଗ୍ନି ଚାରିପଟେ ସାତ ଫେରା) ର ନିୟମ ରହିଛି, ସେଠାରେ ଏହି ରୀତି ସମ୍ପନ୍ନ ନହେବା ପର୍ଯ୍ୟନ୍ତ ବିବାହ ଅସମ୍ପୂର୍ଣ୍ଣ ରହିବ। ଜଷ୍ଟିସ ଇଲେଶ ଜେ. ଭୋରା ଏବଂ ଜଷ୍ଟିସ ଆରଟି ବାଛାନୀଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି ଯେ, ମ୍ୟାରେଜ୍ ସାର୍ଟିଫିକେଟ୍ କେବଳ ପୂର୍ବରୁ ସମ୍ପନ୍ନ ହୋଇଥିବା ଏକ ବିବାହର ଦଲିଲ ପ୍ରମାଣ ମାତ୍ର। ଏହା ନିଜେ କୌଣସି ବିବାହ ସୃଷ୍ଟି କରେନାହିଁ। ବିବାହ କେବଳ 'ଗୀତ-ନାଚ' କିମ୍ବା 'ଖିଆପିଆ'ର ଉତ୍ସବ ନୁହେଁ, ଏହା ଏକ ପବିତ୍ର ସଂସ୍କାର। ବ୍ରିଟେନରେ ରହୁଥିବା ଜଣେ ପ୍ରବାସୀ ଭାରତୀୟ ଯୁବକ ଅଭିଯୋଗ କରିଥିଲେ ଯେ, ଚାକିରି କରାଇଦେବା ବାହାନାରେ ଅହମଦାବାଦର ଜଣେ ଯୁବତୀ କାଗଜପତ୍ରରେ ତାଙ୍କ ସ୍ୱାକ୍ଷର ନେଇ ଜାଲ୍ ମ୍ୟାରେଜ୍ ସାର୍ଟିଫିକେଟ୍ ପ୍ରସ୍ତୁତ



କରିଛନ୍ତି। ସେମାନଙ୍କ ମଧ୍ୟରେ କୌଣସି ବିବାହ ରୀତିନୀତି ହୋଇନଥିଲା। ପରିବାର ଅଦାଲତ (ଫ୍ୟାମିଲି କୋର୍ଟ) ପୂର୍ବରୁ ଯୁବକଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ମାତ୍ର ହାଇକୋର୍ଟରେ ଶୁଣାଣି ବେଳେ ଯୁବତୀ ଜଣକ ନିଜେ ସ୍ୱୀକାର କରିଥିଲେ ଯେ କୌଣସି ବୈଦିକ ରୀତିନୀତି ହୋଇନାହିଁ କି ସେମାନେ ସ୍ୱାମୀ-ସ୍ତ୍ରୀ ଭାବେ ରହିନାହାନ୍ତି। ଏହି ଆଧାରରେ ଗୁଜରାଟ ହାଇକୋର୍ଟ ପରିବାର ଅଦାଲତଙ୍କ ନିଷ୍ପତ୍ତିକୁ ରଦ୍ଦ କରିବା ସହ ଉକ୍ତ ବିବାହକୁ ଅବୈଧ ଘୋଷଣା କରିଛନ୍ତି।

■ ରଥଖଳାରୁ...

## ରଥରେ ସଂଯୋଗ ହେଲା ଋଷି ପଟା



ପୁରୀ,୧୭(ସମିସ): ରଥଯାତ୍ରାକୁ ଆଉ ୧୫ ଦିନ ରହିଲା। ଏପଟେ ରଥଖଳାରେ ତିନିରଥ ନିର୍ମାଣ ଶେଷ ପର୍ଯ୍ୟାୟରେ। ବୁଧବାର ପ୍ରତ୍ୟେକ ରଥରେ ୮ଟି ଲେଖାଏଁ ଋଷି ପଟା ସଂଯୋଗ ହୋଇଛି। ଏହି ଋଷି ପଟା ତିନିରଥର ବେକିରେ (ତୃତୀୟ ଭୂଇଁ ବା ଅଗ ଭୂଇଁରୁ ବଡ଼ ଥଳ ପୋଟଳ ପର୍ଯ୍ୟନ୍ତ) ପୋଟଳକୁ ଟେକି ଧରିଥିବା ୮ଟି ପୋଟଳ ନାହାକାରେ କଣ୍ଟା ବାଡ଼ିଆଯାଇ ସଂଯୋଗ କରାଯାଇଛି। ସିଂହାସନରୁ ଓହ୍ଲାଇବା ଏବଂ ସିଂହାସନକୁ ବିଜେ ପାଇଁ ଶାଳ କାଠର ନୂତନ ମାଲ କାଠର ଚଉପଟ କାର୍ଯ୍ୟ ସରିଛି। ରୂପକାର ସେବକମାନେ ତିନିରଥର ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି। ଏଥିସହ ଚିତ୍ରକାର ସେବକଙ୍କୁ ଖୋଦେଇ ରୂପରେ ରଙ୍ଗ କାର୍ଯ୍ୟ ପାଇଁ ହସ୍ତାନ୍ତର କରିଛନ୍ତି। ଚିତ୍ରକାର ସେବକମାନେ ତିନିରଥର ୮୧ଟି ପାର୍ଶ୍ୱଦେବଦେବୀ ମୂର୍ତ୍ତି, ସମସ୍ତ ହଂସ ପଟା, ତିନିରଥର ୬ଟି ଶୁଆ, ୩ଟି ଅଁଳା, ତିନିରଥର ସଖୀ, ଶିଖର ଡମ୍ବରୁ, ୬ଟି କଳସ, ୩ଟି ପିତ୍ତଳ କଳସ, ୧୨ଟି ଘଣ୍ଟି, ପ୍ରତି ରଥର ୮ଟି ଲେଖାଏଁ ହାତୀପଟା, ମଗର ପଟା, ଋଷି ପଟା ଏବଂ ଠେକେରା ବାଡ଼ ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ଶେଷ କରି ତିନିରଥର ବାହ୍ୟ ଅଂଶଗୁଡ଼ିକରେ ରଙ୍ଗ ଦେଉଛନ୍ତି। କମାର ସେବକମାନେ କଳସ ପାଇଁ କଳସ ଫାନ୍ଦ କଣ୍ଟା ନିର୍ମାଣ ସହ ୩ଟି ନୂତନ ବ୍ରେକ୍ ପୁଲିରେ ଲାଗିବା ପାଇଁ ୬ଟି ଲେଖାଏଁ ଲୁହା କଡ଼ା ନିର୍ମାଣ ଜାରି ରଖିଛନ୍ତି। ଗୁରୁବାର ତିନିରଥର ଦୁଆର ବେଢ଼ା ରଥ ଉପରକୁ ଉଠିବା କାର୍ଯ୍ୟକ୍ରମ ରହିଛି। ରଥକୁ ଦୁଆର ବେଢ଼ା ଉଠିଲା ପରେ ଦୁଆର ବେଢ଼ା ଚନ୍ଦ୍ରଶାଳୀରେ ଧ୍ୱଜ ବତା ଫିଟିଙ୍ଗ୍ କରାଯିବ। ଧ୍ୱଜ ବତା ଫିଟିଙ୍ଗ୍ ପରେ ରଥ କନା ପଡ଼ିବା ପୂର୍ବରୁ ଚାରି ପାର୍ଶ୍ୱ କୋଣଗୁଡ଼ିକରେ ୮ଟି ଲେଖାଏଁ କଣି ଫାଉଡ଼ା ସଂଯୋଗ ସହ ରଥ ଚାରି ପାର୍ଶ୍ୱରେ ହାତୀ ଆଳମାଳ ପୋଟଳ ତଳୁ ଦୁଆର ବେଢ଼ା ପର୍ଯ୍ୟନ୍ତ ସଂଯୋଗ ହେବ। ଏହାପରେ ରଥ ଉପରକୁ କଳସ ଉଠି ରଥରେ କନା ପଡ଼ିବା ସହ କନକ ମୁଣ୍ଡିରେ ପିତ୍ତଳ ଚଦର ଫିଟିଙ୍ଗ୍ କାର୍ଯ୍ୟ ସମାନ୍ତରାଳ ଭାବେ ଜାରି ରହିବ।

## ଆଜି ପ୍ରକାଶ ପାଇବନି +୩ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା

ଭୁବନେଶ୍ୱର, ୧୭(ସମିସ): ଚଳିତ ଶିକ୍ଷାବର୍ଷରେ +୩ ପ୍ରଥମ ବର୍ଷରେ ନାମଲେଖା ପାଇଁ ଆସନ୍ତାକାଲି ଅର୍ଥାତ୍ ଗୁରୁବାର ଦିନ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବାର ଥିଲା। ମାତ୍ର ଏହାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ଥଗିତ ରଖାଯାଇଛି। କେଉଁ ନିର୍ଦ୍ଦିଷ୍ଟ କାରଣ ପାଇଁ ନାମଲେଖା ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି, ତାହା ସ୍ପଷ୍ଟ କରାଯାଇ ନଥିବାବେଳେ ସଂଶୋଧିତ ସମୟସୂଚୀ ଖୁବଶୀଘ୍ର ସାମ୍ସ ପୋର୍ଟାଲରେ ପ୍ରକାଶ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

'ନିଶାମୁକ୍ତ ଓଡ଼ିଶା' ଅଭିଯାନ

## ଗଠନ ହେବ ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ




■ ୩ ଜିଲ୍ଲାରେ ପ୍ରତିଷ୍ଠା ହେବ ସ୍ୱତନ୍ତ୍ର ଏନଡିପିଏସ୍ କୋର୍ଟ
■ ୨୧ ମାସରେ ୧୯୧୧ କୋଟିର ଗଞ୍ଜେଇ ଚାଷ ନଷ୍ଟ
■ ୨୧୦୬ କୋଟିର ଗଞ୍ଜେଇ ଓ ୨୨୫ କୋଟିର ଗଞ୍ଜେଇ ତେଲ ଜବତ

ଭୁବନେଶ୍ୱର ୧୭ (ସମିସ): ନିଶାମୁକ୍ତ ଓଡ଼ିଶା ଗଠନ ଦିଗରେ ଓଡ଼ିଶା ପୁଲିସ ମାଇଲଖୁଣ୍ଟ ସ୍ଥାପନ କରିଛି। ବେଆଇନ ନିଶା କାରବାର, ଗଞ୍ଜେଇ ଚାଷ, ମାଦକଦ୍ରବ୍ୟ ଚୋରାଚାଲାଣ ଓ ଆନ୍ତଃରାଜ୍ୟ ଡ୍ରଗ୍ ନେଟ୍‌ୱର୍କ ବିରୋଧରେ 'ଶୂନ୍ୟ ସହନଶୀଳତା' ନୀତି ଆଧାରରେ ଚାଲିଥିବା ଅଭିଯାନ ରାଜ୍ୟକୁ ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱରସ୍ଥିତ ପୁଲିସ ଭବନରେ ଜାତୀୟ ସ୍ତରୀୟ ପ୍ରାକ୍-ବିଚାରାଧୀନ ଜବତ ମାଦକଦ୍ରବ୍ୟ ବିନଷ୍ଟୀକରଣ ସ୍ୱତନ୍ତ୍ର ଅଭିଯାନ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି)ର ନିର୍ଦ୍ଦେଶ ଅନୁଯାୟୀ ଜୁନ୍ ୨୬ ତାରିଖରୁ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଜାତୀୟ ସ୍ତରୀୟ ପ୍ରାକ୍-ପରୀକ୍ଷା ନିଶା ନିବାରଣ ସ୍ୱତନ୍ତ୍ର ଅଭିଯାନ ସାରା ଦେଶରେ କାର୍ଯ୍ୟକାରୀ କରାଯାଉଛି। 'ନିଶାମୁକ୍ତ, ସୁରକ୍ଷିତ ଓ ସଶକ୍ତ ଓଡ଼ିଶା ଗଠନ ହେଉଛି ଓଡ଼ିଶା ପୁଲିସର ସର୍ବୋଚ୍ଚ ପ୍ରାଥମିକତା। ନିଶା କାରବାର ଓ ଚୋରାଚାଲାଣ ବିରୋଧରେ ଆଗାମୀ ଦିନରେ ଅଭିଯାନକୁ ଆହୁରି ବ୍ୟାପକ କରାଯିବ' ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଥିଲେ। ଜନସଚେତନତାକୁ ଗୁରୁତ୍ୱ ଦେଇ ରାଜ୍ୟର ସମସ୍ତ ୩୫ଟି ପୁଲିସ ଜିଲ୍ଲାର ୫୫୦ରୁ ଅଧିକ ଥାନାରେ ନିଶା ବିରୋଧୀ ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ୨୫ ହଜାରରୁ ଅଧିକ ନାଗରିକ, ୪୮୮୨ ଜଣ ଛାତ୍ରଛାତ୍ରୀ ଓ ୩୩୭ ଜଣ ଶିକ୍ଷକ ସକ୍ରିୟ ଭାବେ ସାମିଲ ହୋଇ ନିଶାମୁକ୍ତ ସମାଜ ଗଠନର ସଂକଳ୍ପ ନେଇଛନ୍ତି।

ନିଶା କାରବାର ସମ୍ପର୍କିତ ମାମଲାର ତ୍ୱରିତ ବିଚାର ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ପାଇଁ ଭୁବନେଶ୍ୱର, ଖୋର୍ଦ୍ଧା, ଅନୁଗୁଳ ଓ ସମ୍ବଲପୁରରେ ୪ଟି ସ୍ୱତନ୍ତ୍ର ଏନଡିପିଏସ୍ କୋର୍ଟ ସ୍ଥାପନ କରିବାକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି ବୋଲି ସେ କହିଥିଲେ। ସେହିପରି ଡିଜିପି କହିଛନ୍ତି ଯେ ଜଣେ ଏଡିଜି ପାହ୍ୟାର ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ (ଏଏନଟିଏଫ୍) ଗଠନ କରାଯିବ। ଏହା ଅଧୀନରେ ରାଜ୍ୟର ବିଭିନ୍ନ ସ୍ଥାନରେ ୧୦ଟି ୟୁନିଟ୍ ଓ ୧୯ଟି ସ୍ୱତନ୍ତ୍ର ଇଣ୍ଟେଲିଜେନ୍ସ ୟୁନିଟ୍ କାର୍ଯ୍ୟ କରିବ। ପ୍ରତିବର୍ଷ ଅତିକମରେ ୧୦୦ ଜଣ ପ୍ରମୁଖ ଡ୍ରଗ୍ ମାଫିଆଙ୍କ ବିରୋଧରେ ଏନଡିପିଏସ୍ ଆଇନ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରିଯିବା ସେ ସୂଚନା ଦେଇଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଜୁଲାଇ ୨୦୨୪ରୁ ମାର୍ଚ୍ଚ ୨୦୨୬ ଅର୍ଥାତ୍ ୨୧ ମାସ ମଧ୍ୟରେ ରାଜ୍ୟବ୍ୟାପୀ ଅଭିଯାନରେ ୬୩ ହଜାର ୭୨୦ ଏକରରୁ ଅଧିକ ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧୯୧୧ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଉଛି। ସେହି ସମୟ ମଧ୍ୟରେ ୨୪୪୫ଟି ଏନଡିପିଏସ୍ ମାମଲା ରୁଜୁ କରାଯାଇ ୪୨୧ ଟନ୍ ଗଞ୍ଜେଇ ଜବତ କରାଯାଇ ୩୫୦୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨,୧୦୬ କୋଟି ଟଙ୍କା ହେବ। ରାଜ୍ୟର ଖୋର୍ଦ୍ଧା, ଅନୁଗୋଳ, ବାଲେଶ୍ୱର, ଗଞ୍ଜାମ, ବଲାଙ୍ଗିର, କୋରାପୁଟ ଓ ସୁନ୍ଦରଗଡ଼ ସ୍ଥିତ ୭ଟି ଅନୁମୋଦିତ ଇନ୍ସିନେରେଟର କେନ୍ଦ୍ରରେ ପ୍ରାୟ ୮୦ ଟନ୍ ଗଞ୍ଜେଇ, ୧୧.୪ କିଲୋଗ୍ରାମ ବ୍ରାଉନସୁଗର ଓ ୩୬୩୮ ବୋତଲ କଫ୍ ସିରପ ନଷ୍ଟ କରିବାର ଲକ୍ଷ୍ୟ ରଖାଯାଇଛି। ଅଭିଯାନ ଆରମ୍ଭ ହେବା ପରଠାରୁ ୩୬ ଟନ୍ ଗଞ୍ଜେଇ ସଫଳତାର ସହ ନଷ୍ଟ କରାଯାଇଥିବା ବେଳେ ଅବଶିଷ୍ଟ ଜବତ ମାଦକଦ୍ରବ୍ୟକୁ ଆଇନଗତ ପ୍ରକ୍ରିୟାରେ ପର୍ଯ୍ୟାୟକ୍ରମେ ଧ୍ୱଂସ କରାଯିବ। କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଡିଜି ବିନୟ ତୋଷ ମିଶ୍ର, କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ, ଏସ୍‌ଟିଏଫ୍ ଡିଆଇଜି କନ୍‌ୱର ବିଶାଳ ସିଂଙ୍କ ସମେତ ପୁଲିସ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦିଅର ଆକ୍ରମଣରେ ଭାଉଜ ମୃତ, ପୁତୁରା ଗୁରୁତର

ବେଲଗୁଣ୍ଠା,୧୭(ସମିସ): ଘରୋଇ ଅଶାନ୍ତିରୁ ଚାଲି ଯାଇଛି ମହିଳାଙ୍କ ଜୀବନ। ଏହିଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବେଲଗୁଣ୍ଠା ବ୍ଲକ୍ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ ପାଲକଷଣ୍ଡା ଗ୍ରାମରେ। ଦୁଇ ପରିବାର ମଧ୍ୟରେ ହଣାକଟା ଘଟି ଜଣେ ମହିଳା ମୃତ୍ୟୁ ବରଣ କରିଥିବା ବେଳେ ତାଙ୍କ ପୁଅ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ମୃତ୍ୟୁ ବରଣ କରିଥିବା ମହିଳା ଜଣଙ୍କ ହେଲେ ପାଲକଷଣ୍ଡା ଗ୍ରାମର ଗୌର ପ୍ରଧାନଙ୍କ ସ୍ତ୍ରୀ ଭାସି ପ୍ରଧାନ (୫୦)। ସେ ଗ୍ରାମରେ ଛେଳି ଚରାଇ ନିଜ ପରିବାରର ଜୀବିକା ନିର୍ବାହ କରୁଥିଲେ। ମିଳିଥିବା ଖବର ପ୍ରକାରେ କିଛି ଦିନ ହେବ ଭାସିଙ୍କ ପରିବାର ଏବଂ ତାଙ୍କ ଦିଅର ମୁରଲୀ ପ୍ରଧାନଙ୍କ ପରିବାର ମଧ୍ୟରେ ଅଶାନ୍ତି ଲାଗି ରହିଥିଲା। ଗ୍ରାମର କିଛି ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ ମଙ୍ଗଳବାର ଭାସି ପ୍ରଧାନ ଏବଂ ମୁରଲୀ ପ୍ରଧାନଙ୍କ ପରିବାର ମଧ୍ୟରେ ବଚସା ହୋଇଥିଲା। ଆଜି ଅପରାହ୍ନ ତିନି ଘଣ୍ଟା ସମୟରେ ଭାସି ପ୍ରଧାନ ପାଲକଷଣ୍ଡା ଗ୍ରାମର ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ଥିବା ଜମିରେ ଛେଳି ଚରାଉ ଥିବା ବେଳେ ଛେଳି ପଲ ମୁରଲୀଙ୍କ ରାଶି କ୍ଷେତରେ ପଶିଯାଇଥିଲେ। ଏହାକୁ କେନ୍ଦ୍ର କରି ମୁରଲୀଙ୍କ ପରିବାର ଏବଂ ଭାସି ମଧ୍ୟରେ ପୁଣି ବଚସା ହେବା ସହିତ ଏହା ହଣାକଟାର ସୂତ୍ରପାତ ହୋଇଥିଲା। ଉଭୟ ପରିବାର ମଧ୍ୟରେ ହୋଇଥିଲା ହଣାକଟା। ଭାସିଙ୍କ ଟାଙ୍ଗିଆ ଚୋଟରେ ମୁରଲୀ ପ୍ରଧାନଙ୍କ ପରିବାର ଲୋକେ ସାମାନ୍ୟ ଆହତ ହୋଇଥିବା ବେଳେ ମୁରଲୀ ପ୍ରଧାନ, ତାଙ୍କ ସ୍ତ୍ରୀ ବିନି ଏବଂ ପୁଅ ପ୍ରିନ୍ସର ମିଳିତ ଆକ୍ରମଣରେ ଭାସି ମୃତ୍ୟୁ ବରଣ କରିବା ସହ ତାଙ୍କ ପୁଅ ନାରାୟଣ (୨୨) ଗୁରୁତର ଆହତ ହୋଇଥିଲେ। କିନ୍ତୁ ଭାସି ମୃତ୍ୟୁ ବରଣ କରିଥିବା ମୁରଲୀ ପ୍ରଧାନଙ୍କ ଜାଣି ନପାରି ସେମାନେ ଗାଙ୍ଗପୁର ଥାନାକୁ ଭାସିଙ୍କ ନାମରେ ଅଭିଯୋଗ କରିବାକୁ ଆସିଥିଲେ। କିନ୍ତୁ କୌଣସି ସୂତ୍ରରୁ ମୁରଲୀଙ୍କ ପରିବାର ଲୋକଙ୍କ ଆକ୍ରମଣରେ ଭାସି ମୃତ୍ୟୁ ବରଣ କରିଥିବା ଖବର ପୋଲିସ ପାଇଯାଇଥିବାରୁ ପୋଲିସ୍ ବର୍ତ୍ତମାନ ମୁରଲୀ, ତାଙ୍କ ସ୍ତ୍ରୀ ଏବଂ ପୁଅକୁ ଥାନାରେ ଅଟକ ରଖିଥିବା ଜଣା ପଡ଼ିଛି। ଅନ୍ୟପଟେ ଭାସିଙ୍କ ମୃତଦେହ ଘଟଣା ସ୍ଥଳରେ ପଡ଼ି ରହିଥିବା ବେଳେ ଗୁରୁତର ନାରାୟଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡ଼ିକାଲକୁ ପଠାଇଥିବା ଜଣା ପଡ଼ିଛି। ଘଟଣା ସ୍ଥଳକୁ ଗଞ୍ଜାମ ଆଡିସନାଲ ଏସପି ରଞ୍ଜନ କୁମାର ଦେ, ଭଞ୍ଜନଗର ଏସଡିପିଓ ଡ ଦୀପକ ମିଶ୍ର, ଗାଙ୍ଗପୁର ଥାନା ଅଧିକାରୀ ବନ ବିହାରୀ ପ୍ରଧାନଙ୍କ ସମେତ ଗାଙ୍ଗପୁର ପୋଲିସ ବାହିନୀ ଯାଇ ଘଟଣାର ତଦନ୍ତ କରୁଛନ୍ତି।

## ତାରାତାରିଣୀ ମନ୍ଦିର ନିକଟ ହୋଟେଲରୁ ମିଳିଲା ଯୁବକଙ୍କ ମୃତଦେହ

ପୁରୁଷୋତ୍ତମପୁର,୧୭(ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ତାରାତାରିଣୀ ମନ୍ଦିର ନିକଟରେ ଥିବା ହୋଟେଲ ଲକ୍ଷ୍ମୀପ୍ରିୟା ନିକଟରୁ ବୁଧବାର ସକାଳେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ମନୋଜ କୁମାର ସ୍ୱାଇଁ। ତାଙ୍କ ଘର ପୁରୀ ବୋଲି ଜଣାପଡିଛି। ଖବର ପାଇ ପୁରୁଷୋତ୍ତମପୁର ଏସ୍‌ଡିପିଓ ସୁଜିତ କୁମାର ନାୟକ ଓ ଆଇଆଇସି କୁଳମଣି ସେଠୀ ଘଟଣାସ୍ଥଳକୁ ଯାଇ ମୃତଦେହକୁ ଜବତ କରି ୧୫/୨୬ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲେ। ସୂଚନାଯୋଗ୍ୟ, ତାରାତାରିଣୀ ମନ୍ଦିରର ରୋପୱେ ମରାମତି ନିମନ୍ତେ ମନୋଜଙ୍କ ସମେତ ୫ ଜଣ ଯୁବକ ଗତ ୨୮ ତାରିଖରୁ ଆସି ହୋଟେଲରେ ୨ଟି ରୁମ୍ ରହୁଥିଲେ। ମୃତ୍ୟୁର ସଠିକ କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ମୃତଦେହଟି ହୋଟେଲ ତଳେ ପଡିଥିବା ସହ ପ୍ରବଳ ରକ୍ତସ୍ରାବ ହେଉଥିବାରୁ ଏହା ଏକପ୍ରକାର ସନ୍ଦେହ ଘେରରେ ରହିଛି। ପୋଲିସ ତଦନ୍ତ ପରେ ହିଁ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ।

## ଅକ୍ଟୋବର ଶେଷ ସୁଦ୍ଧା ପୁଲିସ୍ ଏସ୍‌ଆଇ ପରୀକ୍ଷା

ଭୁବନେଶ୍ୱର, ୧୭(ସମିସ): ଚଳିତବର୍ଷ ଅକ୍ଟୋବର ଶେଷ ସୁଦ୍ଧା ସରିବ ପୁଲିସ୍ ଏସ୍‌ଆଇ ନିଯୁକ୍ତି ପରୀକ୍ଷା। ଏନେଇ ଆଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଓଡ଼ିଶା ୟୁନିଫର୍ମ ସର୍ଭିସ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓୟୁଏସ୍‌ଏସ୍‌ଏସ୍‌ସି) ଅଧ୍ୟକ୍ଷ ରଶ୍ମିରଞ୍ଜନ ସ୍ୱାଇଁ। ପରୀକ୍ଷା ସମ୍ପର୍କରେ ସେ କହିଛନ୍ତି ଯେ ପୂର୍ବରୁ ଆବେଦନ କରିଥିବା ସମସ୍ତ ପିଲା ପରୀକ୍ଷା ଦେଇପାରିବେ। ଆବେଦନକାରୀଙ୍କ ସଂଖ୍ୟାରେ କୌଣସି ପରିବର୍ତ୍ତନ ହେବନାହିଁ। ସେହିପରି ସିଲାବସ୍ ଓ ପରୀକ୍ଷା ଢାଞ୍ଚା ମଧ୍ୟ ଅପରିବର୍ତ୍ତିତ ରହିବ। ଓପିଆର୍‌ବି ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦିଆଯାଇଥିବା ସିଲାବସ୍ ଅନୁଯାୟୀ ପରୀକ୍ଷା ହେବ। ପରୀକ୍ଷା ପାଇଁ ସମସ୍ତ କାର୍ଯ୍ୟ ଆରମ୍ଭ ହୋଇସାରିଛି। ସମସ୍ତ କାର୍ଯ୍ୟ ସଠିକ୍ ଦିଗରେ ମଧ୍ୟ ଆଗେଇ ଚାଲିଛି। ତ୍ରୁଟିଶୂନ୍ୟ ଓ ସ୍ୱଚ୍ଛତାର ସହ ପରୀକ୍ଷା କରିବା ତାଙ୍କର ପ୍ରାଥମିକତା ହେବ ବୋଲି କହିବା ସହ ଆଶାୟୀମାନଙ୍କୁ ପାଠପଢ଼ା ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି। ଅଧ୍ୟକ୍ଷଙ୍କ ସ୍ପଷ୍ଟୀକରଣ ପରେ ଧାରଣାରେ ବସିଥିବା ଆଶାୟୀମାନେ ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୫ ଜାନୁଆରୀରେ ପ୍ରାୟ ୯୩୩ ପଦରେ ପୁଲିସ୍ ଏସ୍‌ଆଇ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ଏଯାଏଁ ପରୀକ୍ଷା ହୋଇପାରିନି। ଚାକିରି ବିକ୍ରି ମସୁଧା କରୁଥିବା ଏକ ଆନ୍ତଃରାଜ୍ୟ ଗ୍ୟାଙ୍ଗ ଧରା ପଡ଼ିବା ପରେ ସିବିଆଇ ତଦନ୍ତ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ଏହି ଘଟଣାରେ ଅନେକ ବ୍ୟକ୍ତି ଗିରଫ ହୋଇଛନ୍ତି।

ଓଡ଼ିଶାରେ ପହଞ୍ଚିଲେ କଂଗ୍ରେସ ପ୍ରଭାରୀ ଲାଲ୍‌ଜୀ ଦେଶାଇ

## ଆଜିଠୁ ୨ ଦିନ ମାରାଥନ୍ ବୈଠକ

ଭୁବନେଶ୍ୱର,୧୭(ସମିସ): ରାଜ୍ୟ କଂଗ୍ରେସ ପ୍ରଭାରୀ ଭାବେ ନିଯୁକ୍ତି ପାଇବା ପରେ ପ୍ରଥମ ଥର ପାଇଁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି ଲାଲାଜୀ ଦେଶାଇ। ଆଜି ରାତି ପ୍ରାୟ ୮ଟା ବେଳେ ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ରାଜ୍ୟ କଂଗ୍ରେସ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଓ କର୍ମୀ ବିମାନବନ୍ଦରରେ ଉପସ୍ଥିତ ରହି ଶ୍ରୀ ଦେଶାଇଙ୍କୁ ସ୍ୱାଗତ କରିଛନ୍ତି।

କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଓଡ଼ିଶାରେ କଂଗ୍ରେସର ଅନେକ ସମ୍ଭାବନା ରହିଛି। ସତ୍ତା ନୁହେଁ, ବରଂ ଜନସେବା, ରାଷ୍ଟ୍ରନିର୍ମାଣ ଓ ଜନତାଙ୍କ ହୃଦୟ ଜିତିବା ହିଁ ଦଳର ମୂଳ ଲକ୍ଷ୍ୟ ହେବା ଉଚିତ। ୨୫ ବର୍ଷ ହେଲା କ୍ଷମତା ନ ଥାଇ ମଧ୍ୟ ସମସ୍ତେ ଏକାଠି ରହିବା ହିଁ କଂଗ୍ରେସର ଅସଲ ବଳ ବୋଲି ସେ କହିଛନ୍ତି। ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ ଯାତ୍ରା'ର ପ୍ରମୁଖ ସାରଥୀ ଲାଲାଜୀଙ୍କ ଅଭିଜ୍ଞତାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରଶଂସା କରିବା ସହ ଦଳର ଅନ୍ତଃକନ୍ଦଳ ଦୂର କରିବା ଏବଂ କିଛି ବଡ଼




ନେତାଙ୍କୁ ବୁଝାଇ ଦଳକୁ ଆଗକୁ ନେବାକୁ ନୂଆ ପ୍ରଭାରୀଙ୍କୁ ଅନୁରୋଧ କରିଛନ୍ତି। ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି, ବିଜେପି ସରକାରକୁ ଦୁଇ ବର୍ଷରେ ଲୋକ ପରଖି ସାରିଥିବାରୁ ୨୦୨୯ରେ ଓଡ଼ିଶା ବିଧାନସଭାରେ କଂଗ୍ରେସ ଆସିବାର ସମ୍ଭାବନା ଅଛି, ତେଣୁ ଲୋକଙ୍କ ପାଖକୁ ଯାଇ ଦଳକୁ ସୁଦୃଢ଼ କରିବା ଜରୁରୀ। ଆଗକୁ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ କଂଗ୍ରେସ ଭବନରେ ଜିଲ୍ଲା ସଭାପତି ଓ ବରିଷ୍ଠ ନେତାଙ୍କ ସହ ହେବାକୁ ଥିବା ପ୍ରଭାରୀଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକକୁ ନେଇ ଏବେ ସାରା କଂଗ୍ରେସ ଶିବିର ବେଶ୍ ଉତ୍ସାହିତ ଅଛି।

ଗୁରୁବାରଠାରୁ ସେ ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନରେ ରାଜ୍ୟର ସମସ୍ତ ଜିଲ୍ଲା ସଭାପତି, ବରିଷ୍ଠ ନେତୃବୃନ୍ଦ ସହ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିବେ। ରାଜ୍ୟରେ ଆଗକୁ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଦଳର ତୃଣମୂଳ ସ୍ତରର ସଂଗଠନକୁ ସୁଦୃଢ଼ କରିବା, କର୍ମୀଙ୍କ ଭିତରେ ନୂଆ ଉତ୍ସାହ ଭରିବା ହିଁ ନୂଆ ପ୍ରଭାରୀଙ୍କ ମୂଳ ଲକ୍ଷ୍ୟ ରହିବ ବୋଲି ଜଣାପଡ଼ିଛି।

## ଆଜି ବାହାରିବ ସିପିଇଟି ଓ ବିଇଡି ପରୀକ୍ଷା ଫଳ

ଭୁବନେଶ୍ୱର, ୧୭(ସମିସ): ଚଳିତ ଶିକ୍ଷାବର୍ଷରେ ସ୍ନାତକୋତ୍ତର ନାମଲେଖା ପ୍ରକ୍ରିୟା ବହୁ ବିଳମ୍ବ ହୋଇଥିବାବେଳେ ଏବେଯାଏଁ ପ୍ରବେଶିକା ପରୀକ୍ଷା (ସିପିଇଟି) ଫଳ ପ୍ରକାଶ ପାଇନାହିଁ। ନାମଲେଖା ସାରି ଆସନ୍ତା ୧୦ ତାରିଖରୁ ସ୍ନାତକୋତ୍ତର ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପୂର୍ବରୁ ସୂଚନା ଦେଇଥିଲେ ମଧ୍ୟ ଏହା ଏକପ୍ରକାର ଅନିଶ୍ଚିତ ଲାଗୁଛି। ସେହିପରି ବିଇଡି ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ଫଳ ମଧ୍ୟ ଏବେ ଯାଏଁ ପ୍ରକାଶ ପାଇନାହିଁ। ଏପରି ସ୍ଥିତିରେ ଆସନ୍ତା କାଲି ଉଭୟ ପ୍ରବେଶିକା ପରୀକ୍ଷାର ଫଳ ସହିତ ନାମଲେଖା ପାଇଁ ଟାଇମ୍‌ଲାଇନ୍ ପ୍ରକାଶ ପାଇବ ବୋଲି ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ମୌସୁମୀ ନାୟକ ସୂଚନା ଦେଇଛନ୍ତି। ଶ୍ରୀମତୀ ନାୟକ ଆହୁରି କହିଛନ୍ତି ଯେ ସିପିଇଟି ଓ ବିଇଡି ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଁ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆନୁସଙ୍ଗିକ ବୈଷୟିକ ପ୍ରସ୍ତୁତି ପରେ ଆସନ୍ତା କାଲି ପରୀକ୍ଷା ଫଳ ପ୍ରକାଶ ପାଇବ।

ସୂଚନାଯୋଗ୍ୟ, ଚଳିତବର୍ଷ ମେ ୫ ତାରିଖରୁ ୧୬ ତାରିଖ ଯାଏଁ ସିପିଇଟି ପରୀକ୍ଷା ହୋଇଥିଲା। ଏହାର ଦିନକ ପରେ ପ୍ରୋଭିଜିନାଲ୍ ଉତ୍ତର କି' ପ୍ରକାଶ ପାଇଥିବାବେଳେ ୨୨ ତାରିଖ ମଧ୍ୟରେ ପରୀକ୍ଷାର୍ଥୀମାନେ ଉତ୍ତରକୁ ନେଇ ଆପତ୍ତି କରିଥିଲେ। ଏହାକୁ ଦେଢ଼ ମାସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ପରୀକ୍ଷା ଫଳ ପ୍ରକାଶ ପାଇନାହିଁ। ସେହିପରି ଗତବର୍ଷ ଜୁଲାଇ ପହିଲା ସୁଦ୍ଧା ପିଜି ପାଇଁ ଦ୍ୱିତୀୟ ରାଉଣ୍ଡ ନାମଲେଖା ସରିଥିଲା। ଫଳରେ ଚଳିତବର୍ଷ ପାଠପଢ଼ା ଆରମ୍ଭ କରିବାରେ ବିଳମ୍ବ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। ଅନୁରୂପ ଭାବେ ବିଇଡି ନାମଲେଖା ପ୍ରକ୍ରିୟା ମଧ୍ୟ ବିଳମ୍ବ ହୋଇଛି।

## ୫ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ




ଭୁବନେଶ୍ୱର,୧୭(ସମିସ): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଳନ ଆଜି ରାଜ୍ୟର ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହି ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ (ଏସ୍‌ଆଇଆର)ର ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟର ସଫଳ ସମାପ୍ତି, ଡିଜିଟାଇଜେସନର ପ୍ରଗତି ଏବଂ ଚିଠା ଭୋଟର ତାଲିକା ପ୍ରକାଶନ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଛି। କୌଣସି ବି ଯୋଗ୍ୟ ଭୋଟର ଯେପରି ବାଦ୍ ନପଡ଼ନ୍ତି ଏବଂ ଭୋଟର ତାଲିକା ଯେପରି ସଠିକ୍, ସମାବେଶୀ ଓ ତ୍ରୁଟିଶୂନ୍ୟ ରହେ, ତାହା ନିଶ୍ଚିତ କରିବାରେ ସାହାଯ୍ୟ କରିବା ପାଇଁ ଚିଠା ଭୋଟର ତାଲିକାର ଯାଞ୍ଚ ଏବଂ ଦାବି ଓ ଆପତ୍ତି ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ଅନୁରୋଧ କରିଛନ୍ତି।

ଚିଠା ଭୋଟର ତାଲିକା ପ୍ରକାଶ ପାଇଲା ପରେ କୌଣସି ପ୍ରକାରର ଆପତ୍ତି କିମ୍ବା ଅଭିଯୋଗ ଥିଲେ, ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ମଧ୍ୟରେ ଆପତ୍ତି ଦାଖଲ କରାଯାଇପାରିବ। ୫ ଜୁଲାଇ ପରେ ଯଦି ଚିଠା ଭୋଟର ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ଫର୍ମ-୬ ମାଧ୍ୟମରେ ନୂତନ ନାମ ଯୋଡ଼ାଯାଇପାରିବ। ଫର୍ମ-୭ ଦେଇ ଭୋଟର ତାଲିକାରୁ ନାମ ବାଦ୍ ଓ ଫର୍ମ-୮ ମାଧ୍ୟମରେ ଯେକୌଣସି ପ୍ରକାରର ସଂଶୋଧନ କରାଯାଇପାରିବ। ଏହି ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମେତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଡେପୁଟି ସିଇଓ ଡଃ ଲକ୍ଷ୍ମୀପ୍ରସାଦ ସାହୁ, ଅନାମିକା ସିଂଙ୍କ ସମେତ ରାଜନୈତିକ ଦଳ ବିଜୁ ଜନତା ଦଳ ପକ୍ଷରୁ ଦେବୀ ପ୍ରସାଦ ମିଶ୍ର ଓ ବିଜୟ କୁମାର ନାୟକ, ବହୁଜନ ସମାଜ ପାର୍ଟି ପକ୍ଷରୁ ମଧୁସୂଦନ ଯାଦବ, ସିପିଆଇ(ଏମ୍) ପକ୍ଷରୁ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ପ୍ରକାଶ ମିଶ୍ର, ଆମ୍ ଆଦମୀ ପାର୍ଟି ପକ୍ଷରୁ ସନ୍ଦିପ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଅକ୍ଟୋବରରେ ଶିମିଳିପାଳକୁ ଆସିବେ ମହାବଳ

ଆଉ ଦୁଇଟି ବାଘୁଣୀ ଓ ଗୋଟିଏ ମହାବଳ ଆଣିବା ନେଇ ଯୋଜନା

ବାରିପଦା, ୧୭ (ସମିସ): ମହାରାଷ୍ଟ୍ରର ବାଘୁଣୀ "ଜୀନତ୍" ମା' ହେବା ପରେ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ମହାବଳ ବଂଶ ବୃଦ୍ଧି ପାଇଛି। ପ୍ରତି ମାସରେ ବାଘୁଣୀ ସହ ଶାବକଙ୍କ ଗୋଟିଏ ପରେ ଗୋଟିଏ ଚିତ୍ର ସାମ୍ନାକୁ ଆସୁଥିବାରୁ ଦ୍ୱିତୀୟ ପର୍ଯ୍ୟାୟ ମହାବଳ ବାଘ ସ୍ଥାନାନ୍ତର ଦିଗରେ ବନ



ବିଭାଗ ଅଣ୍ଟା ଭିଡ଼ିଛି। ଦ୍ୱିତୀୟ ପର୍ଯ୍ୟାୟରେ ଦୁଇଟି ବାଘୁଣୀ ଓ ଗୋଟିଏ ମହାବଳ ଅଣାଯାଇ ଶିମିଳିପାଳରେ ଛାଡ଼ିବାକୁ ଯୋଜନା ହୋଇଛି। ତେବେ ସେମାନଙ୍କୁ କେଉଁ ଅଞ୍ଚଳରେ ଛଡ଼ାଯିବ ସେନେଇ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ।

ବର୍ତ୍ତମାନ ସମୟରେ ମୌସୁମୀ ବାୟୁ ସାରା ଦେଶରେ ଅଗ୍ରସର ହେବା ସହ ବର୍ଷା ଲାଗିରହିଥିବାରୁ ଜଙ୍ଗଲରେ ମହାବଳ ଚିହ୍ନଟ ଓ ସ୍ଥାନାନ୍ତର ପ୍ରକ୍ରିୟା ସମ୍ଭବପର ହେବ ନାହିଁ। ତେଣୁ ବର୍ଷା ଛାଡ଼ିବା ପରେ ହିଁ ଏହି ପ୍ରକ୍ରିୟା ଆଗେଇବ। ମହାରାଷ୍ଟ୍ରର ଯେଉଁ ଜଙ୍ଗଲରୁ ମହାବଳ ଆସିବ ସେନେଇ ସେଠାକାର ରାଜ୍ୟ ସରକାରଙ୍କ ସହ ଆଲୋଚନା ଶେଷ ହୋଇଥିବା ଜଣାପଡ଼ିଛି। ବନ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ଦ୍ୱିତୀୟ ପର୍ଯ୍ୟାୟ ବାଘ ସ୍ଥାନାନ୍ତର ପୂର୍ବରୁ ଅନେକ ଔପଚାରିକ କାର୍ଯ୍ୟ ଶେଷ କରିବାକୁ ପଡ଼ିବ। ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟରେ ଯେଉଁଭଳି ପରିସ୍ଥିତି ଉପୁଜିଥିଲା ତାହାକୁ ଏଡ଼ାଇବାକୁ ସମସ୍ତ ପ୍ରକାର ପ୍ରସ୍ତୁତି ହେଉଛି। ଶିମିଳିପାଳ ଅଭୟାରଣ୍ୟକୁ ମହାବଳ ଆଣିବାକୁ ରାଜ୍ୟ ସରକାର ବହୁତ ସକାରାତ୍ମକ ରହିଛନ୍ତି। ତେବେ ବାସସ୍ଥାନ ଓ ବାଘ ଚୟନ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। "ଜୀନତ୍' କ୍ଷେତ୍ରରେ ବାସସ୍ଥାନ ଖାପଖୁଆଇବା ନେଇ ଯେଉଁଭଳି ସମସ୍ୟା ହୋଇଥିଲା ତ'ର ଯେପରି ପୁନରାବୃତ୍ତି ନ ହୁଏ ସେଥିପ୍ରତି ସତର୍କତା ଅବଲମ୍ବନ କରାଯାଇଛି। କ୍ଷେତ୍ରୀୟ ଅଧିକାରୀଙ୍କ ସହ ମଧ୍ୟ ଏନେଇ ବାରମ୍ବାର ଆଲୋଚନା ଚାଲିଛି। ପର୍ଯ୍ୟାୟକ୍ରମେ ମହାବଳ ଆସିବା ପରେ ଏନ୍‌କ୍ଲୋଜରରେ ୩ ମାସ ରଖାଯାଇ ଗତିବିଧି ଉପରେ ନଜର ରଖାଯିବ। ଶିମିଳିପାଳ ଅଭୟାରଣ୍ୟରେ ଖାପଖୁଆଇବା ପରେ ଯାଇ ବାହାରକୁ ଛଡ଼ାଯିବ। କେବଳ ଶିମିଳିପାଳ ନୁହେଁ, ଦେବ୍ରିଗଡ଼ ଅଭୟାରଣ୍ୟକୁ ମଧ୍ୟ ମହାବଳ ସ୍ଥାନାନ୍ତର କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ତେବେ ବର୍ଷା ସରିବା ପରେ ପ୍ରକ୍ରିୟା ଆଗେଇବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

ସକାଳ THE SAKALA



# ଥାନାରେ 'ଆମ ପୁଲିସ କାର୍ଯ୍ୟକ୍ରମ ଓ ନିଶାମୁକ୍ତ ଅଭିଯାନ'



କାକଟପୁର



ବଲଙ୍ଗା



ଚାରିଛକ

କାକଟପୁର,୧।୭ (ସମିସ): ସମାଜକୁ ନିଶାମୁକ୍ତ କରିବା ଏବଂ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟରେ କାକଟପୁର ଥାନା ପରିସରରେ 'ନିଶା ମୁକ୍ତ ଭାରତ ଅଭିଯାନ' ଅଧୀନରେ ଆମ ପୁଲିସ ସମିତି ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଥାନାଧିକାରୀ ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ସମସ୍ତ ପୁଲିସ କର୍ମଚାରୀ, ସ୍ଥାନୀୟ ବୁଦ୍ଧିଜୀବୀ, ରାଜନେତା, ସ୍ୱେଚ୍ଛାସେବୀ, ଗଣମାଧ୍ୟମ ପ୍ରତିନିଧିମାନେ ଏକତ୍ରିତ ହୋଇ ନିଶା ବିରୋଧରେ ଲଢ଼େଇ କରିବା ପାଇଁ ସାମୂହିକ ଶପଥ ଗ୍ରହଣ କରିଛନ୍ତି। ସମାଜରୁ ନିଶା କାରବାର ସମ୍ପୂର୍ଣ୍ଣ ବିଲୋପ ଏବଂ ଯୁବପିଢ଼ିକୁ ଏହି ସାମାଜିକ ବ୍ୟାଧିରୁ ରକ୍ଷା କରିବା ପାଇଁ ପୁଲିସ ପ୍ରଶାସନ ସର୍ବଦା ଚେଷ୍ଟିତ ବୋଲି ଥାନାଧିକାରୀ ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ। ନିଜେ ସମାଜର ଆଦର୍ଶ ସାଜି ଲୋକଙ୍କୁ ସଚେତନ କରିବା ଏହି ଶପଥପାଠର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାକଟପୁର ପୁଲିସର ଏହିଭଳି ପ୍ରଶଂସନୀୟ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ସାଧାରଣ ଜନତା ସ୍ୱାଗତ କରିବା ସହ ଏହା ନିଶାମୁକ୍ତ ସମାଜ ଗଠନ ଦିଗରେ ଏକ ସକାରାତ୍ମକ ବାର୍ତ୍ତା ଦେବ ବୋଲି ଆଶା ପ୍ରକଟ କରିଛନ୍ତି। ଏହି ପ୍ରରିପେକ୍ଷୀରେ ଉକ୍ତ କାର୍ଯ୍ୟକ୍ରମରେ କାକଟପୁର ଥାନାର ଏସ୍ଆଇ ଅମିତ୍ ପାଢ଼ୀ, ବବ୍ରୁବାହାନ ମହାନ୍ତି, କାକଟପୁର ସରପଞ୍ଚ ଅଭୟ ସେଠୀ, ଯୁବ ସମାଜସେବୀ ତଥା ପୁରୀ ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ଲୁଲୁ ଖୁଣ୍ଟିଆ, ସାମ୍ବାଦିକ ନୃସିଂହ ଚରଣ ବେହେରା, ପୂର୍ବତନ ସରପଞ୍ଚ ସୁକାନ୍ତ ନାୟକ, କାକଟପୁର ପଞ୍ଚାୟତ କଂଗ୍ରେସ ସଭାପତି ନଳିନୀକାନ୍ତ ଦୀକ୍ଷିତଙ୍କ ସମେତ ଥାନାର ସମସ୍ତ କର୍ମଚାରୀ, ସାଧାରଣ ଜନତା ଉପସ୍ଥିତ ଥିଲେ।

**ବଲଙ୍ଗା:** ନିଶାମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ବଲଙ୍ଗା ଥାନା ପକ୍ଷରୁ ଏକ ନିଶାମୁକ୍ତ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଥାନା ଅଧିକାରିଣୀ ସସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ଏସ୍ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ, ହାବିଲ୍ଦାର ବିଷ୍ଣୁଚରଣ ସ୍ୱାଇଁ, କନେଷ୍ଟବଳ ଓ ହୋମ୍ଗାର୍ଡମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ନିଶାଦ୍ରବ୍ୟ ସେବନର କୁପ୍ରଭାବ ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ନିଶାଠାରୁ ଦୂରେଇ ରହିବା, ସୁସ୍ଥ ଓ ସୁରକ୍ଷିତ ଜୀବନଶୈଳୀ ଅବଲମ୍ବନ କରିବା ସହ ସମାଜରେ ନିଶା ବିରୋଧୀ ସଚେତନତା ସୃଷ୍ଟି କରିବା ପାଇଁ ଆହ୍ୱାନ କରାଯାଇଥିଲା। ଏଭଳି ସଚେତନତା କାର୍ଯ୍ୟକ୍ରମ ଯୁବପିଢ଼ିଙ୍କୁ ନିଶା କବଳରୁ ରକ୍ଷା କରିବାରେ

## ସମସ୍ତ କର୍ମଚାରୀ ନେଲେ ଶପଥ

ସହାୟକ ହେବ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସମାଜକୁ ନିଶାର କୁପ୍ରଭାବ ସମ୍ପର୍କରେ ସଚେତନ କରିବା ଏବଂ ଏକ ସୁସ୍ଥ, ସୁରକ୍ଷିତ ଓ ନିଶାମୁକ୍ତ ସମାଜ ଗଠନରେ ସମସ୍ତଙ୍କ ସହଯୋଗ ଲାଭ କରିବା। ନିଶା କେବଳ ଜଣେ ବ୍ୟକ୍ତିଙ୍କୁ ନୁହେଁ, ଏହା ପରିବାର, ସମାଜ ଏବଂ ଓଡ଼ିଶାର ଭବିଷ୍ୟତକୁ ମଧ୍ୟ କ୍ଷତିଗ୍ରସ୍ତ କରିଥାଏ। ନିଶା ସେବନ ଫଳରେ ଅପରାଧ ବୃଦ୍ଧି ପାଏ, ସ୍ୱାସ୍ଥ୍ୟ ନଷ୍ଟ ହୁଏ ଏବଂ ପରିବାରରେ ଅଶାନ୍ତି ସୃଷ୍ଟି ହୁଏ। ପୁଲିସ ବିଭାଗ କେବଳ ଆଇନ ପ୍ରୟୋଗ କରେ ନାହିଁ, ବରଂ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ନିଶାମୁକ୍ତ ସମାଜ ଗଠନ ପାଇଁ ମଧ୍ୟ କାର୍ଯ୍ୟ କରୁଛି। ଯଦି କୌଣସି ସ୍ଥାନରେ ବେଆଇନ ନିଶାଦ୍ରବ୍ୟ କାରବାର କିମ୍ବା ଗଞ୍ଜେଇ ବେପାର ହେଉଛି ଆମକୁ ଜଣାନ୍ତୁ ବୋଲି ଥାନା ଅଧିକାରୀ ଶ୍ରୀ ସାହୁ କହିଛନ୍ତି।

**ଚାରିଛକ:** ପୁରୀ ଜିଲ୍ଲା ଚାରିଛକ ଥାନା ପରିସରରେ ଥାନା ଅଧିକାରୀ ଶୋଭରାଜ ପ୍ରିୟଦର୍ଶୀ ମହାନ୍ତିଙ୍କ ନେତୃତ୍ୱରେ 'ଆମ ପୁଲିସ କାର୍ଯ୍ୟକ୍ରମ ଓ ନିଶାମୁକ୍ତ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳରେ ବୃଦ୍ଧି ପାଉଥିବା ଅପରାଧ ଓ ନିଶା କାରବାର ଉପରେ ରୋକ୍ ଲଗାଇବା ସହ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ନିଶାମୁକ୍ତ ସମାଜ ଗଠନ ଉପରେ ଗୁରୁତ୍ୱ ଦେବା ସହ ଚାରିଛକ ଅଞ୍ଚଳରେ ବେଆଇନ ନିଶା କାରବାର ବୃଦ୍ଧି ପାଉଥିବାରୁ ଯୁବପିଢ଼ି ଏହାକୁ ସେବନ ବିପଥଗାମୀ ହେଉଛନ୍ତି। ଏହି ନିଶା ସେବନ ଯୋଗୁଁ ଅଞ୍ଚଳରେ ଚୋରି, ଗଣ୍ଡଗୋଳ ଓ ହତ୍ୟା ଭଳି ସଙ୍ଗୀନ ସମସ୍ୟା ସୃଷ୍ଟି ହେଉଛି, ଯାହାଦ୍ୱାରା ସାଧାରଣ ଲୋକେ ଅତିଷ୍ଠ ହୋଇପଡୁଛନ୍ତି। ଏହି ପରିପ୍ରେକ୍ଷୀରେ ଯୁବପିଢ଼ି କିଭଳି ନିଶା ସେବନଠାରୁ ଦୂରରେ ରହିବେ, ସେ ସମ୍ପର୍କରେ ଥାନା ଅଧିକାରୀ ଶ୍ରୀ ମହାନ୍ତି ଉପସ୍ଥିତ ଥିବା ସମସ୍ତ ଲୋକଙ୍କୁ ବୁଝାଇବା ସହ ପୁଲିସକୁ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚାରିଛକ ଥାନା ଅଧୀନରେ ଥିବା ବିଭିନ୍ନ ପଞ୍ଚାୟତରୁ ପ୍ରତିନିଧି ଓ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଅଭିମନ୍ୟୁ ପଣ୍ଡା, କୃଷ୍ଣଚନ୍ଦ୍ର ନାୟକ, ଦୁର୍ଯ୍ୟୋଧନ ମହାନ୍ତି, ସଞ୍ଜି ବାରିକ, ବ୍ରଜବନ୍ଧୁ ନାୟକ, କୈଳାସ କର, ଶିଶିର ନାୟକ, ଅଜୟ ପରିଡ଼ା, ଭକ୍ତବନ୍ଧୁ ବିଶ୍ୱାଳ, ଚାରିଛକ ପ୍ରେସ୍ କ୍ଲବ୍ ସଭାପତି ପ୍ରଫୁଲ୍ଲ କୁମାର କରଙ୍କ ସହିତ ଥାନା ଏଏସ୍ଆଇ ଇନ୍ଦୁଲତା ମିଶ୍ର, ସବିତା କୁମାରୀ ଦେବୀ, କନେଷ୍ଟବଳ ସଞ୍ଜୁ ପ୍ରସାଦ ନାୟକଙ୍କ ସମେତ ସମସ୍ତ କର୍ମଚାରୀ, ସ୍ଥାନୀୟ ରାଜନୈତିକ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

**ନିମାପଡ଼ା:** ନିମାପଡ଼ା ପୁଲିସ ପକ୍ଷରୁ ଥାନା ପରିସରରେ ବୁଧବାର ନିଶାମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ସମରେନ୍ଦ୍ର ପାଇକରାୟଙ୍କ ଦ୍ୱାରା ଆୟୋଜିତ ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମରେ ଥାନାର ସମସ୍ତ କର୍ମଚାରୀ ଓ ଅନେକ ସାଧାରଣ ଜନତା ଏକତ୍ରିତ ହୋଇ ନିଶାକୁ ନା ବୋଲି କହି ଶପଥପାଠ କରିଥିଲେ। ଆମେ ନିଶା ଖାଇବୁ ନାହିଁ କିମ୍ବା ଅନ୍ୟକୁ ନିଶା ଖାଇବାକୁ କହିବୁ ନାହିଁ। ଏହି ନିଶାସେବନ କରିବା ଫଳରେ ଅନେକ ମୂଲ୍ୟବାନ ଜୀବନ ଅକାଳରେ ଝଡ଼ି ପଡ଼ିବା ସହିତ ଅନେକ ସମୟରେ ନିଶା ସେବନ କରି ଯାନବାହନ ଚଳାଇ ଦୁର୍ଘଟଣାର ଶିକାର ହେବା ସହ ଅନେକ ଯୁବଗୋଷ୍ଠୀ ନିଶାସେବନ କରି ବିପଥଗାମୀ ହେଉଛନ୍ତି। ନିଶାସେବନ ନ କରିବା ପାଇଁ ବୁଧବାର ଏହି ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଏସ୍ଆଇ ଦିଲ୍ଲୀପ ପଣ୍ଡା, ଏସ୍ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି, ଏଏସ୍ଆଇ ଏଲ୍.କେ. ମହାନ୍ତି, ଚିନ୍ମୟ ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ନିମାପଡ଼ା

**ସାକ୍ଷୀଗୋପାଳ:** ସମାଜକୁ ନିଶାଦ୍ରବ୍ୟର କୁପ୍ରଭାବରୁ ରକ୍ଷା କରିବା ଏବଂ ଏକ ସୁସ୍ଥ, ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବୁଧବାର ସତ୍ୟବାଦୀ ଥାନା ପରିସରରେ ଦେଶବ୍ୟାପୀ ଚାଲିଥିବା ''ନିଶା ମୁକ୍ତ ଭାରତ' ଅଭିଯାନ ଅନ୍ତର୍ଗତ ଏକ ସଂକଳ୍ପ ପାଠ ଉତ୍ସବ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ବିଶେଷ କାର୍ଯ୍ୟକ୍ରମରେ ଏସ୍ଡିପିଓ ଦେବାଶିଷ ମିଶ୍ର ଓ ଆଇଆଇସି ସୌମ୍ୟରଞ୍ଜନ ମହାଲିକଙ୍କ ଉପସ୍ଥିତି ଏବଂ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ଉତ୍ସାହୀ ଯୁବକ ଏବଂ 'ଆମ ପୁଲିସ'ର ସଦସ୍ୟମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଉତ୍ସବରେ ଉପସ୍ଥିତ ସମସ୍ତ ଅଧିକାରୀ, ଯୁବପିଢ଼ି ଓ ସାଧାରଣ ଜନତା ନିଜେ ସମସ୍ତ ପ୍ରକାର ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରହିବା ସହ ସମାଜରୁ ଏହି ବ୍ୟାଧିକୁ ସମ୍ପୂର୍ଣ୍ଣ ରୂପେ ନିର୍ମୂଳ କରିବା ପାଇଁ ସାମୂହିକ ସଂକଳ୍ପପାଠ କରିଥିଲେ। ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ଏକ ସୁସ୍ଥ ଭାରତ ଗଠନ ଦିଗରେ ପୁଲିସ ଏବଂ ଜନସାଧାରଣଙ୍କ ମିଳିତ ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି ଏହି ଅବସରରେ ମତପ୍ରକାଶ ପାଇଥିଲା।



ସାକ୍ଷୀଗୋପାଳ

## କଣାସରେ ଜାତୀୟ ଡାକ୍ତର ଦିବସ ସମାରୋହ



କଣାସ,୧।୭ (ସମିସ): ବୁଧବାର କଣାସ ବ୍ଲକ୍‌ର ସିରେଇ ଗ୍ରାମ ପଞ୍ଚାୟତର ସିରେଇ ଗ୍ରାମରେ ପ୍ରତିଷ୍ଠିତ ବିଶ୍ୱନାଥ ସ୍ମୃତି ବିଦ୍ୟାନିକେତନର ସ୍କାଉଟ୍ସ ଗାଇଡ୍ସ କବ୍ ବୁଲ୍‌ବୁଲ୍ ଓ ରୋଭର ରେଞ୍ଜରମାନେ ଏକତ୍ରିତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଡାକ୍ତରଖାନା ପରିସର ସଫେଇ କରିଥିଲେ। ଏକ ଶୋଭାଯାତ୍ରାରେ ସାମୂହିକ ସ୍ୱାସ୍ଥ୍ୟ କେନ୍ଦ୍ର କଣାସ ମେଡିକାଲ ଅଧୀକ୍ଷକ ଡାକ୍ତର ଏବଂ କର୍ମଚାରୀମାନଙ୍କୁ ରୋଗୀ ସେବାରେ ୨୪ ଘଣ୍ଟାର ସୁରକ୍ଷାକାରୀ ଭାବେ ସେମାନଙ୍କ ଉତ୍ସର୍ଗୀକୃତ ସାଧନା ଓ ମନୋଭାବ ପ୍ରତି ମେଡିକାଲ ପରିସରରେ ସେମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ବିବେକ ଅନୁରାଗ ଆଜିର ଜାତୀୟ ଡାକ୍ତର ଦିବସର ଅନୁଚିନ୍ତା କ୍ରମେ ସ୍ୱର୍ଗୀୟ ବିଧାନ ଚନ୍ଦ୍ର ରାୟଙ୍କ ଅପୂର୍ବ ସ୍ମୃତିଚାରଣ କରିଥିଲେ। ଡାକ୍ତର ବିଶ୍ୱ ରଞ୍ଜନ ଜେନା ସେବାର ମହତ୍ତ୍ୱ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ମେଡିକାଲ ବିପିଏମ୍ ଧନେଶ୍ୱର ସ୍ୱାଇଁ ସୂଚନା ଦେଇଥିଲେ ବିଶ୍ୱର ପ୍ରାପ୍ତିର ଅନ୍ୟାନ୍ୟ ମାର୍ଗ ସେବା ସଚେତନତା ଆମେ ଜନସାଧାରଣଙ୍କ ସହଯୋଗ ଓ ଈଶ୍ୱରଙ୍କ ଆଶୀର୍ବାଦ କାମନା କରୁଛୁ। ଜନମଙ୍ଗଳ କ୍ଲବ୍‌ର ସମ୍ପାଦକ ସମାଜସେବୀ ସୁକାନ୍ତ କିଶୋର ସାମନ୍ତରାୟ ଏଥିରେ ସହଯୋଗ କରିଥିଲେ। ବିଶ୍ୱନାଥ ସ୍ମୃତି ବିଦ୍ୟାନିକେତନର ଗାଇଡ୍ କ୍ୟାପ୍ଟେନ ସଂଯୁକ୍ତା କୁମାରୀ ଜେନା ମିଷ୍ଟାନ୍ନ ବଣ୍ଟନ କରିଥିଲେ।

## ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



କଣାସ,୧।୭ (ସମିସ): କଣାସ ବ୍ଲକ୍ କଣାସ ଗ୍ରାମପଞ୍ଚାୟତର କଣାସ ଗ୍ରାମରେ ପ୍ରତିଷ୍ଠିତ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଅର୍ଚ୍ଚନା ପୁରୋହିତ ଓ ବିଜ୍ଞାନ ସହାୟକ ବିଶ୍ୱ ରଞ୍ଜନ ଭୋଳଙ୍କ ସେବା ନିବୃତ୍ତି ଉପଲକ୍ଷେ ବୁଧବାର ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶିକ୍ଷାବିତ୍ ବିଭୂତିଭୂଷଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଦ୍ୟାଳୟର ପ୍ରତିଷ୍ଠାତା ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ, ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦ୍ଦେବ, ବାଦଲପୁର ମଠ ମହନ୍ତ ସନାତନ ଦାସ ମହାରାଜ, ବରିଷ୍ଠ ସାମ୍ବାଦିକ ପ୍ରଶନ୍ନ କୁମାର ତ୍ରିପାଠୀ, ବରିଷ୍ଠ ବିଜେପି ନେତା କୃଷ୍ଣ ଚନ୍ଦ୍ର ଜଗଦ୍ଦେବ, କଣାସ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଲୋଚନା ମହାପାତ୍ର, କଣାସର 'ଓଷ୍ଟା' ସଭାପତି ଚକ୍ରଧର ମହାପାତ୍ର, ସମ୍ପାଦକ ପୀତବାସ ପ୍ରଧାନ, ଶିକ୍ଷାବିତ୍ ପରୀକ୍ଷିତ ବଡ଼ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅବସର ନେଉଥିବା ଶିକ୍ଷୟିତ୍ରୀ ଓ କର୍ମଚାରୀ ସମ୍ପର୍କରେ ଅନେକ ସୂଚନା ଦେଇଥିଲେ। ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ଉପଢ଼ୌକନ, ପୁଷ୍ପଗୁଚ୍ଛ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ନାଗା ନୃତ୍ୟରେ କମ୍ପିଲା ରୂପଦେଇପୁର





ବଲଙ୍ଗା,୧।୭ (ସମିସ): ବଲଙ୍ଗା ଥାନା ଅନ୍ତର୍ଗତ ରୂପଦେଇପୁର ପଞ୍ଚାୟତ ତଥା ଗ୍ରାମସ୍ଥ ଶ୍ରୀଜିଉଙ୍କ ତିନି ଦିନ ବ୍ୟାପୀ ଚାଲିଥିବା ସ୍ନାନ ଯାତ୍ରା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ନାଗାନୃତ୍ୟ ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ହୋଇଥିଲା। ତତ୍କାଳୀନ ସମୟରେ ମଠ, ମନ୍ଦିର, ଠାକୁରଙ୍କୁ ଶତ୍ରୁ କବଳରୁ ରକ୍ଷା କରିବା ନିମନ୍ତେ ଶକ୍ତିଶାଳୀ ନାଗା ଗୋଷ୍ଠୀ ଦାୟିତ୍ୱ ନେଇଥିଲେ। ସେମାନଙ୍କ ବୀରତ୍ୱର ପରାକାଷ୍ଠା ବଞ୍ଚାଇ ରଖିବା ପାଇଁ ପାରମ୍ପରିକ ନାଗା ନୃତ୍ୟ ଅନୁଷ୍ଠିତ ହେଉଛି। ପ୍ରାୟ ୫୦ କେଜି ଚାନ୍ଦି ରୁପାରେ ନିର୍ମିତ କାରୁକାର୍ଯ୍ୟ ମନ୍ଦିର, ମୟୁର, ଘୋଡ଼ା, ତୋରଣ, ବିଭିନ୍ନ ପଶୁପକ୍ଷୀ ଆଦି ନାଗା ମୁଣ୍ଡ ତଥା ହାଣ୍ଡିଆରେ ଖଞ୍ଜା ହୋଇଥାଏ। ପକ୍ଷୀ ଭଳି ତାଟରେ ନମୁନା ସ୍ୱରୂପ ବିଭିନ୍ନ ଅସ୍ତ୍ରଶସ୍ତ୍ର ଲାଗିଥାଏ। ବୀର ବାଦ୍ୟର ତାଳେ ତାଳେ ସେମାନେ ନୃତ୍ୟ କରିଥା'ନ୍ତି। ତତ୍‌ସହିତ ପୌରାଣିକ କିମ୍ବଦନ୍ତୀ ଆଧାରରେ ରାବଣ, ଦୁର୍ଗା, କଂସ ବଧ, ଶ୍ରୀନୃସିଂହ, ପର୍ଶୁରାମ ପ୍ରଭୃତି ନୃତ୍ୟ ତଥା ବିଭିନ୍ନ ସାହିଯାତ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଗ୍ରାମରେ ଜାଗାଘର ପକ୍ଷରୁ ହାରାହାରି ୨୦ରୁ ଊର୍ଦ୍ଧ୍ୱ ନାଗା ନୃତ୍ୟ କରିଥିଲେ। ଜଗନ୍ନାଥ ସମ୍ମୁଖ ମଣ୍ଡପରେ ନାଗା, ପାରମ୍ପରିକ ନୃତ୍ୟ, ସାହି ଯାତରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ଶାଢ଼ି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ନାଗାନୃତ୍ୟ ମହୋତ୍ସବ ସରସ ସୁନ୍ଦର ନିମନ୍ତେ ଗୋପବନ୍ଧୁ ଯୁବ ବିକାଶ ପରିଷଦ ଉଦ୍ୟମ ଜାରି ରଖିଥିଲେ। ଚଳିତ ବର୍ଷ ମହା ଆଡ଼ମ୍ବରରେ ଉତ୍ସବ ପାଳନ ହୋଇଥିବାବେଳେ ଶାନ୍ତିଶୃଙ୍ଖଳା ନିମନ୍ତେ ମନ୍ଦିର ଟ୍ରଷ୍ଟି ମୁଖ୍ୟ ନବକିଶୋର ମିଶ୍ର, ପରିଚାଳନା କମିଟିର ପ୍ରମୋଦ କୁମାର ମିଶ୍ର, ବ୍ରଜ କିଶୋର ମିଶ୍ର, ପ୍ରତାପ କୁମାର ମିଶ୍ର, ଗ୍ରାମବାସୀ, ବଲଙ୍ଗା ଥାନା ଅଧିକାରୀ ସହଯୋଗ କରିଥିଲେ।

## ମାଆ, ବାପା, ସ୍ତ୍ରୀଙ୍କୁ ମାଡ଼ମାରି ଗିରଫ

ଡେଲାଙ୍ଗ,୧।୭ (ସମିସ): ଡେଲାଙ୍ଗ ଥାନା ଅନ୍ତର୍ଗତ ବୋଲକଣା ଗ୍ରାମରେ ସ୍ତ୍ରୀଙ୍କୁ ଆକ୍ରମଣ କରି ସ୍ୱାମୀ ଜେଲ୍ ଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ମିଳିଥିବା ସୂଚନା ମୁତାବକ, ସ୍ତ୍ରୀ ସଙ୍ଗୀତା ମଲ୍ଲିକ ଘରେ ଥିବାବେଳେ ରାତି ୯ ଟାରେ ସ୍ୱାମୀ ପ୍ରଦୀପ ହାତରେ କଟୁରୀ ଧରି ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ସେହି ଆକ୍ରମଣରେ ସଙ୍ଗୀତାଙ୍କ ପିଠି ଓ ଆଙ୍ଗୁଠିରେ ଆଘାତ ଲାଗିଛି। ସ୍ତ୍ରୀଙ୍କୁ ମାଡ଼ମାରି ପ୍ରଦୀପ ବାପା ଓ ମାଆଙ୍କୁ ମଧ୍ୟ ମାଡ଼ ମାରିଥିବା ସହ ବାରମ୍ବାର ଘରେ ଝଗଡ଼ା କରି ଜୀବନରେ ମାରିଦେବା ଧମକ ଦେଉଥିବା ନେଇ ସଙ୍ଗୀତା ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିଥିଲା। ସ୍ୱାମୀ ପ୍ରଦୀପ ଜେନାକୁ ପୁଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତର ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ନେଇ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

## କଣ୍ଟି ଗ୍ରାମରେ ବେଆଇନ ହମ୍ପ୍‌ସ; ୩ ଆହତ

ନୟାହାଟ,୧।୭ (ସମିସ): ରାସ୍ତାରେ ହମ୍ପ୍‌ସ ନିର୍ମାଣ କରିବା ପୂର୍ବରୁ ପୁରୀ ଉପଜିଲ୍ଲାପାଳଙ୍କ ଅନୁମତି ଦରକାର। କିନ୍ତୁ କେତେକ ବ୍ୟକ୍ତି ଉପଜିଲ୍ଲାପାଳଙ୍କ ବିନା ଅନୁମତିରେ ଗାଁ ଗହଳି ରାସ୍ତାରେ ହମ୍ପ୍‌ସ ନିର୍ମାଣ କରିବା ଫଳରେ ଅଜଣା ବ୍ୟକ୍ତି ଜାଣି ନ ପାରି ହମ୍ପ୍‌ସରେ ପଡ଼ି ଆହତ ହେଉଛନ୍ତି। ପ୍ରକାଶ ଯେ, ପଲ୍ଲୀ ଛକରୁ କରମଳା ଯିବା ବାଟରେ କଣ୍ଟି ଗାଁ ଭିତରେ ଠାକୁରଙ୍କ ମନ୍ଦିର ପାର୍ଶ୍ୱରେ ବେଆଇନ ଭାବେ ଉଚ୍ଚତାପୂର୍ଣ୍ଣ ହମ୍ପ୍‌ସ ନିର୍ମାଣ କରାଯାଇ କୌଣସି ସିମ୍ବଲ କିମ୍ବା ଧଳାଗାର ରାସ୍ତାରେ ଦିଆଯାଇନାହିଁ। ଯାହାଫଳରେ ବାଇକ୍ ଚାଳକ ପଡୁଛନ୍ତି। ମାଲ୍‌ବୋଝେଇ ଗାଡ଼ି, ଅଟୋଗୁଡ଼ିକର ପତି, ସକପ୍‌ଚର୍ ଭାଙ୍ଗି କ୍ଷତିଗ୍ରସ୍ତ ହେଉଛି। ଗତ ମଙ୍ଗଳବାର ରାତିରେ ବାଇକ୍‌ରୁ ପଡ଼ି ଗଡ଼କରମଳା ଓ ଗୋଠଚଉକା ଗ୍ରାମର ୩ ଜଣ ବ୍ୟକ୍ତି ପଡ଼ି ଆହତ ହୋଇଛନ୍ତି। ଏହି ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବାବେଳେ ଉକ୍ତ ବେଆଇନ ହମ୍ପ୍‌ସଟିକୁ ଭାଙ୍ଗିବାକୁ ସାଧାରଣରେ ଦାବି ହେଉଛି।

## ଦାଣ୍ଡମୁକୁନ୍ଦପୁରର ପ୍ରସିଦ୍ଧ 'ବାଣଯାତ୍ରା ମହୋତ୍ସବ'

ପିପିଲି,୧।୭ (ସମିସ): ଶ୍ରୀଗୋପାଳଜୀଙ୍କ ଅପାର କରୁଣାରୁ ବାଣଯାତ୍ରାର ସଫଳ ସମାପନ ଉପଲକ୍ଷେ ସାଲବେଗ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଦାଣ୍ଡମୁକୁନ୍ଦପୁର ବଜାରଠାରେ ଏକ ଭବ୍ୟ 'ବାଣଯାତ୍ରା ମହୋତ୍ସବ' ଓ ସାଂସ୍କୃତିକ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ଲେଖକ ଓ ସ୍ତମ୍ଭକାର ଅର୍ଜୁନ ଘଡ଼ାଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ବାଣଯାତ୍ରାର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ, ଶ୍ରୀଜଗନ୍ନାଥ ସଂସ୍କୃତିର ମହିମା ଓ ଆମର ପ୍ରାଚୀନ ପରମ୍ପରାର ସୁରକ୍ଷା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ସତ୍ୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଓ ସୁଦର୍ଶନ ମିଶ୍ର ବକ୍ତା ଭାବେ ଉପସ୍ଥିତ ରହି ମତାମତ ରଖିଥିଲେ। ସମଗ୍ର କାର୍ଯ୍ୟକ୍ରମର ସଫଳ ରୂପାୟଣ ସଂସଦର ମୁଖ୍ୟ ସଂଯୋଜକ ପ୍ରକାଶ ମିଶ୍ର କରିଥିଲେ। ଏହି ଅବସରରେ ସଙ୍ଗୀତ, ଅଭିନୟ, ନାଟ୍ୟ, ନୃତ୍ୟ ଓ ବିଭିନ୍ନ ସାଂସ୍କୃତିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା କଳାକାର, ଅଭିନେତା, ସଂସ୍କୃତି ସାଧକ ଓ ସମାଜସେବୀଙ୍କୁ ସମ୍ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ ଭଜନ, ପୁରାତନ ଓଡ଼ିଆ ସଙ୍ଗୀତ ଏବଂ ଆଧୁନିକ ଗୀତର ଏକ ମନୋରମ ମେଲୋଡ଼ି ପରିବେଷଣ କରାଯାଇଥିଲା। ଭୁବନେଶ୍ୱର, ପୁରୀ ଓ କଟକରୁ ଆସିଥିବା କଣ୍ଠଶିଳ୍ପୀଙ୍କ ସହ ସ୍ଥାନୀୟ କଳାକାର ମଧ୍ୟ ନିଜର ସୁମଧୁର ପରିବେଷଣ ମାଧ୍ୟମରେ ଦର୍ଶକଙ୍କ ମନ ଜିଣିଥିଲେ। ଦୀର୍ଘ ସମୟ ଧରି ଚାଲିଥିବା ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ଭକ୍ତି, ସଙ୍ଗୀତ ଓ ସଂସ୍କୃତିର ଏକ ଅବିସ୍ମରଣୀୟ ଅନୁଭୂତି ପ୍ରଦାନ କରିଥିଲା। ଆୟୋଜକମାନେ ସମସ୍ତ ଅତିଥି, କଳାକାର, ସହଯୋଗୀ ଓ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଥିଲେ।




## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କୁଣ୍ଢେଇ,୧।୭ (ସମିସ): ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ବାଘମୁଣ୍ଡା ଗ୍ରାମ ମଧୁସୂଦନ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ମହାରଣାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁବାସିନୀ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କିଶୋର ପୃଷ୍ଟି, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ଶିକ୍ଷକ କପିଳେନ୍ଦ୍ର ନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ରାଜେନ୍ଦ୍ର ମିଶ୍ର, ସକିଲଅଲ୍ଲି ଖାନ୍, ଚନ୍ଦ୍ରଶେଖର ସ୍ୱାଇଁ, ରାଖାଲ ଚନ୍ଦ୍ର ବିଶ୍ୱାଳ, ସୁନିଲ ଶତପଥି, ବାଦଲ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଏବଂ ପୁରାତନ ଛାତ୍ରମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



ଗମ୍ଭାରୀପଦା,୧।୭ (ସମିସ): କାକଟପୁର ମଣ୍ଡଳ ଶିକ୍ଷା ବିଭାଗ ଅନ୍ତର୍ଗତ କଣ୍ଟାପଡ଼ା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଗମ୍ଭାରୀପଦାର ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ଦାଶଙ୍କ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଶିକ୍ଷୟିତ୍ରୀ ପୁଷ୍ପବାଳା ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ସ୍ୱାଇଁ, ମୁଖ୍ୟବକ୍ତା ବିଡିଏ ବଣ୍ଟନ ଅଧିକାରୀ ପ୍ରଭାତ କୁମାର ତରାଇ, ସମ୍ମାନିତ ଅତିଥିବୃନ୍ଦ, ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ମନ୍ଦରଧର ମହାନ୍ତି, ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, ଅତିରିକ୍ତ ଶିକ୍ଷାଧିକାରୀ ବଂଶୀଧର ମଲ୍ଲିକ, ସହ ଶିକ୍ଷାଧିକାରୀ ମଲ୍ଲିକ ଜାକିର ହୁସେନ, ବରୁଣେଇ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ରଥ, ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅକ୍ଷୟ କୁମାର ଖୁଣ୍ଟିଆ, ସଭାପତି ଆଲୁମ୍‌ନି ବିଶ୍ୱଜିତ୍ ଦାଶ, ପରିଚାଳନା କମିଟି ସଭାପତି ମାନସ ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଗମ୍ଭାରୀପଦା ଭଳି ତତ୍କାଳୀନ ସମୟରେ ଶିକ୍ଷାକ୍ଷେତ୍ରରେ ଅନୁନ୍ନତ ଗ୍ରାମ୍ୟ ପରିବେଶରେ ଏକ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ଏବଂ ଶିକ୍ଷାକ୍ଷେତ୍ରରେ ଅବସର ଗ୍ରହଣ କରୁଥିବା ପ୍ରଧାନଶିକ୍ଷକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସ୍କୁଲର ବିଦ୍ୟାର୍ଥୀଙ୍କ ଦ୍ୱାରା ବିଦାୟକାଳୀନ ନାଟକ ପରିବେଷଣ କରାଯାଇଥିଲା। ଶେଷରେ ଉପଢୌକନ ସହ ଏକ ସୁସଜ୍ଜିତ ଗାଡ଼ିରେ ସାର୍‌ଙ୍କୁ ନୀଳକଣ୍ଠପୁରସ୍ଥ ନିଜ ଗୃହକୁ ପାଛୋଟି ନେଇଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସତ୍ୟବାଦୀରେ ହାକାଥନ୍ ୩.୦

ସାକ୍ଷୀଗୋପାଳ,୧।୭ (ସମିସ)

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସତ୍ୟବାଦୀ, ପୁରୀଠାରେ 'ଓଡ଼ିଆପ୍ରିନିଓର୍ ହାକାଥନ ୩.୦'ର ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ବୁଧବାର ଆଡ଼ମ୍ବର ସହକାରେ ଆୟୋଜିତ ହୋଇଯାଇଛି। ୟୁନିସେଫ୍ ଓ ଆଇଆଇଟି ଭୁବନେଶ୍ୱର ସହଯୋଗରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ପୁରୀ ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଏହି ହାକାଥନ ୩.୦ରେ ଜିଲ୍ଲାର ସମସ୍ତ ୧୧ଟି ବ୍ଲକ୍‌ର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଉଦ୍ଭାବନ ଏବଂ ଔଦ୍ୟୋଗିକ ବିଚାର ପ୍ରଦର୍ଶନ ପାଇଁ ଏକ ମଞ୍ଚ ପ୍ରଦାନ କରିଛି। ଏହି କାର୍ଯ୍ୟକ୍ରମରେ ଓଏଭି ସତ୍ୟବାଦୀର ଅଧ୍ୟକ୍ଷ ବିଶ୍ୱନାଥ ପାଢ଼ୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମାରୋହରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ, ବ୍ଲକ୍ ଶିକ୍ଷା ଅଧିକାରୀ କୈଳାଶ ଚନ୍ଦ୍ର ପାଢ଼ୀ, ଜିଲ୍ଲା ବିଜ୍ଞାନ ସୁପରଭାଇଜର ଉମାକାନ୍ତ ମିଶ୍ର, ଜିଲ୍ଲା ପଞ୍ଚସଖା ଶିକ୍ଷାସେତୁ ସଂଯୋଜକ ସନ୍ତୋଷ ଚୌଧୁରୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତା ପାଇଁ ଗଠିତ ବିଚାରକ ମଣ୍ଡଳୀରେ ଆଇଆଇଟି ଭୁବନେଶ୍ୱରର ଶକ୍ତି ସ୍ୱରୂପ ପତି, ଏସ୍‌ସିଏସ୍ କଲେଜର ପଦାର୍ଥ ବିଜ୍ଞାନ ସହକାରୀ ପ୍ରଫେସର ପ୍ରଶାନ୍ତ କୁମାର ମହାନ୍ତି ଏବଂ ସତ୍ୟବାଦୀ ଓଏଭି ଶିକ୍ଷକ ଜ୍ୟୋତି ରଞ୍ଜନ ସାହୁ ଯୋଗଦେଇ ପ୍ରତିଯୋଗୀଙ୍କ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ।

ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରକଳ୍ପ ମଧ୍ୟରେ ବାଣୀଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୁଆଁରପୁରର ବିଶ୍ୱଜିତ୍ ବିଶ୍ୱାଳ ଏବଂ ଅଂଶୁମାନ ଦାଶଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରି ୨୦ହଜାର ଟଙ୍କା, ଓଏଭି ସିପସରୁବାଲିର ଛାତ୍ରୀ ଆଦ୍ୟାଶା ପାହାଳ, ଜାଗୃତିକା ପ୍ରିୟଦର୍ଶିନୀଙ୍କ ପ୍ରକଳ୍ପ ଦ୍ୱିତୀୟ ସ୍ଥାନ ଅଧିକାର କରି ୧୫ହଜାର ଟଙ୍କା ଏବଂ ସାମନ୍ତ ଚନ୍ଦ୍ରଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଆଶିଷ ଷଡ଼ଙ୍ଗୀଙ୍କ ପ୍ରକଳ୍ପ ତୃତୀୟ ସ୍ଥାନ ଅଧିକାର କରି ୧୦ହଜାର ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଥିଲେ।

ସତ୍ୟବାଦୀ ଓଏଭିର ଶିକ୍ଷୟିତ୍ରୀ ଦେବୀପ୍ରଭା ଦାସ ସଭା ପରିଚାଳନା କରିଥିବାବେଳେ ପ୍ରୀତିସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ସଫଳତା ପାଇଁ ଓଏଭି ସତ୍ୟବାଦୀର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



# ଶ୍ରୀକ୍ଷେତ୍ର ସିଟି

୧/୭/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧,୦୮,୯୮୬/- ସୁନା:୦୩.୩୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍



## ଏନ୍‌ଜିଟି ନିର୍ଦ୍ଦେଶକୁ ନାଳିଆଖି
# ଅବଧି ପୂରିଲା; ହଟିଲାନି ଆବର୍ଜନା ପାହାଡ଼





ପୁରୀ,୧।୭ (ସମିସ)

ଦୁଇବର୍ଷ ଭିତରେ ବଳିଆପଣ୍ଡାରୁ ହଟିବ ଅଳିଆ ଗଦା। ୨୦୨୩ ଜୁଲାଇ ମାସରେ ନ୍ୟାସ୍‌ନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଏହି ରାୟ ଦେଇଥିଲେ। ପ୍ରଦୂଷଣ ମାତ୍ରା ବଢ଼ାଉଥିବା ପାହାଡ଼ ଉଚ୍ଚର ଅଳିଆ ଗଦାକୁ ଦୁଇବର୍ଷ ଭିତରେ ସବୁଦିନ ପାଇଁ ହଟାଇବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। ଏହି ରାୟ ପରେ ଦୀର୍ଘବର୍ଷ ଧରି ଦୁର୍ଗନ୍ଧ ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ ଅତିଷ୍ଠ ହୋଇପଡ଼ିଥିବା ଆଖପାଖ ଅଞ୍ଚଳବାସୀ ଏହି ସମସ୍ୟାରୁ ନିସ୍ତାର ପାଇବେ ବୋଲି ଆଶା ରଖି ଖୁସି ହୋଇଥିଲେ। ହେଲେ ସେମାନଙ୍କ ଖୁସିର ଭାଗ୍ୟ ଉଦୟ ହେଲା ନାହିଁ। ଦୀର୍ଘ ୩୫ ବର୍ଷ ହେବ ପାହାଡ଼ ଭଳି ଗଦା ହୋଇ ରହିଛି ଅଳିଆ। ଦୁର୍ଗନ୍ଧମୟ ପରିବେଶରେ ଛଟପଟ ହେଉଛନ୍ତି ବଳିଆପଣ୍ଡା ବାସିନ୍ଦା। ଏନ୍‌ଜିଟି ଦେଇଥିବା ସମୟ ଅବଧି ପୂରିଗଲାଣି, ହେଲେ ଏ ଯାଏ ହଟିଲାନି ଅଳିଆ ପାହାଡ଼। ଏବେ ବି ଦୁର୍ଗନ୍ଧରେ ଅତିଷ୍ଠ ହୋଇପଡୁଛନ୍ତି ଅଞ୍ଚଳବାସୀ।

୧୯୮୨ ମସିହାରୁ ବଳିଆପଣ୍ଡା ଡମ୍ପିଂୟାର୍ଡ ରହିଛି। ୮ ଏକର ପରିମିତ ଜାଗାରେ ଆବର୍ଜନା ଗଦା ହୋଇ ରହିଥିଲା। ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିବାରୁ ଏନ୍‌ଜିଟିରେ ଏନେଇ ଏକ ଅଭିଯୋଗ ହୋଇଥିଲା। ଏହାକୁ ଶୁଣାଣି କରି ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ ୨୦୨୫ ଡିସେମ୍ବର ୩୧ ସୁଦ୍ଧା ବଳିଆପଣ୍ଡା ଡମ୍ପିଂୟାର୍ଡରୁ ସମ୍ପୂର୍ଣ୍ଣ ଅଳିଆ ହଟାଇବା ପାଇଁ। କିନ୍ତୁ ଆଜି ପର୍ଯ୍ୟନ୍ତ ଏହି କାର୍ଯ୍ୟ ଶେଷ ହୋଇପାରିନାହିଁ, ଯାହାକୁ ନେଇ ସହରବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ପୁରୀ ମହାନଗର ନିଗମର ମାନ୍ୟତା ପାଇଛି। ହେଲେ ଦୈନିକ ସହରରୁ ବାହାରୁଥିବା ଆବର୍ଜନା ପରିଚାଳନା କରିବା ପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ ହୋଇପାରି ନାହିଁ। ସହରରୁ ଦୈନିକ ବହାରୁଥିବା ୮୦ ଟନ୍ ଆବର୍ଜନାକୁ ୧୦ଟି ଏମ୍‌ସିସି ଏବଂ ୬ଟି ଏମ୍‌ଆର୍‌ଏଫ୍ ଜରିଆରେ ପରିଚାଳନା କରାଯାଉଛି। ତଥାପି କିଛି ଆବର୍ଜନା ବଳିଆପଣ୍ଡା ଡମ୍ପିଂୟାର୍ଡରେ ପକାଯାଉଛି। ଦୀର୍ଘ ୩୫ ବର୍ଷ ହେବ ଗୌଡ଼ବାଡ଼ ସାହି ପଛପଟେ ଏକ ଡମ୍ପିଂୟାର୍ଡ କରିଥିଲା ତତ୍କାଳୀନ ପୌରସଂସ୍ଥା। ଦୀର୍ଘ ବର୍ଷ ହେବ ଏହି ଅଳିଆକୁ ରିସାଇକ୍ଲିଂ ଅବା ଉପଯୁକ୍ତ ଉପାୟରେ ନଷ୍ଟ କରା ନ ଯିବା ଯୋଗୁଁ ବର୍ଜ୍ୟବସ୍ତୁଗୁଡ଼ିକ ଜମି ପାହାଡ଼ ଭଳି ହୋଇଯାଇଛି। ଚାରିଆଡ଼େ ଜମିଛି କୁଢ଼କୁଢ଼ ଅଳିଆ ଆବର୍ଜନା। ଦୁର୍ଗନ୍ଧରେ ନାକ ଫାଟି ଯାଉଛି। ଖୋଲାମେଲାରେ ପଡୁଛି ବିବିଧ ବର୍ଜ୍ୟବସ୍ତୁ। ଏଭଳି ପରିବେଶ ଭିତରେ ପାଠ ପଢୁଛନ୍ତି କୁନିକୁନି ପିଲା। ବଳିଆପଣ୍ଡା ଅଞ୍ଚଳରେ ବସ୍ତି ସଂଖ୍ୟା ବି ବଢ଼ିଗଲାଣି। ଆଉ ତାଳ ଦେଇ ବଢୁଛି ଅଳିଆ ପାହାଡ଼। ନା ଅଛି କୌଣସି ଆବଦ୍ଧ ପାଚେରି ନା ହେଉଛି ବାୟୋ ମାଇନିଂ। ଏନ୍‌ଜିଟିଙ୍କ ନିର୍ଦ୍ଦେଶର ଏଠି ହେଉଛି ଖୋଲା ଉଲ୍ଲଂଘନ। ସବୁଠୁ ବଡ଼ ଉଦ୍‌ବେଗର ବିଷୟ ହେଉଛି ମଝିରେ ମଝିରେ ଅଳିଆ ଗଦାରେ ନିଆଁ ଲାଗିଯିବାରୁ ଧୂଆଁମୟ ହୋଇ ସ୍ୱର୍ଗଦ୍ୱାର, ଗୌଡ଼ବାଡ଼ ସାହି ଓ ବଳିଆପଣ୍ଡା ଆଦି ଅଞ୍ଚଳର ଲୋକମାନେ କଲବଲ ହେଉଛନ୍ତି। ଏଥିଯୋଗୁଁ ବିଭିନ୍ନ ରୋଗରେ ଏଠାକାର ବାସିନ୍ଦାମାନେ ଆକ୍ରାନ୍ତ ହେଉଥିବା ଅଭିଯୋଗ କରିଆସୁଛନ୍ତି।

ଅନ୍ୟପକ୍ଷରେ ପୁରୀ ପାଇଛି ମହାନଗର ନିଗମର ମାନ୍ୟତା। ହେଲେ ଆବର୍ଜନା ପରିଚାଳନାକୁ ନେଇ ଚିନ୍ତା ବଢ଼ିଛି। ତେଣୁ ଏହାକୁ ଦୃଷ୍ଟିରେ ରଖାଯାଇ ପୁରୀରେ ଏକ ବାୟୋଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା ହେବାକୁ ନିଷ୍ପତ୍ତି ହୋଇଛି। ଏହି ପ୍ଲାଣ୍ଟକୁ ଅଏଲ୍ ଇଣ୍ଡିଆ ନିର୍ମାଣ କରିବ। ରାଜ୍ୟ ସରକାର ଏନେଇ ଅନୁମତି ପ୍ରଦାନ କରିଛନ୍ତି। ଗୋପ ପଞ୍ଚାୟତର ନଳିହଣା ଗ୍ରାମ ନିକଟରେ ଏହି ବାୟୋଗ୍ୟାସ୍ ପ୍ଲାଣ୍ଟ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରାଯାଇଛି। ପୁରୀ ଓ କୋଣାର୍କ ଏନ୍‌ଏସିରୁ ବାହାରୁଥିବା ଓଦା ବର୍ଜ୍ୟବସ୍ତୁରୁ ବାୟୋଗ୍ୟାସ୍ ପ୍ରସ୍ତୁତ ହେବ। ଏହି ପ୍ଲାଣ୍ଟ ଦୈନିକ ୧୦୦ ଟନ୍ ଆବର୍ଜନା ପରିଚାଳନା କରିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପକୁ ସହରବାସୀ ସ୍ୱାଗତ କରିଛନ୍ତି। କିନ୍ତୁ ଏନ୍‌ଜିଟି ଦେଇଥିବା ରାୟକୁ ଅଣଦେଖା କରାଯିବାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବୁଦ୍ଧିଜୀବୀ। ଦୀର୍ଘ ବର୍ଷ ହେବ ବଳିଆପଣ୍ଡା ଡମ୍ପିଂୟାର୍ଡ ଯୋଗୁଁ ସ୍ଥାନୀୟ ଲୋକେ କଲବଲ ହେଉଛନ୍ତି। ଏ ନେଇ ପ୍ରଶାସନ ନିକଟରେ ଏକାଧିକଥର ଗୁହାରି ଜଣାଇଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ଏହାର ସମାଧାନ ହୋଇପାରିନାହିଁ। ଏନ୍‌ଜିଟିଙ୍କ ନିର୍ଦ୍ଦେଶକୁ ଏକପ୍ରକାର ନାଳିଆଖି ଦେଖାଇଛି ପ୍ରଶାସନ। ତୁରନ୍ତ ବଳିଆପଣ୍ଡା ଡମ୍ପିଂୟାର୍ଡରୁ ଅଳିଆ ହଟାଇବା ପାଇଁ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ପୁରୀ ମହାନଗର ନିଗମର ଯୁଗ୍ମ କମିସନର ଅଭିମନ୍ୟୁ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଅଣସରରେ ମହାପ୍ରଭୁଙ୍କ ମାନବୀୟ ଲୀଳା

**ଆଜି ଶ୍ରୀଅଙ୍ଗ ଫିଟା ନୀତି**

ପୁରୀ,୧।୭ (ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିତ୍ୟ ଲୀଳାସ୍ଥଳ ପୁରୁଷୋତ୍ତମ କ୍ଷେତ୍ର। ଶ୍ରୀମନ୍ଦିରରେ ବିରାଜମାନ କରି ବିଭିନ୍ନ ଉତ୍ସବରେ ଲୀଳାଖେଳା କରିଥା'ନ୍ତି ଦାରୁବିଗ୍ରହ। ମାନବୀୟ ଲୀଳା କରୁଥିବା ମହାପ୍ରଭୁ ବିଭିନ୍ନ ପର୍ବପର୍ବାଣିରେ ଭିନ୍ନ ଭିନ୍ନ ବେଶରେ ସଜେଇ ହୁଅନ୍ତି। ରତ୍ନସିଂହାସନ ଛାଡ଼ି ବର୍ଷକୁ ଥରେ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି। ରଥରେ ବସି ଜନ୍ମବେଦୀକୁ ଯାତ୍ରା କରନ୍ତି। କଥା ରଖି ମାଉସୀ ଘର ଦେଇ ଫେରିଥା'ନ୍ତି। ମଣିଷଙ୍କ ପରି ବର୍ଷକୁ ଥରେ ଠାକୁରଙ୍କୁ ଜ୍ୱର ବି ହୁଏ। ଏହି ସମୟରେ ଅଣସର ଘରେ ରୁହନ୍ତି ଦାରୁବିଗ୍ରହ। ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଠାକୁରଙ୍କ ଗୁପ୍ତସେବା କରୁଛନ୍ତି। ତେବେ ସାଧାରଣ ମଣିଷଟିଏ ଯଦି ଅସୁସ୍ଥ ହୁଏ ତାଙ୍କୁ ଯେଉଁଭଳି ଚିକିତ୍ସା କରାଯାଏ ବର୍ତ୍ତମାନ ଦାରୁଦିଅଁଙ୍କ ସେହିଭଳି ଉପଚାର ଚାଲିଛି।

ଦଇତାପତି ସେବକଙ୍କ ସୂଚନା ଅନୁଯାୟୀ, ଅସୁସ୍ଥ ମଣିଷ ହସ୍ପିଟାଲରେ ଚିକିତ୍ସିତ ସମୟରେ ଯେଉଁଭଳି ବସ୍ତ୍ର ପରିଧାନ କରନ୍ତି ଠାକୁର ଏବେ ସେହିଭଳି ବସ୍ତ୍ର ପିନ୍ଧିଛନ୍ତି। ପାଟ ପିତାମ୍ବରୀ ବସ୍ତ୍ର ଏବଂ ଅଳଙ୍କାର ପରିତ୍ୟାଗ କରି ଜଣେ ଅସୁସ୍ଥଙ୍କ ପରି ଅଣସର ଘରେ କାଠକୁ ଆଉଜି ରହିଛନ୍ତି। ଶ୍ରୀଅଙ୍ଗରେ କେବଳ ଖଣ୍ଡିଏ ଧଳା ସୂତାବସ୍ତ୍ର ରହିଛି। ରୋଗରେ ପଡ଼ିଲେ ମଣିଷ ଯେପରି କୌଣସି କଠିନ ଖାଦ୍ୟ ବା ଅନ୍ନ ଇତ୍ୟାଦି ଖାଆନ୍ତି ନାହିଁ ଠାକୁରଙ୍କ ପାଖରେ ମଧ୍ୟ ସେହିପରି ଭୋଗ ଲାଗୁ ନାହିଁ। ରୋଗୀ ଯେମିତି ଫଳମୂଳ ଖାଇଥା'ନ୍ତି ଦରୁବିଗ୍ରହଙ୍କୁ ସେହିପରି ଧୂଆମୁଗ, ଛେନା ଚକଟା, ପଣସ, ପିଜୁଳି, ସପୁରୀ, ଅଙ୍ଗୁର, ଆମ୍ବ ପ୍ରଭୃତି ଫଳ ଲାଗି କରାଯାଉଛି। ଅସୁସ୍ଥ ବ୍ୟକ୍ତିଙ୍କୁ ଗ୍ଲୁକୋଜ, ଇଲେକ୍ଟୋରାଲ ପାଣି ଦିଆଯିବା ଭଳି ଠାକୁରଙ୍କୁ ସର, କ୍ଷୀର, ଅଳେଇଚ ଓ କର୍ପୂର ପଡ଼ିଥିବା ପଣା ଦିଆଯାଉଛି। ସମ୍ପୂର୍ଣ୍ଣ ଭାବେ ଜ୍ୱର ଛାଡ଼ିବା ପର୍ଯ୍ୟନ୍ତ ଦଇତାପତି ସେବକମାନେ ଏହିପରି ମହାପ୍ରଭୁଙ୍କ ସେବା କରିଥା'ନ୍ତି। ଦୈନନ୍ଦିନ ଦୁଇଥର ମହାପ୍ରଭୁଙ୍କ ଉପଚାର ଚାଲିଛି। ମଧ୍ୟାହ୍ନ ଧୂପ ସରିବା ପରେ ଏବଂ ସନ୍ଧ୍ୟା ଧୂପ ସରିବା ପରେ ଅଣସର ଘର ଖୋଲାଯାଏ। ଦଇତାପତି ପରିବାରର ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଗୋଷ୍ଠୀଗତ ଭାବେ ପ୍ରତ୍ୟହ ମହାପ୍ରଭୁଙ୍କ ସେବାରେ ନିୟୋଜିତ ହୋଇଥା'ନ୍ତି। ତେବେ ଗୁରୁବାର ଚତୁର୍ଥୀରେ ଶ୍ରୀଅଙ୍ଗ ଫିଟା ନୀତି ସମ୍ପନ୍ନ ହେବ। ବର୍ଷସାରା ଲାଗିଥିବା ଚନ୍ଦନ, କରାଳ ଆଦି ବସ୍ତ୍ର ଫିଟାଯିବ।

## ଅନ୍ନପୂର୍ଣ୍ଣାରେ 'ଶ୍ରୀଜଗନ୍ନାଥାୟନ'
# ମଞ୍ଚସ୍ଥ ହେଲା 'ଯୁଗେ ଯୁଗେ ଜଗନ୍ନାଥ'

ପୁରୀ,୧।୭ (ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ 'ଶ୍ରୀଜଗନ୍ନାଥାୟନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାମଚଣ୍ଡୀ ସୋସିଆଲ ୱେଲ୍‌ଫେୟାର କଲ୍‌ଚରାଲ ଅର୍ଗାନାଇଜେସନ ପକ୍ଷରୁ ନାଟକ 'ଯୁଗେଯୁଗେ ଜଗନ୍ନାଥ' ମଞ୍ଚସ୍ଥ ହୋଇଥିଲା। ବିଶିଷ୍ଟ ନାଟ୍ୟକାର ଲୋକନାଥ ରଥଙ୍କ ରଚନା ଓ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ନାଟକରେ ଶ୍ରୀଜଗନ୍ନାଥ ସଂସ୍କୃତିର ଯୁଗ ଯୁଗର ମହିମାକୁ ଜୀବନ୍ତ କରି ଦେଖାଯାଇଥିଲା। ନାଟକରେ ବାଳକୃଷ୍ଣ, ସୂରଜ, ଅନୁପ, ଅସିତ୍, କୃପାସିନ୍ଧୁ, ରତ୍ନାକର, ଭୀମସେନ ଓ ତପସ୍ୱିନୀ ପ୍ରମୁଖ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ। ବୃନ୍ଦାବନ ସାହୁ ଓ ଅନିଲ ଦାସଙ୍କ ସଙ୍ଗୀତ ନିର୍ଦ୍ଦେଶନା, ଶରତ ଚନ୍ଦ୍ର ମହାନ୍ତିଙ୍କ



ମଞ୍ଚସଜ୍ଜା ଏବଂ ବେଣୁଧର ମାପିସ୍ତ ଓ ପବନ କୁମାରଙ୍କ ଆଲୋକ ଓ ଶବ୍ଦ ସଂଯୋଜନା ନାଟକକୁ ଆହୁରି ମାର୍ମିକ କରିଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଲିଙ୍ଗରାଜ ବାରିକ ଓଡ଼ିଶୀ ସଙ୍ଗୀତ ଏବଂ ଶ୍ରୀଜଗନ୍ନାଥଙ୍କ ପାରମ୍ପରିକ ଭଜନ ପରିବେଷଣ କରି ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ। ଏହି ଅବସରରେ ଗୋବିନ୍ଦ ଚନ୍ଦ୍ର ମହାନ୍ତି, ବିକ୍ରମ କୁମାର ସାହୁ, ପ୍ରସନ୍ନ କୁମାର ମହାନ୍ତିଙ୍କ ସମେତ ପ୍ରସନ୍ନ ମିଶ୍ର, ଚକ୍ରଧର ମହାପାତ୍ର, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ପ୍ରଦ୍ୟୁମ୍ନ ମିଶ୍ର, ଦିବାକର ପାତ୍ର, ବିକାଶ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ଏଭଳି କାର୍ଯ୍ୟକ୍ରମ ଆଗାମୀ ଦିନରେ ବି ଜାରି ରହିବ ବୋଲି ଆୟୋଜକମାନେ କହିଛନ୍ତି। ଉପସ୍ଥିତ ଦର୍ଶକ ନାଟକ ଦେଖି ଭାବବିହ୍ୱଳ ହୋଇପଡ଼ିଥିଲେ।

## ରାସ୍ତାକଡ଼ରୁ ରକ୍ଷା ପାଇଲା ଜୀବନ
# ଦିବ୍ୟାଙ୍ଗ ସୋନୁକୁ ମିଳିଲା ନୂଆ ଆଶା



ପୁରୀ,୧।୭ (ସମିସ): ଦୁଇବର୍ଷ ଧରି ଷ୍ଟେସନ ବାହାରେ ରାସ୍ତାକଡ଼ରେ ପଡ଼ି ରହିଥିଲା ସେହି ନିରୀହ ଜୀବନ। ନାଁ ତା'ର ସୋନୁ ବେହେରା। ବୟସ ମାତ୍ର ୧୨। ଦିବ୍ୟାଙ୍ଗ। ବୁଧବାର କିନ୍ତୁ ତା' ଜୀବନରେ ଆସିଛି ନୂଆ ସକାଳ। ଆମ୍ ଆଦ୍‌ମୀ ପାର୍ଟି ଓ ମଲ୍ଟି ପର୍ପୋଜ୍ ଯୁବା ସମିତି ଚାରିଟେବୁଲ ଟ୍ରଷ୍ଟର ମିଳିତ ଉଦ୍ୟମରେ ତାକୁ ଉଦ୍ଧାର କରାଯାଇ ଏନ୍‌ଏସ୍‌ପି ସେଣ୍ଟରକୁ ପଠାଯାଇଛି।

ସୋନୁର କାହାଣୀ ଅତ୍ୟନ୍ତ ହୃଦୟବିଦାରକ। ଅକାଳରେ ମା'-ବାପାଙ୍କୁ ହରାଇ ସେ ମାମୁଙ୍କ ପାଖରେ ଆଶ୍ରୟ ନେଇଥିଲା। ଦୁଇବର୍ଷ ହେବ ମାମୁଙ୍କ ସହ ସେ ପୁରୀ ଷ୍ଟେସନ ବାହାରେ ରାସ୍ତାକଡ଼ରେ ଦିନ କାଟୁଥିଲା। କିଛିଦିନ ତଳେ ଏକ ଗାଡ଼ି ଧକ୍କାରେ ତା'ର ଡାହାଣ ହାତ ଭାଙ୍ଗିଯାଇଥିଲା। କିନ୍ତୁ ଦୁଇ ମାସ ବିତିଗଲେ ବି ଉପଯୁକ୍ତ ଚିକିତ୍ସା ମିଳିପାରି ନ ଥିଲା। ଯନ୍ତ୍ରଣାରେ ଛଟପଟ ହେଉଥିଲା ଛୋଟ ପିଲାଟି। ଏହି ସମୟରେ ମ୍ୟୁନିସିପାଲିଟିର ନାଳ ସ୍ଲାବ୍ କାମ କରୁଥିବା ଜଣେ ଠିକାଦାରଙ୍କ ନଜର ପଡ଼ିଥିଲା ସୋନୁ ଉପରେ। ସେ ତୁରନ୍ତ ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତିଙ୍କୁ ଏ ବିଷୟରେ ଜଣାଇଥିଲେ। ସଞ୍ଜୀବ ସାମାଜିକ ଗଣମାଧ୍ୟମରେ ସୋନୁର ଫଟୋ ସହ ତା'ର ଦୁଃଖ କାହାଣୀ ପୋଷ୍ଟ କଲେ। ପୋଷ୍ଟ ଭାଇରାଲ ହେବା ପରେ ମଲ୍ଟି ପର୍ପୋଜ୍ ଯୁବା ସମିତିର ସଭାପତି ବିଶ୍ୱଜିତ୍ ବିଶ୍ୱାଳ ଓ ରମାକାନ୍ତ ସ୍ୱାଇଁ ଆଗେଇ ଆସିଲେ। ସେମାନେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସ୍‌ଏସ୍‌ଓ)ଙ୍କୁ ସମ୍ପୂର୍ଣ୍ଣ ଘଟଣା ଜଣାଇଲେ। ଡିଏସ୍‌ଏସ୍‌ଓଙ୍କ ନିର୍ଦ୍ଦେଶରେ ଏନ୍‌ଏସ୍‌ପି ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସୋନୁକୁ ଉଦ୍ଧାର କଲେ। ବୁଧବାର ଯେତେବେଳେ ସୋନୁକୁ ଗାଡ଼ିରେ ନିଆଯାଉଥିଲା, ତାକୁ ଦେଖି ବଢ଼ିଥିବା ଷ୍ଟେସନ ପାଖ ଦୋକାନୀ ଓ ଲୋକଙ୍କ ଆଖି ଓଦା ହୋଇଯାଇଥିଲା। ସମସ୍ତେ ତା'ର ଉତ୍ତମ ରକ୍ଷଣାବେକ୍ଷଣ ଓ ଚିକିତ୍ସା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କଲେ। ଆପ୍ ନେତା ସଞ୍ଜୀବ ମହାନ୍ତି କହିଛନ୍ତି, "ସୋନୁ ଭଳି ଅନେକ ପିଲା ଆଜି ବି ରାସ୍ତାକଡ଼ରେ ଜୀବନ କାଟୁଛନ୍ତି। ସରକାରଙ୍କ ସମସ୍ତ ଯୋଜନା ସତ୍ତ୍ୱେ ସେମାନଙ୍କ ପାଖରେ ସୁବିଧା ପହଞ୍ଚିପାରୁନି, ଏହା ଅତ୍ୟନ୍ତ ଦୁଃଖର ବିଷୟ। ଆପ୍ ଓ ଟ୍ରଷ୍ଟର କାର୍ଯ୍ୟକର୍ତ୍ତାମାନେ ତ୍ୱରିତ ପଦକ୍ଷେପ ପାଇଁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

# ସିଆର୍‌ସିସିଙ୍କୁ ପ୍ରଶିକ୍ଷଣ ଦେଲା ଡାଏଟ୍
## ୪ରେ ପ୍ରଥମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ




ପୁରୀ,୧।୭ (ସମିସ): ଚଳିତ ଶିକ୍ଷାବର୍ଷର ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଚଳିତ ଜୁଲାଇରୁ ଆସନ୍ତା ବର୍ଷ ଫେବୃଆରୀ ମାସ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ କ୍ଲଷ୍ଟରରେ ନିର୍ଦ୍ଧାରିତ ଦିବସରେ ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆସନ୍ତା ୪ ତାରିଖରେ ଚଳିତ ଶିକ୍ଷାବର୍ଷର ପ୍ରଥମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଆୟୋଜନ ନିମନ୍ତେ ଓସେପା ପକ୍ଷରୁ ନିର୍ଦ୍ଦେଶ ଆସିଛି। ଏଥିପାଇଁ ବୁଧବାର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡାଏଟ୍) ପକ୍ଷରୁ ପୁରୀ ଜିଲ୍ଲା ଅନ୍ତର୍ଗତ ୧୧ଟି ବ୍ଲକ୍‌ର ସିଆର୍‌ସିସିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଜିଲ୍ଲାର ମୋଟ୍ ୧୮୬ ଜଣ ସିଆର୍‌ସିସିଙ୍କ ମଧ୍ୟରୁ ଏହି ପ୍ରଶିକ୍ଷଣ ଶିବିରରେ ୧୭୧ ଜଣ ଯୋଗଦେଇଥିଲେ। ଚଳିତ ଶିକ୍ଷାବର୍ଷର ମାସିକ କ୍ଲଷ୍ଟରସ୍ତରୀୟ ବୈଠକରେ ଗ୍ୟାଲେରୀ ପରିଭ୍ରମଣ, ଶୈକ୍ଷିକ ସମ୍ବଳ, ବୈଠକର ପୂର୍ବାପର ଆଲୋଚ୍ୟ ପ୍ରସଙ୍ଗକୁ ନେଇ ସଂକ୍ଷିପ୍ତ ସୂଚନା ଓ କ୍ଲଷ୍ଟରସ୍ତରୀୟ ଶୈକ୍ଷିକ ପ୍ରସଙ୍ଗ ପ୍ରଭୃତି କେତେକ ସ୍ୱତନ୍ତ୍ର ପ୍ରସଙ୍ଗକୁ ଆଲୋଚନାର ପରିସରଭୁକ୍ତ କରାଯାଇଛି। ଡାଏଟ୍, ପୁରୀର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକକୁ ଶିକ୍ଷକ ପ୍ରଶିକ୍ଷକ ରାମକ୍ରିଷ୍ଣ ଦାସ ସଂଯୋଜନା କରିଥିଲେ। ଏହି ବୈଠକରେ ବାର୍ଷିକ କାର୍ଯ୍ୟ ଯୋଜନା, ବିଦ୍ୟାଳୟ ସମୟ ନିର୍ଘଣ୍ଟ, ଶିକ୍ଷଣ ଫଳାଫଳ ପୁସ୍ତିକା, ଶୈକ୍ଷିକ କ୍ୟାଲେଣ୍ଡର, ଯାଦୁ ପେଡ଼ି, ଶିଶୁ ବାଟିକା ନିମନ୍ତେ ଖେଳଭିତ୍ତିକ କାର୍ଯ୍ୟ ପୁସ୍ତିକା, ପ୍ରାରମ୍ଭିକସ୍ତର ପାଇଁ ଆକଳନ ରୂପରେଖ, ଶିକ୍ଷଣ ସୋପାନ ରେଜିଷ୍ଟର, ଅନ୍‌ଲାଇନ୍ କଣ୍ଟେଣ୍ଟ ଓ ବିଦ୍ୟାଳୟ ନିରାପତ୍ତା ପ୍ରସଙ୍ଗ ଉପରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଦେବସ୍ମିତା ମହାପାତ୍ର, ସ୍ୱାଧୀନ କୁମାର ପ୍ରଧାନ, ରାଜଶ୍ରୀ ମିଶ୍ର, ରତିକାନ୍ତ ସାହୁ, ଅମୀୟ ରଞ୍ଜନ ପରିଡ଼ା, ପ୍ରୀତି ପରିମିତା ସ୍ୱାଗତିକା ପାଲ୍, ଶୁଭସ୍ମିତା ନାୟକ ଓ ଜ୍ୟୋତିସ୍ମିତା ପାତ୍ର ସିଆର୍‌ସିସିମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଡାଏଟ୍‌ର କର୍ମଚାରୀ ବିରଞ୍ଚି ନାରାୟଣ ସ୍ୱାଇଁ, ଦୁର୍ଗା ପ୍ରସାଦ ସିଂ ଓ ସୋମା ମହାପାତ୍ର ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ୪୦ ବୋତଲ କଫ୍ ସିରପ୍ ଜବତ, ଜଣେ ଗିରଫ



ପୁରୀ,୧।୭ (ସମିସ): ପେଣ୍ଠକଟା ମେରାଇନ ଥାନା ପୁଲିସ ପକ୍ଷରୁ ଅବୈଧ ନିଶାଦ୍ରବ୍ୟ ବିରୋଧୀ ଅଭିଯାନ ଅନ୍ତର୍ଗତ ଏକ ବଡ଼ ସଫଳତା ମିଳିଛି। ବିଶେଷ ସୂଚନା ଆଧାରରେ ପେଣ୍ଠକଟା ମେରାଇନ ଥାନା ଅଧୀନ ବାଲିଗୁଆଳି ପେଣ୍ଠକଟା ଅଞ୍ଚଳର ବିପଦତାରିଣୀ ମନ୍ଦିର ନିକଟସ୍ଥ ଏକ ପାନ ଦୋକାନରେ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ସେଠାରୁ ୪୦ ବୋତଲ କଫ୍ ସିରପ୍ (ପ୍ରତି ବୋତଲ ୧୦୦ ମିଲି) ଜବତ କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ବାଲିଗୁଆଳିର ଅଭିମନ୍ୟୁ ଦାସ (୪୦)ଙ୍କୁ ପେଣ୍ଠକଟା ମେରାଇନ ଥାନା ଗିରଫ କରାଯାଇଛି। ଏ ସମ୍ପର୍କରେ ପେଣ୍ଠକଟା ମେରାଇନ ଥାନାରେ ଏକ ମାମଲା (ନଂ. ୯୧/୨୬) ରୁଜୁ କରାଯାଇଛି। ପୁରୀ ପୁଲିସ ଅବୈଧ ନିଶାଦ୍ରବ୍ୟ ବ୍ୟବସାୟ ବିରୋଧରେ ତାଙ୍କର କଡ଼ା କାର୍ଯ୍ୟାନୁଷ୍ଠାନ ଆଗାମୀ ଦିନରେ ମଧ୍ୟ ଜାରି ରଖିବ।

# ଅତିରିକ୍ତ ଜିଲ୍ଲାପାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ପୁରୀ,୧।୭ (ସମିସ): ମଙ୍ଗଳବାର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ରଙ୍କୁ ସରକାରୀ କାର୍ଯ୍ୟରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧ୍ୟକ୍ଷତା କରିବା ସହ ଡ. ମହାପାତ୍ର ଜଣେ ଦକ୍ଷ, ନିଷ୍ଠାପର ଓ ମିଷ୍ଟଭାଷୀ ଅଧିକାରୀ ଥିଲେ ବୋଲି କହିଥିଲେ। ରାଜସ୍ୱ ପରି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ସେ ସୁଚାରୁ ରୂପେ ନିର୍ବାହ କରିଥିଲେ। ଜିଲ୍ଲା ପ୍ରଶାସନର ବିଭିନ୍ନ କାର୍ଯ୍ୟରେ ତାଙ୍କର ଅବଦାନ ସ୍ମରଣୀୟ ବୋଲି କହିବା ସହ ଅବସର ପରବର୍ତ୍ତୀ ଜୀବନ ମହାପ୍ରଭୁଙ୍କ ଆଶୀର୍ବାଦରୁ ସୁସ୍ଥ, ନିରୋଗ ଓ ଆନନ୍ଦଦାୟକ ହେଉ ବୋଲି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୁରୀ ମହାନଗର ନିଗମର ଯୁଗ୍ମ କମିସନର ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଡ. ମହାପାତ୍ରଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ଅବସର ପରବର୍ତ୍ତୀ ଜୀବନ ସୁଖରେ ଅତିବାହିତ ହେଉ ବୋଲି କାମନା କରିଥିଲେ। ନିଜ ପ୍ରତିକ୍ରିୟାରେ ଅତିରିକ୍ତ ଜିଲ୍ଲାପାଳ ଡ. ମହାପାତ୍ର ନିଜ ଦାୟିତ୍ୱକୁ ସଠିକ୍ ଭାବେ ନିର୍ବାହରେ ସମସ୍ତଙ୍କ ସହଯୋଗ ପାଇଁ ସେ ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଡେପୁଟି କଲେକ୍ଟର ବୃନ୍ଦ, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ଡାକ୍ତର ଦିବସରେ ଡାକ୍ତରଙ୍କ ଆନ୍ଦୋଳନ
# କଳା ବ୍ୟାଜ୍ ପିନ୍ଧି ବିରୋଧ ପ୍ରଦର୍ଶନ



ପୁରୀ,୧।୭ (ସମିସ)

ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ(ଓମ୍‌ସା) ଆହ୍ୱାନରେ ବୁଧବାରଠାରୁ ରାଜ୍ୟବ୍ୟାପୀ ଡାକ୍ତରମାନେ ଅନିର୍ଦ୍ଦିଷ୍ଟ କାଳ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବୁଧବାର 'ଡକ୍ଟର୍ସ ଡେ' ଥିବାବେଳେ ଡାକ୍ତରମାନେ କଳା ବ୍ୟାଜ୍ ପିନ୍ଧି ବିରୋଧ ପ୍ରଦର୍ଶନ କରୁଛନ୍ତି। ୧୦ ଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ଓମ୍‌ସାର ନିଷ୍ପତ୍ତି କ୍ରମେ ପୁରୀ ଜିଲ୍ଲା ଡାକ୍ତର ସଂଘ ମଧ୍ୟ ଏହି ଆନ୍ଦୋଳନରେ ସାମିଲ୍ ହୋଇଛି। ଏହି ଆନ୍ଦୋଳନ ସମୟରେ ଜରୁରୀକାଳୀନ ସେବା ବ୍ୟତୀତ ଅନ୍ୟ କୌଣସି ପ୍ରକାର ଚିକିତ୍ସା ସେବା ଯୋଗାଇ ଦିଆଯିବ ନାହିଁ ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଦୀର୍ଘଦିନ ହେଲା ଓମ୍‌ସା ପକ୍ଷରୁ ସରକାରଙ୍କ ନିକଟରେ ୧୦ଟି ପ୍ରମୁଖ ଦାବି ଉପସ୍ଥାପନ କରାଯାଇଛି। ସେଗୁଡ଼ିକ ହେଲା କେନ୍ଦ୍ରୀୟ ଡିଏସିପି ଲାଗୁ, କେବିକେ ଅଞ୍ଚଳରୁ ଡାକ୍ତରଙ୍କ ପ୍ରସ୍ଥାନ ଉପରେ ରୋକ୍, ପଦୋନ୍ନତି ପାଇଁ ନିୟମିତ ଡିପିସି ବୈଠକ, ସମସ୍ତ ଡାକ୍ତରଙ୍କୁ ସ୍ୱାସ୍ଥ୍ୟ ବୀମା, କାର୍ଯ୍ୟକ୍ଷେତ୍ରରେ ଡାକ୍ତରଙ୍କ ସୁରକ୍ଷା ସୁନିଶ୍ଚିତ, ପଦବୀ ପୁନଃ ସଂରଚନା, ଅଣଚିକିତ୍ସା କାର୍ଯ୍ୟରୁ ମୁକ୍ତି ସହ ଅନ୍ୟାନ୍ୟ ସେବା ସର୍ତ୍ତାବଳୀ ସଂଶୋଧନ। ପୁରୀ ଜିଲ୍ଲା ଡାକ୍ତର ସଂଘ କହିଛି, ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ହେଁ ଆଜି ପର୍ଯ୍ୟନ୍ତ ଗୋଟିଏ ବି ଦାବି ପୂରଣ ହୋଇନାହିଁ। ତେଣୁ ବାଧ୍ୟ ହୋଇ ସଂଘ ରାସ୍ତାକୁ ଆସିଛି। ଓମ୍‌ସାର ଏହି ଆନ୍ଦୋଳନକୁ ଏସ୍‌ସିବି ଜୁନିୟର ଡକ୍ଟର ଆସୋସିଏସନ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଛି। ଫଳରେ ରାଜ୍ୟର ମେଡିକାଲ କଲେଜ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେବା ଆଶଙ୍କା ଦେଖାଦେଇଛି। କେବଳ ଜରୁରୀକାଳୀନ ଓ ଆଇସିୟୁ ସେବା ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

THE SAKALA

# ସମ୍ପାଦକୀୟ



ଇତିହାସର ପୁନରାବୃତ୍ତି ହୁଏ, ପ୍ରଥମେ ଏକ ଦୁଃଖଦ ଘଟଣା ଭାବେ ଏବଂ ଦ୍ୱିତୀୟରେ ଏକ ପ୍ରହସନ ଭାବେ।
-କାର୍ଲ ମାର୍କସ୍

## ଡିଜିଟାଲ ଇଣ୍ଡିଆର କଷଣ

ଆଧାର ଏକ କାର୍ଡ ନା ନମ୍ବର? ଏହା ଇଚ୍ଛାଧୀନ ନା ବାଧ୍ୟତାମୂଳକ? ଏହି ପ୍ରଶ୍ନ ଓ ପ୍ରସଙ୍ଗ ଏକାଧିକ ଥର ନ୍ୟାୟପାଳିକାର କାଠଗଡ଼ାକୁ ଯାଇଛି। ସର୍ବୋଚ୍ଚ ନ୍ୟାୟାଳୟ ଏକାଧିକ ଥର 'ଆଧାର'କୁ ବାଧ୍ୟତାମୂଳକ କରାଯାଇପାରିବ ନାହିଁ ବୋଲି ରାୟ ଦେଇଛନ୍ତି। ଶେଷଥର ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ୨୦୧୮ ସେପ୍ଟେମ୍ବର ମାସରେ 'ଜଷ୍ଟିସ୍ କେ ଏସ୍ ପୁଟ୍ଟାସ୍ୱାମୀ ବନାମ ଭାରତ ସରକାର' ମାମଲାରେ ସ୍ପଷ୍ଟ କରିଥିଲେ ଯେ ବିଭିନ୍ନ ଜନକଲ୍ୟାଣମୂଳକ ସରକାରୀ ଯୋଜନାର ହିତାଧିକାର ପାଇଁ 'ଆଧାର' ସଂଯୋଗ ଆବଶ୍ୟକ; କିନ୍ତୁ 'ଆଧାର' ସଂଯୋଗର ଅନୁପସ୍ଥିତି ଆଳରେ କୌଣସି ହିତାଧିକାରୀଙ୍କୁ ଯୋଜନାର ଲାଭ ପାଇବାରୁ ବଞ୍ଚିତ କରାଯାଇପାରିବ ନାହିଁ। ବିଡ଼ମ୍ବନା ହେଉଛି ଓଡ଼ିଶାରେ ଗତଦୁଇବର୍ଷ ମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଉପରୋକ୍ତ ରାୟର ସର୍ବାଧିକ ଉଲ୍ଲଙ୍ଘନ ହେବା ସହିତ ଗରିବ ହିତାଧିକାରୀଙ୍କୁ ଇ-କେୱାଇସି ଆଳରେ ନ୍ୟାଯ୍ୟ ଅଧିକାରରୁ ମାସ ମାସ ଧରି ବଞ୍ଚିତ କରାଯାଇଛି।

ଗତବର୍ଷ ରାସନ୍ ବା ପଡ଼ିକାର୍ଡଧାରୀଙ୍କ ପାଇଁ ଇ-କେୱାଇସି ନବୀକରଣ ବାଧ୍ୟତାମୂଳକ କରାଯିବା ପରେ ଓଡ଼ିଶାର ଲକ୍ଷ ଲକ୍ଷ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇଥିଲେ। ସେମାନଙ୍କ ଭିତରେ ଅଯୋଗ୍ୟ ହିତାଧିକାରୀ ବା ଜାଲ୍ ପଡ଼ିକାର୍ଡ ଧାରୀ ନଥିଲେ ବୋଲି କୁହାଯାଇପାରିବ ନାହିଁ। ତେଣୁ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାର ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଲକ୍ଷ୍ୟଭିତ୍ତିକ କରିବା ପାଇଁ ବୈଧ ପରିଚୟ ଓ ଚିହ୍ନଟକୁ ମଧ୍ୟ କେହି ମନା କରୁନାହାନ୍ତି। କିନ୍ତୁ କିଛି ପ୍ରତିଶତ ଜାଲ୍ ହିତାଧିକାରୀଙ୍କ ପାଇଁ ଲକ୍ଷ ଲକ୍ଷ ଗରିବ ହିତାଧିକାରୀ ମାସ ମାସ ଧରି ରାସନ ଓ ଖାଦ୍ୟ ସୁରକ୍ଷା ଅଧିକାରରୁ ବଞ୍ଚିତ କରାଯିବ କେଉଁ ନ୍ୟାୟରେ? ଚଳିତ ବର୍ଷ ମଧ୍ୟ ସେଭଳି ବିଡ଼ମ୍ବନାର ପୁନରାବୃତ୍ତି ଘଟିଛି। ମାସ ମାସ ଧରି ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇ ନ ଥିବା ବେଳେ ଏବେ ଆଧାର ଲିଙ୍କ ବାହାନା ଖୋଜାଯାଉଛି। ସରକାର ନିର୍ଦ୍ଦେଶ ଦେଇଛନ୍ତି ଯେ ଆଧାର ଲିଙ୍କ ନଥିଲେ ଆଉ ବାର୍ଦ୍ଧକ୍ୟ ଭତ୍ତା ମିଳିବ ନାହିଁ। ଯେଉଁମାନେ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି ସେମାନଙ୍କ ମଧ୍ୟରୁ ୯୬ ପ୍ରତିଶତ ନିରକ୍ଷର ଓ ଅଳ୍ପଶିକ୍ଷିତ। ଡିଜିଟାଲ୍ ସ୍ୱାକ୍ଷରତା, ଆଧାର ଲିଙ୍କ, ଇକେୱାଇସି ଭଳି ଜଟିଳ ବ୍ୟବସ୍ଥାକୁ ସେମାନେ ନା ବୁଝିପାରିବେ ନା ସେମାନଙ୍କୁ କେହି ବୁଝାଇପାରିବେ। ଏହି ବାସ୍ତବତାକୁ ଯେ ସରକାର କିମ୍ବା ବିଭାଗୀୟ ବାବୁମାନେ ହୃଦୟଙ୍ଗମ କରି ନ ଥିବେ ତାହା ମଧ୍ୟ ବିଶ୍ୱାସଯୋଗ୍ୟ ନୁହେଁ। ତଥାପି ହିତାଧିକାରୀଙ୍କୁ ବୈଷୟିକତା ତ୍ରୁଟି ଆଳରେ ଅଧିକାରରୁ ବଞ୍ଚିତ କରିବା ସାମ୍ବିଧାନିକ ଅଧିକାରର ଉଲ୍ଲଙ୍ଘନ ନୁହେଁ କି? ଆଜି ଆମ ଦେଶ ଡିଜିଟାଲ୍ ଇଣ୍ଡିଆର ସଫଳତାର ଦଶନ୍ଧି ପୂର୍ତ୍ତି ମହୋତ୍ସବ ପାଳନ କରୁଥିବା ବେଳେ ଡିଜିଟାଲ୍ ପାହାରର କଷଣ କେତେ ଯୁକ୍ତିଯୁକ୍ତ ତାହା ମଧ୍ୟ ବିଚାର୍ଯ୍ୟ।

ଏଭଳି ବିଡ଼ମ୍ବନା ଓ ବ୍ୟତିକ୍ରମର ମୂଳାଧାର ହେଉଛି ଡିଜିଟାଲ୍ ଇଣ୍ଡିଆର ସୂଚନା ପ୍ରଯୁକ୍ତି ବିଦ୍ୟାର ଜଟିଳ ପ୍ରକ୍ରିୟା। ଜନଜୀବନକୁ ସାବଲୀଳ, ସହଜ ଓ ସରଳ କରିବା ସହିତ ମାନବ ସଭ୍ୟତାକୁ ଉନ୍ନତ କରିବା ଲାଗି ବିଜ୍ଞାନ ସର୍ବଦା ଅଭିପ୍ରେତ। କିନ୍ତୁ ବିଜ୍ଞାନ ଯଦି ସୁଖ ବଦଳରେ ଦୁଃଖ ଦିଏ, ଜୀବନକୁ ସହଜ କରିବା ବଦଳରେ ଯଦି ଯନ୍ତ୍ରଣାସିକ୍ତ କରିଦିଏ ତେବେ ତାହା ବିଜ୍ଞାନର ଅଭିଶାପ ବୋଲି କହିବାକୁ ହେବ। ମହତ୍ ଉଦ୍ଦେଶ୍ୟରେ ଚଳିତ ଶତାବ୍ଦୀର ପ୍ରାରମ୍ଭରୁ ଭାରତରେ ଆରମ୍ଭ ହୋଇଥିବା ଡିଜିଟାଲ୍ ବିପ୍ଳବ ଏବେ ଡିଜିଟାଲ୍ ଭାରତର ରୂପ ନେଇ ସେଭଳି ଅଭିଶପ୍ତ ଘଟଣାମାନଙ୍କୁ ଜନ୍ମ ଦେଇଚାଲିଛି। ଆମ ଭିତରୁ ପ୍ରାୟ ଅଧିକାଂଶ ଭୁକ୍ତଭୋଗୀଙ୍କ ଅନୁଭବ ଓ ଅନୁଭୂତି ଏହା ଯେ - ଡିଜିଟାଲ୍ ବିପ୍ଳବ କାମକୁ ଆରାମଦାୟକ ଓ ସତ୍ୱର କରିଦେଇଛି। କିନ୍ତୁ ଏହାର ପାଦେ ପାଦେ ବିପଦ ରହିଛି। ସାକ୍ଷରତା ଓ ସଚେତନତା ବିନା ଡିଜିଟାଲ୍ ଦୁନିଆ ଅପରାଧର ଏକ ମାୟାନଗରୀ ଭାବେ ପ୍ରମାଣିତ ହୋଇଛି। ଏପରିକି ଉଚ୍ଚଶିକ୍ଷିତ ବୈଷୟିକ ଜ୍ଞାନସମ୍ପନ୍ନ ବ୍ୟକ୍ତିବିଶେଷ ମଧ୍ୟ ଡିଜିଟାଲ୍ ଦୁନିଆର ମାୟାଜାଲରେ ପଡ଼ି ଯନ୍ତ୍ରଣା ଭୋଗୁଛନ୍ତି।

ଡିଜିଟାଲ୍ ଦୁନିଆକୁ ଏଡ଼ାଇ ଯିବା ଆଜିର ସମୟରେ ଅସମ୍ଭବ। ବ୍ୟବସ୍ଥା ଓ ପ୍ରକ୍ରିୟାକୁ ଡିଜିଟାଲାଇଜେସନ୍ କରିବାରେ କେହି ଆପତ୍ତି କରୁନାହାନ୍ତି। କିନ୍ତୁ ସମ୍ପୂର୍ଣ୍ଣ ପ୍ରସ୍ତୁତି ବିନା ଏହାର ପ୍ରୟୋଗ କିଭଳି ବିପତ୍ତି ଓ ବିଭ୍ରାଟମାନ ସୃଷ୍ଟି କରିପାରେ ତାହା ବାହାନଗା ମର୍ମନ୍ତୁଦ ରେଳ ଦୁର୍ଘଟଣା ସମେତ ଓଡ଼ିଶାରେ ରାସନ୍ ଓ ଭତ୍ତା ବଣ୍ଟନ ବ୍ୟତିକ୍ରମକୁ ଉଦାହରଣ ରୂପେ ନିଆଯାଇପାରେ। ଗତ ପାଞ୍ଚବର୍ଷ ଭିତରେ ଯେଉଁ କେତେକ ରେଳ ଦୁର୍ଘଟଣା ଘଟିଛି ସେଥିମଧ୍ୟରୁ ପ୍ରାୟ ୯୯ ପ୍ରତିଶତ ପଛରେ ଡିଜିଟାଲ୍ ବ୍ୟବସ୍ଥାକୁ ଦାୟୀ କରାଯାଇପାରେ। ଡିଜିଟାଲ୍ ସିଗନାଲ୍ ବା ଭିଡ଼ ନିୟନ୍ତ୍ରଣକୁ ଅତ୍ୟାଧୁନିକ ଜ୍ଞାନକୌଶଳ ବଳରେ ସୁସଂଯତ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଡିଜିଟାଲ ଜ୍ଞାନକୌଶଳର ଭରପୂର ପ୍ରୟୋଗ କରାଯାଇଥିବା ବେଳେ ତାହାର ସାମାନ୍ୟ ତମ ଅପ୍ରସ୍ତୁତି ଯୋଗୁଁ ଯେଉଁ ଦୁର୍ଘଟଣାମାନ ଘଟୁଛି ସେଥିମଧ୍ୟରୁ ୨୦୨୩ର ବାହାନଗା ରେଳଦୁର୍ଘଟଣା ଇତିହାସରେ ଅପାସୋରା ହୋଇ ରହିଯିବ।

ଡିଜିଟାଲ୍ ଇଣ୍ଡିଆର ଆଉ ଏକ ନକାରାତ୍ମକ ଦିଗ ଏବେ ସାମ୍ନାକୁ ଆସିଛି। ପଶ୍ଚିମବଙ୍ଗରେ ଏସ୍ଆଇଆର ପ୍ରକ୍ରିୟାରେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ବ୍ୟକ୍ତି ଓ ପରିବାର ବିଭିନ୍ନ ଜନକଲ୍ୟାଣକାରୀ ସରକାରୀ ଯୋଜନାରୁ ବଞ୍ଚିତ ହେବେ ବୋଲି ପଶ୍ଚିମବଙ୍ଗର ନବନିର୍ବାଚିତ ସରକାର ଘୋଷଣା କରିଛନ୍ତି। ଭୋଟର ତାଲିକାରୁ ବାଦ୍ ପଡ଼ିଥିବା କାରଣରୁ ପାସ୍‌ପୋର୍ଟ ମଧ୍ୟ ନବୀକରଣ ହୋଇପାରୁ ନ ଥିବା ଜଣାପଡ଼ିଛି। ଏହା କହିବା ବାହୁଲ୍ୟ ଯେ ଏସ୍ଆଇଆରରେ 'ତାର୍କିକ ବିସଙ୍ଗତି'(ଲଜିକାଲ୍ ଡିସ୍‌କ୍ରିପାନ୍ସି) ଭଳି ଯେଉଁ ଅସ୍ତ୍ରଟିକୁ ଉପଯୋଗ କରାଗଲା ସେଥିରେ ଅନ୍ୟାୟଭାବେ ଅନେକ ଯୋଗ୍ୟ ଭୋଟର ତାଲିକାରୁ ବାଦ୍ ପଡ଼ିଲେ। ଆଲ୍‌ଗୋରିଦିମ୍(ଡିଜିଟାଲ) ଦ୍ୱାରା ନିୟନ୍ତ୍ରିତ ଏହି ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ଭାରତୀୟମାନେ ଏବେ ସେମାନଙ୍କ ନାଗରିକତ୍ୱ ହରାଇବା ପରି ସ୍ଥିତି ସୃଷ୍ଟି ହୋଇଛି ଏବଂ ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ବୋଝ ବଢ଼ିଚାଲିଛି। ସ୍ୱୟଂକ୍ଷମ ପୂର୍ଣ୍ଣପ୍ରସ୍ତୁତିର ଅନୁପସ୍ଥିତିରେ 'ଡିଜିଟାଲ୍ ଇଣ୍ଡିଆ'ରେ ଯେଉଁଭଳି ଭାବେ ସାଇବର ଅପରାଧ, ଡିଜିଟାଲ୍ ଆରେଷ୍ଟ, ହ୍ୟାକିଂ ଅପରାଧମାନ ବଢ଼ିଚାଲିଛି ତାହା ମଧ୍ୟ କାହାକୁ ଅଛପା ନାହିଁ। ବିଦ୍ୟାଳୟମାନଙ୍କରେ 'ଆଧାର' ଓ 'ଅପାର' ସଂଯୋଗର ବାଧ୍ୟବାଧକତା ଜନ୍ମ ଦେଇଥିବା ଜଟିଳତା, ସମସ୍ୟା ଓ ଯନ୍ତ୍ରଣା ଅଭିଭାବକଙ୍କ ଛଡ଼ା ଆଉ କେହି ହୃଦୟଙ୍ଗମ କରିପାରିବେ ନାହିଁ।

ତେଣୁ ଶ୍ରୁତିମଧୁର ଡିଜିଟାଲ୍ ଇଣ୍ଡିଆକୁ ତିକ୍ତ-ଅନୁଭବମୁକ୍ତ କରିବାକୁ ହେଲେ ନୀତିନିର୍ଦ୍ଧାରଣ ସ୍ତରରେ ଆହୁରି ପରିପକ୍ୱତା ଆବଶ୍ୟକ। ପ୍ରଚାରସର୍ବସ୍ୱ ମାନସିକତାକୁ ତ୍ୟାଗ କରି ପ୍ରଭାବସର୍ବସ୍ୱ ନୀତି ନିର୍ଦ୍ଧାରଣ ନ ହେବା ଯାଏଁ ଡିଜିଟାଲ ଇଣ୍ଡିଆର ଏଭଳି ଅଦେଖା ଓ ଅକୁହା କଷଣ ଓ ଉଦାହରଣମାନ ବଢ଼ିଚାଲିଥିବ।

# ନିର୍ବାଚନ ପୂର୍ବରୁ ଓ ପରେ

**ଅକ୍ଷୟ କୁମାର ମିଶ୍ର**

ଜନସାଧାରଣ ସବୁବେଳେ ଆଶା କରନ୍ତି ତାଙ୍କର ଯିଏ ନେତା ହେବେ ସେ ଜଣେ ଭଲ ସେବକ ହୁଅନ୍ତୁ। ତାଙ୍କର ଭାବମୂର୍ତ୍ତି ନିର୍ମଳ ହେଉ। ସେ ନିଃସ୍ୱାର୍ଥପର, ନିରାଡ଼ମ୍ବର, ନିଷ୍କଳଙ୍କ ଓ ନିରପେକ୍ଷ ହୁଅନ୍ତୁ। ଦୟା, କ୍ଷମା, ଉଦାରତା, ସହନଶୀଳତା ଆଦି ମାନବୀୟ ଗୁଣର ସେ ଅଧିକାରୀ ହୁଅନ୍ତୁ। ସର୍ବୋପରି ଜଣେ ଜ୍ଞାନୀ ମଣିଷ ହୁଅନ୍ତୁ। ଲୋକଙ୍କର ଏହି ଭାବନାକୁ ଆମ ଦେଶର ତଥାକଥିତ ନେତାମାନେ ବେଶ୍ ଭଲଭାବରେ ଜାଣିଛନ୍ତି। ସେଇଥିପାଇଁ ବୋଧହୁଏ ନିର୍ବାଚନ ପୂର୍ବରୁ ସେମାନଙ୍କର ଗୋଟିଏ ରୂପ ନିର୍ବାଚନ ପରେ ଆଉ ଏକ ରୂପ।

ନିର୍ବାଚନ ପୂର୍ବରୁ ସବୁ ନେତା ଭଦ୍ର, ସରଳ, ମିଷ୍ଟଭାଷୀ। ଏମିତି ଆଚରଣ ପ୍ରଦର୍ଶନ କରନ୍ତି ସତେଯେମିତି ସାମାନ୍ୟତମ ଲୋଭ ବା ମୋହର ବଶବର୍ତ୍ତୀ ନୁହନ୍ତି ସେମାନେ। ସାଧାରଣ ବେଶଭୂଷା, ସରଳ ଜୀବନଯାପନ ଲୋକଙ୍କୁ ଆକୃଷ୍ଟ କଲା ଭଳି। ଆହାରେ ଭଲ-ମନ୍ଦ ନାହିଁ। ଜାତି-ଅଜାତି ଆଉ ସ୍ଥାନ-କାଳ-ପାତ୍ରର ବାଛବିଚାର ନାହିଁ। ଯେଉଁଠି ଯେମିତି ମିଳେ ତାହା ଆଗ୍ରହର ସହିତ ଖାଇ ନିଅନ୍ତି। କାହା ପିଣ୍ଡାର ଛିଣ୍ଡା ମଶିଣାରେ, ମନ୍ଦିର ଅଗଣାରେ, ମେଳଣ ପଡ଼ିଆରେ, ଘାସ ଉପରେ ବସି ଲୋକଙ୍କ ଅନ୍ତରଙ୍ଗ ହେବାକୁ ଉଦ୍ୟମ କରନ୍ତି। କାହାର ବିପଦ ଆପଦରେ ଅଯାଚିତ ଭାବେ ଆସି ପହଞ୍ଚି ଯାଆନ୍ତି। ବେଳେ ବେଳେ ଶବ ଶୋଭାଯାତ୍ରାରେ କୋକେଇରେ କାନ୍ଧ ଦେଇ ମଶାଣି ପର୍ଯ୍ୟନ୍ତ ଯାଆନ୍ତି। ବଦମାସ, ଚୋର, ଡକାୟତ ବି ସାଧୁ ପାଲଟି ଯାଆନ୍ତି ନିର୍ବାଚନ ସମୟରେ। ଦାନୀ ହରିଶ୍ଚନ୍ଦ୍ର ଭଳି ଦାନ ଦକ୍ଷିଣା ଦେବାରେ ମଧ୍ୟ କାର୍ପଣ୍ୟ ପ୍ରକାଶ କରନ୍ତି ନାହିଁ। ଲୋକେ କୁହା ବୁଲା କରନ୍ତି 'ମଣିଷ ଭଳି ମଣିଷଟିଏ। ନେତା ହେବ ତ ଏମିତି।'

ଲୋକଙ୍କର କଳନା ଭୁଲ ପ୍ରମାଣିତ ହୁଏ ନିର୍ବାଚନ ପରେ। ସମସ୍ତ ପ୍ରଶଂସା ତିରସ୍କାରର ରୂପ ନିଏ। ବାରମ୍ବାର ନିଜକୁ ପ୍ରଶ୍ନ ପଚାରିବାକୁ ଇଚ୍ଛା ହୁଏ, ଏତେ ଶୀଘ୍ର ସେମାନେ ବଦଳି ଯାଉଛନ୍ତି କେମିତି? ନିର୍ବାଚନ ଜିଣିବାର ମାସେ ଦୁଇ ମାସ ଭିତରେ ସବୁକିଛି ବଦଳି ଯାଉଛି। ପଖାଳ ଖାଇବା ତ ଦୂରର କଥା ଦେଖା ଦର୍ଶନ ମିଳୁ ନାହିଁ। କୌଣସି ଜରୁରୀ କାମରେ ସାକ୍ଷାତ କରିବାକୁ ଗଲେ ସହଜେ ସମ୍ଭବ ହେଉ ନାହିଁ। 'ସାର୍ ଶୋଇଛନ୍ତି', 'ସାର୍ ଆଜି ଦେଖା ହୋଇ ପାରିବେ ନାହିଁ', 'ବହୁ ନାମୀଦାମୀ ଲୋକଙ୍କ ପାଇଁ ସମୟ ସ୍ଥିର ହୋଇଛି', 'କେଉଁଠୁ ଆସିଛ, କାମ କ'ଣ...?' ଏମିତି କେତେ ଶୁଣେଇ ଦେବ ଦରୱାନ୍। ଅତି କାକୁସ୍ଥ ହେଲେ ଉତ୍ତର ଆସିବ, 'ଠିକ୍ ଅଛି ଗୋଟିଏ କାଗଜରେ ନାମ ଠିକଣା ଲେଖିଦିଅ। ପ୍ରାଇଭେଟ୍ ଆସିଷ୍ଟାଣ୍ଟଙ୍କୁ ଦେବି।' ଅଳ୍ପ କେତୋଟି ଦିନ ଭିତରେ ରାଜଧାନୀରେ ଦାମୀ ବଙ୍ଗଳା ତିଆରି ହେଉଛି। ଘରର ଯେତେ ସଦସ୍ୟ ସମସ୍ତଙ୍କ ପାଇଁ ନିଜ ପସନ୍ଦର ଗାଡ଼ି କିଣା ହେଉଛି। ପୁଅ ଝିଅମାନେ ଆଉ ସରକାରୀ ଶିକ୍ଷାନୁଷ୍ଠାନରେ ପଢ଼ୁ ନାହାନ୍ତି। ଏମିତିକି ଏକଦା ଦେଶଭକ୍ତିର ଡିଣ୍ଡିମ ପିଟୁଥିବା ବାବୁ ତାଙ୍କ ପୁଅଝିଅଙ୍କୁ ବିଦେଶରେ ପାଠ ପଢ଼ାଉଛନ୍ତି। ଅଳ୍ପ କେତେଜଣଙ୍କୁ ଛାଡ଼ିଦେଲେ ନିର୍ବାଚନ ପରେ ନବେ ପ୍ରତିଶତ ନେତାଙ୍କ ନିକଟରେ ନୀତି, ଆଦର୍ଶ କେବଳ ମୁଖନିଃସୃତ ବାଣୀ। ଅସଲରେ ଦୁର୍ନୀତିର ପାହାଡ଼ ଆରୋହଣ କରିବାରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି ନେତାଙ୍କ ଭିତରେ।

ଗଣତନ୍ତ୍ରର ପୃଷ୍ଠଭୂମିରେ ଛିଡ଼ା ହୋଇ ଆମେ ଯଦି ନିରୀକ୍ଷଣ କରିବା ତେବେ ଅତି ସହଜରେ ଜାଣି ପାରିବା କେବଳ ଜନପ୍ରତିନିଧିଙ୍କଠାରେ ପରିବର୍ତ୍ତନ ଘଟୁନାହିଁ। ରାଜନୈତିକ ଦଳଗୁଡ଼ିକ ମଧ୍ୟ ଅନେକମାତ୍ରାରେ ନିଜର ନୀତି ଓ କାର୍ଯ୍ୟଧାରାରେ ପରିବର୍ତ୍ତନ ଘଟାଉଛନ୍ତି। ନିର୍ବାଚନ ପୂର୍ବରୁ ଯେଉଁ କଥା ସବୁ କୁହନ୍ତି ନିର୍ବାଚନ ପରେ ସେସବୁ କାମରେ ପ୍ରତିଫଳିତ ହୁଏ ନାହିଁ। ସବୁଠାରୁ ବଡ଼ କଥା ହେଉଛି କ୍ଷମତାରେ ରହିବା ଏବଂ କ୍ଷମତାକୁ ନିରଙ୍କୁଶ ଉପଭୋଗ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରୁଛନ୍ତି। ଯେନତେନ ପ୍ରକାରେ ଦଳର ଶକ୍ତି ବୃଦ୍ଧି କରିବା ପାଇଁ ବିଭିନ୍ନ ଅସାଧୁ ପନ୍ଥା ଅବଲମ୍ବନ କରୁଛନ୍ତି।

ଆଲୋଚନାକୁ ଆଣିଲେ ଅନେକ ଘଟଣା ଆସିବ। ତେବେ ଅଳ୍ପ କେତୋଟି ଘଟଣା ସମ୍ପର୍କରେ ଆଲୋଚନା କରିବା। ଏଇ କିଛିବର୍ଷ ହେଲା ଆମେ ଦେଖୁଛୁ ନିର୍ବାଚନ ପରେ ସରକାରୀ ଦଳ କେମିତି ଅନ୍ୟ ଦଳରୁ ନିର୍ବାଚିତ ପ୍ରତିନିଧିମାନଙ୍କୁ ନିଜ ପକ୍ଷକୁ ନେବା ପାଇଁ ଲାଗି ପଡୁଛନ୍ତି। ବିଶେଷକରି ରାଜ୍ୟସଭା ସାଂସଦଙ୍କ ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି। ଆମ ରାଜ୍ୟର ତିନି ଜଣ ବିଜେଡି ଦଳର ସାଂସଦ ପଦବୀରୁ ଇସ୍ତଫା ଦେଇ ସରକାରୀ ଦଳରେ ସାମିଲ ହେବା ଏବଂ ସଙ୍ଗେ ସଙ୍ଗେ ଦଳୀୟ ଟିକଟ ଦେଇ ପୁନର୍ବାର ସେମାନଙ୍କୁ ରାଜ୍ୟସଭାକୁ ନେଇଯିବାରେ ନୈତିକତାକୁ କେମିତି ସମ୍ପୂର୍ଣ୍ଣ ବିସର୍ଜନ ଦିଆଗଲା ତାହା ସଭିଏଁ ଦେଖିଲେ। ଏମିତି ଏକ ଇସ୍ତଫା ନାଟକ ହେଲା କେବଳ ମାତ୍ର ଦଳବଦଳ ଆଇନରୁ ରକ୍ଷା ପାଇବା ପାଇଁ। 'ଆପ୍' ଦଳର ସାତ ଜଣ ରାଜ୍ୟସଭା ସାଂସଦ କେମିତି ପକ୍ଷ ପରିବର୍ତ୍ତନ କଲେ ତାହା ସଭିଏଁ ଦେଖିଛନ୍ତି। ଏବେ ଦୃଷ୍ଟି ପଡ଼ିଛି ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ଉପରେ। ଏହି ଦଳର ସଂକେତରେ ଭୋଟ୍ ନେଇ ନିର୍ବାଚିତ ହୋଇଥିବା ସାଂସଦମାନଙ୍କ ଉପରେ। ୨୮ ଜଣ ସାଂସଦଙ୍କ ମଧ୍ୟରୁ ୨୦ ଜଣ ସାଂସଦ ଏନ୍‌ଡିଏକୁ ସମର୍ଥନ ଦେବାକୁ ଘୋଷଣା କରିବା ପୂର୍ବରୁ ସେହି ରାଜ୍ୟର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଯିଏ ସେମାନଙ୍କର ଘୋର ବିରୋଧୀ ଥିଲେ ତାଙ୍କ ସହିତ ଗୋପନ ବୈଠକ କରିବା ଦଳର ଭିତିରି ଉଦ୍ଦେଶ୍ୟକୁ ପଦାରେ ପକାଇ ଦେଇଛି। ନିର୍ବାଚନ ପୂର୍ବରୁ ଦଳ ଏମାନଙ୍କ ବିରୁଦ୍ଧରେ ପ୍ରଚାର କରୁଥିଲା, ଏମାନଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ଆଣୁଥିଲା। ମାତ୍ର ନିର୍ବାଚନ ପରେ ନିଜ ଦଳକୁ କୋଳେଇ ନେଉଛି ସବୁକୁ ଭୁଲି। ରାଜ୍ୟସଭା ନିର୍ବାଚନ ସମୟରେ ସରକାରୀ ଦଳମାନେ କେଉଁ ଆଭିମୁଖ୍ୟ ନେଉଛନ୍ତି ତାହା ବିଭିନ୍ନ ରାଜ୍ୟର ଦାଣ୍ଡରେ ପଡ଼ି ଗଡ଼ୁଛି। ଓଡ଼ିଶାରେ ବୋଧହୁଏ ଏହା ସବୁ ସୀମା ଟପି ଯାଇଛି।

ନିର୍ବାଚନ ପରେ ଆଉ ଏକ ଘଟଣା ହେଉଛି ଦଳ ଭାଙ୍ଗିବା। ମହାରାଷ୍ଟ୍ରରେ ଶିବସେନା ଏବଂ ଏନ୍.ସି.ପି. କେମିତି ଏବଂ କେଉଁଥି ପାଇଁ ଭାଙ୍ଗିଲା କାହାକୁ ଅଛପା ନାହିଁ। ଏବେ ପଶ୍ଚିମବଙ୍ଗରେ ସେହି ସମାନ ନାଟକର ପୁନରାବୃତ୍ତି। ପନ୍ଦର ବର୍ଷ ଶାସନ କଲା ପରେ ତୃଣମୂଳ କଂଗ୍ରେସ ନିର୍ବାଚନରେ ପରାଜିତ ହେଲା ଏବଂ ଅଶୀ ବିଧାୟକଙ୍କୁ ନେଇ ବିରୋଧୀ ଦଳ ଆସନରେ ବସିଲା। ମାତ୍ର ମାସେ ଯାଇନି ଅଶୀରୁ ଷାଠିଏ ବିଧାୟକ ମିଶି ନୂତନ ତୃଣମୂଳ କଂଗ୍ରେସ ଗଠନ କଲେ। ନିର୍ବାଚନ ପୂର୍ବରୁ ଯେଉଁମାନେ ଅତ୍ୟନ୍ତ କୁତ୍ସିତ ଭାଷାରେ କଟୁ ସମାଲୋଚନା କରୁଥିଲେ ନିର୍ବାଚନ ପରେ ସେମାନେ ପ୍ରଶଂସାରେ ଶତମୁଖୀ। ପରମ ଶତ୍ରୁ ପରମ ମିତ୍ର ପାଲଟି ଯାଉଛି। ନିର୍ବାଚନ ପୂର୍ବରୁ ଦଳ ଡେଇଁବା ଆମ ଦେଶରେ ରାଜନୈତିକ ସଂସ୍କୃତି ପାଲଟି ଯାଇଛି। ଦେଶର ଜନଗଣ ମଧ୍ୟ ଏହାକୁ ଗ୍ରହଣ କରିନେଇଛନ୍ତି। ନିର୍ବାଚନ ପରେ ସାଧାରଣ ଲୋକେ କିଛି ସୁବିଧା ସୁଯୋଗ ପାଇବା ଆଶାରେ କ୍ଷମତାସୀନ ଦଳକୁ ଯାଆନ୍ତି। କିନ୍ତୁ ଗୋଟିଏ ଦଳରୁ ଜିଣି ଅନ୍ୟ ଦଳକୁ ଯିବା ଭୟରେ ନା ଭକ୍ତିରେ ତାହା ହିଁ ବିଚାର୍ଯ୍ୟ। ଯାହା ଦେଖାଯାଉଛି ଅଧିକାଂଶ କ୍ଷେତ୍ରରେ ଭୟ ଗ୍ରାସ କରୁଛି ଏହି ନେତାମାନଙ୍କୁ। ସଭିଏଁ ଅନୁଭବ କଲେଣି ଶାସକ ଶ୍ରେଣୀରେ ରହିଲେ ସବୁପ୍ରକାର ଅପକର୍ମକୁ ଲୁଚାଇ ହେବ। ଅଧିକନ୍ତୁ ଉଦ୍‌ବୃତ୍ତ କ୍ଷମତାର ଉପଭୋଗ କରିହେବ ଯଦି ମନ୍ତ୍ରୀ ପଦଟିଏ ମିଳିଗଲା। ମାତ୍ର ଏହି କ୍ଷେତ୍ରରେ ରାଜନୈତିକ ଦଳମାନଙ୍କୁ ଅଧିକ ଦାୟୀ କରାଯାଇ ପାରେ। ଦଳର ଦୁର୍ନୀତି ସହିତ ସାଲିସ ଏବଂ ଆଦର୍ଶଗତ ବିଚ୍ୟୁତି ଯୋଗୁଁ ଏଭଳି ଘଟଣା ଘଟୁଛି ଯାହା ଗଣତନ୍ତ୍ରର ପକ୍ଷ ଛେଦନ କରୁଛି।

ବ୍ୟକ୍ତି ଓ ଦଳମାନଙ୍କର ଏଭଳି ଅବାଞ୍ଛିତ ପରିବର୍ତ୍ତନ ଗଣ କିମ୍ବା ଗଣତନ୍ତ୍ର କାହା ପାଇଁ ଶୁଭଙ୍କର ନୁହେଁ। ଏହା ଅନ୍ୟାୟ, ଅନୀତି ଓ ଦୁର୍ନୀତିକୁ ପ୍ରୋତ୍ସାହନ ଯୋଗାଏ। ବ୍ୟକ୍ତିବାଦର ଉତ୍ଥାନ ଘଟାଏ। ସୁବିଧାବାଦ ରାଜନୀତିକୁ ଲାଳନ ପାଳନ କରି ବଡ଼ କରାଏ। ଏହାକୁ ରୋକାଯାଇ ପାରିବ ଯଦି ଜନଗଣ ସଚେତନ ହେବେ। ଯେଉଁଦିନ ଜନଗଣ ନିର୍ଭୀକତାର ସହିତ ପ୍ରଶ୍ନ ପଚାରିବେ ଏବଂ ଏ ପ୍ରକାର ଅସାଧୁ, ଅନୈତିକ କାର୍ଯ୍ୟଗୁଡ଼ିକୁ ସାହସର ସହିତ ବିରୋଧ କରିବେ ସେହିଦିନ ପ୍ରକୃତ ଗଣତନ୍ତ୍ରର ପ୍ରତିଷ୍ଠା ସମ୍ଭବ ହେବ। ନହେଲେ ଆମେ କେବଳ ନିଜକୁ ଦୋଷ ଦେଇ ଚାଲିଥିବା ଏବଂ କହି ଚାଲିଥିବା 'ଯିଏ ଲଙ୍କାକୁ ଗଲା ସିଏ ରାବଣ ହେଲା।'

ମୋ : ୯୯୩୮ ୭୬୩୨୩୭

# କେବେ ପୂରଣ ହେବ ଭାରତର ବିଶ୍ୱକପ୍ ସ୍ୱପ୍ନ?

**ବରୁଣ କୁମାର ମହାପାତ୍ର**

ବିଶ୍ୱର ସବୁଠାରୁ ଲୋକପ୍ରିୟ ଖେଳ ଫୁଟବଲ୍। ତେଣୁ 'ଫିଫା ବିଶ୍ୱକପ୍'ରେ ଖେଳିବା ପ୍ରତ୍ୟେକ ଦେଶର ସ୍ୱପ୍ନ ହୋଇଥାଏ। ତେବେ ଫୁଟବଲର ଏହି ମହାକୁମ୍ଭରେ ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତର ଅନୁପସ୍ଥିତି ଦେଶବାସୀଙ୍କ ପାଇଁ ନିରାଶାର କାରଣ ହୋଇଆସିଛି। ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିବାରେ ଭାରତର ଏପରି ବାରମ୍ବାର ବିଫଳତା ବିଶେଷଜ୍ଞମାନଙ୍କୁ ବିସ୍ମିତ କରିଛି। ଆମ ଦେଶରେ ଫୁଟବଲ୍ ପ୍ରତିଭାଙ୍କ ଅଭାବ ନାହିଁ। ଅଥଚ ଭାରତ ବିଶ୍ୱକପ ପାଇଁ ଯୋଗ୍ୟତା ହାସଲ କରିବାରେ ସଂଘର୍ଷ କରୁଛି। ଦିଲ୍ଲୀ ଠାରୁ ବି ଛୋଟ କ୍ୟୁରାସାଓ ଓ କେପ୍ ଭର୍ଡେ ଭଳି ଦେଶ ଚଳିତ ବିଶ୍ୱକପ୍‌ରେ ଖେଳୁଥିବା ବେଳେ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର କାହିଁକି ଯୋଗ୍ୟତା ଅର୍ଜନ କରିପାରୁ ନାହିଁ? କେଉଁଠି ରହୁଛି ଅଭାବ? କେବେ ପୂରଣ ହେବ ଭାରତର ବିଶ୍ୱକପ୍ ସ୍ୱପ୍ନ?

ଏକଦା ଏସିଆରେ ଭାରତୀୟ ଫୁଟବଲର ଏକ ସ୍ୱତନ୍ତ୍ର ପରିଚୟ ଥିଲା। ଭାରତ ୧୯୬୨ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣପଦକ ଜିତିଥିଲା। ଏପରିକି ୧୯୫୦ 'ଫିଫା' ବିଶ୍ୱକପ୍ ପାଇଁ ଭାରତ ଯୋଗ୍ୟତା ଅର୍ଜନ କରିଥିଲା। କିନ୍ତୁ ଆର୍ଥିକ ପ୍ରତିବନ୍ଧକ ଓ ଅନ୍ତର୍ଜାତୀୟ ଯାତ୍ରା ସମ୍ପର୍କରେ ସଚେତନତାର ଅଭାବ ଯୋଗୁଁ ଦଳ ବିଶ୍ୱକପରୁ ଓହରି ଯାଇଥିଲା। ସମୟକ୍ରମେ ଅନ୍ୟ ଦେଶଗୁଡ଼ିକ ଦ୍ରୁତ ଅଗ୍ରଗତି କରିଥିବା ବେଳେ ଭାରତ ପଛରେ ପଡ଼ିଯାଇଥିଲା। ଆଜି ଜାପାନ, ଦକ୍ଷିଣ କୋରିଆ, ଅଷ୍ଟ୍ରେଲିଆ, ସାଉଦି ଆରବ, କତାର ଭଳି ଦେଶ ବିଶ୍ୱକପ୍‌ରେ ନିୟମିତ ଖେଳୁଛନ୍ତି। କିନ୍ତୁ ଭାରତ ଯୋଗ୍ୟତା ପର୍ଯ୍ୟାୟ ପର୍ଯ୍ୟନ୍ତ ପହଞ୍ଚି ପାରୁନାହିଁ।

ଭାରତୀୟ ଫୁଟବଲର ଏହି ଅନ୍ତହୀନ ଦୁର୍ଦ୍ଦଶାର ପ୍ରମୁଖ କାରଣ ହେଉଛି ତୃଣମୂଳ ସ୍ତରରେ ଫୁଟବଲର ଦୁର୍ବଳ ଭିତ୍ତି। ଫୁଟବଲ୍‌ରେ ସଫଳତା ସାଉଁଟିଥିବା ଦେଶଗୁଡ଼ିକରେ ୫-୬ ବର୍ଷ ବୟସରୁ ହିଁ ପିଲାମାନଙ୍କୁ ବୈଜ୍ଞାନିକ ଢଙ୍ଗରେ ପ୍ରଶିକ୍ଷଣ ଦିଆଯାଏ। ସ୍କୁଲ, କ୍ଲବ ଓ ସ୍ଥାନୀୟ ଲିଗ୍ ମଧ୍ୟରେ ସୁଦୃଢ଼ ସମନ୍ୱୟ ରହିଥାଏ। ଭାରତରେ ଏପରି ସୁବ୍ୟବସ୍ଥିତ ଏକାଡେମୀ ଓ ଦକ୍ଷ ପ୍ରଶିକ୍ଷକଙ୍କ ସଂଖ୍ୟା କେବଳ କିଛି ରାଜ୍ୟ ଓ ସହରରେ ସୀମିତ। ଫଳରେ ପ୍ରତିଭାର ଅଭାବ ନ ଥିଲେ ମଧ୍ୟ ଅନେକ ଖେଳାଳି ସଠିକ୍ ମାର୍ଗଦର୍ଶନ ପାଉ ନାହାନ୍ତି। ଦ୍ୱିତୀୟ ବଡ଼ ସମସ୍ୟା ହେଉଛି ଭିତ୍ତିଭୂମିର ଅଭାବ। ଉନ୍ନତମାନର ଫୁଟବଲ ପଡ଼ିଆ, ପ୍ରଶିକ୍ଷଣ କେନ୍ଦ୍ର, କ୍ରୀଡ଼ା ବିଜ୍ଞାନ, ଫିଟନେସ୍ ବ୍ୟବସ୍ଥା, ଫିଜିଓଥେରାପି ଓ ଆଧୁନିକ କୋଚିଂ ସୁବିଧା ଏପର୍ଯ୍ୟନ୍ତ ସମଗ୍ର ଦେଶରେ ଉପଲବ୍ଧ ନୁହେଁ। ଆଜିର ଫୁଟବଲ କେବଳ ଦକ୍ଷତାର ଖେଳ ନୁହେଁ; ବରଂ ଏହା ବୈଜ୍ଞାନିକ ଢଙ୍ଗରେ ପ୍ରସ୍ତୁତି, ଶାରୀରିକ କ୍ଷମତା ଓ ମାନସିକ ଦୃଢ଼ତାର ଏକ ପରୀକ୍ଷା। ଏହିସବୁ ମାନଦଣ୍ଡରେ ଆମର ଖେଳାଳି ଅନ୍ୟ ଦେଶମାନଙ୍କଠାରୁ ପଛରେ ପଡ଼ିଯାଇଛନ୍ତି।

ଆମ ଦେଶରେ କ୍ରିକେଟ୍ ଖେଳର ଲୋକପ୍ରିୟତା ମଧ୍ୟ ଫୁଟବଲର ବିକାଶରେ କିଛିମାତ୍ରାରେ ଅନ୍ତରାୟ ସୃଷ୍ଟି କରୁଛି। ଆଇପିଏଲ୍ ଯୁଗରେ ପ୍ରତିଭାଶାଳୀ ଯୁବକମାନେ ଅଧିକ ରୋଜଗାର, ଖ୍ୟାତି ପାଇଁ କ୍ରିକେଟକୁ ପସନ୍ଦ କରୁଛନ୍ତି। ଫୁଟବଲରେ ଏପର୍ଯ୍ୟନ୍ତ ସେହିସ୍ତରର ଆର୍ଥିକ ସୁରକ୍ଷା ଓ ପେଶାଦାର ସୁଯୋଗ ସୃଷ୍ଟି ହୋଇପାରିନାହିଁ। ଆଇପିଏଲ୍ ଢାଞ୍ଚାରେ ୨୦୧୪ରେ ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍ଏଲ୍) ଆରମ୍ଭ ହେବା ପରେ ଭାରତୀୟ ଫୁଟବଲ୍ ପାଇଁ ଆଶା ସଞ୍ଚାର ହୋଇଥିଲା। ହେଲେ ଭାରତୀୟ ଫୁଟବଲ୍ ସଂଘ (ଏଆଇଏଫ୍ଏଫ୍)ର ଅଣପେଶାଦାର ମନୋବୃତ୍ତି ଯୋଗୁଁ ଏହି ଲିଗ୍ ପାଇଁ ଏବେ ପ୍ରାୟୋଜକ ଖୋଜିବା କଷ୍ଟକର ହୋଇପଡ଼ିଛି।

ବିଶ୍ୱର ଏକ ଅଗ୍ରଣୀ ଫୁଟବଲ୍ ଦେଶ ହେବାକୁ ହେଲେ ଭାରତକୁ କେବଳ ଏସିଆର ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ନିୟମିତ ଭାବେ ଖେଳିବାକୁ ପଡ଼ିବନି, ବରଂ ସେମାନଙ୍କର ବୈଷୟିକ ମାନଦଣ୍ଡ ଏବଂ ଗତି ସହିତ ତାଳ ଦେଇ ଆଗକୁ ବଢ଼ିବାକୁ ହେବ। ବିଶ୍ୱର ଶ୍ରେଷ୍ଠ ତଥା ତୀବ୍ର ପ୍ରତିଯୋଗିତାମୂଳକ ଲିଗ୍ ଭାବେ ବିବେଚିତ ୟୁରୋପୀୟ ଓ ଦକ୍ଷିଣ ଆମେରିକୀୟ ଫୁଟବଲ୍ ଲିଗ୍‌ରେ ଆମ ଖେଳାଳିମାନଙ୍କର ଖେଳିବାର ଅଭିଜ୍ଞତା ସୀମିତ। ଏହାଛଡ଼ା ଭାରତୀୟ ଫୁଟବଲ ପ୍ରଶାସନରେ ସ୍ୱଚ୍ଛତା, ସ୍ପଷ୍ଟ ରୋଡମ୍ୟାପ୍‌ର ଅଭାବ ଓ ବାରମ୍ବାର ନୀତି ପରିବର୍ତ୍ତନ ମଧ୍ୟ ଏହି ଖେଳର ବିକାଶରେ ବାଧକ ସାଜିଛି। କୌଣସି ଦେଶ ବର୍ଷେ କିମ୍ବା ଦୁଇ ବର୍ଷରେ ବିଶ୍ୱକପ୍ ଦଳ ପ୍ରସ୍ତୁତ କରି ନ ଥାଏ। ଏଥିପାଇଁ ୧୦ରୁ ୧୫ ବର୍ଷର ନିରନ୍ତର ଯୋଜନା, ଧୈର୍ଯ୍ୟ ଓ ସୁସଂଗଠିତ କାର୍ଯ୍ୟକ୍ରମ ଆବଶ୍ୟକ। ଫୁଟବଲ୍ ପ୍ରଶାସନ ପେଶାଦାର ଏବଂ ଦୂରଦୃଷ୍ଟିସମ୍ପନ୍ନ ନହେବା ଯାଏଁ ବିଶ୍ୱକପ୍ ଖେଳିବା ଲକ୍ଷ୍ୟ ଅଧୁରା ରହିବ।

ପ୍ରଥମେ ସ୍କୁଲସ୍ତରରୁ ଫୁଟବଲକୁ ଏକ ସଂଗଠିତ ଆନ୍ଦୋଳନରେ ପରିଣତ କରିବାକୁ ପଡ଼ିବ। ପ୍ରତ୍ୟେକ ଜିଲ୍ଲାରେ ଫୁଟବଲ ଏକାଡେମୀ, ନିୟମିତ ଯୁବ ଲିଗ୍ ଓ ପ୍ରତିଭା ଚିହ୍ନଟ ବ୍ୟବସ୍ଥା ଗଢ଼ି ଉଠିବା ଦରକାର। ଅଭିଜ୍ଞ ଦେଶୀ ଓ ବିଦେଶୀ ପ୍ରଶିକ୍ଷକଙ୍କ ସହାୟତାରେ ଯୁବ ଖେଳାଳିଙ୍କୁ ବୈଜ୍ଞାନିକ ପ୍ରଶିକ୍ଷଣ ଦେବା ଆବଶ୍ୟକ। ଜାତୀୟ ଲିଗ୍‌କୁ ଅଧିକ ପ୍ରତିଯୋଗିତାମୂଳକ କରିବା ସହ ଯୁବ ଭାରତୀୟ ଖେଳାଳିଙ୍କୁ ନିୟମିତ ସୁଯୋଗ ଦେବା ଦରକାର। ଏହାଛଡ଼ା ଶକ୍ତିଶାଳୀ ଦଳମାନଙ୍କ ସହ ନିୟମିତ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବା ଦ୍ୱାରା ଆମ ଖେଳାଳିଙ୍କ ଦକ୍ଷତା ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସେମାନେ ଅନ୍ତର୍ଜାତୀୟ ସ୍ତରରେ ଅଭିଜ୍ଞତା ହାସଲ କରିବେ। ଭାରତୀୟ ଫୁଟବଲ ସଂଘକୁ ଏପରି ପ୍ରତିଯୋଗିତାମୂଳକ ମ୍ୟାଚ୍ ସଂଖ୍ୟା ବୃଦ୍ଧି କରିବା ଆବଶ୍ୟକ।

ସରକାର, ଫୁଟବଲ ସଂଘ, କର୍ପୋରେଟ୍ ସଂସ୍ଥା, ଶିକ୍ଷାନୁଷ୍ଠାନ ଏବଂ ସମାଜର ସମସ୍ତ ଅଂଶୀଦାର ଏକାଠି କାମ କଲେ ଭାରତୀୟ ଫୁଟବଲରେ ନୂଆ ଅଧ୍ୟାୟ ଆରମ୍ଭ ହୋଇପାରିବ। କେବଳ ସ୍ୱଳ୍ପକାଳୀନ ସଫଳତା ନୁହେଁ, ବରଂ ଦୀର୍ଘମିଆଦୀ ଲକ୍ଷ୍ୟକୁ ଆଖିଆଗରେ ରଖି ଏଥିରେ ନିବେଶ କରିବାକୁ ହେବ। ବିଶ୍ୱକପ୍‌ରେ ଭାରତ ଖେଳିବା କଷ୍ଟକର ହୋଇଥିଲେ ମଧ୍ୟ ଅସମ୍ଭବ ନୁହେଁ। ଆବଶ୍ୟକ କେବଳ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ସ୍ୱଚ୍ଛ ପ୍ରଶାସନ, ନିରନ୍ତର ପରିଶ୍ରମ ଓ ଦୀର୍ଘମିଆଦୀ ଯୋଜନା। ଏହା ହୋଇପାରିଲେ 'ଫିଫା' ବିଶ୍ୱକପ୍ ମଞ୍ଚରେ ତ୍ରିରଙ୍ଗା ଉଡ଼ିବ ଏବଂ ଭାରତୀୟ ଫୁଟବଲପ୍ରେମୀଙ୍କ ସ୍ୱପ୍ନ ସାକାର ହେବ।

ବ୍ରହ୍ମପୁର, ମୋ:୭୦୦୮୦୭୮୩୯୬

# ଶ୍ରୀମନ୍ଦିରରେ ରାଧାଦାମୋଦର ବେଶ

**ବ୍ରଜକିଶୋର ଦାଶ**

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



ଅଳଙ୍କାର ପ୍ରିୟ ହରି। ଏହି ଆପ୍ତବାକ୍ୟ ଅନୁସାରେ ଶ୍ରୀଜଗନ୍ନାଥ ଅଳଙ୍କାର ପ୍ରିୟ ଦେବତା। ଶ୍ରୀଜଗନ୍ନାଥଙ୍କ ବେଶ ପରିପାଟିରୁ ଜଣାଯାଏ, ମହାପ୍ରଭୁ ଚାରିପ୍ରକାର ଅଳଙ୍କାର ଯଥା ବସ୍ତ୍ର ଅଳଙ୍କାର, ପୁଷ୍ପ ଅଳଙ୍କାର, ସୁବର୍ଣ୍ଣ ଅଳଙ୍କାର ଓ ସୋଲ, ଜରି ଜମ୍ଭୁରା ନିର୍ମିତ ଅଳଙ୍କାରରେ ଭୂଷିତ ହୋଇଥା'ନ୍ତି। ଭାରତର କୌଣସି ଦେବମନ୍ଦିରରେ ଠାକୁରମାନଙ୍କୁ ଏଭଳି ଆକର୍ଷଣୀୟ ବହୁବିଧ ସାମଗ୍ରୀ ତଥା ଅଳଙ୍କାରରେ ମଣ୍ଡିତ କରିବାର ଦେଖାଯାଏ ନାହିଁ।

ପୁରାଣ ବର୍ଣ୍ଣିତ ବିଭିନ୍ନ ଲୀଳାକୁ ଆଧାର କରି ବର୍ଷସାରା ଶ୍ରୀମନ୍ଦିରରେ ଅନେକ ବେଶ ଅନୁଷ୍ଠିତ ହେଉଛି। ବାରମାସରେ ବିଷ୍ଣୁଙ୍କୁ ବାରଟି ନାମରେ ନାମିତ କରାଯାଇଛି। କାର୍ତ୍ତିକ ମାସରେ ବିଷ୍ଣୁଙ୍କର ନାମ ଦାମୋଦର। ଏହିମାସରେ ଶ୍ରୀମନ୍ଦିରରେ ରାଧାଦାମୋଦର ବେଶ ଅନୁଷ୍ଠିତ ହେଉଥିବା କଥା ସମସ୍ତେ ଜାଣନ୍ତି। କିନ୍ତୁ ପ୍ରକୃତପକ୍ଷେ ରାଧାଦାମୋଦର ବେଶ ଶ୍ରୀମନ୍ଦିରରେ ଆଶ୍ୱିନ ଶୁକ୍ଳପକ୍ଷ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳପକ୍ଷ ଦଶମୀ ପର୍ଯ୍ୟନ୍ତ ଏକମାସ ହୋଇଥାଏ। କେତେକ ଆଲୋଚକଙ୍କ ମତରେ ରାଇଦାମୋଦର ପୂଜାର କଥାବସ୍ତୁକୁ ନେଇ ରାଧାଦାମୋଦର ବେଶ ହେଉଥିବାର କୁହାଯାଏ। ରାଧା ଓ କୃଷ୍ଣଙ୍କୁ ନେଇ ବିଭିନ୍ନ ଗ୍ରନ୍ଥରେ ଏ ପୂଜା ସମ୍ବନ୍ଧରେ ଉଲ୍ଲେଖ ଥିବା ଜଣାଯାଏ। ଏପରିକି କେହିକେହି ରାଧାଦାମୋଦର ବେଶ ଶ୍ରୀଚୈତନ୍ୟଙ୍କ ପ୍ରେରଣାରେ ପ୍ରତାପରୁଦ୍ରଦେବଙ୍କ ସମୟରେ ଆରମ୍ଭ ହୋଇଥିବାର କହୁଥିଲା ବେଳେ ଅନ୍ୟ କେହି ଜୟଦେବ ଓ ନିମ୍ବାର୍କ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିର ଉପାସକ ଥିବାରୁ ଏବଂ ସେ ନିମ୍ବାର୍କ ସଂପ୍ରଦାୟର ମଠରେ ରହୁଥିବାରୁ ତାଙ୍କ ସମୟରୁ ଏହାର ପ୍ରାରମ୍ଭ ହୋଇ ଥାଇପାରେ କେହି କହିଥା'ନ୍ତି। ଏହା ଗବେଷଣାସାପେକ୍ଷ।

ଶ୍ରୀମନ୍ଦିରରେ ଅନୁଷ୍ଠିତ ରାଧାଦାମୋଦର ବେଶ ଏହିପରି। ଅବକାଶ ନୀତି ବଢ଼ିବା ପରେ ସବୁଦିନ ପରି ଶ୍ରୀବିଗ୍ରହଙ୍କୁ ବାରଲାଗି ପାଟ ପରିଧାନ କରାଯାଇଥାଏ। ରବିବାର ନାଲିରଙ୍ଗ, ସୋମବାର ଧଳାଛିଟ ମିଶା ଶୁକ୍ଳରଙ୍ଗ, ମଙ୍ଗଳବାର ପାଞ୍ଚରଙ୍ଗ ମିଶା ବାରପାଟିଆ, ବୁଧବାର ନୀଳରଙ୍ଗ, ଗୁରୁବାର ହଳଦିଆ ରଙ୍ଗ, ଶୁକ୍ରବାର ଶୁକ୍ଳରଙ୍ଗ ଓ ଶନିବାର କଳାରଙ୍ଗର ପାଟ ଠାକୁରମାନେ ପରିଧାନ କରିଥା'ନ୍ତି। ରାଧାଦାମୋଦର ବେଶରେ ମା'ସୁଭଦ୍ରା ବାରଲାଗି ପାଟ ଉପରେ ପ୍ରତିଦିନ ନାଲି ଲେହେଙ୍ଗା ପରିଧାନ କରିଥା'ନ୍ତି। ସେହିପରି ଶ୍ରୀସୁଦର୍ଶନ ଏକାରଙ୍ଗର ନାଲି କୁଞ୍ଚ ପ୍ରତିଦିନ ଲାଗି ହୁଅନ୍ତି। ରାଧାଦାମୋଦର ବେଶରେ ବସ୍ତ୍ରର ଏ ପ୍ରକାର ବ୍ୟତିକ୍ରମ ପରିଲକ୍ଷିତ ହୋଇଥାଏ। ଦୁଇଠାକୁର ଏ ବେଶରେ କାନ୍ଧପଇଟି ଲାଗି ହୁଅନ୍ତି। ଶ୍ରୀଜୀଉଙ୍କର ସ୍କନ୍ଧଦେଶରେ ଲାଗି ହେଉଥିବା ଏହା ଏକ ବାଇଶିହାତିଆ ଚାଦର, ଉତ୍ତରୀୟ ବା କାନ୍ଧବସ୍ତ୍ର ଅଟେ। ଏହି କାନ୍ଧପଇଟି ବାର ଅନୁସାରେ ନିଶ୍ଚିତ ନ ହୋଇ ବାରଲାଗି ପାଟର ରଙ୍ଗର ଦେଖି ନାଲି, ନୀଳ କିମ୍ବା ହଳଦିଆ ରଙ୍ଗର ହୋଇଥାଏ। ରାଧାଦାମୋଦର ବେଶରେ ଲାଗି ହେଉଥିବା ସମସ୍ତ ବସ୍ତ୍ର ଚାଙ୍ଗଡ଼ା ମେକାପ ଯୋଗାଉଥିବା ବେଳେ ମା'ସୁଭଦ୍ରାଙ୍କ ନାଲି ଲେହେଙ୍ଗା, ଶ୍ରୀସୁଦର୍ଶନଙ୍କ କୁଞ୍ଚ ଓ ଦୁଇଠାକୁରଙ୍କ କାନ୍ଧପଇଟି ସୁବର୍ଣ୍ଣ ଅଳଙ୍କାର ସହିତ ଭଣ୍ଡାରମେକାପ ସେବକ ଯୋଗାଇଥା'ନ୍ତି।

ଏ ବେଶରେ ତିଳକ ବ୍ୟତୀତ ଛଅ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ଯଥା, ଘାଗଡ଼ା ମାଳି, ଚନ୍ଦ୍ରସୂର୍ଯ୍ୟ ଓ ଓଡ଼ିଆଣି, ଚନ୍ଦ୍ରିକା ନଳୀଭୁଜ ଓ କୁଣ୍ଡଳ ଲାଗି ହୁଅନ୍ତି। ତିନିବିଗ୍ରହଙ୍କ ଶ୍ରୀଅଙ୍ଗରେ ସୁବର୍ଣ୍ଣ ଘାଗଡ଼ା ମାଳି, କପାଳରେ ସୂର୍ଯ୍ୟଚନ୍ଦ୍ର (ସୁନାର ଧାରେ ଜହ୍ନ ଉପରେ ସୂର୍ଯ୍ୟଭଳି ଏକ ମସ୍ତକ ଆଭୁଷଣ), ଓଡ଼ିଆଣି (ଠାକୁରଙ୍କ କଟି ଦେଶରେ ଏକ ପ୍ରକାର ଅଳଙ୍କାର ଯାହାକୁ କମରପଟି ବୋଲି କୁହାଯାଏ, ଅଣ୍ଟାଲୁଗାକୁ ଧରି ରଖିବା ପାଇଁ ଏକ ଅଳଙ୍କାର) ଏବଂ ଦୁଇ ଠାକୁରଙ୍କୁ ଚନ୍ଦ୍ରିକା ଲାଗି କରାଯାଏ। ପ୍ରତିଦିନ ଅନୁଷ୍ଠିତ ହେଉଥିବା ବଡ଼ସିଂହାର ବେଶରେ ଶ୍ରୀବିଗ୍ରହଙ୍କୁ ତୁଳସୀ ଘେରା ଗଭା ଉପରେ ଦୟଣାମାଳୀ ସେବକ ପ୍ରସ୍ତୁତ କରି ଦେଇଥିବା ତିନି ପୁଷ୍ପ ଚନ୍ଦ୍ରିକା ଲାଗି ହେଉଥିଲେ ହେଁ ରାଧାଦାମୋଦର ବେଶରେ ମା'ସୁଭଦ୍ରାଙ୍କୁ ସୁବର୍ଣ୍ଣ ଚନ୍ଦ୍ରିକା ଲାଗି ହୋଇ ନ ଥାଏ। ଏପରିକି ଏ ମାସକ ମଧ୍ୟରେ ପଡୁଥିବା ଶନିବାର ଦିନମାନଙ୍କରେ କୌଣସି ବିଗ୍ରହ ସୁବର୍ଣ୍ଣ ଚନ୍ଦ୍ରିକା ଲାଗି ହୋଇ ନ ଥା'ନ୍ତି। ଏତଦ୍‌ବ୍ୟତୀତ ଦୁଇଠାକୁର କର୍ଣ୍ଣରେ କୁଣ୍ଡଳ ପରିଧାନ କରିଥିଲା ବେଳେ ମା'ସୁଭଦ୍ରାଙ୍କ ମସ୍ତକରେ ତଡ଼ଗି ଲାଗିହୁଏ। ପ୍ରତ୍ୟେକ ସୁନାବେଶରେ ଦୁଇଠାକୁରଙ୍କୁ ଶ୍ରୀଭୁଜ ଲାଗି ହେଉଥିବା ବେଳେ ରାଧାଦାମୋଦର ବେଶରେ ଦୁଇଠାକୁରଙ୍କୁ ନଳିଭୁଜ ଲାଗି ହୋଇଯାଏ। ଶ୍ରୀଭୁଜ ମହାପ୍ରଭୁଙ୍କର ସୁବର୍ଣ୍ଣ ନିର୍ମିତ ହସ୍ତଯୁଗଳ, ଯେଉଁଥିରେ ଶ୍ରୀଜଗନ୍ନାଥ ରୌପ୍ୟ ଶଙ୍ଖ ଓ ସୁବର୍ଣ୍ଣ ଚକ୍ର ଧରିଥିଲା ବେଳେ ଶ୍ରୀବଳଭଦ୍ର ହଳ ଓ ମୂଷଳ ଧାରଣ କରିଥା'ନ୍ତି। ନଳିଭୁଜ ଶ୍ରୀଜୀଉଙ୍କର ହସ୍ତର ଅଗ୍ରଭାଗକୁ ଆବୃତ କଲା ଭଳି ଏକ ସୁବର୍ଣ୍ଣ ଆଭୁଷଣ ମାତ୍ର। ଏହି ନଳିଭୁଜର ବହିର୍ଭାଗରେ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ଶଙ୍ଖଚକ୍ର ଓ ଶ୍ରୀବଳଭଦ୍ରଙ୍କ ନଳିଭୁଜରେ ହଳମୂଷଳ ଚିହ୍ନ ରହିଥାଏ।

ରାଧାଦାମୋଦର ବେଶରେ କମ୍ ପରିମାଣରେ ପୁଷ୍ପ ଅଳଙ୍କାର ଲାଗି ହୋଇଥାଏ। କେବଳ ଝୁମ୍ପା (ଶ୍ରୀମୁଖର ତିଳକ ତଳୁ ନାସାଗ୍ର ପର୍ଯ୍ୟନ୍ତ ଲମ୍ବିଥିବା ଏକ ପୁଷ୍ପ ଅଳଙ୍କାର), ଗୁଣା (ନାକଫୁଲ ପରି ଏକ ପୁଷ୍ପ ଭୂଷା, ଅଧରମାଳା (ଗଳାରେ ଶୋଭା ପାଉଥିବା ଏକ ପୁଷ୍ପ ମାଲ୍ୟ ଯାହା ଅଧର ପର୍ଯ୍ୟନ୍ତ ଲମ୍ବିଥାଏ) ଲାଗି ହୋଇଥାଏ। ଜରି, ଜମ୍ଭୁରା ବା ସୋଲ ନିର୍ମିତ କୌଣସି ବେଶ ଉପକରଣ ଲାଗି ହୋଇ ନ ଥାଏ। କେବଳ ବାଉଁଶ ପାତିଆରେ ନିର୍ମିତ ଏକ ଟୋପର ବାରଲାଗି ପାଟ ରଙ୍ଗର ଲୁଗାରେ ଆବୃତ କରାଯାଇ ଦୁଇଠାକୁରଙ୍କର ଶ୍ରୀମସ୍ତକରେ ରଖାଯାଇ ତା'ଉପରେ ସୁବର୍ଣ୍ଣ ଚନ୍ଦ୍ରିକା ଲାଗି କରାଯାଇଥାଏ। ଅବକାଶ ନୀତିପରେ ଅନୁଷ୍ଠିତ ହେଉଥିବା ଏହି ବେଶ ସକାଳଧୂପ ପର୍ଯ୍ୟନ୍ତ ରହି ଭୋଗମଣ୍ଡପ ପୂଜା ପୂର୍ବରୁ ଓଲାଗି ହୋଇଥାଏ।

କାର୍ତ୍ତିକମାସରେ ଭଗବାନ ମତ୍ସ୍ୟ ଅବତାର ଧାରଣ କରି ଶଙ୍ଖାସୁରକୁ ବଧ କରିଥିଲେ। ବିଷ୍ଣୁ କାର୍ତ୍ତିକ ମାସରେ ଜଳରେ ନିବାସ କରୁଥିବାରୁ ପୁଣ୍ୟଲାଭ ନିମନ୍ତେ ତୀର୍ଥ ପୁଷ୍କରିଣୀରେ ପ୍ରାତଃ ସ୍ନାନ ପରେ ଶ୍ରୀକ୍ଷେତ୍ରବାସୀ ତଥା କାର୍ତ୍ତିକ ବ୍ରତଧାରୀ ଓ ହବିଷ୍ୟାଳୀମାନେ ଶ୍ରୀମନ୍ଦିରକୁ ଆସି ରାଧାଦାମୋଦର ବେଶ ଦର୍ଶନ ପୂର୍ବକ ନିଜକୁ କୃତାର୍ଥ ମଣିଥା'ନ୍ତି।

ମୋ: ୯୪୩୭ ୬୩୩୯୭୨



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ତାମିଲନାଡୁ ଗ୍ୟାସ୍ ଲିକ୍ ଘଟଣା: ଆଉ ଜଣେ ଯୁବତୀଙ୍କ ମୃତ୍ୟୁ

## ଦଲାଲ ମୁଣ୍ଡରେ ଦୋଷଦେଇ ଖସିଯିବେକି ସରକାରୀ ଅଧିକାରୀ ?

କେନ୍ଦୁଝର,୧।୭(ସମିସ): ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲା ପେରିୟାପାଲ୍ଲୀଆମ ନିକଟରେ ଥିବା ସେଣ୍ଟ ପିଟର୍ସ ପର୍ଲ ସି-ଫୁଡ ଏକ୍ସପୋର୍ଟ କମ୍ପାନୀରେ ଏମୋନିଆ ଗ୍ୟାସ ଲିକ ଘଟଣାରେ ଆଉ ଜଣେ ଓଡ଼ିଆ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତ ଯୁବତୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଖରବା ଗ୍ରାମର ଭୀମ ଜୁଆଙ୍ଗଙ୍କ ଝିଅ ଅଞ୍ଜନା ଜୁଆଙ୍ଗ ବୋଲି ଜଣାପଡିଛି। ବୁଧବାର ବେଳକୁ ମୃତ୍ୟୁସଂଖ୍ୟା ୧୪ରେ ପହଞ୍ଚିଛି। ସମସ୍ତେ ପ୍ରାୟ ଜୁଆଙ୍ଗ ଜନଜାତି ବର୍ଗର ଅଟନ୍ତି। ଜିଲ୍ଲାରେ ଜନଜାତି ଜୁଆଙ୍ଗ ସଂଖ୍ୟା ଖୁବ କମ ହୋଇଥିବାବେଳେ ଅକାଳରେ ଏମାନଙ୍କ ମୃତ୍ୟୁ ହୋଇଛି। ସରକାରୀ କଳର ଅବ୍ୟବସ୍ଥା କାରଣରୁ ହୋଇଥିବାରୁ ଚିନ୍ତାର କାରଣ ସାଜିଛି। ଏଠାରୁ ଦଲାଲ ମାଧ୍ୟମରେ ତାମିଲନାଡୁ ଯାଇ ବିପଦସଂକୁଳ ଅବସ୍ଥାରେ ଜୁଆଙ୍ଗମାନେ କିପରି କାମ କରୁଛନ୍ତି ଏହି ଦୁର୍ଘଟଣା ଏକ ନମୁନା ମାତ୍ର। ଏହା ପ୍ରଶାସନର ଢିଲାପଣିଆ ଏବଂ ଦଲାଲଙ୍କ ସହିତ ଶ୍ରମ ବିଭାଗ କର୍ମଚାରୀଙ୍କ ଭିତିରି ସମ୍ପର୍କକୁ ଦର୍ଶାଉଛି। ତେଲକୋଇ, ବାଂଶପାଳ, ହରିଚନ୍ଦନପୁର ସମେତ ବିଭିନ୍ନ ବ୍ଲକରେ ଅତିରିକ୍ତ ଶ୍ରମ ଅଧିକାରୀ ଦାୟିତ୍ୱରେ ରହିଛନ୍ତି. କିନ୍ତୁ ତାଙ୍କର ପରିସୀମା ଭିତରେ ଛୋଟ ଛୋଟ ଝିଅମାନେ ବେଆଇନ ଭାବେ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି କିପରି ଏବଂ ବ୍ଲକ ଶ୍ରମ ଅଧିକାରୀମାନେ କିଛି ଜାଣି ପାରୁନାହାନ୍ତି କିପରି ତାକୁ ନେଇ ପ୍ରଶ୍ନ ହେଉଛି। ଶ୍ରମ ବିଭାଗର ବ୍ଲକସ୍ତରୀୟ ଅଧିକାରୀମାନେ ଦଲାଲମାନଙ୍କ ନାମରେ ଥାନାରେ ମାମଲା ରୁଜୁ କରି ନିଜ ଦାୟିତ୍ୱରୁ ଖସିଯିବାକୁ ଅଭିଯୋଗ ହେଉଛି।

## ଦଲାଲ ଶ୍ରୀକାନ୍ତ ଜୁଆଙ୍ଗ ନାଁରେ ଏକାଧିକ ଥାନାରେ ମାମଲା ରୁଜୁ

ତେଲକୋଇ: ତାମିଲନାଡୁ ଗ୍ୟାସ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ୧୪ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ଜିଲ୍ଲା ଶ୍ରମ ବିଭାଗ ସଂପୃକ୍ତ ଥିବା ଦଲାଲ ତଥା ଶିଶୁ ଶ୍ରମିକ ଚାଲାଣକାରୀ ଶ୍ରୀକାନ୍ତ ଜୁଆଙ୍ଗ ନାମରେ ବିଭିନ୍ନ ଥାନାରେ ଲିଖିତ ଅଭିଯୋଗ କରିଛି। ଅଭିଯୋଗ ଆଧାରରେ ଜିଲ୍ଲାର ତେଲକୋଇ, ପଣ୍ଡାପଡ଼ା, ହରିଚନ୍ଦନପୁର, ଦୈତାରି, ସଦର ଥାନା, କାଞ୍ଜିପାଣି, ନୟାକୋଟ ଆଦି ଥାନାରେ ମାମଲା ରୁଜୁ ହୋଇଛି। ତେଲକୋଇ ଥାନା ତାଳପଦା ପଞ୍ଚାୟତ ରଙ୍ଗମାଟିଆ ଗ୍ରାମର ଶ୍ରୀକାନ୍ତ ଜୁଆଙ୍ଗ ଜିଲ୍ଲାର ବିଭିନ୍ନ ସ୍ଥାନରୁ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ତାମିଲନାଡୁସ୍ଥିତ ଏକ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ ଫ୍ୟାକ୍ଟ୍ରିକୁ କାର୍ଯ୍ୟ କରିବାକୁ ଚାଲାଣ କରୁଥିଲା। ଗତ ୨୧ ତାରିଖ ଉକ୍ତ ଫ୍ୟାକ୍ଟ୍ରିରେ ଆମୋନିଆ ଗ୍ୟାସ ଲିକେଜ୍ ହେବାରୁ ଜିଲ୍ଲାର ୧୪ ଜଣ ଜୁଆଙ୍ଗ ଜନଜାତି ଶ୍ରମିକ ଜୀବନ ଯାଇଛି। ଯାହାକୁ ନେଇ ଶ୍ରମ ବିଭାଗ ଆଇନଗତ ପଦକ୍ଷେପ ନେଇଥିବା ଜଣାପଡ଼ିଛି।

## ବାଣପୁର ଭିଡ଼ହିଂସା

## ନିଜ ନିର୍ବାଚନମଣ୍ଡଳୀରେ ଆଇନ ରକ୍ଷାରେ ଫେଲ୍ ଆଇନମନ୍ତ୍ରୀ: ଓଜେସି

ଭୁବନେଶ୍ୱର,୧।୭(ସମିସ): ଆଇନମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଣପୁର ଠାରେ ଘଟିଥିବା ଭିଡ଼ ହିଂସାର ବର୍ବରତା ଓ ପୁଲିସର ନିଷ୍କ୍ରିୟତା ବିରୋଧରେ ବର୍ଷିଛି ଓଜେସି। ବୁଧବାର ପାର୍ଟି କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀଙ୍କ ନିରବତା ଏବଂ ଆଇନଶୃଙ୍ଖଳା ପରିସ୍ଥିତିର ଅଧୋଗତିକୁ ନେଇ ପାର୍ଟିର ମିଡିଆ ସେଲ୍ ଅଧ୍ୟକ୍ଷ ପ୍ରଶାନ୍ତ ଶତପଥୀ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ସେ କହିଛନ୍ତି ଯେ ଗତ ୨୮ ଜୁନ୍ ଅପରାହ୍ନ ୪ଟା ସମୟରେ ତୋଫାନ ନାୟକ ନାମକ ୩୨ ବର୍ଷୀୟ ଦଳିତ ଯୁବକ ନିଜ ଗାଁ ଭୀମପୁର ଠାରୁ ପାଖରେ ଥିବା ଖଣତ ଗାଁକୁ ବୁଲିଯାଇଥିବାବେଳେ ଚୋର ସନ୍ଦେହରେ କିଛି ଅସାମାଜିକ ତତ୍ତ୍ୱ ଖୁଣ୍ଟରେ ବାନ୍ଧି ନିସ୍ଥୁକ ପିଟିଲେ। ଗଛରୁ ନଡ଼ିଆ ତୋଳି ପରିବାର ନିର୍ବାହ କରୁଥିବା ଜଣେ ଗରିବ ଦଳିତ ପିଲାକୁ ପିଟି ପିଟି ମାରି ଦିଆଗଲା। ଘଟଣା ସମ୍ପର୍କରେ ପୁଲିସକୁ ଖବର ଦେବାପରେ ଦୁଇ ଘଣ୍ଟା ବିଳମ୍ବରେ ପୁଲିସ ଆସି ତୋଫାନଙ୍କୁ ଭିଡ଼ ହିଂସାରୁ ଉଦ୍ଧାର କରି ଥାନାକୁ ନେଲେ। ଥାନାରେ ସନ୍ଧ୍ୟା ୬ଟାରୁ ରାତି ୯ଟାଯାଏଁ ତାଙ୍କୁ ରଖାଗଲା। କିନ୍ତୁ ଗୁରୁତର ଭାବେ ଆହତ ହୋଇଥିଲେ ମଧ୍ୟ ତାଙ୍କୁ ଡାକ୍ତରଖାନାକୁ ନିଆଗଲା ନାହିଁ। କେଉଁ ଅଦୃଶ୍ୟ ଚାପରେ ପୁଲିସ ଭିଡ଼ ହିଂସାର ଶିକାର ଗୁରୁତର ଯୁବକଙ୍କୁ ଡାକ୍ତରଖାନାକୁ ନନେଇ ୩ ଘଣ୍ଟା ଥାନାରେ ରଖିବା ପରେ ତାଙ୍କ ବାପା ଭିକାରୀ ନାୟକଙ୍କ ପାଖରୁ ଟିପଚିହ୍ନ ମରା ଅଣ୍ଡରଟେକିଂ ରଖି ତାଙ୍କ ପରିବାରକୁ ହସ୍ତାନ୍ତର କରିଦେଲେ ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନ୍ୟପଟେ ଏହି ଘଟଣାକୁ ୨ ଦିନ ବିତି ଯାଇଥିଲେ ମଧ୍ୟ ଦୃବୃର୍ତ୍ତଙ୍କ ବିରୋଧରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଅତି ଅମାନବୀୟ ଘଟଣାକ୍ରମେ ପୁଅର ଶବକୁ ଭୁବନେଶ୍ୱରରେ ଛାଡ଼ି ବାପା ଭିକାରି ନାୟକ ୧୦୦ କିମି ଦୂର ବାଣପୁର ଯାଇ ଥାନାରେ ଜଣେଇଲା ପରେ ଏତଲା ପଞ୍ଜୀକରଣ କରାଯାଇଥିଲା। ତୋଫାନଙ୍କୁ ଭିଡ଼ ହିଂସାରୁ ଉଦ୍ଧାର କରିବା ସମୟରେ ଦୃର୍ବୃର୍ତ୍ତଙ୍କୁ କାହା ଚାପରେ ପୁଲିସ ଗିରଫ କଲାନାହିଁ ବୋଲି ଶ୍ରୀ ଶତପଥୀ ପ୍ରଶ୍ନ କରିଛନ୍ତି। ଏହା ସହିତ ଏହି ଘଟଣାରେ ଦୋଷୀଙ୍କ ବରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସାଙ୍ଗକୁ ଥାନାରେ ନିର୍ଯାତନା ଅଭିଯୋଗ ଉପରେ ତଦନ୍ତ ପାଇଁ ପାର୍ଟି ଦାବି କରିଛି। କର୍ତ୍ତବ୍ୟରେ ଅବହେଳା କରିଥିବା ପୁଲିସ ଅଧିକାରୀଙ୍କୁ ନିଲମ୍ବନ ସାଙ୍ଗକୁ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ସହ ନିଜ ନିର୍ବାଚନମଣ୍ଡଳୀରେ ଆଇନଶୃଙ୍ଖଳା ରକ୍ଷା କରିବାରେ ବ୍ୟର୍ଥ ଆଇନମନ୍ତ୍ରୀ ତାଙ୍କ ବିଭାଗରୁ ଇସ୍ତଫା ଦିଅନ୍ତୁ ବୋଲି ପାର୍ଟି ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଶୁଭେନ୍ଦୁ ମଲ୍ଲିକ ଏବଂ ସୋମନାଥ ରାଉତ ଉପସ୍ଥିତ ଥିଲେ।




## ଓଡ଼ିଆ ଚଳଚ୍ଚିତ୍ର 'ଆଫା' କରମୁକ୍ତ

ଭୁବନେଶ୍ୱର,୧।୭(ସମିସ): ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରୀତିରାଜ ଶତପଥୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ନୈନା ଦାଶ ତିୱାରୀଙ୍କ ଦ୍ୱାରା ପ୍ରଯୋଜିତ ଓଡିଆ ଚଳଚ୍ଚିତ୍ର 'ଆଫା'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରମୁକ୍ତ ଘୋଷଣା କରିଛନ୍ତି। ଏହି ଚଳଚ୍ଚିତ୍ରଟି ଅଙ୍ଗଦାନର ବିଷୟବସ୍ତୁ ଉପରେ ଆଧାରିତ। ମାନବିକତାକୁ ପ୍ରେରଣା ଦେବା ଏବଂ ଯୁବସମାଜ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ ଏହି ଚଳଚ୍ଚିତ୍ରର କାହାଣୀ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏଥିରେ ଦୀର୍ଘଦିନ ଧରି ଗୁରୁତର ରୋଗରେ ପୀଡ଼ିତ ଏକ ୧୬ ବର୍ଷର ଝିଅ ନିଜ ଅଙ୍ଗ ଦାନ କରିବା ପାଇଁ ଆଗେଇ ଆସିଛି। ଜୀବନର ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏହି ଅସୀମ ସାହସର ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ରଟି ଏକ ସାମାଜିକ ଆଦର୍ଶ ସୃଷ୍ଟି କରିବାରେ ସଫଳ ହେବ ବୋଲି ଆଶା କରାଯାଉଛି।





### ପଶ୍ଚିମ ରେଳବାଇ – ରତଲାମ ମଣ୍ଡଳ

**ଇ-ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ନଂ.:SnT_RTM_PSSA_25_01_R ତାରିଖ: ୨୯.୦୬.୨୦୨୬

1) କାର୍ଯ୍ୟର ନାମ: ପଶ୍ଚିମ ରେଳବାଇର ରତଲାମ ମଣ୍ଡଳର ସିଗ୍ନାଲ ଓ ଟେଲିକମ୍ (S&T) ବିଭାଗର ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରୋଜେକ୍ଟ ସୁପରଭିଜନ ସର୍ଭିସେସ୍ ଏଜେନ୍ସି (PSSA) ନିଯୁକ୍ତି। 2) ଟେଣ୍ଡରର ଆନୁମାନିକ ମୂଲ୍ୟ : ଟ.9,06,75,098/- 3) ବିଡ୍ ସୁରକ୍ଷା / ଅମାନତ ଜମା : ଟ.18,13,500/- 4) ଟେଣ୍ଡର ଦସ୍ତାବେଜର ମୂଲ୍ୟ : ନିଃଶୁଳ୍କ (NIL) 5) ପ୍ରି-ବିଡ୍ ସମ୍ମିଳନୀ : 06.07.2026, ସମୟ 12:00 ଘଣ୍ଟା (IST) 6) ବିଡ୍ ଦାଖଲର ଶେଷ ତାରିଖ ଓ ସମୟ : 27.07.2026 ଦିନ 15:00 ଘଣ୍ଟା। 7) ଟେକ୍ନିକାଲ ବିଡ୍ ଖୋଲିବାର ତାରିଖ ଓ ସମୟ : 27.07.2026 ଦିନ 15:30 ଘଟିକା। 8) କମର୍ଶିଆଲ ବିଡ୍ ଖୋଲିବାର ତାରିଖ : ଟେକ୍ନିକାଲ ବିଡ୍ ମୂଲ୍ୟାଙ୍କନ ପରେ ପୃଥକ ଭାବେ ସୂଚନା ଦିଆଯିବ। 9) ପ୍ରସ୍ତାବର ବୈଧତା : ଟେଣ୍ଡର ଖୋଲିବା ତାରିଖ ଠାରୁ 120 ଦିନ। 10) କାର୍ଯ୍ୟ ସମାପ୍ତି ଅବଧି: ୨୪ ମାସ। 11) ଟେଣ୍ଡରିଂ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ ଓ ବିଡ୍ ଖୋଲିବା ସ୍ଥାନ : ଉପ ମୁଖ୍ୟ ସିଗ୍ନାଲ ଓ ଟେଲିକମ୍ ଇଞ୍ଜିନିୟର (ଓର୍କ୍ସ), ରତଲାମ, DRM କାର୍ଯ୍ୟାଳୟ, ରତଲାମ, ମଧ୍ୟପ୍ରଦେଶ। 12) ଇ-ଟେଣ୍ଡର ପୋର୍ଟାଲ : www.ireps.gov.in ଇ-ଟେଣ୍ଡର ପୋର୍ଟାଲରେ ଟେଣ୍ଡର ଦେଖିପାରିବେ ଏବଂ ପ୍ରସ୍ତାବ କେବଳ ସେହି ଇ-ଟେଣ୍ଡର ପୋର୍ଟାଲ ମାଧ୍ୟମରେ ଦାଖଲ କରିବାକୁ ହେବ। CRY/06/120

Like us on: facebook.com/WesternRly



### ଓଡିଶା ଆଦର୍ଶ ବିଦ୍ୟାଳୟ, ଅଇଁଳାଚୁଆଁ, କଣ୍ଟାମାଳ, ବୌଦ୍ଧ

**ବିଜ୍ଞାପନ**

**ଓଡିଶା ଆଦର୍ଶ ବିଦ୍ୟାଳୟ, ଅଇଁଳାଚୁଆଁ ଛାତ୍ରାବାସର ଅସ୍ଥାୟୀ ନିଯୁକ୍ତି ନିମନ୍ତେ ବିଜ୍ଞାପନ**

ଓଡିଶା ସରକାରଙ୍କ ଅଧୀନରେ ପରିଚାଳିତ ବୌଦ୍ଧ ଜିଲ୍ଲାର ଓଡିଶା ଆଦର୍ଶ ବିଦ୍ୟାଳୟ, (Non-KGBV) Warden, Head Cook, Assistant-Cook, Chowkidar cum Sweeper ପଦବୀ ପାଇଁ ଅସ୍ଥାୟୀ ନିଯୋଜନ ନିମନ୍ତେ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଉକ୍ତ ପଦବୀ ପାଇଁ ଆବେଦନ କରୁଥିବା ପ୍ରାର୍ଥୀମାନେ ପୁରୁଷ ହେବା ଆବଶ୍ୟକ । ସମସ୍ତ ପଦବୀ ସମ୍ପୂର୍ଣ୍ଣ ଭାବରେ ଅସ୍ଥାୟୀ ଅଟେ । ଆବେଦନ ଫର୍ମରେ ଆବଶ୍ୟକ ପ୍ରମାଣପତ୍ର ସଂଲଗ୍ନ କରି ତା.୦୩.୦୭.୨୦୨୬ ରୁ ତା.୧୭.୦୭.୨୦୨୬ ମଧ୍ୟରେ ଓଡିଶା ଆଦର୍ଶ ବିଦ୍ୟାଳୟ, ଅଇଁଳାଚୁଆଁ ଠିକଣାରେ ରେଜିଷ୍ଟ୍ରି ପୋଷ୍ଟ / ସ୍ପିଡ୍ ପୋଷ୍ଟ / ସିଧାସଳଖ ବିଦ୍ୟାଳୟ କାର୍ଯ୍ୟାଳୟରେ, କେବଳ କାର୍ଯ୍ୟଦିବସରେ ସକାଳ ୧୦.୦୦ ରୁ ସଂଧ୍ୟା ୪.୦୦ ମଧ୍ୟରେ ଆବେଦନ କରିବା ଆବଶ୍ୟକ । ବିଜ୍ଞାପନର ସମ୍ପୂର୍ଣ୍ଣ ବିବରଣୀ ଏବଂ ଆବେଦନ https://boudh.odisha.gov.in ଏବଂ https://oav.edu.in/OAVAIN ରେ ଉପଲବ୍ଧ ଅଟେ।

ସ୍ୱା/ ଅଧ୍ୟକ୍ଷ

ଓଡିଶା ଆଦର୍ଶ ବିଦ୍ୟାଳୟ, ଅଇଁଳାଚୁଆଁ



### ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ

### ନିୟନ୍ତ୍ରିତ ବଜାର କମିଟି, କୋରାପୁଟ , ଜିଲ୍ଲା : କୋରାପୁଟ

ନିର୍ବାଚନ ନୋଟିସ ସଂଖ୍ୟା : ୧୨୨୧ /୨୦୨୬ ତା: ୦୧/୦୭/୨୦୨୬

୧୯୫୬ ମସିହା ଓଡିଶା କୃଷିଜାତ ଦ୍ରବ୍ୟ ବିପଣନ ଆଇନର ଧାରା ୬ ଓ ୧୯୫୮ ମସିହା ଓଡିଶା କୃଷିଜାତ ଦ୍ରବ୍ୟ ବିପଣନ ନିୟମ ୩ ରୁ ୨୪ ଅନୁସାରେ ଏବଂ କୋରାପୁଟ ଜିଲ୍ଲାପାଳଙ୍କ ଆଦେଶନାମାନୁସାରେ ଆମ୍ଭଠାରେ ନ୍ୟସ୍ତ ହୋଇଥିବା କ୍ଷମତା ଅନୁଯାୟୀ ଆମ୍ଭେ ଶ୍ରୀ ଚନ୍ଦ୍ର ସେଠିଆ, ଓ.ସି.ଏସ (୨), ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, କୋରାପୁଟ ତଥା ନିର୍ବାଚନ ଅଧିକାରୀ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟ ଏତଦ୍ୱାରା ଘୋଷଣା କରୁଅଛୁ ଯେ, ଉକ୍ତ କମିଟିର ସଦସ୍ୟ ନିର୍ବାଚନ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ତା ୨୩.୦୮.୨୦୨୬ ରିଖ (ରବିବାର) ଦିନ ଅନୁଷ୍ଠିତ ହେବ । ଅତଏବ କୋରାପୁଟ ରାଜସ୍ୱ ଉପଖଣ୍ଡର କୃଷକ ସଂଗଠନ, ବ୍ୟବସାୟୀ ଗୋଷ୍ଠି ଏବଂ ସ୍ୱାୟତ୍ତ ଶାସନ ସଂସ୍ଥା ସମୂହ ଉକ୍ତ ନିର୍ବାଚନରେ ଅଂଶ ଗ୍ରହଣ କରିବାକୁ ସେମାନଙ୍କର ଅବଗତି ନିମିତ୍ତ ଜଣାଇ ଦିଆଯାଉଅଛି ।

**ନିର୍ବାଚନରେ ପୂରଣ ହେବାକୁ ଥିବା ସ୍ଥାନର ସଂଖ୍ୟା :**

| କ୍ରମିକ ସଂଖ୍ୟା | ନିର୍ବାଚନ ମଣ୍ଡଳୀର ନାମ | ସ୍ଥାନ ସଂଖ୍ୟା |
|---|---|---|
| ୧. | କୃଷକ ନିର୍ବାଚନ ମଣ୍ଡଳୀ | ୮ (ଆଠ) |
| ୨. | ବ୍ୟବସାୟୀ ନିର୍ବାଚନ ମଣ୍ଡଳୀ | ୪ (ଚାରି) |
| ୩. | ସ୍ୱାୟତ୍ତ ଶାସନ ସଂସ୍ଥା | |
| କ. | ପୌରପାଳିକା | ୧ (ଏକ) |
| ଖ. | ଗ୍ରାମ ପଞ୍ଚାୟତ | ୧ (ଏକ) |
| | ସର୍ବମୋଟ | ୧୪ (ଚଉଦ) |

**ନିର୍ବାଚନ କାର୍ଯ୍ୟସୂଚୀ**

| କ୍ରମିକ ସଂଖ୍ୟା | ବିଷୟ / କାର୍ଯ୍ୟ | ତାରିଖ | ସମୟ | ନିର୍ଦ୍ଧାରିତ ସ୍ଥାନ |
|---|---|---|---|---|
| ୧. | ପ୍ରାଥମିକ ଭୋଟର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୨୦.୦୭.୨୦୨୬ ରୁ ୨୬.୦୭.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ଅପରାହ୍ନ ୫.୦୦ ଘଣ୍ଟା ପର୍ଯ୍ୟନ୍ତ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୨. | ପ୍ରାଥମିକ ଭୋଟର ତାଲିକା ଅଭିଯୋଗ ଦାଖଲ | ୨୭.୦୭.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୩. | ପ୍ରାଥମିକ ଭୋଟର ତାଲିକା ଅଭିଯୋଗର ବିଚାର | ୨୮.୦୭.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୪. | ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୨୯.୦୭.୨୦୨୬ | ଅପରାହ୍ନ ୦୩.୦୦ ଘଣ୍ଟା ସମୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୫. | ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ | ୩୦.୦୭.୨୦୨୬, ୩୧.୦୭.୨୦୨୬, ୦୧.୦୮.୨୦୨୬ | ପୂର୍ବାହ୍ନ ୧୦.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୬. | ପ୍ରାର୍ଥୀ ମନୋନୟନ ପତ୍ରର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୦୧.୦୮.୨୦୨୬ | ଅପରାହ୍ନ ୦୫.୦୦ ଘଣ୍ଟା ସମୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୭. | ପ୍ରତିଦ୍ୱନ୍ଦି ପ୍ରାର୍ଥୀଙ୍କ ଦ୍ୱାରା ମନୋନୟନ ପତ୍ର ତନଖି | ୦୩.୦୮.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୮. | ମନୋନୟନ ପତ୍ର ବିରୁଦ୍ଧରେ ଅଭିଯୋଗ ପତ୍ର ଦାଖଲ | ୦୪.୦୮.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୯. | ମନୋନୟନ ପତ୍ର ବିରୁଦ୍ଧରେ ଅଭିଯୋଗର ଶୁଣାଣି ଓ ଯାଞ୍ଚ | ୦୫.୦୮.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୧୦. | ବିଧି ସମ୍ମତ ମନୋନୟନ ପତ୍ରର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୦୬.୦୮.୨୦୨୬ | ଅପରାହ୍ନ ୦୩.୦୦ ଘଣ୍ଟା ସମୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୧୧. | ମନୋନୟନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ | ୦୭.୦୮.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୧୨. | ଚୂଡାନ୍ତ ମନୋନୟନ ପତ୍ରର ତାଲିକା ସଙ୍କେତ ସହ ପ୍ରକାଶନ (ନୋଟିସ ବୋର୍ଡରେ) | ୦୮.୦୮.୨୦୨୬ | ଅପରାହ୍ନ ୦୪.୦୦ ଘଣ୍ଟା ସମୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୧୩. | ଆବଶ୍ୟକ ସ୍ଥଳେ ଭୋଟ ଗ୍ରହଣ | ୨୩.୦୮.୨୦୨୬ | ପୂର୍ବାହ୍ନ ୦୭.୦୦ ଘଣ୍ଟା ଠାରୁ ଅପରାହ୍ନ ୩.୦୦ ଘଣ୍ଟା ପର୍ଯ୍ୟନ୍ତ | ପରେ ଜଣାଇ ଦିଆଯିବ |
| ୧୪. | ଭୋଟ ଗଣତି ଓ ଫଳାଫଳ ପ୍ରକାଶନ | ୨୩.୦୮.୨୦୨୬ | ଭୋଟ ଗ୍ରହଣ ଶେଷ ହେବା ପରେ | ପରେ ଜଣାଇ ଦିଆଯିବ |

- ଇଚ୍ଛୁକ ପ୍ରାର୍ଥୀ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟଙ୍କ ଠାରେ ଟ. ୫.୦୦ (ପାଞ୍ଚ ଟଙ୍କା) ମାତ୍ର ଦାଖଲ କରି ମନୋନୟନ ପତ୍ର ପାଇ ପାରିବେ ।

ନିର୍ବାଚନ ଅଧିକାରୀ
ନିୟନ୍ତ୍ରିତ ବଜାର କମିଟି, କୋରାପୁଟ ତଥା
ସହକାରୀ ନିବନ୍ଧକ,ସମବାୟସମିତି ସମୂହ, କୋରାପୁଟ



### ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ

**ଇ-ଟେଣ୍ଡର ବିଜ୍ଞପ୍ତି**

1) ଇ-ଟେଣ୍ଡର ନଂ.: RTM-2026-27-63, 2) କାର୍ଯ୍ୟର ନାମ: GDA–NAD ସେକ୍ସନର ମେଘନଗର ଏବଂ ଦାହୋଦ ଷ୍ଟେସନରେ ସାମଗ୍ରୀ ଶେଡ୍‌ର ଆବରଣ (କଭର୍ ଶେଡ୍) ନିର୍ମାଣ ଏବଂ ପୃଷ୍ଠଭାଗର ଉନ୍ନତିକରଣ କାର୍ଯ୍ୟ। 3) ଆନୁମାନିକ ପରିମାଣ : ବିସ୍ତୃତ ଟେଣ୍ଡର ସୂଚନାନୁସାରେ। 4) ଟେଣ୍ଡରର ଆନୁମାନିକ ମୂଲ୍ୟ : ଟ.22,36,87,576.70 5) ଅମାନତ ରାଶି : ଟ.44,73,800.00, 6) କାର୍ଯ୍ୟ ସମାପ୍ତି ଅବଧି : 24 ମାସ। 7) ୱେବସାଇଟ୍‌ରେ ଅପଲୋଡ୍ ତାରିଖ : 26.06.2026, 8) ଟେଣ୍ଡର ଖୋଲିବାର ତାରିଖ : 20.07.2026। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ। CRY/06/121

Like us on: facebook.com/WesternRly



### AFFIDAVIT

I, Hemanta Kumar Mohanty, aged about 52 years, S/o- Durga Charan Mohanty, resident of At- GA Plot No.54, Rev. Plot No.384, Flat No. S-4, Sourya Complex, Surya Nagar, Near OUAT, Khandagiri, Bhubaneswar, Dist- Khordha, PIN-751003, Odisha declared by this affidavit No. 1332, dtd- 01/07/2026 that now onwards I shall be known as **HEMANT KUMAR MOHANTY** for all future purposes.



**COLLECTORATE: MALKANGIRI** 24001/262/2627

**OBSERVATION HOME AND SPECIAL HOME (BOY'S), MALKANGIRI**

Letter No.: 166/OH&SH/MKG/26, Date: 01.07.2026

**ADVERTISEMENT**

Applications are invited from interested and eligible candidates to fill the vacancies at **Observation Home (OH) & Special Home (SH), Malkangiri**. The process of engagement shall be laid down in **Resolution No. 10102/WCD-CW-MISC-0023/2020 dated 15.09.2020** issued by the **Women & Child Development Department, Government of Odisha, Bhubaneswar**. All the posts are **purely temporary, time-bound and co-terminus with the scheme**. The period of engagement will initially be for **11 months** and may be extended further based on the candidate's performance appraisal report each year.

Eligible candidates may submit their applications along with all required documents and testimonials addressed to the: **Superintendent Observation Home and Special Home Goudaguda, Malkangiri.** The application should reach **latest by 30.07.2026 before 5.00 PM** through **Speed Post / Registered Post only**. Separate applications in sealed cover must be submitted for each post, clearly superscribing the **name of the post applied for** on the top of the envelope. Applications received after the due date and time, or submitted by hand or through any other mode, shall not be entertained and will be rejected. The authority reserves the right to cancel the advertisement for any post or all posts without assigning any reason. The details of vacancies, eligibility criteria, application form and other terms & conditions are available on the District website: www.malkangiri.odisha.gov.in

OIPR-24001/24382/1/26-27/0005 — Collector & District Magistrate, Malkangiri



### AFFIDAVIT

By virtue of an affidavit sworn before the Notary Public, Bhubaneswar, dtd 01.07.2026, I, Rudranarayan Rout, Address At/P.O- Badalo, P.S- Motanga, Dist- Dhenkanal, PIN- 759020 declare that I have changed my name from Rudra Rout to Rudranarayan Rout. Henceforth, I shall be known as **Rudranarayan Rout** for all purposes.

**Rudranarayan Rout**



### LOST

I, **Ranjan Mohapatra** do here by declare that, the original ROR/Patta, Khatian No- 703/2336, Plot No- 297/2147/3603, Mouza- Patrapada has been misplaced somewhere and a complaint has been lodged at Lingaraj Police Station, Bhubaneswar, vide No.019 **Dt.23.06.26.** If found by anybody, Please **Contact- 8260024523**. I also declare that I have not mortgaged this with any bank or Individual/ financial institutions.



### AFFIDAVIT

By virtue of an affidavit sworn before Executive Magistrate, Soro on dt. 25.6.2026 I, Pradeep Kumar Jena, S/o- Babaji Jena, At-/Po- Kesharipur, Ps- Soro, Dist.- Balasore-756045, declare that I have changed my name from Pradeep Nayak to Pradeep Kumar Jena. Henceforth, I shall be known as **Pradeep Kumar Jena** for all purposes.



### AFFIDAVIT

By virtue of an affidavit sworn before Executive Magistrate, Bhubaneswar, **I, Dhaneswar Samal**, S/o.: Late Banambar Samal, Resident of Plot No.: 1047, Talasahi, Patia, PO: Patia, PS: Chandrasekharpur, Bhubaneswar-751024, Dist.: Khurdha, Odisha declare by this Affidavit No.: 18184, Dt: 24.06.2026. I have changed my name from Dhanaswar Samal to **Dhaneswar Samal**. Henceforth, I shall be known as **Dhaneswar Samal** for all purposes.



ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି 13001/1031/2627

**OFFICE OF THE MUNICIPAL COUNCIL, PARALAKHEMUNDI, GAJAPATI**

Phone No.: **06815-222052,** e-Mail: parala.mply@gmail.com

Letter No.: 2442, Date: 01.07.2026

**QUOTATION CALL NOTICE**

Sealed quotations are invited from agencies having relevant certificate with valid GST No. and past experience for the work **"Beautification / road painting of Palace Street road"** on the occasion of **Ratha Yatra 2026**. The tender paper will be available on payment of **Rs. 2,000/- (Rupees Two Thousand only)** (which is **non-refundable**) in the shape of Demand Draft in any Nationalized Bank payable at Paralakhemundi in favour of **Executive Officer, Paralakhemundi Municipality** or by payment of cash. The prescribed bid documents & related terms and conditions can be downloaded from www.gajapati.odisha.gov.in or purchased from the office from **02.07.2026**. The quotations should reach this office **on or before 08.07.2026 by 5.00 PM** through **Speed Post / Registered Post only** and will be opened on **09.07.2026 at 11.00 AM** in the presence of the agency or their authorized representative, if any.

Quotation incomplete in any respect or received after the due date & time will be summarily rejected. The undersigned reserves the right to accept or reject any or all quotations without assigning any reason thereof.

**Executive Officer**
**Paralakhemundi Municipality**

OIPR-13001/13145/1/26-27/0004



**Office of CSO-cum-District Manager Odisha State Civil Supplies Corporation Ltd.** 7001/53/2627

District: Malkangiri
Phone No. 9438200051

TENDER No.: 2233 — Dated: 29.06.2026

**Cost of Tender Document is Rs. 1000/- inclusive of GST for Cluster Malkangiri District (through online mode).**

Online tenders are invited from eligible bidders for selection and appointment of **Transport Contractors** for transportation of **Paddy from Paddy Purchase Centers (PPCs) / Mandis to Rice Mill points (within or outside the district)** for the **KMS: 2025-26**.

| | | |
|---|---|---|
| 1 | Availability of tender documents | From Date **01.07.2026** www.tendersodisha.gov.in & www.oscsc.in & www.foododisha.in |
| 2 | Date, time and venue for pre-bid conference | **On dt 04.07.2026, At- Collectorate, Malkangiri** |
| 3 | Last date and time for **online** submission of complete Tender Documents with enclosures | Through e-Procurement Portal: **www.tendersodisha.gov.in** **Upto 5.00 PM on dt. 21.07.2026** |
| 4 | Date, time and venue for opening of Technical Bid by the Tender Committee | **On dt 22.07.2026 At 11.00 AM at Collectorate, Malkangiri** |
| 5 | Date, time and venue of submission of original documents in support of scanned copies uploaded in the portal for verification | **On dt 22.07.2026 At 11.30 AM at Collectorate, Malkangiri** |
| 6 | Date, time and venue of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Validity Period | Tender are to remain open for acceptance for **180 days** from the date of issue of tender. |
| 8 | Language of the tender | The tender should be prepared by the bidder in **English language only**. |
| 9 | Helpdesk Telephone Number | **CSO-cum-DM's Contact Number: 9438200051** |

**N.B.**
1. If the Office happens to be closed on the date of opening of tenders, tenders will be opened on the next working day in the same time.
2. District Level Tender Committee (DLTC) reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender through online payment gateway service.
5. Any amendment/cancellation/re-tender/corrigendum please refer to the website www.tendersodisha.gov.in & www.foododisha.in.

OIPR-7001/7035/1/26-27/0005 — **CSO-cum-District Manager, OSCSC Ltd., Malkangiri**



**OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA** 34001/419/2627

**INVITATION FOR BIDS (IFB)**

**E-mail:** pwdoff_khd@yahoo.com

Tender Call Notice
Bid Identification No. S.E.-KHD-(R&B)-08/2026-27
Letter No. 3362 dtd. 29/06/2026

The Superintending Engineer, Khordha (R&B) Division, Khordha on behalf of the Governor of Odisha invites Percentage Rate bids in **Single Cover System** from valid **MV/HT** or **Empanelled Fire licensed agency of Class D or above** authorized by Odisha Fire & Emergency Service having **MoU with associate electrical contractor (MV/HT or Above)** having valid license from ELBO. The Court Affidavit should have specific mention of the name, address of the two parties, license number, date of validity and issuing authority, and the name of the work for which the agreement is signed, for conformity with DTCN registered with the State Governments and Contractors of equivalent Grade/Class registered with Central Government/MES/Railways for execution of the E.I. Work. The bidder not registered under the State Government has to register under the State PWD & ELBO in the appropriate class of eligibility before signing of the agreement.

1. **Nature of Work:** Electrical Works
2. **No. of Work:** 09 Nos.
3. **Tender Cost:**
   - Sl. No. 01 to 07 & 09 – **Rs. 6,000.00 (Online)**
   - Sl. No. 08 – **Rs. 4,000.00 (Online)**
4. **Class of Contractor:**
   - **Sl. No. 01 to 08:** Empanelled Fire licensed agency of Class D or above authorized by Odisha Fire & Emergency Service having MoU with associate electrical contractor (MV/HT or Above) having valid license from ELBO. The Court Affidavit should have specific mention of the name, address of the two parties, license number, date of validity and issuing authority, and the name of the work for which the agreement is signed.
   - **Sl. No. 09:** MV/HT
5. **Availability of Bid Documents on the Website:** From **04.07.2026 at 10.30 A.M.** to **13.07.2026 at 5.00 P.M.**
6. **Date of Opening of Bids: 14.07.2026 at 11.00 A.M.**
7. **Bidders have to participate in ONLINE bidding only.** Further details can be seen on the website: https://tenderodisha.gov.in. Any information regarding **Addendum / Corrigendum / Cancellation of tender** can be available in the said website.

OIPR-34001/34095/1/26-27/0008 — **Superintending Engineer, Khordha (R&B) Division, Khordha**



**Office of CSO-cum-District Manager Odisha State Civil Supplies Corporation Ltd.** 7001/52/2627

District: Malkangiri
Phone No. 9438200051

TENDER No.: 2232 — Dated: 29.06.2026

**Cost of Tender Document is Rs. 11800/- inclusive of GST**

Online Tenders are invited from eligible bidders for selection and appointment of **Level-I Transport Contractors** for transportation of Wheat from Food Storage Depot (FSD), FCI to Rice Receiving Centres (RRC).

| | | |
|---|---|---|
| 1 | Availability of tender documents | From Date **01.07.2026** www.tendersodisha.gov.in & www.oscsc.in & www.foododisha.in |
| 2 | Date, time and venue for pre-bid conference | **On dt 04.07.2026, At- Collectorate, Malkangiri** |
| 3 | Last date and time for **online** submission of complete Tender Documents with enclosures | Through e-Procurement Portal: **www.tendersodisha.gov.in** **Upto 5.00 PM on dt. 21.07.2026** |
| 4 | Date, time and venue for opening of Technical Bid by the Tender Committee | **On dt 22.07.2026 At 11.00 AMat Collectorate, Malkangiri** |
| 5 | Date, time and venue of submission of original documents in support of scanned copies uploaded in the portal for verification | **On dt 22.07.2026 At 11.30 AMat Collectorate, Malkangiri** |
| 6 | Date, time and venue of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Validity Period | Tender are to remain open for acceptance for **180 days** from the date of issue of tender. |
| 8 | Language of the tender | The tender should be prepared by the bidder in **English language only**. |
| 9 | Helpdesk Telephone Number | **CSO-cum-DM's Contact Number: 9438200051** |

**N.B.**
1. If the Office happens to be closed on the date of opening of tenders, tenders will be opened on the next working day in the same time.
2. District Level Tender Committee (DLTC) reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender through online payment gateway service.
5. Any amendment/cancellation/re-tender/corrigendum please refer to the website www.tendersodisha.gov.in & www.foododisha.in.

OIPR-7001/7035/1/26-27/0004 — **CSO-cum-District Manager, OSCSC Ltd., Malkangiri**

● ଚିପ୍ସ ବୋଝେଇ ହାଇୱାରୁ ମୃତଦେହ ବାହାରିବା ଘଟଣା

# ଏବେ ବି ରହସ୍ୟ ଘେରରେ ଯୁବକଙ୍କ ମୃତ୍ୟୁ

ଭାପୁର,୧।୭(ସମିସ): ଫତେଗଡ଼ ଥାନା ଭାପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରେ ଗତ ୨୭ ତାରିଖ ରାତିରେ ଏକ ହାଇୱାରୁ ଗୋଡ଼ି ଖଲାସ ବେଳେ ଗୋଡ଼ି ସହ ଉକ୍ତ ଗାଡ଼ିରେ ହେଲପର ଭାବେ କାର୍ଯ୍ୟ କରୁଥିବା ବିଜିପୁର ପଞ୍ଚାୟତ ସୁନାଖଳା ଗ୍ରାମର ମୁନା ରାଉତ (୧୯)ଙ୍କ ମୃତଦେହ ବାହାରିଥିଲା। ପୁଲିସ ମୃତଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ମୁନାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ମା' ସୁକାନ୍ତି ରାଉତ ୨୮ ତାରିଖ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ହତ୍ୟା ମାମଲା ରୁଜୁକରି ଖଣ୍ଡପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରେ ହାଇୱା ଗାଡ଼ି ଜବତ କରିବା ସହ ଚାଳକ ରବୀନ୍ଦ୍ର ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମାତ୍ର ଏବେ ବି ମୁନାଙ୍କ ମୃତ୍ୟୁ ଘଟଣା ରହସ୍ୟ ଘେରରେ ରହିଛି। ଘଟଣାର ପର୍ଦ୍ଦାଫାସ କରିବାରେ ପୁଲିସ ବିଫଳ ହୋଇଛି। କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ସେ ସମ୍ପର୍କରେ ଖୋଳତାଡ଼ କରିବାକୁ ଦାବି ହୋଇଛି। ତେବେ ସାଇନ୍‌ଟିଫିକ ଟିମର ରିପୋର୍ଟ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେବା ପରେ ଘଟଣାର ରହସ୍ୟ ଉନ୍ମୋଚନ ହେବ ବୋଲି ଫତେଗଡ଼ ଥାନାଧିକାରୀ ଅଜୟ କୁମାର ସାହୁଙ୍କ ଠାରୁ ପ୍ରକାଶ।ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ବକେୟା ଟଙ୍କା ମାଗିବାରୁ ମରଣାନ୍ତକ ଆକ୍ରମଣ

ଓଡ଼ଗାଁ/ଶରଣକୁଳ,୧।୭(ସମିସ): ଓଡ଼ଗାଁ ବ୍ଲକ ଶରଣକୁଳ ଥାନା ବଡ଼ପୁଟ ଗ୍ରାମରେ ବକେୟା ଟଙ୍କା ମାଗିବାରୁ ଜଣେ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବଡ଼ପୁଟ ଗ୍ରାମର ଫିରୋଜ ସାମଲ ଗତ ଜୁନ ୩୦ ମଧ୍ୟାହ୍ନ ପ୍ରାୟ ୨ଟାରେ ନିଜ ଗ୍ରୋସେରୀ ଦୋକାନରେ ବସିଥିବାବେଳେ ଗ୍ରାମର ଶୁଭମ ଦାଶ ଓରଫ ଟୋଫାନଙ୍କୁ ପୂର୍ବରୁ ବାକି ଥିବା ୧୫୦ ଟଙ୍କା ମାଗିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଶୁଭମ ଫିରୋଜଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଚୁଟି ଧରି ଘୋଷାଡ଼ି ନେଇ ଏକ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଫଳରେ ଫିରୋଜଙ୍କ ମୁଣ୍ଡ ପଛପଟେ ଗୁରୁତର ଆଘାତ ଲାଗିଛି। ପୁଅକୁ ରକ୍ଷା କରିବାକୁ ଆସିଥିବା ଫିରୋଜଙ୍କ ମା'ଙ୍କୁ ମଧ୍ୟ ଅଭିଯୁକ୍ତ କାଠ ଫାଳିଆରେ ମାଡ଼ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ଫିରୋଜଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ମଧ୍ୟ ଅଭିଯୋଗରେ ଦର୍ଶାଯାଇଛି। ଆହତ ମା'-ପୁଅଙ୍କୁ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ଫିରୋଜ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବୁଧବାର ଅଭିଯୁକ୍ତ ଶୁଭମ ଦାଶଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଉଛି।

● ପିଟିପିଟି ହତ୍ୟା ଘଟଣା

# ପୁଲିସର ଛାନଭିନ୍, ଏକାଧିକ ବ୍ୟକ୍ତିଙ୍କୁ ଜେରା

ନୟାଗଡ଼,୧।୭(ସମିସ): ଇଟାମାଟି ଥାନା ପାଣ୍ଡେରିପାଟଣା ଗ୍ରାମରେ ବ୍ୟକ୍ତିଙ୍କୁ ପିଟିପିଟି ହତ୍ୟା ଘଟଣାକୁ ଗୁରୁତ୍ୱର ସହ ନେଇ ପୁଲିସ ଏକାଧିକ ବ୍ୟକ୍ତିଙ୍କୁ ଥାନାକୁ ଡାକି ପଚରାଉଚରା ଚଳାଇଥିବା ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କୁ ଧରିବାକୁ ପୁଲିସ ଚଢ଼ଉ ଚଳାଇଥିବା ସେ କହିଛନ୍ତି। ସାମାନ୍ୟ କଥାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି। ମଇଁଷି ଚରିବାକୁ କେନ୍ଦ୍ରକରି ହତ୍ୟା କରାଯାଇଛି। ମୃତ ବ୍ୟକ୍ତି ହେଲେ ଇଟାମାଟି ଥାନା ପାଣ୍ଡେରିପାଟଣା ଗାଁର ପୀତବାସ ଖଟୁଆ।

ବିଲ ହୁଡ଼ାରେ ମଇଁଷି ନେବାକୁ ବାରଣ କରିବାରୁ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ପୀତବାସଙ୍କ ବିଲ ହୁଡ଼ାରେ ବାଘେରା ଗାଁର ବାନାମ୍ବର ପରିଡ଼ା ଅଧିକାଂଶ ସମୟରେ ମଇଁଷି ନେଉଥିବାରୁ ହୁଡ଼ା ନଷ୍ଟ ହେଉଥିଲା। ଏଥିପାଇଁ ପୀତବାସ ବାରଣ କରିବାରୁ ଉଭୟଙ୍କ ମଧ୍ୟରେ ୧୫ଦିନ ପୂର୍ବରୁ ବଚସା ହୋଇଥିଲା। ଏ ନେଇ ଥାନାକୁ ମାମଲା ଯିବା ପରେ ପୁଲିସ ପୀତବାସଙ୍କୁ ଡାକି ପରେ ଛାଡ଼ି ଦେଇଥିଲା। ମଙ୍ଗଳବାର ଅପରାହ୍ନରେ ପୀତବାସ ଗାଁ ପୋଖରୀ ନିକଟକୁ ଆସିଥିବା ବେଳେ ବାନାମ୍ବର ଏବଂ ଅନ୍ୟ ଦୁଇଜଣ ମିଶି ତାଙ୍କୁ ନିଜ ଗାଁକୁ ଟେକି ନେଇ ନିର୍ଘୁମ ପିଟିଥିଲେ। ପୀତବାସଙ୍କ ମୃତ୍ୟୁ ହୋଇଗଲା ଭାବି ସେମାନେ ତାଙ୍କୁ ଗାଁ ବାହାରେ ଏକ ନିଛାଟିଆ ସ୍ଥାନରେ ଫୋପାଡ଼ି ଦେଇ ଫେରାର ହୋଇଯାଇଥିଲେ।

କିଛି ସ୍ଥାନୀୟ ଲୋକ ଏ ନେଇ ପୀତବାସଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା। ବାନାମ୍ବର, ତାଙ୍କ ପୁଅ ଏବଂ ଅନ୍ୟ ଜଣେ ମିଶି ପୀତବାସଙ୍କୁ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ବୁଧବାର ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଖୋଳତାଡ଼ ଚଳାଇଛି।

# କିଟିକିଟି ଅନ୍ଧାରରେ ଚଉବଙ୍ଗ ବାଲିସାହି ରାସ୍ତା

ଗଣିଆ,୧।୭(ସମିସ): ନୟାଗଡ଼ ଜିଲ୍ଲାରେ ଏଲଇଡି ଲାଇଟ୍ ଅନିୟମିତତା ଅଭିଯୋଗ ପରେ କିଛିଦିନ ହେବ ଭିଜିଲାନ୍ସ ବିଭିନ୍ନ ବ୍ଲକକୁ ଯାଇ ତଦନ୍ତ ଜାରି ରଖିଛି। ବ୍ଲକଗୁଡ଼ିକରେ ଅନେକ ସ୍ଥାନରେ ଲାଇଟ୍ ଲଗାଇଥିବା ଠିକାସଂସ୍ଥା ବିଲ୍ ନେଇ ଛୁ ମାରିଛି। ଏପଟେ ଗଣିଆ ଚଉବଙ୍ଗ ଛକରୁ ବାଲିସାହି ରାସ୍ତା କିଟିକିଟି ଅନ୍ଧାର ପାଲଟିଛି। ଏହି ରାସ୍ତା ଉପରେ ୧୦ ଗ୍ରାମର ଲୋକେ ନିର୍ଭର କରୁଥିବା ବେଳେ ଛାତ୍ରଛାତ୍ରୀ ମାନେ ଅନ୍ଧାରରେ ଯାତାୟାତ କରୁଛନ୍ତି। ମଙ୍ଗଳବାର ଉକ୍ତ ରାସ୍ତାରେ ମଦ୍ୟପାନ କରୁଥିବା ବେଳେ ଗଣିଆ ଥାନା ଏଏସଆଇ ଶାହା ଆଲାମ ଖାଁ ସେମାନଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ସେମାନେ ଯୁକ୍ତିତର୍କ କରିବାରୁ ତାଙ୍କୁ ଥାନାକୁ ନେଇଯାଇଥିବା ଜଣାପଡ଼ିଛି। ଉକ୍ତ ସ୍ଥାନ ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଥିବାରୁ ମହିଳାମାନେ ସନ୍ଧ୍ୟା ସମୟରେ ଯାତାୟାତ କରିବାକୁ ସୁରକ୍ଷିତ ମଣୁନାହାନ୍ତି। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ରାସ୍ତାରେ ବିଦ୍ୟୁତକରଣ କରିବାକୁ ସାଧାରଣରେ ଦାବି ହେଉଛି।

ପାଣିପୋଇଲା ଡ୍ୟାମ୍

# ପୁନରୁଦ୍ଧାର ନାଁରେ କୋଟିଏ ଟଙ୍କାର ଅନିୟମିତତା

ନୟାଗଡ଼,୧।୭(ସମିସ)



ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ଖଙ୍ଗୁରୀ ଓ ସାନହାମରା ମୌଜାରେ ରହିଛି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଣିପୋଇଲା ଡ୍ୟାମ। ପାହାଡ଼ କୋଳରେ ଥିବା ଏହି ପ୍ରକଳ୍ପ ଅତ୍ୟନ୍ତ ମନମୁଗ୍ଧକର। ଏହି ସ୍ଥାନରେ ବିଗତ ଦିନରେ ଅନେକ ଓଡ଼ିଆ ଚଳଚ୍ଚିତ୍ର ସୁଟିଂ ହୋଇଛି। ସୌନ୍ଦର୍ଯ୍ୟମୟ ଓ ଶାନ୍ତ ପରିବେଶ ସାଙ୍ଗକୁ ଘଞ୍ଚ ଜଙ୍ଗଲ ଏହି ଡ୍ୟାମକୁ ଘେରି ରହିଥିବା ବେଳେ ବର୍ଷର ବିଭିନ୍ନ ସମୟରେ ବଣଭୋଜି ପାଇଁ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଡ୍ୟାମକୁ ଲାଗି ନିର୍ମାଣ ହୋଇଥିଲା ଏକ ଡାକବଙ୍ଗଳା। ଦୁଇ କୋଠରି ବିଶିଷ୍ଟ ଏହି ଡାକବଙ୍ଗଳା ଏବେ ରୁଗ୍ଣ ଅବସ୍ଥାରେ ଥିବା ବେଳେ ଡ୍ୟାମ ଅବସ୍ଥା ମଧ୍ୟ ଦିନକୁ ଦିନ ରୁଗ୍ଣ ହୋଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଡ୍ୟାମ ମରାମତି ପାଇଁ ୪ କୋଟି ଟଙ୍କା ବ୍ୟୟ ବରାଦ କରିଥିଲେ। ଏହି କାର୍ଯ୍ୟକୁ ଦଶପଲ୍ଲାର ଠିକାଦାର ସୌମ୍ୟରଞ୍ଜନ ମହାନ୍ତି ଟେଣ୍ଡର ଜରିଆରେ ପାଇଥିଲେ। ୩ କୋଟି ୪ ଲକ୍ଷ ଟଙ୍କା ସହ ଜିଏସଟି ବାବଦ ବିଭାଗ ତାଙ୍କୁ କାମ ପ୍ରଦାନ କରିଥିଲା। ୨୦୨୫ରେ କାମ ଆରମ୍ଭ ହୋଇଥିଲା। ତେବେ ଡ୍ୟାମ ନିକଟ ଅଞ୍ଚଳରେ ଏ ନେଇ କୌଣସି ସୂଚନା ଫଳକ ଲଗାଯାଇନାହିଁ। ୨୦୨୫ରେ ଏହି କାମ ବାବଦ ୧ କୋଟି ୧୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଚଳିତ ବର୍ଷ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବିଲ୍ କରାଯାଇଛି।ତେବେ କାମରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବାଟମାରଣା ହୋଇଥିବା ଅଭିଯୋଗ ହୋଇଛି।

ଡ୍ୟାମର ଅଳ୍ପ କିଛି ଅଂଶରୁ ମାଟି ଉଠିଥିବା ବେଳେ ଉକ୍ତ ମାଟିକୁ ବନ୍ଧରେ ପକାଯାଇଛି। ବନ୍ଧରେ ଥିବା ଏକ ପୁରୁଣା ପଥର କାନ୍ଥ ଉପରେ ମାଟି ଲେସା ଯାଇଥିବା ବେଳେ ଦୁଇଟି କେନାଲ ଗେଟ୍‌କୁ ସାମାନ୍ୟ ମରାମତି କରାଯାଇଛି। କେନାଲରେ ଲାଗିଥିବା ଲୁହାଗୁଡ଼ିକୁ ମରାମତି କରି ରଙ୍ଗ ଦିଆଯାଇଛି। ଚଳିତ ବର୍ଷ ପୁରୁଣା ପଥର କାନ୍ଥରେ ପ୍ଲାଷ୍ଟର କରି ପୁର୍ନବାର ବିଲ୍ କରାଯାଇଥିବା ଅଭିଯୋଗ ହୋଇଛି। ପାଣିପୋଇଲା ଡ୍ୟାମ ଯେଉଁ ଦୁରବସ୍ଥା ମଧ୍ୟରେ ରହିଥିଲା ଆଜି ବି ସେଇ ଦୁରବସ୍ଥା ମଧ୍ୟରେ ରହିଛି। ଠିକାଦାର ଓ ଯନ୍ତ୍ରୀ ମିଳିମିଶି ଉକ୍ତ ଅର୍ଥକୁ ଚଲୁ କରିଥରବା ଅଭିଯୋଗ ହୋଇଛି। ନୂଆଗାଁ ଓ ନୟାଗଡ଼ ବ୍ଲକ ସୀମାନ୍ତ ପାହାଡ଼ କୋଳରେ ପ୍ରାକୃତିକ ପରିବେଶ ଓ ନୈସର୍ଗିକ ଶୋଭାରାଜିରେ ପରିପୂର୍ଣ୍ଣ ଏହି ପ୍ରକଳ୍ପକୁ କ୍ଷୁଦ୍ର ଜଳସେଚନ ବିଭାଗ ଲେଉଟିଆ କିଆରିରେ ପରିଣତ କରିଛି। ଏହି ସ୍ଥାନରେ ପିକନିକ୍ ଋତୁରେ ସବୁବେଳେ ପାଇଁ ଭିଡ଼ ଲାଗି ରହୁଥିବା ବେଳେ ଡ୍ୟାମ ଭିତରୁ ବାହାରିଥିବା ମାଟିକୁ ନିକଟସ୍ଥ ବଙ୍ଗଳା ସାମ୍ନାରେ ଗଦା କରାଯିବା ଦ୍ୱାରା ତାହାର ସୌନ୍ଦର୍ଯ୍ୟ ନଷ୍ଟ ହୋଇଛି। ୧୯୭୧ରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଯୋଜନା ପରିଷଦ ମୁଖ୍ୟ ଭାବେ ଡ୍ୟାମ ନିର୍ମାଣ ପାଇଁ ଭିତ୍ତି ସ୍ଥାପନ କରିଥିଲେ। ୧୯୭୫ରେ ଏହି ଡ୍ୟାମ ଉଦଘାଟିତ ହୋଇଥିଲା। ଡ୍ୟାମ ମରାମତି ନାଁରେ ବ୍ୟାପକ ଅନିୟମିତା କରାଯାଇଥିବା ବେଳେ ଉକ୍ତ ଜଳସେଚନ ପ୍ରକଳ୍ପରୁ ସଂଯୋଗ ହୋଇଥିବା କେନାଲ୍ ଗେଟ୍‌ଗୁଡ଼ିକ ମଧ୍ୟ ସଠିକ ଭାବେ ମରାମତି କରାଯାଇନାହିଁ। ଏନେଇ କ୍ଷୁଦ୍ର ଜଳସେଚନ ବିଭାଗ ଯନ୍ତ୍ରୀ ଅଶୋକ କୁମାର କାଣ୍ଡିଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିବା ବେଳେ ସେ ଫୋନ୍ ଉଠାଇନାହାନ୍ତି। ଏହି କାମର ଭିଜିଲାନ୍ସ ତଦନ୍ତ ପାଇଁ ସ୍ଥାନୀୟ ବାସିନ୍ଦା

## ନିକଟରେ ସ୍ଥାପନ ହେବ ଚିନିଶିଳ୍ପ

ନୟାଗଡ଼: ନୟାଗଡ଼ରେ ଯେଉଁଠି ନୂତନ ଚିନିଶିଳ୍ପ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି ତାହା ପାଣିପୋଇଲା ଡ୍ୟାମ୍ ନିକଟବର୍ତ୍ତୀ ସ୍ଥାନ। ଏହି ସ୍ଥାନକୁ ଆଇପିଏଲ୍ କର୍ତ୍ତୃପକ୍ଷ ଚୟନ କରିଛନ୍ତି। ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇ ନ ଥିଲେ ମଧ୍ୟ ଏହା ଏକ ପ୍ରକୃଷ୍ଟ ସ୍ଥାନ ବୋଲି ଜଣାପଡ଼ିଛି। ଚିନିଶିଳ୍ପ ପ୍ରତିଷ୍ଠା ହେଲେ ପାଣିପୋଇଲା ଡ୍ୟାମର ଆବଶ୍ୟକତା ନିଶ୍ଚିତ ଭାବେ ବୃଦ୍ଧି ପାଇବ। ଏହି ଡ୍ୟାମରୁ ନିକଟସ୍ଥ ଚାଷୀ ଏବଂ ଚିନିଶିଳ୍ପ ପାଇଁ ପାଣି ଆବଶ୍ୟକ ହେବ। କିନ୍ତୁ କ୍ଷୁଦ୍ର ଜଳସେଚନ ବିଭାଗ ଡ୍ୟାମକୁ ପୁନରୁଦ୍ଧାର କରିବା ପରିବର୍ତ୍ତେ ଆସିଥିବା ଅର୍ଥକୁ ବାଟମାରଣା କରିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ଅସନ୍ତୋଷ ସୃଷ୍ଟି ହୋଇଛି। ବାଲୁଗାଁ, ମାଳିସାହି ଓ କ୍ରିଦାଶପୁର ପଞ୍ଚାୟତବାସୀ ଏ ନେଇ କୋର୍ଟକୁ ଯିବାକୁ ସଜବାଜ ହେଉଥିବା ସୂଚନା ମିଳିଛି।

# ରଣପୁର ରଥଯାତ୍ରା ପ୍ରସ୍ତୁତି ବୈଠକ



ରଣପୁର,୧।୭(ସମିସ): ରଣପୁର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ଶ୍ରୀଗୁଣ୍ଡିଚା ଏବଂ ବାହୁଡ଼ା ଯାତ୍ରା ଉପଲକ୍ଷେ ଶୁକ୍ରବାର ରଣପୁର ପଞ୍ଚାୟତ ସମିତ ସଭାଗୃହରେ ସ୍ଥାନୀୟ ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଶ୍ରୀଗୁଣ୍ଡିଚା ଏବଂ ବାହୁଡ଼ା ଯାତ୍ରାକୁ କିପରି ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ନିମନ୍ତେ ୩ ରଥର ବ୍ୟବସ୍ଥା କରାଯିବା ସହ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯିବ। ରାସ୍ତା ମରାମତି, ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା, ବିଦ୍ୟୁତ ସେବା, ସ୍ୱାସ୍ଥ୍ୟ ସେବା ଆଦି ଯୋଗାଇ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହ ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରାକୁ କିପରି ସରସସୁନ୍ଦର ଭାବେ ପରିଚାଳନା କରାଯିବ ସେ ନେଇ ବିଧାୟିକା ପାଢ଼ୀ ଉପସ୍ଥିତ ରଥଯାତ୍ରା ପରିଚାଳନା କମିଟି ସଦସ୍ୟମାନଙ୍କ ମତାମତ ଗ୍ରହଣ କରିବା ସହ ସମସ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ତହସିଲଦାର ଆର୍ଯ୍ୟ କୁମାର ସର୍ବଦମନ, ବିଡିଓ ମନୋଜ କୁମାର ନାୟକ, ଏନଏସି ଅଧକ୍ଷା ରଙ୍ଗୀନ ମହାନ୍ତି, ବ୍ଲକ ଅଧକ୍ଷା ନିର୍ମଳା ବେହେରା, ଜିଲ୍ଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ଥାନା ଅଧିକାରୀ ଆଶିଷ ଦେବ ସାହୁ, ପୁରୀ ଏମପିଙ୍କ ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ, ନାରାୟଣ ମହାପାତ୍ର, ପୂର୍ବତନ ବିଧାୟକ ରବି ନାରାୟଣ ମହାପାତ୍ରଙ୍କ ସମେତ କମିଟି ସଭ୍ୟ, ସାମ୍ବାଦିକ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫର୍ମର



ଓଡ଼ଗାଁ/ଶରଣକୁଳ,୧।୭(ସମିସ): ଶରଣକୁଳ ବିଦ୍ୟୁତ ବିଭାଗ ଅଧୀନ ଚଢ଼େୟାପଲ୍ଲୀ ଗ୍ରାମରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ଦୀର୍ଘଦିନ ଧରି ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଦୁର୍ଘଟଣା ଆଶଙ୍କା ବଢ଼ିଛି। ଟ୍ରାନ୍ସଫର୍ମର ଚାରିପାଖରେ ଘଞ୍ଚ ଲଟାବୁଦା ମାଡ଼ିଯାଇ ସମ୍ପୂର୍ଣ୍ଣ ଢାଙ୍କି ଦେଇଥିବାରୁ ଏହା ବିପଦସଙ୍କୁଳ ହୋଇପଡ଼ିଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ସମୟ ଧରି ଟ୍ରାନ୍ସଫର୍ମର ସଫେଇ କିମ୍ବା ରକ୍ଷଣାବେକ୍ଷଣ କରାଯାଇନାହିଁ। ଫଳରେ ଲତାଗୁଡ଼ିକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ସର୍ଟସର୍କିଟ କିମ୍ବା ଅନ୍ୟ କୌଣସି ବିଦ୍ୟୁତ ଦୁର୍ଘଟଣା ଘଟିବା ଆଶଙ୍କା ସୃଷ୍ଟି ହୋଇଛି। ଏହି ଟ୍ରାନ୍ସଫର୍ମର ଜନବହୁଳ ଅଞ୍ଚଳରେ ଥିବାରୁ ପ୍ରତିଦିନ ଏହା ନିକଟରେ ଯାତାୟାତ କରୁଥିବା ଗୃହପାଳିତ ପ୍ରାଣୀ, ଜନସାଧାରଣ ବିଶେଷକରି ପିଲାମାନଙ୍କ ସୁରକ୍ଷାକୁ ନେଇ ଗ୍ରାମବାସୀ ଚିନ୍ତା ପ୍ରକାଶ କରିଛନ୍ତି। ବାରମ୍ବାର ବିଦ୍ୟୁତ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି।ଗ୍ରାମବାସୀଙ୍କ ଦାବିକୁ ଗୁରୁତ୍ୱ ଦେଇ ତୁରନ୍ତ ଟ୍ରାନ୍ସଫର୍ମର ପାଖରୁ ଲତା ଓ ବୁଦା ସଫା କରାଯାଉ। ଅନ୍ୟଥା କୌଣସି ଅଘଟଣ ଘଟିଲେ ତାହାର ପରିଣାମ ପାଇଁ ବିଦ୍ୟୁତ୍ ବିଭାଗ ଦାୟୀରହିବ ବୋଲି ଗ୍ରାମବାସୀ କହିଛନ୍ତି।

# ପୁତୁରାକୁ ହାଣିଲେ ସମ୍ପର୍କୀୟ ଦାଦା ଓ ଖୁଡ଼ୀ

ଦଶପଲ୍ଲା,୧।୭(ସମିସ): ଦଶପଲ୍ଲା ଥାନା ଟାକରା କନ୍ଧସାହିରେ ବୁଧବାର ସନ୍ଧ୍ୟା ସାଢ଼େ ୭ଟାରେ ଜଣେ ଅଶୋକ ମଲ୍ଲିକ (୩୨)ଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅଶୋକଙ୍କ ଭାଇ ଦୁଷ୍ମନ୍ତ ଏ ନେଇ ଥାନାରେ ଅଭିଯୋଗ କରିଥିବା ବେଳେ ତଦନ୍ତ ଆରମ୍ଭ କରିଛି। ପୂର୍ବ ଯୋଜନା ଅନୁଯାୟୀ ଆଜି ସନ୍ଧ୍ୟାରେ ଅଶୋକଙ୍କ ସମ୍ପର୍କୀୟ ଦାଦା ଭାଗବତ ମଲ୍ଲିକ ଓ ତାଙ୍କ ସ୍ତ୍ରୀ ମିଶି ଅଶୋକଙ୍କୁ ଟାଙ୍ଗିଆ ଓ କଟୁରିରେ ହାଣି ପକାଇଥିଲେ।



ଏଥିରେ ଅଶୋକଙ୍କ ମୁହଁରେ ଗଭୀର ଆଘାତ ଲାଗିବା ସହ ଦାନ୍ତ ଭାଙ୍ଗିଯାଇଛି। ଜିଭ ମଧ୍ୟ ଛିଣ୍ଡିଯାଇଛି। ଏଥିସହ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଥିବା ଡାକ୍ତର ପ୍ରକାଶ କରିଛନ୍ତି। ତେବେ ଗତ ଦେଢ଼ବର୍ଷ ତଳେ ଅଶୋକ କୌଣସି କାରଣରୁ ଭାଗବତଙ୍କୁ ହାଣି ଆହତ କରିଥିବା ବେଳେ ଆଜି ମୋବାଇଲ ଚୋରିକୁ ନେଇ ଏହି ପ୍ରତିଶୋଧ ମୂଳକ କାଣ୍ଡ ଘଟିଥିବା ଗ୍ରାମବାସୀ କହିଛନ୍ତି। ଗୁରୁତର ଅବସ୍ଥାରେ ଅଶୋକଙ୍କୁ ନୟାଗଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ବାଇକ୍ ସହ ଗଞ୍ଜେଇ ଜବତ, ବୃଦ୍ଧ ଗିରଫ



ଗଣିଆ,୧।୭(ସମିସ): ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ, ଏଏସଆଇ ଶାହା ଆଲାମ ଖାଁ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ କାରବାର କରୁଥିବା ଅଭିଯୋଗରେ ଦଶିପୁର ତୋଟା ନିକଟରୁ ଜଣେ ୬୦ ବର୍ଷୀୟ ବୃଦ୍ଧଙ୍କୁ ଗିରଫ କରିଛନ୍ତି। ଗିରଫ ବ୍ୟକ୍ତି ହେଲେ ନରସିଂହପୁର ଲେମ୍ବୁଜେନା ସାହିର ସୁଧାକର ସାହୁ। ତାଙ୍କ ନିକଟରୁ ପୁଲିସ ୧୩ କିଲୋ ଗଞ୍ଜେଇ ସହ ଗୋଟିଏ ବାଇକ୍ ଜବତ କରିଛି। ସୁଧାକର ଫୁଲବାଣୀରୁ ଗଞ୍ଜେଇ ନେଇ ନରସିଂହପୁର ଯାଉଥିବା ବେଳେ ପୁଲିସ ହାବୁଡ଼ରେ ପଡ଼ିଥିଲେ। ଅତିରିକ୍ତ ତହସିଲଦାର ରମେଶ ଗୋଛିଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଛି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି।

# ରଣପୁର ଥାନାରେ ଆମ ପୁଲିସ ସମିତି ବୈଠକ



ରଣପୁର,୧।୭(ସମିସ): ରଣପୁର ଥାନା ପରିସରରେ ବୁଧବାର ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଥାନା ଅଧିକାରୀ ଆଶିଷ ଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରଣପୁର ବ୍ଲକର ସରପଞ୍ଚ, ସମିତିସଭ୍ୟ ଓ ସାମ୍ବାଦିକଙ୍କ ସମେତ ବହୁ ଜନସାଧାରଣ ତଥା ଆମ ପୁଲିସ ସମିତି ସଦସ୍ୟ ଯୋଗଦେଇଥିଲେ। ସାଇବର ଠକେଇ ଓ ନିଶାସେବନ କିପରି ରୋକିହେବେ ସେ ବିଷୟରେ ଥାନା ଅଧିକାରୀ କହିଥିଲେ।

# ଦୁର୍ଘଟଣାରେ ପ୍ରଧାନଗୁରୁଜୀ ଗୁରୁତର



ଓଡ଼ଗାଁ,୧।୭(ସମିସ): ଓଡ଼ଗାଁ ଜାରିଙ୍ଗୀ ମୌଜାରେ ଅବସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନଗୁରୁଜୀ ପ୍ରଫୁଲ୍ଲ କୁମାର ପ୍ରଧାନ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର ସକାଳେ ପ୍ରଫୁଲ୍ଲ ବାଇକ୍‌ରେ ବିଦ୍ୟାଳୟକୁ ଆସୁଥିଲେ। ଓଡ଼ଗାଁ କଲେଜ ରୋଡ୍‌ରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ଯିବା ଗଳି ଭିତରକୁ ବାଇକ୍ ବୁଲାଉଥିବା ବେଳେ ସମାନ ଦିଗରୁ ଦ୍ରୁତଗତିରେ ଆସୁଥିବା ଅନ୍ୟ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଧକ୍କା ପରେ ଉକ୍ତ ବାଇକ୍ କିଛି ବାଟ ତାଙ୍କୁ ଘୋଷାଡ଼ି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ତାଙ୍କ ଦୁଇ ଆଣ୍ଠୁ, ଦୁଇ କହୁଣି ଏବଂ ନାକରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ବିଦ୍ୟାଳୟର ଅନ୍ୟ ଗୁରୁଜୀ ଓ ସହଯୋଗୀମାନେ ତାଙ୍କୁ ଉଦ୍ଧାର କରି ଅଟୋ ଯୋଗେ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ସମୟରେ ବାମ ହାତ କଚଟି ଭାଙ୍ଗିଯାଇଥିବା ଜଣାପଡ଼ିଛି।

# କରଜ ଚାପରେ ବିଷପିଇ ଯୁବକଙ୍କ ଆତ୍ମହତ୍ୟା

ଓଡ଼ଗାଁ,୧।୭(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଗୌଡ଼ପୁଟ ପଞ୍ଚାୟତ ନୂଆବନ୍ଧସାଇ ଗ୍ରାମରେ କରଜ ଚାପ ଓ ପାରିବାରିକ ଅଶାନ୍ତିକୁ କେନ୍ଦ୍ରକରି ଜଣେ ଯୁବକ ବିଷପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଶିବରାମ ପାତ୍ରଙ୍କ ପୁଅ କୁନା ପାତ୍ର (୩୫)। କୁନା ଦୀର୍ଘଦିନ ଧରି କରଜ ବୋଝରେ ଜର୍ଜରିତ ଥିଲେ। ଏ ନେଇ ପରିବାରରେ ବାରମ୍ବାର କଳହ ଲାଗି ରହୁଥିବାରୁ ସେ ମାନସିକ ଭାବେ ଭାଙ୍ଗି ପଡ଼ିଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ନିକଟସ୍ଥ ଏକ ଫାର୍ମରେ ବିଷାକ୍ତ ପଦାର୍ଥ ପିଇଦେଇଥିଲେ। ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।


# ଡିସେମ୍ବର ସୁଦ୍ଧା ନୂତନ ଗ୍ରୀଡ୍ କାର୍ଯ୍ୟକ୍ଷମ

ଦଶପଲ୍ଲା,୧।୭(ସମିସ): ଦଶପଲ୍ଲା ବିଦ୍ୟୁତ୍ ଉପଭୋକ୍ତା ସଂଘ ଡାକରାରେ ଦଶପଲ୍ଲା ବନ୍ଦ ପାଳନ ସଫଳ ହୋଇଛି। ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଦଶପଲ୍ଲାରେ ଆସି ସ୍ଥିତି ପରଖିଥିଲେ। ଏନଏସି ସମ୍ମିଳନୀ କକ୍ଷରେ ତତ୍କାଳ ଆୟୋଜିତ ବୈଠକରେ ଉପଭୋକ୍ତା ସଂଘ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାର ନିଷ୍କର୍ଷ ଅନୁଯାୟୀ କେନ୍ଦ୍ର ସରକାରଙ୍କ ପରିବେଶ ମନ୍ତ୍ରଣାଳୟର ଆନୁଷଙ୍ଗିକ ବିଧିବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଆସନ୍ତା ଡିସେମ୍ବର ସୁଦ୍ଧା ଟାକରା ଗ୍ରୀଡ୍ କାର୍ଯ୍ୟକ୍ଷମ କରିବା ନିମନ୍ତେ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଗ୍ରୀଡ୍ କାର୍ଯ୍ୟକ୍ଷମ ହେଲେ ଲୋ ଭୋଲ୍ଟେଜ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି କମ୍ପାନୀର ବୈଷୟିକ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସ୍ଥାନୀୟ ଭାବନାକୁ ସମ୍ମାନ ଦେଇ ନିରନ୍ତର ବିଜୁଳି ଯୋଗାଣ ସହ ବାରମ୍ବାର ବିଜୁଳି ବିଭ୍ରାଟ ହେବନାହିଁ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ କମ୍ପାନୀ ତରଫରୁ ଆକ୍ରୋସମୂଳକ ପଦକ୍ଷେପ ଓ ଉପଭୋକ୍ତାଙ୍କ ନାମରେ ମୋକଦ୍ଦମା କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ମିଳିବା ପରେ ଉପଭୋକ୍ତାମାନେ ଆନ୍ଦୋଳନକୁ ସାମୟିକ ପ୍ରତ୍ୟାହାର କରିଛନ୍ତି। ଏହି ଦ୍ୱିପାକ୍ଷିକ ଆଲୋଚନା ସମୟରେ ନୟାଗଡ଼ ଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ, ଟାଟା କମ୍ପାନୀ ପ୍ରତିନିଧି, ସଭାପତି ପ୍ରଫୁଲ୍ଲ ମିଶ୍ର, ସମ୍ପାଦକ ହାଡ଼ିବନ୍ଧୁ ମହାକୁଡ଼, ବଣିକ ସଂଘ ସଭାପତି ଅଲେଖ ସାହୁ, ଓକିଲ ସଙ୍ଘ କର୍ମକର୍ତ୍ତା ଉପସ୍ଥିତ ଥିଲେ।

୭ ବର୍ଷ ବିତିଗଲା

# ଅଧପନ୍ତରିଆ ହୋଇ ପଡ଼ିରହିଛି କଲ୍ୟାଣ ମଣ୍ଡପ

ଗଣିଆ,୧।୭(ସମିସ)




ଗଣିଆ ବ୍ଲକ କିଶୋରପ୍ରସାଦ ପଞ୍ଚାୟତ ପତୁରିଆଠାରେ ୨୦୧୮-୧୯ ଆର୍ଥିକ ବର୍ଷରେ ଚତୁର୍ଥ ଅର୍ଥ ଆୟୋଗ ଯୋଜନାରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏପରିକି ଉକ୍ତ ମଣ୍ଡପ ନିର୍ମାଣ ପାଇଁ ପଞ୍ଚାୟତ ପାଣ୍ଠିରୁ ଆଉ ୧୦ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ମଧ୍ୟ ପ୍ରଦାନ କରାଯାଇଥିଲା। ୨୦ ଲକ୍ଷ ଟଙ୍କା ବ୍ୟୟରେ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏବେ ବି ଅଧପନ୍ତରିଆ ହୋଇ ପଡ଼ିରହିଛି। କାର୍ଯ୍ୟାଦେଶ ମିଳିବାର ଦୀର୍ଘ ୭ ବର୍ଷ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ।

ଗୋକୁଳାନନ୍ଦ ଜୀଉଙ୍କ ପୀଠକୁ ଲାଗି ଏହି କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଥିବାରୁ ଏଠାରେ ବିବାହ, ବ୍ରତଠାରୁ ଆରମ୍ଭ କରି ବିଭିନ୍ନ ସଭା, ସମିତି ସାଂସ୍କୃତିକ କାର୍ଯ୍ୟକ୍ରମ ବିଶେଷକରି ଏହା ଏକ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ଭୋଜିଭାତ ଆୟୋଜନକୁ ଦୃଷ୍ଟିରେ ରଖି ଏହା ନିର୍ମାଣ କରାଯାଇଥିଲା। କିନ୍ତୁ ସରକାରଙ୍କ ଏହି ବୃହତ୍ ଯୋଜନା ଏବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଏ ସମ୍ପର୍କରେ କିଶୋରପ୍ରସାଦ ସରପଞ୍ଚଙ୍କ ପ୍ରତିନିଧି ବିଜୟ କୁମାର ବେହେରାଙ୍କୁ ପଚାରିବାରୁ ଉକ୍ତ କଲ୍ୟାଣ ମଣ୍ଡପ ସମ୍ପୂର୍ଣ୍ଣ ପାଇଁ ଆହୁରି ୨୦ ଲକ୍ଷ ଟଙ୍କାର ପାଣ୍ଠି ଆବଶ୍ୟକ ବୋଲି କହିଛନ୍ତି। ପଞ୍ଚାୟତ ପାଣ୍ଠିରୁ ଏତେ ଅର୍ଥ ଦେବା ସମ୍ଭବ ନ ଥିବାରୁ ବିଧାୟକ କିମ୍ବା ଜିଲ୍ଲା ପରିଷଦ ପାଣ୍ଠିରୁ ଯଦି କିଛି ଅର୍ଥ ମିଳେ ତେବେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ସରକାର ବିଭିନ୍ନ ଯୋଜନାରେ ପଞ୍ଚାୟତଗୁଡ଼ିକୁ ଅର୍ଥ ମଞ୍ଜୁର କରୁଥିବା ବେଳେ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଏହି କଲ୍ୟାଣ ମଣ୍ଡପ ସମ୍ପୂର୍ଣ୍ଣ ନ ହୋଇ ଭୂତକୋଠି ପାଲଟିଲାଣି। ଗୋକୁଳାନନ୍ଦ ପର୍ଯ୍ୟଟନସ୍ଥଳୀ ପରିସରରେ ଥିବାରୁ ସରକାର ଅନେକ ରାଜସ୍ୱ ମଧ୍ୟ ହରାଉଛନ୍ତି। ସନ୍ଧ୍ୟା ହେଲେ ଏହି ଅଧାଗଢ଼ା କଲ୍ୟାଣ ମଣ୍ଡପ ଏବେ ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ବେଳେ ଅନେକ ଅନୈତିକ କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଜାତୀୟ ଡାକ୍ତର ଦିବସରେ ଆନ୍ଦୋଳନକୁ ଓହ୍ଲାଇଲେ ଡାକ୍ତର

## ୧୦ଦଫା ଦାବିରେ ଓମ୍‌ସାର ପ୍ରତିବାଦ




ଖୋର୍ଦ୍ଧା,୨।୭(ସମିସ): ସାରା ରାଜ୍ୟରେ ଓଡିଶା ମେଡିକାଲ ସର୍ଭିସ୍ ଆସୋସିଏସନ୍ (ଓମ୍‌ସା) ପକ୍ଷରୁ ବିଭିନ୍ନ ଦାବିନେଇ ଡାକ୍ତରମାନେ ଆଜି ପ୍ରତିବାଦ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲା ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ବିଭିନ୍ନ ବିଭାଗର ମୁଖ୍ୟ ଡାକ୍ତରମାନେ ଆଜି ଓମସା ର ଦାବି କୁ ସମର୍ଥନ କରି ଓମସା ର ଜିଲ୍ଲା ଶାଖା ସଭାପତି ତଥା ଡିଏମ୍‌ଓ ଡା. ଶ୍ୟାମା ପ୍ରସନ୍ନ ମିତ୍ରଙ୍କ ନେତୃତ୍ୱରେ କାର୍ଯ୍ୟବନ୍ଦ କରି ପ୍ରତିବାଦ କରିଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ରୋଗୀ ସେବା କିପରି ବ୍ୟାଘାତ ନ ହେବ ସେ ନେଇ ଆଲୋଚନା କରିଥିଲେ। ତେବେ ଓମସାର ରାଜ୍ୟ ନେତୃତ୍ୱଙ୍କ ନିଷ୍ପତ୍ତି ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

ପ୍ରକାଶ ଥାଉକି, କେନ୍ଦ୍ରୀୟ ଦରମା ସଂରଚନା ଅନୁଯାୟୀ ଯୋଗ୍ୟତା ତାରିଖ ଠାରୁ ଡିଏସିପି ଲାଗୁ, ସମସ୍ତ ଗ୍ରେଡ୍ ର ଡାକ୍ତରମାନଙ୍କ ପାଇଁ ଅନୁପାତିକ ଭାବେ କ୍ୟାଡର ପୁନର୍ଗଠନ, ସୁପର ସ୍ପେଶାଲିଷ୍ଟ, ସ୍ପେଶାଲିଷ୍ଟ, ଡିପ୍ଲୋମାଧାରୀ ଡାକ୍ତରଙ୍କ ପାଇଁ ଅତିରିକ୍ତ ପ୍ରୋତ୍ସାହନ ଭତା, ଦୁର୍ଗମ ଅଞ୍ଚଳରେ କାର୍ଯ୍ୟରତ ଡାକ୍ତରମାନଙ୍କ ପାଇଁ ୩ ବର୍ଷିଆ ଏକ୍ସିଟ୍ ପଲିସି, ଦାନ୍ତ ଡାକ୍ତରଙ୍କୁ ମଧ୍ୟ ଡିଏସିପି, ସ୍ପେଶାଲିଷ୍ଟ ଆଲାଉନ୍ସ ପ୍ରଦାନ କରିବା, ଭୁବନେଶ୍ୱରରେ କେବଳ ଓଏମ୍‌ଏଚସି କ୍ୟାଡର ପାଇଁ ଏକ ସ୍ୱତନ୍ତ୍ର ଦ୍ୱିତୀୟ କ୍ୟାପିଟାଲ ହସ୍ପିଟାଲ ନିର୍ମାଣ କରିବା, ଓପିଏସସି ମାଧ୍ୟମରେ ପ୍ରତିବର୍ଷ ନିୟମିତ ଡାକ୍ତର ନିଯୁକ୍ତି କରିବା, ଓଡ଼ିଶା ମେଡିକେୟାର ଆକ୍ଟ'ର କଡ଼ାକଡ଼ି ଅନୁପାଳନ ଓ ସଂଶୋଧନ କରାଯାଉ, ଆଡହକ (ଅସ୍ଥାୟୀ) ଡାକ୍ତରମାନଙ୍କ ଚାକିରି ନିୟମିତ କରିବା, ସ୍ୱାସ୍ଥ୍ୟ କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ଏକ ସାମଗ୍ରିକ ସ୍ୱାସ୍ଥ୍ୟ ବୀମା ଲାଗୁ କରିବା ପ୍ରମୁଖ ୧୦ଟି ଦାବି ରହିଛି।

ଦୀର୍ଘଦିନ ଧରି ଶାନ୍ତିପୂର୍ଣ୍ଣ ଭାବେ ଡାକ୍ତରମାନେ ଦାବି ଜଣାଇ ଆସୁଥିଲେ। ଗତବର୍ଷ ନଭେମ୍ବର ୨୦ ଠାରୁ କାର୍ଯ୍ୟରତ ଡାକ୍ତରମାନେ କଳା ବ୍ୟାଜ୍ ପରିଧାନ କରିଥିଲେ। ପରେ ଗତ ଡିସେମ୍ବର ୨୬ ରୁ ଜାତୀୟ କାର୍ଯ୍ୟକ୍ରମ ବର୍ଜନ କରିବା ସହ ଜାନୁଆରୀ ୨ ରୁ ୯ ପର୍ଯ୍ୟନ୍ତ ଦୈନିକ ୨ ଘଂଟା ବହିର୍ବିଭାଗ ବନ୍ଦ କରି ପ୍ରତିବାଦ କରିଥିଲେ। ଗତ ଜାନୁଆରୀରେ ସରକାରଙ୍କ ପ୍ରତିଶ୍ରୁତି ଯୋଗୁଁ ସଂଘ ଆନ୍ଦୋଳନ ସ୍ଥଗିତ ରଖିଥିଲା। କିନ୍ତୁ ଗତ ୬ମାସ ମଧ୍ୟରେ କୌଣସି ସୁଫଳ କିମ୍ବା ଲିଖିତ ପ୍ରତିଶ୍ରୁତି ନମିଳିବାରୁ ଆଜିଠାରୁ ପୁନର୍ବାର ସଂଘ ଆନ୍ଦୋଳନ କୁ ଓହ୍ଲାଇଛି। ଗତ ଏପ୍ରିଲ ୨୬ରେ ହୋଇଥିବା ସାଧାରଣ ପରିଷଦ ବୈଠକର ନିଷ୍ପତି ଅନୁଯାୟୀ ଏହି ପଦକ୍ଷେପ ନିଆଯାଇଛି ବୋଲି ସଂଘ ପକ୍ଷରୁ କୁହାଯାଇଛି।

ଆଜିର ଏହି ପ୍ରତିବାଦରେ ଶାଖା ସମ୍ପାଦକ ଡା. ଆଲୋକ ଜ୍ୟୋତି ସାହୁ, କର୍ଣ୍ଣ ନାସା ଗଳା ଡା. ସରୋଜ ନାୟକ, ବରିଷ୍ଠ ଭେଷଜ ବିଭାଗର ମୁଖ୍ୟ ଡା. ବିଶ୍ୱନାଥ ପାଢ଼ୀ, ଦନ୍ତ ବିଭାଗର ମୁଖ୍ୟ ଡା.ରାଇନ ଚୌଧୁରୀ, ଚର୍ମ ବିଭାଗର ଡା.ହରପ୍ରସନ୍ନ ତ୍ରିପାଠୀ, ପାଥୋଲୋଜି ବିଭାଗର ଡା. ଜୟରାମ ପାଢ଼ୀ, ଶଲ୍ୟ ବିଭାଗ ଡା. ଶୁଭ୍ରାଂଶୁ କୁମାର ସାହୁ, ଡା. ଅୟସ କାନ୍ତ ଶତପଥୀ, ଚକ୍ଷୁ ବିଭାଗ ଡା. ମମତା ନାୟକ, ଡା.ଅଜୟ ସିଂହ, ଡା.ଲତିକା ବେହେରା, ଡା.ପ୍ରବୋଧ ପାଲ, ଡା. ପ୍ରଶାନ୍ତ କୁମାର ଦାସ, ଡା.ଅନ୍ତର୍ଯ୍ୟାମୀ ତ୍ରୀପାଠୀ, ଡା. ସତ୍ୟନାରାୟଣ ପାଇକରାୟ, ଡା.ଅର୍ଚ୍ଚନା ରଥ, ଡା.ଆଲୋକ ଜେନା, ଡା.ମିନତୀ ଶତପଥୀ, ଡା. ସରୋଜ ସାହୁ, ଡା. ପରିଚୟ, ଡା. ସୁଶେଣ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

ଖୋର୍ଦ୍ଧା,୨।୭ (ସମିସ): ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଞ୍ଚଳିକ ପରିବହନ ଅଧିକାରୀ, ଭୁବନେଶ୍ୱର -୧ ମାନସ ମିଶ୍ରଙ୍କ ଆୟୋଜନରେ ଏବଂ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ଖୋର୍ଦ୍ଧା ଅରବିନ୍ଦ ନାୟକ ଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରତାପ ଚନ୍ଦ୍ର ବେଉରା ଅଧ୍ୟକ୍ଷତା କରିଥିଲେ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନାଦି ଚରଣ ସେଠୀ, ଆଂଚଳିକ ପରିବହନ ଅଧିକାରୀ, ଭୁବନେଶ୍ୱର -୨ ସନତ କୁମାର ଜେନା, ଶଙ୍ଖ ଧ୍ୱନି ରାସ୍ତା ସୁରକ୍ଷା ସମିତି, ସମ୍ପାଦକ ପ୍ରକାଶ କୁମାର ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ସଡ଼କ ସୁରକ୍ଷା ତଥା ସଡ଼କ ଦୁର୍ଘଟଣା ରୋକିବା ଦିଗରେ ନିଆଯାଇଥିବା ପଦକ୍ଷେପ ସମ୍ବନ୍ଧରେ ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ପରେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ଖୋର୍ଦ୍ଧା ଶ୍ରୀ ନାୟକ ଜିଲ୍ଲାରେ ରାସ୍ତା ଏବଂ କୋଠା ବାଡ଼ି ଅଧୀନ ସଡ଼କ ପଥ ଏବଂ ଜାତୀୟ ରାଜମାର୍ଗରେ ସଡ଼କ ସୁରକ୍ଷା ଏବଂ ଦୁର୍ଘଟଣା ରୋକିବା ଦିଗରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅଧ୍ୟକ୍ଷଙ୍କୁ ଅବଗତ କରାଇଥିଲେ। ବୈଠକର ଅଧ୍ୟକ୍ଷ ଶ୍ରୀ ବେଉରା ପୂର୍ତ୍ତ ବିଭାଗ, ଜାତୀୟ ରାଜମାର୍ଗ ପ୍ରାଧିକରଣ ପଦାଧିକାରୀ, ପୁଲିସ ପ୍ରଶାସନ, ମୋଟର ଯାନ ନିରୀକ୍ଷକ ଭୁବନେଶ୍ୱର ଏବଂ ଖୋର୍ଦ୍ଧା, ଟ୍ରାଫିକ ପୁଲିସ ଆଦି ସମ୍ପୃକ୍ତ ବିଭାଗର କାର୍ଯ୍ୟକ୍ରମକୁ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରି ସଡ଼କ ଦୁର୍ଘଟଣା କୁ ଶତ ପ୍ରତିଶତ ଏଡ଼ାଇବା ଦିଗରେ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଆଗକୁ ମହାପ୍ରଭୁଙ୍କ ଘୋଷ ଯାତ୍ରା ଥିବାରୁ ବିଭାଗୀୟ ଅଧିକାରୀମାନେ ଟାସ୍କ ଫୋର୍ସ ଦ୍ୱାରା ନିରନ୍ତର ଯାଂଚ କରିବା, ପାଟ୍ରୋଲିଂ ସେବାକୁ କଡାକଡି କରିବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ବେଉରା ଶଙ୍ଖ ଧ୍ୱନି ରାସ୍ତା ସୁରକ୍ଷା ସମିତି ସମ୍ପାଦକ ଶ୍ରୀ ମହାପାତ୍ରଙ୍କ ପୁସ୍ତିକା "ଗାଡ଼ି ଚାଳକ ସୂଚନା ପୁସ୍ତିକା" ଏବଂ "ପିଲାଙ୍କ ସଡ଼କ ସୁରକ୍ଷା ଶିକ୍ଷା ପୁସ୍ତିକା'କୁ ଉନ୍ମୋଚନ କରି ଭୂୟସୀ ପ୍ରସଂଶା କରିଥିଲେ। ବୈଠକରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଞ୍ଜନ ମିତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଅତିରିକ୍ତ ପୁଲିସ ଆୟୁକ୍ତ, ଟ୍ରାଫିକ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ତଥା ସଡ଼କ ସୁରକ୍ଷା କମିଟି ସଦସ୍ୟ ଓ ସଦସ୍ୟା ମାନେ ଯୋଗ ଦେଇଥିଲେ।

# ବ୍ରହ୍ମାକୁମାରୀ ପକ୍ଷରୁ ରାଷ୍ଟ୍ରୀୟ ଚିକିତ୍ସକ ଦିବସ

ଖୋର୍ଦ୍ଧା,୨।୭ (ସମିସ): ସ୍ଥାନୀୟ ଗୋଡ଼ିପୋଖରୀସ୍ଥିତ ବ୍ରହ୍ମା କୁମାରୀ ସେବାକେନ୍ଦ୍ର ପରିସରରେ ଆଜି ସଂସ୍ଥାର ମୁଖ୍ୟ ସଂଚାଳିକା ବ୍ରହ୍ମା କୁମାରୀ ଅନୁରାଧା ଭଉଣୀଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ଚିକିତ୍ସକ ଦିବସ ପାଳନ କରାଯାଇଛି। ମୁଖ୍ୟଅତିଥିଭାବେ ସିନିୟର୍ ସର୍ଜିକାଲ ସ୍ପେଶିଆଲିଷ୍ଟ ଡାକ୍ତର ଅମିୟ ଚରଣ ଜେନାମଣୀ, ପୌର ପରିଷଦ ଖୋର୍ଦ୍ଧାର ଦାତବ୍ୟ ହୋମିଓ ଚିକିତ୍ସକ ଡାକ୍ତର ପୂର୍ଣ୍ଣଚନ୍ଦ୍ର ପୃଷ୍ଟି ଓ ଅବସରପ୍ରାପ୍ତ ଡାକ୍ତର ଅଶୋକ କୁମାର ସ୍ୱାଇଁ ଯୋଗଦାନ କରି ଚିକିତ୍ସକମାନଙ୍କର ତ୍ୟାଗ, ମାନବସେବା ଓ ଈଶ୍ୱର ବିଶ୍ୱାସ ଉପରେ ଆଲୋକପାତ କରାଇଥିଲେ। ବ୍ରହ୍ମକୁମାର ଜୟକୃଷ୍ଣ ଭାଇ ଚିକିତ୍ସକମାନେ ମିଷ୍ଟଭାଷୀ, କର୍ତବ୍ୟ ପରାୟଣ ଓ ମାନବୀୟ ମୂଲ୍ୟଭିତିକ ସେବା ପ୍ରଦାନ କରିବା ଦରକାର ବୋଲି କହିଥିଲେ। ଶତାଧିକ ବ୍ରହ୍ମକୁମାର ଓ କୁମାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଜଳ ରଥଯାତ୍ରାର ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୨।୭(ସମିସ): ଲୀଳାକ୍ଷେତ୍ର କାଙ୍କଣଶିଖରୀଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ବିଶ୍ୱର ଅନନ୍ୟ ଜଳ ରଥଯାତ୍ରାର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଦେବେନ୍ଦ୍ର ଦାଶ ଧ୍ୟାନ ମନ୍ତ୍ର ପାଠ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଶ୍ରୀଜଗନ୍ନାଥ କଥାଲହରୀର ସଭାପତି ରବି ନାରାୟଣ ସାମନ୍ତ ସ୍ୱାଗତ ଭାଷଣ ଦେଇଥିଲେ। କାଙ୍କଣଶିଖରୀ ଲୀଳାକ୍ଷେତ୍ର ଟ୍ରଷ୍ଟର ପ୍ରମୁଖ ଡ. ସୁଶାନ୍ତ କୁମାର ସାହୁ ସଭାର ଆଭିମୁଖ୍ୟ ପ୍ରକାଶ କରିଥିଲେ। ବୈଠକରେ ଖୋର୍ଦ୍ଧା ଉପଜିଲ୍ଲାପାଳ, ଚିଲିକା ବ୍ଲକ୍ ଅଧ୍ୟକ୍ଷା, ବିଡିଓ, ତହସିଲ୍‌ଦାର, ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧିକାରୀ, ଟିପିସିଓଡିଏଲ୍‌ର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସିଡିପିଓଙ୍କ କାର୍ଯ୍ୟାଳୟରେ ଅଙ୍ଗନବାଡ଼ି କର୍ମୀଙ୍କ ଧାରଣା

ଜଟଣୀ, ୨।୭ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଟଣୀ ଅଙ୍ଗନବାଡି ଅଞ୍ଚଳ ପରିଦର୍ଶିକାଙ୍କ ନାମରେ ସଂଗୀନ ଅଭିଯୋଗ ଆଣି ବଦଳି ପ୍ରତିବାଦରେ ପଦନପୁରର ବିଭିନ୍ନ ଅଙ୍ଗନବାଡିରେ କାର୍ଯ୍ୟ କରୁଥିବା କର୍ମୀ ମାନେ ସିଡିପିଓଙ୍କ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଛନ୍ତି। ପଦନ ପୁର ଦାୟିତ୍ୱରେ ଥିବା ଅଞ୍ଚଳ ପରିଦର୍ଶିକା ପ୍ରଭାତୀ ପରିଡା ବିଭିନ୍ନ ସମୟରେ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିବା ସହିତ ବିଭିନ୍ନ ବାବଦରେ ଅର୍ଥ ମାଗିବା, ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଆଦି ଅଭିଯୋଗ ହୋଇଛି। ଯେଉଁଥିପାଇଁ ସିଡିପିଓ ଙ୍କୁ ଅଙ୍ଗନବାଡି କର୍ମୀ ଅଞ୍ଚଳ ପରିଦର୍ଶିକାଙ୍କୁ ବଦଳି କରିବା ପାଇଁ ଲିଖିତ ଅଭିଯୋଗ କରିଥିଲେ। ସିଡିପିଓ ଅଞ୍ଚଳ ପରିଦର୍ଶିକାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ପଦନପୁର ଅଙ୍ଗନବାଡି ର କାର୍ଯ୍ୟରତ କର୍ମଚାରୀମାନେ।

# ରେଳ ଚାଳକ ସଂଘର ସଚେତନତା ସଭା




ଜଟଣୀ, ୨।୭ (ସମିସ): ଜଟଣୀସ୍ଥିତ ରୋଟାରି କ୍ଲବ ସଭାଗୃହରେ ସର୍ବ ଭାରତୀୟ ରେଳ ଚାଳକ ସଂଘ ର ଖୋର୍ଦ୍ଧାରୋଡ଼ ଶାଖା ଆନୁକୂଲ୍ୟରେ ରେଳ ଚାଳକ ଓ ସହ ଚାଳକମାନଙ୍କ ୫ ଦଫା ଦାବି ସମ୍ପର୍କରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ପକ୍ଷରୁ ସାପ୍ତାହିକ ୪୬ ଘଣ୍ଟା ବିଶ୍ରାମ ପ୍ରଦାନ, ଲଗାତାର ଦୁଇ ରାତି ଡ୍ୟୁଟି ପରେ ଏକ ରାତି ବିଶ୍ରାମ, ୩୬ ଘଣ୍ଟା ମଧ୍ୟରେ ମୁଖ୍ୟାଳୟକୁ ଫେରାଇ ଆଣିବା, ଦୈନିକ ୯ ଘଣ୍ଟା କାର୍ଯ୍ୟ ସମୟ ନିର୍ଦ୍ଧାରଣ ଏବଂ ପ୍ରତିଦିନ ନିୟମ ଅନୁସାରେ ୩୦ ଶତକଡ଼ା ରେଳ ଚାଳକଙ୍କ ପାଇଁ ଛୁଟି ସଂରକ୍ଷିତ ରଖିବା ଆଦି ୫ ଦଫା ଦାବି ଉପସ୍ଥାପନ କରାଯାଇଥିଲା । ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ଏହି ଦାବିଗୁଡ଼ିକ ମଧ୍ୟରୁ କେତେକ କ୍ଷେତ୍ରରେ ନ୍ୟାୟାଳୟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ମଧ୍ୟ ରେଳ ପ୍ରଶାସନ ଏହାକୁ କାର୍ଯ୍ୟକାରୀ କରୁନାହିଁ। ଫଳରେ ରେଳ ଚାଳକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ସଂଘର କେନ୍ଦ୍ରୀୟ କାର୍ଯ୍ୟକାରିଣୀର ଆହ୍ୱାନ କ୍ରମେ ଆସନ୍ତା ସ୍ୱାଧୀନତା ଦିବସଠାରୁ ସାରା ଦେଶରେ ରେଳ ଚାଳକ ଓ ସହ ଚାଳକମାନେ ସମ୍ବିଧାନସମ୍ମତ ଓ ନିୟମସମ୍ମତ ଉପାୟରେ ଏହି ୫ ଦଫା ଦାବି ହାସଲ ପାଇଁ ଏକତ୍ରିତ ଭାବେ ଆନ୍ଦୋଳନ କରିବାକୁ ସଭାରେ ସଂକଳ୍ପ ନିଆଯାଇଥିଲା। ଏହି ସଭାରେ ଖୋର୍ଦ୍ଧାରୋଡ଼ ଶାଖାର ଶତାଧିକ ରେଳ ଚାଳକ ଓ ସହ ଚାଳକ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରୀୟ ସଂଗଠନ ସମ୍ପାଦକ ଗୌତମ ଗୋସ୍ୱାମୀ ଏବଂ ଜୋନ୍ ସଚିବ ଫିରୋଜ ଆଲାମ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ପ୍ରଫୁଲ୍ଲ ଦାଶ, ମଣ୍ଡଳ ସଚିବ ଅଞ୍ଜନ ସାହୁ, ଶାଖା ସମ୍ପାଦକ ଜ୍ୟୋତି ରଞ୍ଜନ ରାଉତ, ଶାଖା ସଭାପତି ପ୍ରଦୀପ୍ତ ମହାନ୍ତି, କମଳାକାନ୍ତ ସାହୁ, ଅରବିନ୍ଦ ନିର୍ଲା, ନିହାର ରଞ୍ଜନ ସାହୁ, ରାକେଶ ମହାନ୍ତି, ଗଣେଶ ପାଣିଗ୍ରାହୀ, ରବି ରଞ୍ଜନ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ବୋଲଗଡ଼ ବଣିକ ମହାସଂଘର ବୈଠକ

ବୋଲଗଡ଼, ୨।୭ (ସମିସ): ବୋଲଗଡ଼ ଗଣେଶ ବଜାର ବଣିକ ସଂଘ ସୌଜନ୍ୟ ରେ ବଣିକ ମହାସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗଣେଶ ବଜାର ବଣିକ ସଂଘର ସଭାପତି ବସନ୍ତ କୁମାର ମଙ୍ଗରାଜ ଦ୍ୱାରା ଆୟୋଜିତ ଏହି ବୈଠକରେ ମହାସଂଘର ସଭାପତି ପାଣ୍ଡବ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ବୋଲଗଡର ୭ଟି ବଜାର ବଣିକ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ବଜାର ବ୍ୟବସାୟୀ ଭାଇଙ୍କ ମଧ୍ୟରେ ସହଯୋଗ ସମନ୍ୱୟ ରହିବା ପାଇଁ ଗୁରୁତ୍ୱ ଦିଆଯିବାକୁ ମହାସଂଘର ସମ୍ପାଦକ ସନାତନ ସାହୁ ଓ କୋଷାଧକ୍ଷ ବସନ୍ତ କୁମାର ସାହୁ କହିଥିଲେ। ଆଗାମୀ ତ୍ରିନାଥ ଦେବଙ୍କ ବାର୍ଷିକ ଉତ୍ସବ ଓ ଗଣେଷ ପୂଜା ଆୟୋଜନ ସୁଚାର ରୂପେ ହେବା ନେଇ ଗୁରୁତ୍ୱ ଦିଆଯାଇଥିଲା । ଗଣେଷ ବଜାର ଗାନ୍ଧୀ ବଜାର, ମେଡିକାଲ୍ ଛକ, ଥାନା ଛକ, ଗୋପବନ୍ଧୁ ଛକ, ବସ୍ ଷ୍ଟାଣ୍ଡ ଛକ, ବ୍ଲକ୍ ଛକ ବଜାର ସମସ୍ତ ୭ଟି ବଜାର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଗଣେଶ ବଜାରର ସଭପତି ବସନ୍ତ କୁମାର ମଙ୍ଗରାଜ ସମ୍ପାଦକ ରାଜେନ୍ଦ୍ର କୁମାର ରାମ କୋଷାଧକ୍ଷ ଦେବାନନ୍ଦ ମହାପାତ୍ର ପ୍ରମୁଖଙ୍କ ସମେତ ସଦସ୍ୟମାନେ ପରିଚାଳନା ରେ ସହଯୋଗ କରିଥିଲେ।

# ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ ରେକର୍ଡ ସଂଖ୍ୟକ ଜରିମାନା ଆଦାୟ



ଜଟଣୀ, ୨।୭ (ସମିସ): ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଦ୍ୱାରା ରେକର୍ଡ ସଂଖ୍ୟକ ୧୫.୬୩ କୋଟି ଟଙ୍କାର ଜରିମାନା ରାଜସ୍ୱ ଆଦାୟ କରାଯାଇଛି। ପ୍ରଥମ ତ୍ରୈମାସିକରେ ଟିକେଟ୍ ଯାଞ୍ଚରୁ ସର୍ବାଧିକ ୧୫.୬୩ କୋଟି ଆୟ ହୋଇଥିଲା ବେଳେ ବିନା ଟିକେଟ ଏବଂ ଅନିୟମିତ ଯାତ୍ରା କରୁଥିବା ୨.୩୭ ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ଦଣ୍ଡିତ କରାଯାଇ ଜରିମାନା ଆଦାୟ କରାଯାଇଛି। ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ ର ପ୍ରଥମ ତ୍ରୈମାସିକ (ଅପ୍ରେଲ-୨୦୨୬ ରୁ ଜୁନ୍-୨୦୨୬) ମଧ୍ୟରେ ଟିକେଟ ଯାଞ୍ଚ ପ୍ରକ୍ରିୟାରୁ ସର୍ବକାଳୀନ ରେକର୍ଡ ସଂଖ୍ୟକ ୧୫.୬୩ କୋଟି ଟଙ୍କା ରାଜସ୍ୱ ଆଦାୟ କରି ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହି ଅବଧିରେ ମଧ୍ୟରେ ବିନା ଟିକେଟ ଯାତ୍ରା, ଅନିୟମିତ ଯାତ୍ରା ଏବଂ ବିନା ବୁକିଂରେ ସାମଗ୍ରୀ ପରିବହନ କରୁଥିବା ପ୍ରାୟ ୨.୩୭ ଲକ୍ଷ ମାମଲା ଚିହ୍ନଟ କରାଯାଇ ଜରିମାନା କରାଯାଇଛି, ଯାହା ଗତ ବର୍ଷ ଏହି ସମୟ ମଧ୍ୟରେ ୧.୯ ଲକ୍ଷ ଥିଲା। ଏହି ସଫଳତା ବିନା ଟିକେଟ ଯାତ୍ରାକୁ ରୋକିବା ଏବଂ ରେଳବାଇର ରାଜସ୍ୱକୁ ସୁରକ୍ଷିତ ରଖିବା ଦିଗରେ ରେଳ ମଣ୍ଡଳର ନିରନ୍ତର ପ୍ରୟାସକୁ ଦର୍ଶାଉଛି। ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଅନିଲ କୁମାର ଏସ୍. ଏହି ଉଲ୍ଲେଖନୀୟ ସଫଳତାର ସମ୍ପୂର୍ଣ୍ଣ ଶ୍ରେୟ ଟିକେଟ୍ ଯାଞ୍ଚ କର୍ମଚାରୀଙ୍କ ନିଷ୍ଠା, ପରିଶ୍ରମ ଓ କର୍ତ୍ତବ୍ୟନିଷ୍ଠାକୁ ଦେଇଛନ୍ତି। ପ୍ରମୁଖ ରେଳ ଷ୍ଟେସନ ଓ ଚଳନ୍ତା ଟ୍ରେନଗୁଡ଼ିକରେ ନିୟମିତ ଭାବେ ପରିଚାଳିତ ସଘନ ଫୋର୍ଟ୍ରେସ୍ ଚେକିଂ ବ୍ୟାପକ ଟିକେଟ୍ ଯାଞ୍ଚ ଅଭିଯାନ, ଆକସ୍ମିକ ଯାଞ୍ଚ ଏବଂ ମଧ୍ୟବର୍ତ୍ତୀ ସେକ୍ସନରେ କରାଯାଇଥିବା ଟିକେଟ୍ ଯାଞ୍ଚ କାର୍ଯ୍ୟକ୍ରମ ଏହି ସଫଳତାର ମୂଳ ଆଧାର ବୋଲି ସେ କହିଛନ୍ତି।

# ଡାକ୍ତରଙ୍କ ଧର୍ମଘଟ, ରୋଗୀ ସେବା ବ୍ୟାଘାତ



ବାଲୁଗାଁ, ୨।୭ (ସମିସ): : ଓଡ଼ିଶା ମେଡ଼ିକାଲ ସର୍ଭିସ ଆସୋସିଏସନ ତଥା ଓମସା ର ଡ଼ାକରାରେ ଏମବିବିଏସ ଡ଼ାକ୍ତର ମାନଙ୍କର ଦଶ ଦଫା ଦାବୀ ନେଇ ସାରା ରାଜ୍ୟରେ ରୋଗୀ ସେବା ବନ୍ଦ ଆନ୍ଦୋଳର ବୁଧବାର ଆରମ୍ଭ ହୋଇଛି। ରୋଗୀ ସେବା ବନ୍ଦ ଯୋଗୁଁ ପ୍ରଥମ ଦିନରେ ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସେବାରେ ଏକ ପ୍ରକାର ବ୍ୟାଘାତ ଘଟିଛି। ଫଳରେ ଡାକ୍ତରଖାନାରେ ରୋଗୀ ଲମ୍ବା ଧାଡିରେ ଛିଡା ହୋଇ ନାହିଁ ନଥିବା ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଛି। ଏପରି ସ୍ଥଳେ ଡାକ୍ତରଖାନାରେ ଆୟୁର୍ବେଦିକ ଓ ଚୁକ୍ତି ଭିତ୍ତିକ ଡ଼ାକ୍ତରମାନଙ୍କ ଦ୍ୱାରା ରୋଗୀ ସେବା ଚାଲିଛି ବୋଲି ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ାକ୍ତର ସଂଗ୍ରାମ କେଶରୀ ସାହୁ ପ୍ରକାଶ କରିଛନ୍ତି। ସେହିପରି ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଛି।

● ବାଣପୁର ଭିଡ଼ହିଂସା ମୃତ୍ୟୁ ମାମଲା

# ତୋଫାନଙ୍କୁ ପିଟି ପିଟି ହତ୍ୟା ଘଟଣାରେ ୩ ଗିରଫ

ବାଣପୁର,୨।୭(ସମିସ): ବାଣପୁର ଭିଡ ହିଂସା ଘଟଣାରେ ଭୀମପୁର ଗ୍ରାମ ବାଘୁଆ ପଦର ସାହିର ତୋଫାନ ନାୟକଙ୍କ ସୋମବାର ସକାଳେ ମୃତ୍ୟୁ ଘଟିଥିଲା। ବାଣପୁର ଥାନା ଅନ୍ତର୍ଗତ ଖଣତ ଗ୍ରାମରେ ତୋଫାନଙ୍କୁ ଖୁଣ୍ଟରେ ବାନ୍ଧି ମାଡ ମରାଯାଉ ଥିବାର ସିସିଟିଭି ଫୁଟେଜ ଭାଇରାଲ ହେବା ସହ ଖଣତ ଗ୍ରାମର କେତେକ ଲୋକ ତୋଫାନଙ୍କୁ ମାଡ ମାରିଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ସୋମବାର ବିଳମ୍ବିତ ରାତିରେ ମୃତ ତୋଫାନଙ୍କ ପତ୍ନୀ ସସ୍ମିତା ବାଣପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୨୫୪/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ସିସିଟିଭି ଫୁଟେଜ୍ ଆଧାରରେ ଖଣତ ଗ୍ରାମର ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ପବିତ୍ର ରାଉତ(୫୧), ଶରତ କୁମାର ସ୍ୱାଇଁ(୬୦) ଓ କୃଷ୍ଣଚନ୍ଦ୍ର ପ୍ରଧାନ। ଏସପିଙ୍କ ନିର୍ଦ୍ଦେଶ କ୍ରମେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ ପାଇଁ ଏକ ଟିମ୍ ଗଠନ କରାଯାଇ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ଥାନା ଅଧିକାରୀ ତଥା ତଦନ୍ତକାରୀ ଅଧିକାରୀ ଜୟପ୍ରକାଶ ପରିଡା ସୂଚନା ଦେଇ ଥିବା ବେଳେ ପୁଲିସ ଚଢଉ ଭୟରେ ଖଣତ ଗ୍ରାମ ଏବେ ଏକ ପ୍ରକାର ପୁରୁଷ ଶୂନ୍ୟ ହୋଇ ପଡିଛି।

# ରାଜପଥରେ ଜମୁଛି ପାଣି

ବେଗୁନିଆ, ୨।୭ (ସମିସ): ଖୋର୍ଦ୍ଧା - ବଲାଙ୍ଗୀର ୫୭ ନମ୍ବର ଜାତୀୟରାଜପଥର ବାଘମାରୀ ବଜାର ଠାରୁ କଣ୍ଟିଲୋ ୪୮ ନମ୍ବର ରାଜ୍ୟ ରାଜପଥରେ ସଂଯୋଗ ସ୍ଥଳରେ ମୌସୁମୀ ଜନିତ ବର୍ଷା ଯୋଗୁଁ ୨ ଫୁଟ ଉଚ୍ଚରେ ପାଣି ଜମି ରହିଥିଲା। ଯାହାକି କୃତ୍ରିମ ହ୍ରଦ ସୃଷ୍ଟି କରିବା ସହ ଯାତାୟତରେ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏଥିରେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ଦୂରଦୃଷ୍ଟି ଅଭାବରୁ ଡ୍ରେନେଜ ନ ଥିବାରୁ ଜଳ ନିଷ୍କାସନ ହୋଇ ପାରୁ ନାହିଁ। ଏପରିକି ବାଘମାରୀ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପରିସରରେ ମଧ୍ୟ ପାଣି ଜମି ରହିଥିବାର ଦେଖିବାକୁ ମିଳିଛି। ସେହିପରି ବେଗୁନିଆ ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ଥିବା ନୂଆସାହିରେ ରାସ୍ତା ମଧ୍ୟ କାଦୁଅ ରାସ୍ତା ଦେଇ ଯାଉଥିବା ଜନ ସାଧାରଣ ଅସନ୍ତୋଷ ଦେଖା ଦେଇଛି। ଏହି ରାସ୍ତା କାର୍ଯ୍ୟ କରିବା ପାଇଁ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି ବୋଲି ସମାଜସେବୀ ଓମ ପ୍ରକାଶ ବାହୁବଳେନ୍ଦ୍ର କହିଛନ୍ତି।



## ନିଶାମୁକ୍ତ ଅଭିଯାନ; ପୋଡ଼ାଗଲା ୮୩୫କେଜି ଗଞ୍ଜେଇ ଓ ଭାଙ୍ଗ

# ନିଶା କାରବାର ବିରୋଧରେ ଶୂନ୍ୟ ସହନଶୀଳ ନୀତିକୁ ଦୋହରାଇଲେ ଏସ୍‌ପି




ଖୋର୍ଦ୍ଧା,୨।୭(ସମିସ): ନିଶାମୁକ୍ତ ଓଡ଼ିଶା ଗଠନ ଦିଗରେ ପୁଲିସ ପକ୍ଷରୁ ବେଆଇନ ନିଶା କାରବାର, ଗଞ୍ଜେଇ ଓ ମାଦକଦ୍ରବ୍ୟ ଚୋରାଚାଲାଣ ଏବଂ ଆନ୍ତଃରାଜ୍ୟ ଡ୍ରଗ୍ ନେଟୱର୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆଧାରରେ ଚାଲିଥିବା ନିରନ୍ତର ଅଭିଯାନ ପୁଲିସ କୁ ସଫଳତା ଦେଇଛି। ଭୁବନେଶ୍ୱରସ୍ଥିତ ପୁଲିସ ଭବନ ନିଶାଦ୍ରବ୍ୟ ନିଷ୍କାସନ ରାଜ୍ୟସ୍ତରୀୟ 'ନିଶାମୁକ୍ତ ଓଡ଼ିଶା ଅଭିଯାନ' ଡିଜିପିଙ୍କ ଦ୍ୱାରା ଆଜି ଆରମ୍ଭ ହୋଇଥିବାବେଳେ ସମସ୍ତ ଜିଲ୍ଲା ପୁଲିସ କାର୍ଯ୍ୟାଳୟ, ନିଶାଦ୍ରବ୍ୟ ଧ୍ୱଂସ କେନ୍ଦ୍ର ଓ ଥାନାଗୁଡ଼ିକୁ ଭିଡିଓ କନଫରେନ୍ସ ମାଧ୍ୟମରେ ସଂଯୋଗ କରାଯାଇଥିଲା। ଖୋର୍ଦ୍ଧା ଜିଲ୍ଲାରେ ଜବତ ନିଶାଦ୍ରବ୍ୟଗୁଡ଼ିକୁ ଟାଙ୍ଗିଆପଡ଼ାସ୍ଥିତ ଏମ୍/ଏସ୍ ସାନି କ୍ଲିନ୍ ପ୍ରାଇଭେଟ୍ ଲିମିଟେଡ୍ ପରିସରରେ ପରିବେଶ ସୁରକ୍ଷା ନିୟମ ଏବଂ ସମସ୍ତ ଆଇନଗତ ପ୍ରକ୍ରିୟା ଅନୁସରଣ କରି ନଷ୍ଟ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଏସପି ତଥା ଜିଲ୍ଲା ନିଶାଦ୍ରବ୍ୟ ନିଷ୍କ୍ରିୟକାରୀ କମିଟିର ଅଧ୍ୟକ୍ଷ ପରମାର ସ୍ମିତ ପର୍ଶୋତମ ଦାସ୍‌ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ ଆଜି ପୁଲିସ ଏବଂ ଅବକାରୀ ବିଭାଗ ତରଫରୁ ଜିଲ୍ଲାରେ ୧୭ଟି ମାମଲାରେ ଜବତ ହୋଇଥିବା ୮୩୫କେଜି ୩୨୦ଗ୍ରାମ ଗଞ୍ଜେଇ ଓ ଭାଙ୍ଗ ଉକ୍ତ ସଂସ୍ଥା ର ଦହନ କାରଖାନାରେ ପୋଡ଼ି ନଷ୍ଟ କରାଯାଇଛି। ତନ୍ମଧ୍ୟରେ ୪୦୦ କି.ଗ୍ରା. ୯୨୦ଗ୍ରାମ୍ ବେଆଇନ୍ ଗଞ୍ଜେଇ ଏବଂ ୪୧୯ କି.ଗ୍ରା. ୪୦୦ ଗ୍ରାମ୍ ଭାଙ୍ଗ ରହିଛି। ଏଥିସହିତ କଟକ ଏସ୍.ଆର.ପି ପକ୍ଷରୁ ୧୫ କି.ଗ୍ରା. ବେଆଇନ୍ ଗଞ୍ଜେଇ କୁ ପୋଡାଯାଇଛି। ତେବେ କାର୍ଯ୍ୟକ୍ରମ ର ଅନ୍ୟତମ ଆକର୍ଷଣ ଥିଲା ଡିଜିପିଙ୍କ ସିଧାସଳଖ ଭିଡିଓ କନଫରେନ୍ସ। ଜିଲ୍ଲା ପୁଲିସ ପକ୍ଷରୁ ଟାଙ୍ଗିଆପଡା ସାନିକ୍ଲିନିଂ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆଭାସୀ ଯୋଗେ ସାମିଲ ହୋଇଥିଲେ ଏସ୍‌ପି ପରମାର ସ୍ମିତ ପର୍ଶୋତମ ଦାସ୍, ଏକ୍ସାଇଜ ସୁପରିଟେଣ୍ଟେଣ୍ଟ ସୁମତୀ ତ୍ରିପାଠୀ, ଏସ୍.ଆର.ପି, କଟକ ଭବାନୀ ଶଙ୍କର ଉଦ୍ଗାତା ପ୍ରମୁଖ ଯୋଗଦେଇଥିଲେ। ପରେ ଏହି କାର୍ଯ୍ୟକ୍ରମ ଓଡ଼ିଆରେ ଏକ ନିଶା ବିରୋଧୀ ଶପଥ ପାଠ କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ନିଶାଦ୍ରବ୍ୟ ନିଷ୍କାସନ କମିଟି (ଡି.ଡି.ଡି.ସି)ର ସଦସ୍ୟ ତଥା ଖୋର୍ଦ୍ଧା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀ , ସାରା ମଲ୍ଲିକ, ଡେପୁଟି କଲେକ୍ଟର, ଖୋର୍ଦ୍ଧା, ଡିଏସ୍‌ପି (ହେଡକ୍ୱାର୍ଟର) ଅନିଲ କୁମାର ମହାନ୍ତିଙ୍କ ସମେତ ଜିଲ୍ଲାର ବହୁ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଜିଲ୍ଲାର ସମସ୍ତ ଥାନାର ପୁଲିସ କର୍ମଚାରୀମାନେ ଭର୍ଚୁଆଲ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ଟାଙ୍ଗୀ: ଟାଙ୍ଗୀ ଥାନା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଥାନା ଅଧୀନରେ ଥିବା ୧୮ ଗୋଟି ଗ୍ରାମପଞ୍ଚାୟତର ଲୋକପ୍ରତିନିଧି, ସମାଜସେବୀ ଓ ଶିକ୍ଷାବିତମାନେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଉପରେ ମତ ରଖିଥିଲେ। ଟାଙ୍ଗୀ ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ ଥାନାର ସମସ୍ତ କର୍ମଚାରୀ ଓ ଉପସ୍ଥିତ ସମସ୍ତ ଅଂଚଳବାସୀ ନିଶା ବିରୋଧରେ ଜନସଚେତନତା ସୃଷ୍ଟି କରିବାକୁ ଏକ ଶପଥପାଠ କରାଇବା ସହ ଦୃଢ ସଂକଳ୍ପବଦ୍ଧ ହେବାପାଇଁ ଆହ୍ୱାନ ଦେଇଥିଲେ।

ନିରାକାରପୁର : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ପରିସରରେ ଓଡ଼ିଶା ପୁଲିସ ପକ୍ଷରୁ "ନିଶା ମୁକ୍ତ ଓଡ଼ିଶା ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିରାକାରପୁର ଥାନାର ସମ୍ମାନିତ ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ଅଧ୍ୟକ୍ଷତାରେ ଏହି ସମଗ୍ର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସେହିପରି ଜଙ୍କିଆ ଥାନା ପରିସରରେ ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ କରାଯାଇଥିଲା। ଏହି ଅବସରରେ ଥାନା ପରିସରରେ ଏକ ରାଜ୍ୟସ୍ତରୀୟ 'ପ୍ରାକ୍-ବିଚାର ମାଦକ ଦ୍ରବ୍ୟ ନଷ୍ଟୀକରଣ' ଏବଂ 'ସାମୂହିକ ନିଶା ନିବାରଣ ଶପଥ ଗ୍ରହଣ ଉତ୍ସବ' ଅନୁଷ୍ଠିତ ହୋଇଥିଲା।

ବାଲୁଗାଁ : ବାଲୁଗାଁ ଥାନା ପୁଲିସ ପକ୍ଷରୁ ବୁଧବାର ନିଶାମୁକ୍ତ ଓଡ଼ିଶା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ଥାନା ଅଧିକାରିଣୀ ଶ୍ରଦ୍ଧା ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲୁଗାଁ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ସମେତ ଥାନାର ସମସ୍ତ କର୍ମଚାରୀ, ବହୁ ଅନୁଷ୍ଠାନ ଓ ବ୍ୟବସାୟ ସଂଘର କର୍ମକର୍ତ୍ତା, ଜନପ୍ରତିନିଧି ସାମିଲ ହୋଇ ଅଞ୍ଚଳକୁ ନିଶାମୁକ୍ତ କରିବାକୁ ଶପଥ ନେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୨ ପ୍ରସ୍ତାବକୁ...

କ୍ୟାବିନେଟ୍ ବୈଠକ ପରେ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରୁ ରାଜ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏହି ଯୋଜନାରେ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ନବମରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସମେତ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ ସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ନିୟମିତ ଭାବେ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଏହି ଯୋଜନାର ଲାଭ କେବଳ ଯୋଗ୍ୟ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକ ଦ୍ୱାରା ପରିଚାଳିତ ନିୟମିତ ପାଠ୍ୟକ୍ରମର ଛାତ୍ରଛାତ୍ରୀମାନଙ୍କୁ ହିଁ ମିଳିବ। ସେଲ୍ଫ-ଫାଇନାନ୍ସିଂ ପାଠ୍ୟକ୍ରମ କିମ୍ବା ଅନୁଷ୍ଠାନ, ବେସରକାରୀ ଅଣ-ଅନୁଦାନପ୍ରାପ୍ତ ଅନୁଷ୍ଠାନ, ପିପିପି ମୋଡ୍‌ର ଅନୁଷ୍ଠାନ ଓ ପାଠ୍ୟକ୍ରମ, ଏବଂ ବୃତ୍ତିଗତ ଓ ବୈଷୟିକ କାର୍ଯ୍ୟକ୍ରମଗୁଡ଼ିକୁ ଏହି ଯୋଜନାର ପରିସରଭୁକ୍ତ କରାଯାଇ ନାହିଁ। ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ବହୁ ବର୍ଷ ଧରି ଆମର ଯେଉଁ ଉଦ୍ୟମ ଜାରି ରହିଛି, ତାକୁ ସାକାର କରିବା ଦିଗରେ ଏହି ଯୋଜନା ଏକ ଫଳପ୍ରଦ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି ଯେ ଶିକ୍ଷାକୁ ସାମଗ୍ରିକ ଏବଂ ସ୍ଥାୟୀ ବିକାଶର ଭିତ୍ତି ଭାବେ ଗ୍ରହଣ କରି, ଓଡ଼ିଶା କ୍ୟାବିନେଟ୍ ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ପ୍ରଥମ ଆର୍ଥିକ ବର୍ଷରେ ୮୯୫.୫୭ କୋଟି ଟଙ୍କା ଏବଂ ପାଞ୍ଚ ବର୍ଷ ଅବଧି ମଧ୍ୟରେ ୫,୪୬୭.୫୫ କୋଟି ଟଙ୍କାର ଆନୁମାନିକ ବ୍ୟୟ ଅଟକଳକୁ ମଞ୍ଜୁରୀ ଦେଇଛନ୍ତି। ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ବୃହତ୍ତମ ପୁଞ୍ଜିନିବେଶ ମଧ୍ୟରୁ ଏହା ଅନ୍ୟତମ ଏବଂ ଏହାଦ୍ୱାରା ପ୍ରତିବର୍ଷ ୩୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବେ ଏବଂ ସେମାନଙ୍କ ପରିବାରର ଆର୍ଥିକ ବୋଝ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇବ। ଏହି ପ୍ରୟାସ ଜାତୀୟ ଶିକ୍ଷା ନୀତି ୨୦୨୦, ଓଡ଼ିଶା ଭିଜନ ୨୦୩୬ ଏବଂ ଓଡ଼ିଶା ଭିଜନ ୨୦୪୭ ର ଉଦ୍ଦେଶ୍ୟକୁ ପୂରଣ କରିବାରେ ସହାୟକ ହେବ। 'ଜ୍ଞାନୋଦୟ- ଶିକ୍ଷାରୁ ସମୃଦ୍ଧି' କେବଳ ଏକ ଫି' ଛାଡ଼ କାର୍ଯ୍ୟକ୍ରମ ନୁହେଁ। ଆର୍ଥିକ ପୃଷ୍ଠଭୂମି ନିର୍ବିଶେଷରେ ଓଡ଼ିଶାର ପ୍ରତ୍ୟେକ ଶିଶୁ ଏବଂ ଯୁବକଯୁବତୀଙ୍କୁ ଶିକ୍ଷା ଗ୍ରହଣର ସମାନ ସୁଯୋଗ ମିଳିବା ନିଶ୍ଚିତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରୟାସ ଶିକ୍ଷା ମାଧ୍ୟମରେ ପ୍ରତ୍ୟେକ ପରିବାରକୁ ସଶକ୍ତ କରିବ ଏବଂ ଜ୍ଞାନ, ସୁଯୋଗ ଓ ସାମଗ୍ରିକ ବିକାଶ ଉପରେ ଆଧାରିତ ଏକ "ବିକଶିତ ଓଡ଼ିଶା'ର ସଂକଳ୍ପକୁ ସାକାର କରିବା ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ୮ ଲେନ ହେବ...

ଡୁଡୁକା-ଗୋପାଳପୁର-ଟପରିଆ ଏମଡିଆର ରାସ୍ତା ସିଆରମାଲ ଓପନ୍ କାଷ୍ଟ ପ୍ରୋଜେକ୍ଟର ଖଣି ଅଂଚଳ ଦେଇ ଯାଉଥିବାରୁ ଏହି ରାସ୍ତାରେ ଯାତାୟାତକୁ ସ୍ୱାଭାବିକ ରଖିବା ନିମନ୍ତେ ଏହାର ୬.୮ କିମି ଅଂଶକୁ ଡାଇଭର୍ଟ କରାଯିବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଛନ୍ତି। ଏହି ୬.୮ କିମି ରାସ୍ତାକୁ ୬ ଲେନ୍ ବିଶିଷ୍ଟ ସିମେଣ୍ଟ କଂକ୍ରିଟ ସର୍ଭିସ ରୋଡ୍ ଭାବେ ପରିଣତ କରାଯିବ। ଏଥିପାଇଁ ଦିଲ୍ଲୀପ ବିଲଡକନ୍ ଲିମିଟେଡ ଦେଇଥିବା ୧୬୦.୨୦କୋଟି ଟଙ୍କାର ବିଡକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି।

ଓଡ଼ିଶା ଡିପ୍ ସି ଫିସିଂ ମିଶନ୍ (୨୦୨୬-୨୦୩୬)କୁ କ୍ୟାବିନେଟ ଅନୁମୋଦନ ମିଳିଛି। ଏହି ଫ୍ଲାଗସିପ୍ ପ୍ରକଳ୍ପ ପାଇଁ ୨,୨୯୫.୪୫ କୋଟି ଟଙ୍କା ବ୍ୟୟ ହେବ। ଏହା ଦ୍ୱାରା ପ୍ରତି ବର୍ଷ ଅତିରିକ୍ତ ୨ ଲକ୍ଷ ମେଟ୍ରିକ୍ ଟନ୍ ସାମୁଦ୍ରିକ ମାଛ ଉତ୍ପାଦନ ଲକ୍ଷ୍ୟ ରହିଥିବା ବେଳେ ଏହାଦ୍ୱାରା ୫୦ ହଜାରରୁ ଅଧିକ ରୋଜଗାର ସୃଷ୍ଟି ଏବଂ ସାମୁଦ୍ରିକ ରପ୍ତାନୀ ପ୍ରାୟ ୫,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ବଢ଼ିବ ବୋଲି ଆଶା କରାଯାଉଛି। ଏହା ବ୍ଲୁ ଇକନୋମୀକୁ ପ୍ରୋତ୍ସାହିତ କରିବ ଏବଂ ଉପକୂଳବର୍ତ୍ତୀ ମତ୍ସ୍ୟଜୀବୀଙ୍କ ଜୀବିକା ଉନ୍ନତ କରିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଅନ୍ୟ ଏକ ନିଷ୍ପତ୍ତି ଭାବେ ଓଡିଶା ରାଜ୍ୟ ଡାଟା ସେଣ୍ଟର ୨.୦କୁ ଅନୁମୋଦନ ମିଳିଛି। ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ପ୍ରସ୍ତାବ ଅନୁସାରେ ଟିୟର-୩ କମ୍ପ୍ଲାଏଣ୍ଟ ଡାଟା ସେଣ୍ଟର ସ୍ଥାପନ ପାଇଁ ୨୬୮.୪୪ କୋଟି ଟଙ୍କା ଅନୁମୋଦିତ ହୋଇଛି। ରାଜ୍ୟର ବଢୁଥିବା ଡିଜିଟାଲ୍ ଭିତ୍ତିଭୂମିର ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

ଏହି ପଦକ୍ଷେପଗୁଡ଼ିକୁ ମିଶାଇ ଉଚ୍ଚଶିକ୍ଷା ବିଭାଗର ଗୋଟିଏ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ୨ ଟି, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ଗୋଟିଏ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଗୋଟିଏ, ନିର୍ମାଣ ବିଭାଗର ଦୁଇଟି, ଜଳସମ୍ପଦ ବିଭାଗର ତିନିଟି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଗୋଟିଏ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଭାଗରଗୋଟିଏ ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର ମାରିଛି ।

### ପଶିବ ଇଡି...

ମନ୍ଦିରରୁ ସବୁଠାରୁ ଅଧିକ ପରିମାଣର ଦାନ ଅର୍ଥ ଚୋରି ହୋଇଥିଲା। ଏହି ସମଗ୍ର ଘଟଣାର ମୁଖ୍ୟ ସୂତ୍ରଧର ସାଜିଥିବା ଦୁଇ ସମ୍ପର୍କୀୟ ଭାଇ (ଶଳା-ଭିଣୋଇ) ଲବକୁଶ ମିଶ୍ର ଓ ଅନୁକଳ୍ପ ମିଶ୍ରଙ୍କ ଉପରେ ଏବେ ପୋଲିସର ତୀକ୍ଷ୍ଣ ନଜର ରହିଛି ।

ପୋଲିସର ସୂଚନା ଅନୁଯାୟୀ, ଏହି ଚୋରି ପଛରେ ଏକ ବଡ଼ ଷଡ଼ଯନ୍ତ୍ର ଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଲବକୁଶ ଏବଂ ଅନୁକଳ୍ପ ନାମକ ଦୁଇ ଅଭିଯୁକ୍ତ ସବୁଠାରୁ ଅଧିକ ଅର୍ଥ ଆତ୍ମସାତ କରିଛନ୍ତି। କେବଳ ସେତିକି ନୁହେଁ, ସେମାନେ ଏହି ଚୋରି ଟଙ୍କାରେ ଅଧା ଡଜନରୁ ଅଧିକ ସମ୍ପତ୍ତି ମଧ୍ୟ କିଣିଥିବା ଜଣାପଡ଼ିଛି। ବର୍ତ୍ତମାନ ଆୟକର ବିଭାଗ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ର ସହାୟତାରେ ଏହି ଆର୍ଥିକ କାରବାରର ଗଭୀର ତଦନ୍ତ କରାଯାଉଛି। ଅଭିଯୁକ୍ତ ଅଭିନାଶ ଶୁକ୍ଲାଙ୍କ କୌଶଲପୁରୀସ୍ଥିତ ଏକ ଯୋଗ କେନ୍ଦ୍ରରେ ଥିବା ଆସ୍ଥାନରୁ ପୋଲିସ ବିପୁଳ ପରିମାଣର ନଗଦ ଟଙ୍କା ଜବତ କରିଛି। ସେଠାରେ ୪ଟି ବାକ୍ସ ଭିତରେ କମ୍ବଳରେ ଗୁଡ଼ାଯାଇ ଏହି ଟଙ୍କା ଲୁଚାଯାଇଥିଲା। ଗୋଟିଏ ବାକ୍ସ ଉପରେ 'ରାମ ରାଜ୍ୟ କୋଷ' ବୋଲି ମଧ୍ୟ ଲେଖାଯାଇଥିଲା। ଅଭିଯୁକ୍ତ ଅଭିନାଶଙ୍କ ସୂଚନା ଆଧାରରେ ପ୍ରାୟ ୮୯ ଲକ୍ଷ ଟଙ୍କା ଉଦ୍ଧାର କରାଯାଇଛି।

ମନ୍ଦିରର ଦାନ ବାକ୍ସ ଗଣତି ପାଇଁ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଏସବିଆଇ) ର କିଛି କର୍ମଚାରୀ ନିୟୋଜିତ ଥିଲେ। ମନ୍ଦିର ଟ୍ରଷ୍ଟର ପୂର୍ବତନ ମହାସଚିବ ଚମ୍ପତ ରାୟଙ୍କ ଗାଡ଼ି ଚାଳକ ଟିନ୍ନୁ ଯାଦବଙ୍କ ଘରୁ ମଧ୍ୟ ନଗଦ ଟଙ୍କା ଉଦ୍ଧାର ହୋଇଛି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଟଙ୍କା ଗଣତି ଗୃହର ଗୋଟିଏ ଚାବି ଟିନ୍ନୁ ଯାଦବଙ୍କ ପାଖରେ ଏବଂ ଅନ୍ୟ ଚାବିଟି ବ୍ୟାଙ୍କ କର୍ମଚାରୀଙ୍କ ପାଖରେ ରହୁଥିଲା। ବ୍ୟାଙ୍କ କର୍ମଚାରୀ ଓ ଗାଡ଼ି ଚାଳକ ପରସ୍ପର ମଧ୍ୟରେ ବୁଝାମଣା କରି ପ୍ରତିଦିନ ମୋଟା ଅଙ୍କର ଟଙ୍କା ଗାଏବ କରୁଥିଲେ। କୁମ୍ଭମେଳା ସମୟରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ର ସୁଯୋଗ ନେଇ ଏହି ବଡ଼ ଧରଣର ଚୋରି କରାଯାଇଥିଲା।

ଅଭିଯୁକ୍ତ ଅବିନାଶ ଶୁକ୍ଲା ପୁଲିସ ଜେରା ବେଳେ ଅନେକ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ କରିଛି। ସେ କୋଟି କୋଟି ଟଙ୍କା ଚୋରି କରିଥିବା ସ୍ୱୀକାର କରିବା ସହ ଚୋରିର ସମ୍ପୂର୍ଣ୍ଣ ତରିକା ବିଷୟରେ ପୁଲିସକୁ ଜଣାଇଛି। ଅବିନାଶର ବୟାନ ଅନୁଯାୟୀ, ମନ୍ଦିର ପରିସରରେ ଲାଗିଥିବା ସିସିଟିଭି କ୍ୟାମେରାଗୁଡ଼ିକର ଅବସ୍ଥିତି ବିଷୟରେ ସମସ୍ତ ଅଭିଯୁକ୍ତଙ୍କୁ ବେଶ୍ ଭଲଭାବେ ଜଣାଥିଲା। ସେମାନେ କ୍ୟାମେରା ନଜରରୁ ବଞ୍ଚିବା ପାଇଁ ଏକ ଦଳଗତ ଯୋଜନା କରିଥିଲେ, ଯେଉଁଥିରେ ଜଣେ ଟଙ୍କା ଚୋରି କରୁଥିବା ବେଳେ ଅନ୍ୟମାନେ ତାଙ୍କୁ ଚାରିପଟୁ ଘୋଡ଼ାଇ ରଖୁଥିଲେ। ଏହି ଚୋରି ଟଙ୍କାକୁ ପ୍ରଥମେ ମନ୍ଦିରର ବାଥରୁମ୍ (ଶୌଚାଳୟ) ଭିତରେ ଲୁଚାଇ ରଖାଯାଉଥିଲା ଏବଂ ପରେ ସୁଯୋଗ ଦେଖି ସେଠାରୁ ବାହାରକୁ ଚାଲାଣ କରାଯାଉଥିଲା। ଟ୍ରଷ୍ଟର ବଡ଼ ଅଧିକାରୀମାନଙ୍କ ସହ ସମ୍ପର୍କ ଥିବାରୁ କେହି ସେମାନଙ୍କୁ ସନ୍ଦେହ କରୁନଥିଲେ।

### ପିଲାଙ୍କୁ ମିଳିବ...

ଦିଆଯିବ। ନୂଆ ବହି ଆସିବା ପର୍ଯ୍ୟନ୍ତ ଏସ୍‌ସିଇଆର୍‌ଟି ପକ୍ଷରୁ ଓସେପା ଜରିଆରେ ଜାରି କରାଯାଇଥିବା ସଂଶୋଧିତ ତଥ୍ୟକୁ ନେଇ ପାଠପଢ଼ା ହେବ। ସଂଶୋଧିତ ପୁସ୍ତକର ସଫ୍ଟ କପିକୁ ଓସେପା ୱେବସାଇଟ୍‌ରେ ଉପଲବ୍ଧ କରାଯିବ। ସମ୍ପୂର୍ଣ୍ଣ ତ୍ରୁଟି ସଂଶୋଧନ ପରେ ସମସ୍ତଙ୍କ ଅବଗତି ପାଇଁ ବହି ଉପଲବ୍ଧ ହେବ। ମାତ୍ର କେବେ ସୁଦ୍ଧା ପିଲାଙ୍କୁ ନିର୍ଭୁଲ ପୁସ୍ତକ ଯୋଗାଇ ଦିଆଯିବ, ସେ ସମ୍ପର୍କରେ ସଚିବ କୌଣସି ସ୍ପଷ୍ଟ ଉତ୍ତର ରଖିନାହାନ୍ତି। ଖୁବଶୀଘ୍ର ପିଲାଙ୍କୁ ବହି ଯୋଗାଇ ଦିଆଯିବ ବୋଲି କହିଥିବାବେଳେ ସେହି ସମୟ କେବେ ଆସିବ ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତବର୍ଷ ଅଗଷ୍ଟ ମାସରୁ ନୂତନ ପୁସ୍ତକ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏଯାଏଁ ଶତପ୍ରତିଶତ ବହି ଯୋଗାଇ ପାରି ନାହାନ୍ତି। ଏପରିସ୍ଥଳେ ଚଳିତବର୍ଷ ପିଲାମାନଙ୍କୁ କିପରି ତ୍ରୁଟିଶୂନ୍ୟ ପୁସ୍ତକ ଯୋଗାଇ ଦିଆଯିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଯେତିକି କୁହାଯାଉଛି...

ସହ ସେସବୁର ସଂଶୋଧିତ ତାଲିକା ଜାରି କରାଯାଇଛି। ଏହାସ ।।ତ୍ତ୍ୱେ ସଚିବ କାହିଁକି ଭୁଲ୍ ଘୋଡ଼ାଇବାକୁ ପ୍ରୟାସ କରୁଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ସାମ୍ବାଦିକ ସମ୍ମିଳନୀ ଡାକି ପୁସ୍ତକକୁ ନେଇ ଦ୍ୱନ୍ଦ୍ୱ ଦୂର କରିବା ପରିବର୍ତ୍ତେ ବିଭାଗୀୟ ସଚିବ ଘଟଣାକୁ ବେଶି ଗୋଳମାଳିଆ କରିଛନ୍ତି। ଯଦି ସମସ୍ତ ପିଲାଙ୍କୁ ନୂତନ ସଂଶୋଧିତ ପୁସ୍ତକ ଦିଆଯିବ, ତାହାଲେ କେବେ ସୁଦ୍ଧା ମିଳିବ? କିପରି ଭାବେ ସ୍ୱଳ୍ପ ସମୟରେ ପ୍ରାୟ ୩କୋଟି ବହି ଛପା ହେବ? ମନ୍ତ୍ରୀ ଓ ସଚିବଙ୍କ ସମେତ ଗଣଶିକ୍ଷା ବିଭାଗର ଅଧିକାରୀମାନେ ବହି ପ୍ରସଙ୍ଗରୁ ମୁକୁଳିବା ପାଇଁ ଆପ୍ରାଣ ଉଦ୍ୟମ କରୁଥିଲେ ହେଁ ବିବାଦ ତାଙ୍କ ପଛରେ ଛାଇ ଭଳି ଲାଗି ରହିଥିବା ଚର୍ଚ୍ଚା ଜୋର ଧରିଛି।

### ବିଜୟ ସରକାର...

ଏକାଠି ହୋଇ ସରକାର ବିରୋଧରେ ଭୋଟ୍ ଦେଇ ଏହାର ପତନ ଘଟାଇଥାଆନ୍ତେ। ତେବେ ଗୋଇନ୍ଦା ବିଭାଗ ଏହି ଷଡ଼ଯନ୍ତ୍ରକୁ ପଣ୍ଡ କରିଥିଲା। ଟିଭିକେ ବିଧାୟକ ଏନ୍. ଏଲାଇୟାରାଜା ଚେନ୍ନାଇ ପୋଲିସ ନିକଟରେ ଅଭିଯୋଗ କରିବା ପରେ ସମଗ୍ର ଘଟଣା ଲୋକଲୋଚନକୁ ଆସିଥିଲା। ସେ କହିଛନ୍ତି ।।ଯେ ଏକ କନସଲଟାନ୍ସି ସଂସ୍ଥାର କର୍ମଚାରୀ ବିଧାନସଭା ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିବା ପାଇଁ ତାଙ୍କୁ ୩୫ କୋଟି ଟଙ୍କାର ପ୍ରଲୋଭନ ଦେଇଥିଲେ ଏବଂ ପରେ ଏ ବିଷୟରେ କାହାରିକୁ ନ କହିବା ପାଇଁ ଧମକ ମଧ୍ୟ ଦେଇଥିଲେ। ଏହି ମାମଲାରେ ପୋଲିସ ବର୍ତ୍ତମାନ ସୁଦ୍ଧା ୩ ଜଣଙ୍କୁ ଗିରଫ କରିଛି, ଯାହାଙ୍କର ସମ୍ପୃକ୍ତି ବିରୋଧୀ 'ଡିଏମକେ' ବିଧାୟକ ସେନ୍‌ଥିଲ ବାଲାଜୀଙ୍କ ସହ ଥିବା କୁହାଯାଉଛି।

ଏହି ଘଟଣାକୁ ନେଇ ଟିଭିକେର ଜଣେ ମନ୍ତ୍ରୀ ଡିଏମକେ ଏବଂ ଏଆଇଏଡିଏମକେ ଉପରେ କଡ଼ା ପ୍ରହାର କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଏମକେ ଷ୍ଟାଲିନ ଏବଂ ଉଦୟନିଧିଙ୍କ ନିର୍ଦ୍ଦେଶରେ ସେନ୍‌ଥିଲ ବାଲାଜୀ ଏବଂ ତାଙ୍କ ସହଯୋଗୀମାନେ ଟିଭିକେ ବିଧାୟକମାନଙ୍କୁ ୧୦ରୁ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଯାଚି ଦଳ ବଦଳାଇବାକୁ ଚେଷ୍ଟା କରୁଛନ୍ତି। ଅନ୍ୟପଟେ ଡିଏମକେ ଏହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛି। ଦଳର ମୁଖପାତ୍ର କହିଛନ୍ତି ଯେ, ସରକାରୀ ଦଳ କେବଳ ମିଛ କାହାଣୀ ପ୍ରସ୍ତୁତ କରି ଜନସାଧାରଣଙ୍କ ମନରେ ଭ୍ରମ ସୃଷ୍ଟି କରୁଛି ଏବଂ ଯଦି ସରକାରଙ୍କ ପାଖରେ ପ୍ରକୃତ ପ୍ରମାଣ ଅଛି, ତେବେ ସେମାନେ ସେନ୍‌ଥିଲ ବାଲାଜୀଙ୍କୁ ଗିରଫ କରି ଦେଖାନ୍ତୁ।

### ଅଭିଯୁକ୍ତ ଏଚ୍‌ଆଇଭି...

ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିଲା ଓ ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ପଠାଇ ଦିଆଯାଇଥିଲା। ତେବେ ପୋକ୍ସୋ ମାମଲାର ଅଭିଯୁକ୍ତ ହୋଇଥିବାରୁ ଜେଲ୍ ପକ୍ଷରୁ ଅଭିଯୁକ୍ତର ଏଚ୍‌ଆଇଭି ପରୀକ୍ଷା କରାଯାଇଥିଲା। ରିପୋର୍ଟ ଆସିବା ପରେ ଅଭିଯୁକ୍ତ ଜଣକ ଏଚ୍‌ଆଇଭି ପଜିଟିଭ୍ ସଂକ୍ରମିତ ବୋଲି ଜଣା ପଡ଼ିଥିଲା। ଏଚ୍‌ଆଇଭି ପଜିଟିଭ୍ ଅଭିଯୁକ୍ତ ଜଣଙ୍କ କୋଚିଂ ସେଣ୍ଟରରେ ଚାକିରି କରୁଥିବାରୁ ଅନେକ କଥା ଆଶଙ୍କା କରାଯାଉଛି।

### ରାଜ୍ୟବ୍ୟାପୀ ଡାକ୍ତରଙ୍କ...

ହୋଇଛି। ସରକାରଙ୍କ ପକ୍ଷରୁ ଏ ବିଷୟରେ ଏ ପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ସାମ୍ନାକୁ ଆସିନାହିଁ। ସ୍ୱାସ୍ଥ୍ୟ ବିଭାଗରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଜାରି ରହିଥିବା ଜଣାପଡ଼ିଛି। ଓମ୍‌ସା ଡାକ୍ତରମାନଙ୍କ ସମସ୍ୟାର ଶୀଘ୍ର ସମାଧାନ ଦାବି କରିଛି ଏବଂ ରୋଗୀ ସେବା ପ୍ରତି ତାଙ୍କର ଦାୟିତ୍ୱ ସ୍ୱୀକାର କରି ଆନ୍ଦୋଳନକୁ ଶାନ୍ତିପୂର୍ଣ୍ଣ ରଖିବାର ପ୍ରତିଶ୍ରୁତି ଦେଇଛି।

## ନିରଞ୍ଜନ ପଟ୍ଟନାୟକଙ୍କ ଆତ୍ମଜୀବନୀ 'ସମୟ ସାକ୍ଷୀ' ଲୋକାର୍ପିତ

# ଆତ୍ମଜୀବନୀରୁ ଜଣେ ବି ଯୁବକ ପ୍ରେରଣା ପାଇଲେ ରଚନା ସାର୍ଥକ ହେବ: ନିରଞ୍ଜନ



ଭୁବନେଶ୍ୱର,୧।୭(ସମିସ): ବରିଷ୍ଠ ରାଜନେତା ନିରଞ୍ଜନ ପଟ୍ଟନାୟକଙ୍କ ଆତ୍ମଜୀବନୀ "ସମୟ ସାକ୍ଷୀ' ବୁଧବାର ସନ୍ଧ୍ୟାରେ ୟୁଏଟିର କୃଷି ଶିକ୍ଷା ସଦନ ପ୍ରେକ୍ଷାଳୟରେ ଲୋକାର୍ପିତ ହୋଇଛି। ଏହି ପୁସ୍ତକଟି ଲୋକଲୋଚନକୁ ଆସିବା ପରେ ଏହାକୁ ନେଇ ଭିନ୍ନ ଭିନ୍ନ ଆଲୋଚନା ଆରମ୍ଭ ହୋଇଥିବା ବେଳେ ଅନେକ ପୁରୁଣା କଥା ମଧ୍ୟ ସାମନାକୁ ଆସିଛି। ଜଣେ ଶିଳ୍ପପତି ତଥା ରାଜନେତା ଭାବରେ ପରିଚିତ ନିରଞ୍ଜନଙ୍କ ଏହି ଆତ୍ମଜୀବନୀରେ ବିଗତ ଅର୍ଦ୍ଧଶତାବ୍ଦୀ ଓଡ଼ିଶାର ଅନେକ କାହାଣୀ ଉଲ୍ଲେଖ ରହିଛି ।

ବିଶିଷ୍ଟ ଗାନ୍ଧୀବାଦୀ ନେତ୍ରୀ କୃଷ୍ଣା ମହାନ୍ତି, କେନାଲ ମଣିଷ ରୂପେ ପରିଚିତ କେନ୍ଦୁଝରର ଦୈତାରୀ ନାୟକ, ନିଜ ସ୍ତ୍ରୀଙ୍କ ଶବକୁ କାନ୍ଧରେ ବୋହିଥିବା କଳାହାଣ୍ଡିର ଦାନ ମାଝୀ, ଆନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ ହୋଇ ମଧ୍ୟ ଗଳ୍ପ କବିତା ରଚନା କରିଥିବା ତଥା ତୁମୁଡିବନ୍ଧର ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝୀ, ଦୃଷ୍ଟିଶକ୍ତି ନ ଥାଇ ମଧ୍ୟ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧିନରେ ଶିକ୍ଷାଦାନ କରୁଥିବା ଘସିପୁରାର ପ୍ରଫେସର ଦୁର୍ଯ୍ୟୋଧନ ନାହାକ, ନିଜର ବାଲ୍ୟକାଳରେ ଆର୍ଥିକ ଅସ୍ୱଚ୍ଛଳତାରେ ହାରି ନ ଯାଇ ସମ୍ପ୍ରତି ଭାରତର ପ୍ରସିଦ୍ଧ କେଶ ପ୍ରତିରୋପଣକାରୀ ଡାକ୍ତର ଭାବେ ପରିଚିତ କେନ୍ଦୁଝରର ଡା. ପ୍ରଦୀପ ସେଠୀ, କରୋନା ସମୟରେ ପୁରୀରେ ରଥଯାତ୍ରା କରାଇବାକୁ ସୁପ୍ରିମକୋର୍ଟରେ ପିଟିସନ୍ ଦାଖଲ କରିଥିବା ନୟାଗଡର ତରୁଣ ଅଫତାବ୍ ହୋସେନ୍, ନିଜର ସ୍ୱଳ୍ପ ଆୟରୁ ସଞ୍ଚୟ କରି ଗ୍ରାମବାସୀଙ୍କ ପାଇଁ ସାତଟି ପାଣି ଟାଙ୍କି ବସାଇଥିବା ମନ୍ମଥ ମହାରଣା ପ୍ରମୁଖ ପୁସ୍ତକକୁ ଲୋକାର୍ପିତ କରିଥିଲେ। ଓ ଦାଶ ବେନହୁର ପୁସ୍ତକର ସମୀକ୍ଷା କରିଥିଲେ। ବରିଷ୍ଠ ସାମ୍ବାଦିକ ରାଜେଶ ମହାପାତ୍ର ପୁସ୍ତକର ଏକ ମାର୍ମିକ ଆଲୋଚନା କରିଥିଲେ।

ଏହି ପୁସ୍ତକ ଲୋକାର୍ପଣ ସଭାରେ ସଭାପତିତ୍ୱ କରିଥିଲେ ଆମ ଓଡିଶାର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ। ତାଙ୍କର ଏହି ସାଧାରଣ ଜୀବନ କଥାରୁ ଯଦି ଜଣେ ବି ଯୁବକ ପ୍ରେରଣା ପାଇବ ତାଙ୍କ ରଚନା ସାର୍ଥକ ହେବ ବୋଲି ସଭାରେ ନିରଞ୍ଜନ ପଟ୍ଟନାୟକ ନିଜର ଲେଖନୀୟ ଅଭିବ୍ୟକ୍ତିରେ ପ୍ରକାଶ କରିଥିଲେ। ଓଡିଶାର ପରିବର୍ତ୍ତନ ପାଇଁ ତାଙ୍କ ମନରେ ରହିଥିବା ଅସୁମାରୀ ଆଶାକୁ ଯୁବପିଢି ସାକାର କରିବେ ବୋଲି ତାଙ୍କର ଭରସା ରହିଛି। ଜୀବନର କିଛି ଅନୁଭୂତି ଓ ଘଟଣା ଚରିତ୍ରକୁ ନେଇ ସେ ଏହି ଆତ୍ମଜୀବନୀ ରଚନା କରିଛନ୍ତି। ଆତ୍ମଜୀବନଟି ଓଡିଶା ରାଜନୀତିରେ ଅର୍ଦ୍ଧଶତାବ୍ଦୀର ଗୁମର କଥାକୁ ଉନ୍ମୋଚିତ କରିଛି। ଏହି ପୁସ୍ତକକୁ ଜଣେ ସାଧାରଣ ଓଡିଆର କଥା ଭାବେ ଶ୍ରୀ ପଟ୍ଟନାୟକ କହିଥିଲେ। ଲୋକାର୍ପଣ ଉତ୍ସବରେ ରାଜ୍ୟର ବହୁ ଲେଖକ, କଳାକାର, ବୁଦ୍ଧିଜୀବୀ, ରାଜନେତା ଉପସ୍ଥିତ ଥିଲେ ।

## ପ୍ରକାଶ ପାଇଲା +୨ ଇନଷ୍ଟାଣ୍ଟ ଓ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଆଡମିଟ୍ କାର୍ଡ

ଭୁବନେଶ୍ୱର, ୧।୭(ସମିସ): ଆସନ୍ତା ୩ ଓ ୪ ତାରିଖରେ ହେବାକୁ ଥିବା ଯୁକ୍ତ ୨ ଇନଷ୍ଟାଣ୍ଟ ଓ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଉପଲବ୍ଧ ହୋଇଛି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ସମସ୍ତ କଳା, ବାଣିଜ୍ୟ, ବିଜ୍ଞାନ, ଧନ୍ଦାମୂଳକ ଛାତ୍ରଛାତ୍ରୀଙ୍କ ପାଇଁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହୋଇଛି। ସେହିପରି ଇନଷ୍ଟାଣ୍ଟ ପରୀକ୍ଷାର୍ଥୀଙ୍କ ପାଇଁ ସିଏନ୍‌ଆର୍ ମଧ୍ୟ ସାମସ୍ ଇ-ସ୍ପେସ୍‌ରେ ଉପଲବ୍ଧ ହୋଇଛି। ଇ-ସ୍ପେସ୍‌ରୁ ଆଡମିଟ୍ କାର୍ଡ ଡାଉନଲୋଡ୍ କରି ଯାଞ୍ଚ ଓ ସ୍ୱାକ୍ଷର ପରେ ପରୀକ୍ଷାର୍ଥୀଙ୍କୁ ବଣ୍ଟନ କରିବାକୁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ପ୍ରଥମଥର ପାଇଁ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ହେଉଛି। ଯେଉଁ ଛାତ୍ରଛାତ୍ରୀମାନେ ସମସ୍ତ ପରୀକ୍ଷାରେ ପାସ୍ କରିଥିବେ, ସେମାନେ କେବଳ ଗୋଟିଏ ବିଷୟରେ ଅଧିକ ମାର୍କ ରଖିବା ପାଇଁ ଏହି ଇମ୍ପ୍ରୁଭମେଣ୍ଟ (ଉନ୍ନତି) ପରୀକ୍ଷା ଦେଇପାରିବେ। ନିଜ ଇଚ୍ଛା ମୁତାବକ କେବଳ ଗୋଟିଏ ବିଷୟରେ ହିଁ ଏହି ପରୀକ୍ଷା ଦେବାକୁ ଅନୁମତି ମିଳିବ। ସେହିପରି ଗୋଟିଏ ପରୀକ୍ଷାରେ ଫେଲ୍ ହୋଇ ଅତି କମ୍‌ରେ ୨୧୦ ମାର୍କ ରଖିଥିବା ପିଲାମାନେ ଇନଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ।



ଦୋଳବେଦୀରେ ଗୁପ୍ତ କୋଠି ଅଣସର ଉପଚାର ଲାଗି

## ପୁରୀ ଜାତୀୟ ରାଜମାର୍ଗରେ ଶିରିଡି ସାଇବାବାଙ୍କ ନୂତନ ମନ୍ଦିର ଉଦ୍‌ଘାଟିତ

ପୁରୀ,୧।୭(ସମିସ): ପୁରୀ ଷୋହଳ ଶାସନ ବୀର ପୁରୁଷୋତ୍ତମପୁର ଶାସନ ରାସ୍ତା ଜାତୀୟ ରାଜପଥ ଯଶୁଆପୁର ମୌଜା ପାର୍ଶ୍ୱରେ ଶିରିଡି ସାଇବାବାଙ୍କ ନୂତନ ମନ୍ଦିର ଆଜି ଗୁରୁଜୀ ଡ଼କ୍ଟର ଚନ୍ଦ୍ରଭାନୁ ଶତପଥୀଙ୍କ କରକମଳରେ ଉଦ୍‌ଘାଟିତ ହୋଇଯାଇଛି।

ଗୁରୁଜୀ ଡକ୍ଟର ଶତପଥୀ ପୂର୍ବାହ୍ନରେ ଶୁଭ ମୁହୂର୍ତ୍ତରେ ପହଞ୍ଚିବା ପରେ ଘଣ୍ଟ, ଘଣ୍ଟା ଓ ବାଦ୍ୟ ଧ୍ୱନି ମଧ୍ୟରେ ତାଙ୍କୁ ସ୍ୱାଗତ କରି ପାଛୋଟି ନିଆଯାଇଥିଲା। ପବିତ୍ର ବେଦ ମନ୍ତ୍ର ଧ୍ୱନି ମଧ୍ୟରେ ଗୁରୁଜୀ ପ୍ରଥମେ ଗଣେଶ ମନ୍ଦିରରେ ପୂଜାର୍ଚ୍ଚନା କରି ଉଦ୍‌ଘାଟନ କରିଥିଲେ। ଏହାପରେ ମନ୍ଦିର ପରିସରରେ ଶ୍ରୀ ଦତ୍ତାତ୍ରେୟ, ଗାୟତ୍ରୀ ଓ ଶିରିଡି ସାଇବାବାଙ୍କ ଭବ୍ୟ ମନ୍ଦିର ଗୁରୁଜୀ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ତିନିଦିନ ଧରି ମନ୍ଦିରରେ ବେଦ ପାଠୀ ବ୍ରାହ୍ମଣମାନଙ୍କ ଦ୍ୱାରା ପାରମ୍ପରିକ ରୀତି ନୀତି ଅନୁସାରେ ବିଧି ପୂର୍ବକ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଗୁରୁଜୀ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଏହି ଅବସରରେ ଗୁରୁଜୀ ପୂର୍ବରୁ ମନ୍ଦିର ପରିସରରେ ନିର୍ମିତ ଶ୍ରୀ ଗୁରୁ ଭାଗବତ ଟୁଙ୍ଗୀ ପରିଦର୍ଶନ କରିଥିଲେ। ସେଠାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଗୁରୁଜୀଙ୍କ ଉପସ୍ଥିତିରେ ଶ୍ରୀ ଗୁରୁ ଭାଗବତ ପାଠ କରିଥିଲେ। ପୁରୀ ସାଂସଦ



ଡକ୍ଟର ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ସରକାରୀ ଉଚ୍ଚ ପଦାଧିକାରୀ ଏବଂ ପ୍ରତିଷ୍ଠିତ ବ୍ୟକ୍ତିମାନେ ବହୁ ସଂଖ୍ୟାରେ ଏହି ପବିତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଚୋରି ମାମଲା

# ଦାନବାକ୍ସ, ୭୭ ଲକ୍ଷ ଟଙ୍କା, ସୁନା, ରୁପା, ଡଲାର ଜବତ

ଅଯୋଧ୍ୟା, ୧।୭: ରାମ ମନ୍ଦିର ଚାନ୍ଦା ଚୋରି ମାମଲାରେ ଅଯୋଧ୍ୟା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ମନ୍ଦିର ଦାନ ବାକ୍ସ ସମେତ ଟଙ୍କା ଓ ସୁନା ଜବତ କରିଛି। ପୁଲିସ ପକ୍ଷରୁ ଆଜି ଏଡି ସୂଚନା ଦିଆଯାଇଛି। କୁହାଯାଇଛି ଯେ ଗିରଫ ହୋଇଥିବା ୮ ଅଭିଯୁକ୍ତଙ୍କ ଘରେ ଚଢ଼ଉ ବେଳେ ରାମ ମନ୍ଦିର ଦାନବାକ୍ସ, ନଗଦ ୭୭ ଲକ୍ଷ ଟଙ୍କା, ୧୧ ଗ୍ରାମ ସୁନା, ୩୭୫ ଗ୍ରାମ ରୁପା ଏବଂ ୧୧୨୧ ଡଲାର ଜବତ କରାଯାଇଛି। ପ୍ରମୁଖ ଅଭିଯୁକ୍ତ କୁହାଯାଉଥିବା ଅଭିନାଶ ଘରୁ ୨୦.୩୯ ଲକ୍ଷ ଟଙ୍କା ଜବତ ହୋଇଥିବା ବେଳେ କାରୁନେଶ ଘରୁ ୧୮ ଲକ୍ଷ, ଅନୁକଳ୍ପ ଘରୁ ୧୭ ଲକ୍ଷ, ଲବକୁଶ ଘରୁ ୧୪.୨୫ ଲକ୍ଷ, ରମାଶଙ୍କର ଠାରୁ ୭.୩ ଲକ୍ଷ ଏବଂ ଯାଦବ ଠାରୁ ଏକ ଲକ୍ଷ ଟଙ୍କା ନଗତ ଜବତ କରାଯାଇଛି। ଏହାଛଡ଼ା ଅଭିନାଶ ଶୁକ୍ଲାର ଯୋଗା କେନ୍ଦ୍ରରୁ ଏକ ମନ୍ଦିରର ଏକ ଦାନ ବାକ୍ସ ଜବତ କରାଯାଇଛି। ଏଥିରେ ରାମରାଜ୍ୟ କୋଷ ଲେବଲ ଲାଗିବା ସହିତ ପେଟିଏମ୍‌ର କ୍ୟୁଆର୍ କୋଡ୍ ରହିଛି। ଏହାପୂର୍ବରୁ ଅଭିନାଶ ଘରୁ ୮୯ ଲକ୍ଷ ଟଙ୍କା ଜବତ ହୋଇଥିଲା।

## ଗୁରୁଜୀଙ୍କ ପ୍ରେରଣାରେ ଗୁରୁଗ୍ରାମରେ ରଥଯାତ୍ରା ଉତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି

ନୂଆଦିଲ୍ଲୀ,୧।୭(ସମିସ): ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଆଧ୍ୟାତ୍ମିକ ଚିନ୍ତକ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ପ୍ରେରଣାରେ ଗଢ଼ି ଉଠିଥିବା ଗୁରୁଗ୍ରାମସ୍ଥିତ 'ସାଇ କା ଆଙ୍ଗନ୍'ରେ ଗତବର୍ଷ ଭଳି ଚଳିତ ବର୍ଷ ରଥଯାତ୍ରା ଉତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ପର୍ବ ଜୋରସୋରରେ ଚାଲିଛି। ପବିତ୍ର ଅକ୍ଷୟ ତୃତୀୟା ଦିନ ଗୁରୁଜୀଙ୍କ କରକମଳରେ ରଥକାଠ ଅନୁକୂଳ ହେବାପରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପବିତ୍ର ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଜୁଲାଇ ୧୬ ତାରିଖଦିନ ଏଠାରେ ପାରମ୍ପରିକ ରୀତିନୀତି ଅନୁସାରେ ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହେବ। ଦିଲ୍ଲୀ ଓ ହରିଆନା ରାଜ୍ୟର ସୀମାନ୍ତରେ ଅବସ୍ଥିତ ଗୁରୁଗ୍ରାମ ଏକ ହାଇଟେକ ସହରରେ ପରିଣତ ହୋଇଛି। ପଞ୍ଜାବ, କାଶ୍ମୀର, ପଶ୍ଚିମବଙ୍ଗ, ବିହାର, ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରୁ ବହୁ ପ୍ରବାସୀ ଏଠାରେ ବସବାସ କରୁଛନ୍ତି। ରଥଯାତ୍ରା ଉତ୍ସବ ଏଠାକାର ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳାଇଦେଇଛି। ସୂଚନାଯୋଗ୍ୟ ଯେ ଗୁରୁଜୀଙ୍କ ପ୍ରେରଣାରେ ଗତ ଦୁଇବର୍ଷ ଧରି ଏଠାରେ ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଆସୁଛି।

# ବହୁ ପ୍ରତୀକ୍ଷିତ ସାନ୍ତାଳୀ ୱେବ୍‌ସାଇଟ୍ 'ସାନ୍ତାଲ୍ ଭଏସେସ୍'ର ଶୁଭାରମ୍ଭ

ବାରିପଦା,୧।୭(ସମିସ): ବହୁ ପ୍ରତୀକ୍ଷିତ ସାନ୍ତାଳୀ ଡିଜିଟାଲ ପୋର୍ଟାଲ "ସାନ୍ତାଲ୍ ଭଏସେସ୍' ହୁଲ୍ ଦିବସ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଅନ୍‌ଲାଇନ୍ କାର୍ଯ୍ୟକ୍ରମ ମାଧ୍ୟମରେ ଶୁଭାରମ୍ଭ ହୋଇଛି। ସାନ୍ତାଳୀ ଭାଷା, ସାହିତ୍ୟ, ଇତିହାସ ଓ ସଂସ୍କୃତିର ଡିଜିଟାଲ ସଂରକ୍ଷଣ ଏବଂ ବିଶ୍ୱସ୍ତରରେ ପ୍ରଚାରପ୍ରସାର ଦିଗରେ ଏହାକୁ ଏକ ଐତିହାସିକ ପଦକ୍ଷେପ ବୋଲି କୁହାଯାଉଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରତ, ନେପାଳ ଓ ବାଂଲାଦେଶର ବିଭିନ୍ନ ସମ୍ପାଦକ, ଅବଦାନକାରୀ ଏବଂ ସାନ୍ତାଳୀ ଭାଷାର ଡିଜିଟାଲ କର୍ମୀମାନେ ଯୋଗଦେଇଥିଲେ। ଏହି ତିନୋଟି ଦେଶର ସାନ୍ତାଳୀ ସମ୍ପ୍ରଦାୟର ସମ୍ମିଳିତ ପ୍ରୟାସରେ ଏହି ପୋର୍ଟାଲ କାର୍ଯ୍ୟକ୍ଷମ କରାଯାଇଛି।

"ସାନ୍ତାଲ୍ ଭଏସେସ୍' ସମ୍ପୂର୍ଣ୍ଣ ଇଂରାଜୀ ଭାଷାରେ ପରିଚାଳିତ ଏକ ୱେବ୍‌ସାଇଟ୍, ଯାହାର ମୁଖ୍ୟ ଉଦ୍ଦେଶ୍ୟ ସାନ୍ତାଳୀ ଭାଷା, ସଂସ୍କୃତି, ଇତିହାସ, ସାହିତ୍ୟ, ବିଶିଷ୍ଟ ବ୍ୟକ୍ତିତ୍ୱ ଓ ସମକାଳୀନ ଘଟଣାବଳୀ ସମ୍ବନ୍ଧୀୟ ପ୍ରାମାଣିକ ତଥ୍ୟକୁ ବିଶ୍ୱ ସମୁଦାୟଙ୍କ ସମ୍ମୁଖରେ ପହଞ୍ଚାଇବା। ଏହି ଅବସରରେ ସାନ୍ତାଳୀ ଭାଷାର ଡିଜିଟାଲ କର୍ମୀ ରାମଜିତ ଟୁଡୁ କହିଥିଲେ ଯେ, ସମ୍ପ୍ରତି ଡିଜିଟାଲ ଯୁଗରେ ସାନ୍ତାଳ ସମାଜ ସମ୍ବନ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଇଣ୍ଟରନେଟ୍‌ରେ ଅନୁପସ୍ଥିତ ଥିବାରୁ, ସେହି ଅଭାବକୁ ପୂରଣ କରିବା ଏହି




ପୋର୍ଟାଲର ମୂଳ ଲକ୍ଷ୍ୟ। ସାନ୍ତାଳ ସମାଜ ସମ୍ବନ୍ଧୀୟ ବହୁ ମୂଲ୍ୟବାନ ତଥ୍ୟ ଏପର୍ଯ୍ୟନ୍ତ ଡିଜିଟାଲ ମାଧ୍ୟମରେ ଉପଲବ୍ଧ ନାହିଁ। ଏହି ତଥ୍ୟଗୁଡ଼ିକୁ ସଂଗ୍ରହ, ସଂରକ୍ଷଣ ଓ ବିଶ୍ୱସମ୍ମୁଖରେ ଉପସ୍ଥାପନ କରିବା ସାନ୍ତାଲ୍ ଭଏସେସ୍‌ର ପ୍ରମୁଖ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଏହି ପୋର୍ଟାଲର ପରାମର୍ଶଦାତା ମଣ୍ଡଳୀରେ ଭାରତର ଆର୍. ଅଶ୍ୱିନୀ ବନ ମୁର୍ମୁ, ରାମଜିତ ଟୁଡୁ ଓ ଫାଗୁ ବାସ୍କେ ଥିବାବେଳେ, ବାଂଲାଦେଶରୁ ମାନିକ ସୋରେନ ପରାମର୍ଶଦାତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।

ଏହାସହ ନେପାଳର ଶିବୁ ମୁର୍ମୁ ଏବଂ ବାଂଲାଦେଶର ଆଲ୍‌ବର୍ଟସ ଟୁଡୁ ସ୍ୱତନ୍ତ୍ର ପ୍ରତିନିଧି ଭାବେ ଆଞ୍ଚଳିକ ସମନ୍ୱୟ ଓ ବିଷୟବସ୍ତୁ ବିକାଶରେ ସହଯୋଗ କରିବେ। ୱେବ୍‌ସାଇଟ୍‌ର ମୁଖ୍ୟ ସମ୍ପାଦକ କାରିଆ ବାସ୍କେ ଥିବାବେଳେ, ବୋଦି ବାସ୍କି, ପ୍ରଶାନ୍ତ ହେମ୍ବ୍ରମ, ସୁଭାଷ କିସ୍କୁ, ବିଜେନ୍ଦ୍ର ହାଁସଦା ଏବଂ ଶେଖର ମୁର୍ମୁ ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଝାଡ଼ଖଣ୍ଡରୁ ସହଯୋଗୀ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ଦକ୍ଷିଣ ଏସିଆର ବିଭିନ୍ନ ଅଞ୍ଚଳର ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ "ସାନ୍ତାଲ୍ ଭଏସେସ୍' ସାନ୍ତାଳ ସମାଜର ଇତିହାସ, ଐତିହ୍ୟ, ସଫଳତା ଓ ସମକାଳୀନ ଘଟଣାବଳୀକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସର୍ବାଧିକ ବିଶ୍ୱସନୀୟ ଇଂରାଜୀ ଡିଜିଟାଲ ପୋର୍ଟାଲ ହେବାର ଲକ୍ଷ୍ୟ ରଖିଛି।

## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଆୟ ଓ ବ୍ୟୟ ସମାନ ରହିବ। ମାନ ସମ୍ମାନ ବୃଦ୍ଧି ପାଇବ। ଅଫିସ୍ କାର୍ଯ୍ୟ ପ୍ରଭାବିତ ହୋଇପାରେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ପରିବାର ଲୋକଙ୍କ ସହ ହସଖୁସିର ସମୟ ବିତାଇବେ। ବ୍ୟବସାୟରେ ଲାଭ ମିଳିବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଯୋଜନା ଅନୁଯାୟୀ କାମ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ନୂଆ କାର୍ଯ୍ୟ ଆରମ୍ଭ କରିବେ। ବିଦେଶ ଯାତ୍ରା ଯୋଗ ରହିଛି।

**କର୍କଟ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ।

**ସିଂହ:** ଅଚାନକ ଖୁସି ଖବର ମିଳିପାରେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

**ବିଛା:** କାର୍ଯ୍ୟରେ ବାଧା ଆସିବ। ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଚକ୍ଷୁ ସମସ୍ୟା ହୋଇପାରେ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିପାରେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ଆଶା ପୂରଣ ହେବ। କଳାକାରଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଐତିହ୍ୟ

- ୧୩୦୬-ଆଲ୍ଲାଉଦ୍ଦିନ୍ ଖିଲ୍‌ଜି ସିୱାନା ଉପରେ ଆକ୍ରମଣ କଲେ।।
- ୧୮ ୯୭- ମାର୍କୋନି ରେଡିଓକୁ ପେଟେଣ୍ଟ କରାଇଲେ।
- ୧୯୪୦- ବ୍ରିଟିଶ୍ ସରକାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଗିରଫ କଲେ।
- ୨୦୦୪- ମୁମ୍ବାଇର ଛତ୍ରପତି ଶିବାଜୀ ଟର୍ମିନସ୍‌କୁ ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟସ୍ଥଳର ମାନ୍ୟତା ମିଳିଲା।
- ୨୦୧୫- ଫିଲିପାଇନ୍ସରେ ୨୨୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ନୌକା ବୁଡ଼ିଯିବାରୁ ୬୨ ଲୋକଙ୍କ ପ୍ରାଣହାନି।

## ଆଜି ଆସିଥିଲେ
# ସାରସ୍ୱତ ସାଧକ କାଳିନ୍ଦୀ ଚରଣ ପାଣିଗ୍ରାହୀ



କାଳିନ୍ଦୀ ଚରଣ ପାଣିଗ୍ରାହୀ ଓଡ଼ିଆ ସାହିତ୍ୟର ଜଣେ ଅଗ୍ରଗଣ୍ୟ କବି, ଔପନ୍ୟାସିକ, ଗାଳ୍ପିକ, ପ୍ରାବନ୍ଧିକ ଏବଂ ନାଟ୍ୟକାର ଥିଲେ। ସେ ଓଡ଼ିଆ ସାହିତ୍ୟର 'ସବୁଜ ଯୁଗ'ର ଅନ୍ୟତମ ପ୍ରବର୍ତ୍ତକ ଭାବେ ମଧ୍ୟ ବେଶ୍ ଜଣାଶୁଣା। ସେ ଅନ୍ନଦା ଶଙ୍କର ରାୟ, ବୈକୁଣ୍ଠନାଥ ପଟ୍ଟନାୟକ, ଶରତ ଚନ୍ଦ୍ର ମୁଖାର୍ଜୀ ଓ ହରିହର ମହାପାତ୍ରଙ୍କ ସହ ମିଶି ଓଡ଼ିଆ ସାହିତ୍ୟରେ 'ସବୁଜ ସାହିତ୍ୟ ସମିତି' ଗଠନ କରିଥିଲେ। ଏହି ସମୟର କବିତାଗୁଡ଼ିକରେ ରୋମାଣ୍ଟିକ୍ ଭାବଧାରା ଏବଂ ପ୍ରକୃତି ପ୍ରୀତି ଦେଖିବାକୁ ମିଳୁଥିଲା। କାଳିନ୍ଦୀ ଚରଣଙ୍କର କାଳଜୟୀ ସୃଷ୍ଟି ହେଉଛି 'ମାଟିର ମଣିଷ'। ଫକୀରମୋହନଙ୍କ 'ଛ ମାଣ ଆଠଗୁଣ୍ଠ' ପରେ 'ମାଟିର ମଣିଷ' ଦ୍ୱିତୀୟ ଶ୍ରେଷ୍ଠ ଉପନ୍ୟାସର ମାନ୍ୟତା ପାଇଛି। ଏହା ଓଡ଼ିଶାର ଗ୍ରାମୀଣ ସମାଜ, ପାରିବାରିକ ସଂହତି ଏବଂ ମାନବୀୟ ମୂଲ୍ୟବୋଧ ଉପରେ ଆଧାରିତ ଥିଲା। ଏହା ଉପରେ ପରବର୍ତ୍ତୀ ସମୟରେ ଏକ ସଫଳ ଓଡ଼ିଆ ଚଳଚ୍ଚିତ୍ର ମଧ୍ୟ ନିର୍ମିତ ହୋଇଥିଲା। ତାଙ୍କର ଅନ୍ୟାନ୍ୟ ଉପନ୍ୟାସଗୁଡ଼ିକ ହେଲା 'ଲୁହାର ମଣିଷ', 'ଆଜିର ମଣିଷ' ଏବଂ 'ମୁକ୍ତାଗଡ଼ର କ୍ଷୁଧା'। ନାଟ୍ୟକାର ଭାବେ ପରିଚିତ ହେଲେ ସେ 'ପଦ୍ମିନୀ', 'ପ୍ରିୟଦର୍ଶୀ', 'ସୌମ୍ୟା' ଆଦି ନାଟକ ରଚନାରେ। କାଳିନ୍ଦୀ ଚରଣ ପୁରୀ ଜିଲ୍ଲାର ବିଶ୍ୱନାଥପୁର ଗ୍ରାମରେ ୧୯୦୧ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଜଣେ ଆଇନଜୀବୀ ଥିଲେ। ପୁରୀରେ ହିଁ କାଳିନ୍ଦୀଚରଣ ବାଲ୍ୟଜୀବନ ଓ ଶିକ୍ଷା ସମାପ୍ତ କରିଥିଲେ। ହାଇସ୍କୁଲ ସମାପ୍ତ କରି ସେ ରେଭେନ୍ସାରେ ନାମ ଲେଖାଇଥିଲେ। ରେଭେନ୍ସା ମହାବିଦ୍ୟାଳୟରେ ପଢ଼ିବା କାଳରେ କାଳିନ୍ଦୀ ଚରଣଙ୍କ ସାହିତ୍ୟ ପ୍ରତିଭାର ପରିଚୟ ମିଳିଲା। କଲେଜରେ ପଢ଼ିବା ସମୟରେ, ସେ 'ନନସେନ୍ସ କ୍ଲବ୍' ଗଠନ କରିଥିଲେ। ଏହି ସମୟରେ 'ସବୁଜ ଗୋଷ୍ଠୀ'ର ମୁଖପତ୍ର 'ଯୁଗବୀଣା'ରେ କାଳିନ୍ଦୀ ଚରଣଙ୍କ ଲେଖାମାନ ମଧ୍ୟ ପ୍ରକାଶ ପାଉଥିଲା। ପରବର୍ତ୍ତୀ ସମୟରେ, ବାଲେଶ୍ୱରରୁ ପ୍ରକାଶ ପାଉଥିବା ଏକ ଇଂରାଜୀ ଓ ତାଙ୍କ ନିଜ ଓଡ଼ିଆ ପତ୍ରିକାର ସେ ସମ୍ପାଦନା କରିବାକୁ ଲାଗିଲେ। କବିତାରୁ ହିଁ କାଳିନ୍ଦୀ ଚରଣଙ୍କ ସାହିତ୍ୟ ସର୍ଜନା ଆରମ୍ଭ ହୋଇଥିଲା। ଶବ୍ଦ ସଂଯୋଜନା ସହ ବିରହ ମିଳନ, ଆନନ୍ଦାଶ୍ରୁ, ପାଇବା ଓ ହଜାଇବାର ଭାରସାମ୍ୟ ପ୍ରତିଫଳିତ ହୋଇଥାଏ ତାଙ୍କ କବିତାରେ। ତାଙ୍କ ଲେଖାରେ ଓଡ଼ିଶାର ଗ୍ରାମ୍ୟ ପରିବେଶ, ଲୋକଙ୍କର ଆଚାରବିଚାର ପ୍ରମୁଖ ସ୍ଥାନ ପାଉଥିଲା। ଅନ୍ୟାୟ, ଅନୀତି ବିରୁଦ୍ଧରେ ତାଙ୍କ ସାହିତ୍ୟ ସ୍ୱର ଉତ୍ତୋଳନ କରୁଥିଲା। ସେ ଜଣେ ଦରଦୀ କବି ଓ ଜୀବନବାଦୀ ସାହିତ୍ୟିକ ଭାବରେ ପରିଚିତ। ଓଡ଼ିଆ ସାହିତ୍ୟ ଜଗତକୁ ତାଙ୍କର ଅବଦାନ ପାଇଁ ୧୯୭୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଫେଲୋ ସମ୍ମାନ ସହିତ ବହୁ ପୁରସ୍କାର ଓ ସମ୍ମାନର ମଧ୍ୟ ସେ ଅଧିକାରୀ ହୋଇଛନ୍ତି। ସେହିବର୍ଷ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା। ୧୯୭୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡି.ଲିଟ୍ ଉପାଧି ଲାଭ କରିଛନ୍ତି। ୧୯୯୧ ମସିହା ମେ' ୧୫ ତାରିଖରେ ଏହି ମହାନ୍ ଲେଖକ ଦେହତ୍ୟାଗ କରିଥିଲେ।

# ମହିଳା ନୁହେଁ; ପୁରୁଷ ଢାଙ୍କନ୍ତି ମୁହଁ

ଏମିତି ଅନେକ ପରମ୍ପରା ରହିଛି, ଯାହା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ଏଭଳି ଏକ ଅନନ୍ୟ ଏବଂ ରହସ୍ୟମୟ ସଂସ୍କୃତି ହେଉଛି ସାହାରା ମରୁଭୂମିରେ ବାସ କରୁଥିବା 'ତୁଆରେଗ' ଜନଜାତିର। ଏହି ଜନଜାତିରେ ମହିଳାମାନଙ୍କ ବଦଳରେ ପୁରୁଷମାନେ ମୁହଁ ଘୋଡ଼ାଇ ରଖନ୍ତି ଏବଂ ବିବାହ ପରେ ସ୍ୱାମୀ ଯାଇ ସ୍ତ୍ରୀର ଘରେ ରହିଥାଏ। ଏହି ଜନଜାତି ନିଜର ଅନନ୍ୟ ପରମ୍ପରା ଏବଂ ମାତୃକୈନ୍ଦ୍ରିକ ସାମାଜିକ ବ୍ୟବସ୍ଥା ପାଇଁ ସାରା ବିଶ୍ୱରେ ଜଣାଶୁଣା। ଭାରତ ଏବଂ ଅନ୍ୟ କେତେକ ଦେଶରେ ସାଧାରଣତଃ ମହିଳାମାନେ ଓଢ଼ଣାରେ ମୁହଁ ଢାଙ୍କିଥାନ୍ତି। ହେଲେ ତୁଆରେଗ ସମାଜରେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳେ। ଏହି ସମାଜରେ ପୁରୁଷମାନେ ନିଜ ମୁହଁକୁ କପଡ଼ାରେ ଘୋଡ଼ାଇ ରଖିଥାଆନ୍ତି ଏବଂ ମହିଳାମାନେ ଖୋଲା ମୁହଁରେ ରୁହନ୍ତି। ଏଠାରେ ପୁରୁଷମାନେ ନିଜ ମୁହଁ ଏବଂ ମୁଣ୍ଡକୁ ଏକ ସ୍ୱତନ୍ତ୍ର ନୀଳ ରଙ୍ଗର କପଡ଼ାରେ ଘୋଡ଼ାଇ ରଖନ୍ତି, ଯାହାକୁ ସେମାନଙ୍କ ଭାଷାରେ 'ଟାଗେଲମଷ୍ଟ' କୁହାଯାଏ। ଏହି କପଡ଼ା କେବଳ ସେମାନଙ୍କର ସାଂସ୍କୃତିକ ପରିଚୟ ନୁହେଁ, ବରଂ ମରୁଭୂମିର ପ୍ରଖର ସୂର୍ଯ୍ୟକିରଣ, ଧୂଳି ଏବଂ ବାଲିରୁ ମଧ୍ୟ ସେମାନଙ୍କୁ ସୁରକ୍ଷା ଦେଇଥାଏ। ଏଠାରେ ଯୁବକଙ୍କୁ ୨୫ ବର୍ଷ ବୟସ ହୋଇଯିବା ପରେ ହିଁ ମୁହଁ ଢାଙ୍କିବାକୁ ପଡ଼ିଥାଏ। ଏହାପରେ ହିଁ ସେମାନେ ଯେକୌଣସି ସର୍ବସାଧାରଣ ସ୍ଥାନରେ ନିଜ ମୁହଁ ଲୁଚାଇ ରଖିପାରନ୍ତି। ଏହି କାରଣ ଯୋଗୁଁ ସେମାନଙ୍କୁ ସାହାରାର ନୀଳ ପୁରୁଷ ବୋଲି କୁହାଯାଏ। କାରଣ ସମୟ ସହିତ ଏହି ପୋଷାକର ନୀଳ ରଙ୍ଗ ସେମାନଙ୍କ ମୁହଁରେ ଲାଗିଯାଏ। ଏହିପରି ଭାବେ ସେମାନଙ୍କ ପରିଚୟ ଆହୁରି ସ୍ୱତନ୍ତ୍ର ହୋଇଯାଏ। ଏହାବାଦ୍ ଏଠାରେ ପୁରୁଷ ବାହାଘର ପରେ ନିଜ ଘରେ ନୁହେଁ, ବରଂ ପତ୍ନୀଙ୍କ ଘରେ ରହନ୍ତି। ଏହି ସମାଜ ପୂରା ମାତୃକୈନ୍ଦ୍ରିକ ବ୍ୟବସ୍ଥା ଉପରେ ଆଧାରିତ। ପଶୁ ସମ୍ପଦ ଏବଂ ଘରୋଇ ଜିନିଷ ବି ମହିଳାଙ୍କ ପାଖରେ ରହେ। ଯଦି କୌଣସି କାରଣବଶତଃ ଛାଡ଼ପତ୍ର ହୋଇଯାଏ, ତେବେ ପୁରୁଷଙ୍କୁ ଘର ଛାଡ଼ି ଯିବାକୁ ପଡ଼ିଥାଏ। ହେଲେ ପିଲା ନିଜ ମା'ଙ୍କ ପାଖରେ ରହନ୍ତି। ଏହି ସମାଜରେ ନିଜ ଇଚ୍ଛାରେ ବିବାହ କରିବାର ଅଧିକାର ମହିଳାଙ୍କର ଅଛି ଏବଂ ଦରକାର ପଡ଼ିଲେ ଛାଡ଼ପତ୍ର ନେଇପାରିବେ। ଏଠାରେ ମହିଳାମାନେ କେବଳ ପରିବାର ସମ୍ଭାଳି ନ ଥାନ୍ତି, ସାମାଜିକ ଏବଂ ଆର୍ଥିକ କାମରେ ବି ବେଶ୍ ସକ୍ରିୟ ରୁହନ୍ତି। ମହିଳାମାନେ ପାରମ୍ପରିକ ଗୀତ, ନୃତ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ମନ ଖୋଲି ସାମିଲ ହୁଅନ୍ତି। ଏହି ଜନଜାତି ମୁଖ୍ୟତଃ ମାଲି, ନାଇଜର, ଆଲଜେରିଆ, ଲିବିଆ ଏବଂ ବୁର୍କିନାଫାସୋ ଭଳି ଦେଶର ମରୁଭୂମି ଅଞ୍ଚଳରେ ବାସ କରନ୍ତି। ଆଜିର ସମୟରେ ଶିକ୍ଷା ଏବଂ ସହରୀ ଜୀବନର ପ୍ରଭାବ ଯୋଗୁଁ କିଛି ଯୁବକ ଏହି ପରମ୍ପରାଠାରୁ ଦୂରେଇ ଯାଉଛନ୍ତି, କିନ୍ତୁ ଗାଁଗୁଡ଼ିକରେ ଏହି ସଂସ୍କୃତି ଆଜି ବି ସେମିତି ରହିଛି।

## ଅଗଷ୍ଟ ୧୫ରେ ମହାଲଢ଼େଇ
# 'ଆୱାରାପନ୍ ୨' ବନାମ 'ବଟୱାରା ୧୯୪୭'





ବକ୍ସ ଅଫିସ୍‌ରେ ଫିଲ୍ମଗୁଡ଼ିକ ମଧ୍ୟରେ ଟକ୍କର ହେବା ଏକ ସାଧାରଣ କଥା ହୋଇଗଲାଣି। ଏବେ ଏକାସାଙ୍ଗେ ତିନି ଚାରୋଟି ଫିଲ୍ମ ରିଲିଜ୍ ହେଉଛି। ଅନେକ ସମୟରେ ଏଥିପାଇଁ ପ୍ରଯୋଜକମାନଙ୍କୁ ବଡ଼ ଧରଣର କ୍ଷତି ସହିବାକୁ ପଡୁଥିବା ବେଳେ କେତେକ ସମୟରେ ଲାଭ ମଧ୍ୟ ହୋଇଥାଏ। ଏଭଳି ପରିସ୍ଥିତିରେ, ସ୍ୱାଧୀନତା ଦିବସ ଅବସରରେ ବକ୍ସ ଅଫିସ୍‌ରେ ଏକ ବଡ଼ ଧମାକା ହେବାକୁ ଯାଉଛି, ଯେଉଁଥିରେ ଦୁଇଟି ବଡ଼ ଫିଲ୍ମ ମଧ୍ୟରେ ଜବରଦସ୍ତ ଟକ୍କର ଦେଖିବାକୁ ମିଳିବ। ଏଥିରେ ସନ୍ନି ଦେଓଲ ଏବଂ ଇମ୍ରାନ୍ ହାସମୀଙ୍କ ମଧ୍ୟରେ ଏକ କଡ଼ା ମୁକାବିଲା ଦେଖିବାକୁ ମିଳିବ। ଇମ୍ରାନ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଆୱାରାପନ୍ ୨' ଏବେ ବେଶ୍ ଚର୍ଚ୍ଚାରେ ରହିଛି। ଏହି ଫିଲ୍ମଟି ୨୦୦୭ ରେ ରିଲିଜ୍ ହୋଇଥିବା 'ଆୱାରାପନ୍' ଫିଲ୍ମର ସିକ୍ୱେଲ୍। ନିକଟରେ ଏହାର ଦମ୍‌ଦାର୍ ଟିଜର୍ ରିଲିଜ୍ ହେବା ପରେ ଦର୍ଶକଙ୍କର ଫିଲ୍ମକୁ ନେଇ ଉତ୍ସାହ ବଢ଼ି ଯାଇଛି। ୧୪ ଅଗଷ୍ଟ, ୨୦୨୬ରେ ଏହା ସିନେମାହଲ୍‌ରେ ରିଲିଜ୍ ହେବ। ଏଥିରେ ଇମ୍ରାନ୍‌ଙ୍କ ବିପକ୍ଷରେ ଦିଶା ପଟାନୀ ନଜର ଆସିବେ। ଏହା ସହିତ ଜେନେଲିଆ ଦେଶମୁଖ ଏବଂ ଶବାନା ଆଜମୀ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଯିବେ। ଅପରପକ୍ଷରେ 'ଗଦର ୨', 'ବର୍ଡର ୨' ଏବଂ 'ଜାଟ୍' ପରେ ଏବେ ସନ୍ନି 'ବଟୱାରା ୧୯୪୭'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ୧୩ ଅଗଷ୍ଟ, ୨୦୨୬ରେ ଏହା ସିନେମାହଲ୍‌ରେ ରିଲିଜ୍ ହେବ। ଆସନ୍ତା ୧୫ ଅଗଷ୍ଟ ସପ୍ତାହନ୍ତରେ 'ବଟୱାରା ୧୯୪୭' ଏବଂ 'ଆୱାରାପନ୍ ୨' ବକ୍ସ ଅଫିସ୍‌ରେ ସାମ୍ନାସାମ୍ନି ହେବେ। ଇମ୍ରାନ୍‌ଙ୍କ ଫିଲ୍ମ ପାଇଁ ଏକ ପ୍ଲସ୍ ପଏଣ୍ଟ ହେଲା, ଏହାର ମୂଳ ଫିଲ୍ମ ବେଶ୍ ଲୋକପ୍ରିୟ ଥିଲା। ସବୁଠୁ ବଡ଼ କଥା ହେଉଛି ଏହା ଏକ ମ୍ୟୁଜିକାଲ୍ ରୋମାଣ୍ଟିକ ଡ୍ରାମା ଫିଲ୍ମ। ଏଭଳି ଫିଲ୍ମକୁ ସାଧାରଣତଃ ଦର୍ଶକେ ଅଧିକ ପସନ୍ଦ କରନ୍ତି। 'ଆୱାରାପନ୍ ୨'କୁ ନେଇ ଅନୁମାନ କରାଯାଉଛି ଯେ ଏହା 'ସୈୟାରା'ର (୨୨ କୋଟି ପ୍ରଥମ ଦିନର ଆୟ) ରେକର୍ଡକୁ ମଧ୍ୟ ପଛରେ ପକାଇ ଦେଇପାରେ। ଅନ୍ୟପଟେ, ସନ୍ନିଙ୍କ ଫିଲ୍ମ 'ବଟୱାରା ୧୯୪୭' ମଧ୍ୟ ବେଶ୍ ଚର୍ଚ୍ଚାରେ ରହିଛି। ଏହି ଫିଲ୍ମରେ ଦେଶ ବିଭାଜନ ସମୟର କାହାଣୀ ଦେଖିବାକୁ ମିଳିବ। ଅନ୍ୟପଟେ ଲଗାତାର ସନ୍ନିଙ୍କର ଫିଲ୍ମଗୁଡ଼ିକ ହିଟ୍ ହୋଇଥିବାରୁ ଏହା ମଧ୍ୟ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିବ ବୋଲି ଆଶା କରାଯାଉଛି। ତେବେ ଇମ୍ରାନ୍ କି ସନ୍ନି କିଏ ଦର୍ଶକଙ୍କ ହୃଦୟ ଜିଣି ପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ପ୍ରଥମ ମହିଳା ବାଉନ୍ସର



ବାଉନ୍ସର କହିଲେ, ଲମ୍ବା, ଚଉଡ଼ା ଏବଂ କଳାପୋଷାକ ପିନ୍ଧା ପୁରୁଷଙ୍କ ଦୃଶ୍ୟ ସାମ୍ନାକୁ ଆସିଥାଏ। ଯେଉଁମାନେ ସିନେ ତାରକା, ରାଜନେତା ସମେତ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସୁରକ୍ଷାରେ ମୁତୟନ ହୋଇଥାନ୍ତି। ଏହାକୁ ପୁରୁଷଙ୍କ କାର୍ଯ୍ୟ ବୋଲି କୁହାଯାଏ। ହେଲେ ଏବେ ଏ ଦିଗରେ ମହିଳାଙ୍କ ପ୍ରବେଶ ହୋଇଛି। ଭାରତର ପ୍ରଥମ ମହିଳା ବାଉନ୍ସର ଭାବେ ମେହେରୁନ୍ନିସା ଶୌକତ୍ ଅଲ୍ଲୀ ବେଶ୍ ପ୍ରସିଦ୍ଧି ଲାଭ କରିଛନ୍ତି। ସମାଜର ରଢ଼ିବାଦୀ ଚିନ୍ତାଧାରାକୁ ଆଡ଼େଇ ମର୍ଦ୍ଦାନୀ ବାଉନ୍ସର ଭାବେ ସେ ଦୁଇଦଶନ୍ଧି ଧରି ପୁରୁଷ ପ୍ରାଧାନ୍ୟ ସମାଜରେ ସୁରକ୍ଷା କାର୍ଯ୍ୟ କରିଆସୁଛନ୍ତି।

ଉତ୍ତରପ୍ରଦେଶ ସହାରନପୁରର ଏକ ଛୋଟ ସହରରେ ମେହେରୁନ୍ନିସା ଜନ୍ମ ହୋଇଥିଲେ। ପିଲାବେଳୁ ପୁଲିସ ଏବଂ ସେନାରେ କାର୍ଯ୍ୟ କରିବା ପାଇଁ ତାଙ୍କର ଖୁବ୍ ଆଗ୍ରହ ଥିଲା। ହେଲେ ପରିବାର ବିରୋଧ ଯୋଗୁ ସେ ଏହା କରିପାରି ନଥିଲେ। ତାଙ୍କ ପରିବାରରେ ଝିଅ ବାହାରକୁ ଯିବା, ପାଠପଢ଼ିବାକୁ ଅପରାଧ ମନାଯାଏ। ଏହା ସତ୍ତ୍ୱେ ସେ ଘରେ ଲୁଚିଛପି, ପାଠପଢ଼ିଲେ। ଏହା ତାଙ୍କ ପିତା ଜାଣିବା ପରେ ବହି ଜାଳି ଦେଇଥିଲେ। ଫଳରେ ସେ ଭାଙ୍ଗି ପଡ଼ିଥିଲେ। ପରେ ମାଆଙ୍କ ସମର୍ଥନ କ୍ରମେ ମେହେରୁନ୍ନିସା ପାଠପଢ଼ା ଜାରି ରଖିଥିଲେ। ସେୟାର ମାର୍କେଟରେ କ୍ଷତି ହେବା ପରେ ତାଙ୍କ ପିତାଙ୍କର ହୃଦ୍‌ଘାତ ହୋଇଥିଲା। ପିତାଙ୍କୁ ଦେଖିବା ପାଇଁ ହସ୍‌ପିଟାଲ୍ ଯିବାବେଳେ ସେଠାରେ ସେ ଛିଡ଼ା ହୋଇଥିବା ହଟାକଟା ବାଉନ୍ସରଙ୍କୁ ଦେଖିଥିଲେ। ଏହା ଦେଖି ମହିଳାମାନେ ମଧ୍ୟ ବାଉନ୍ସର ହୋଇପାରିବେ ବୋଲି ସେ ଅନୁଭବ କରିଥିଲେ। ଏହାପରେ ସେ ୨୦୦୩ ମସିହାରେ ସେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ।

ପାଞ୍ଚ ଫୁଟ୍ ପାଞ୍ଚ ଇଞ୍ଚ, ଉଚ୍ଚତା ଦେଖି ଲୋକେ ତାଙ୍କୁ ପ୍ରଥମେ ସିକ୍ୟୁରିଟି ଗାର୍ଡ ଭାବୁଥିଲେ। ଏଥିପାଇଁ ସେ କଠିନ ପରିଶ୍ରମ ଏବଂ ତାଲିମ୍ ନେଇ ନିଜକୁ ଦକ୍ଷ କରିଥିଲେ। ପରବର୍ତ୍ତୀ ସମୟରେ ବାଉନ୍ସର ଭାବେ ପରିଚିତ ହେଲେ। ପ୍ରିୟଙ୍କା ଚୋପ୍ରା, ସୋନୁ ନିଗମ୍, ଶାହରୁଖ ଏବଂ ସଲ୍‌ମାନ୍ ଖାନଙ୍କ ସମେତ ଅନେକ ବଲିଉଡ୍ ତାରକାଙ୍କ ବାଉନ୍ସର ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କର ଦୃଢ଼ ମନୋବଳ ଏବଂ ପରିଶ୍ରମ ଅନ୍ୟ ମହିଳାଙ୍କୁ ଏ ଦିଗରେ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଛି। ଲୋକେ ତାଙ୍କୁ ଦେଖିଲେ ଆଗ୍ରହର ସହ ସେଲ୍‌ଫି ନେବା ପାଇଁ ଆଗେଇ ଆସନ୍ତି ବୋଲି ସେ କୁହନ୍ତି। ଦିଲ୍ଲୀରେ ସେ ନିଜର ଏକ ସୁରକ୍ଷା ସଂସ୍ଥା ପ୍ରତିଷ୍ଠା କରିଛନ୍ତି। ଏଥିରେ ସେ ଅନ୍ୟ ମହିଳାଙ୍କୁ ତାଲିମ୍ ଦେଇ ରୋଜଗାରକ୍ଷମ କରିଛନ୍ତି। ସେହିପରି ସେ ଦିଲ୍ଲୀର ପ୍ରତିଷ୍ଠିତ ନାଇଟ୍ କ୍ଲବ୍, ପବ୍ ଆଦିରେ ଲୋକଙ୍କୁ ସୁରକ୍ଷା ଦେବାରେ ବାଉନ୍ସର ଭାବେ କାର୍ଯ୍ୟ କରୁଛନ୍ତି।

## ସୁଶ୍ରୀ

### ହଜିଯାଉଥିବା ସ୍ୱାଦ
# ତାୱା ସିଙ୍ଗଡ଼ା



**ଆବଶ୍ୟକ ସାମଗ୍ରୀ**

ମଇଦା – ୨୦୦ ଗ୍ରାମ୍, ଦହି – ଅଧା କପ୍, ବେକିଙ୍ଗ୍ ସୋଡ଼ା – ଏକ ଚାମଚ, ଘିଅ – ଏକ ଚାମଚ, ସିଝା ଆଳୁ – ଦୁଇଟି, ଗ୍ରୀନ୍‌ମଟର – ଏକ କପ୍, ଜୀରା – ଏକଚାମଚ, ଧନିଆ – ଏକ ଚାମଚ, ପାନମହୁରୀ – ଅଧା ଚାମଚ, ସୋରିଷ – ଅଧା ଚାମଚ, ହଳଦୀଗୁଣ୍ଡ – ଅଧା ଚାମଚ, ଲଙ୍କା ଗୁଣ୍ଡ – ଅଧା ଚାମଚ, କସୁରୀ ମେଥି – ଅଧା ଚାମଚ, ଧନିଆ ପାଉଡର୍ – ଅଧା ଚାମଚ, ଲୁଣ ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ଗୋଟିଏ ପାତ୍ରରେ ଅଧା କପ୍ ଦହି, ଅଧା ଚାମଚ ଚିନି, ଲୁଣ, ବେକିଂସୋଡ଼ା, ମଇଦା ସହ ଅଳ୍ପ ପାଣି ଦେଇ ଅଟା ଭଳି ଚକଟି ଘୋଡ଼ାଇ ରଖନ୍ତୁ। ଏହାପରେ ଏକ ପାତ୍ରରେ ସିଝାଆଳୁ ଛଡ଼ାଇ ଚକଟନ୍ତୁ। ଗ୍ୟାସ୍ ଲଗାଇ ପ୍ୟାନ୍ ବସାନ୍ତୁ। ସେଥିରେ ଅଳ୍ପ ତେଲ ଜିରା, ପାନମହୁରୀ, ଗୋଟାଧନିଆ, ସୋରିଷ, କଟାଅଦା, ଗ୍ରୀନ୍‌ମଟର ଦେଇ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଧନିଆଗୁଣ୍ଡ, ଆମଚୁର ପାଉଡର୍ ଦେଇ ଭାଜନ୍ତୁ। ପରେ ଏହାକୁ କାଢ଼ି ଚକଟି ରଖିଥିବା ଆଳୁରେ ପକାଇ ଗୋଳାନ୍ତୁ। ଏହାପରେ ଚକଟି ରଖିଥିବା ମଇଦାକୁ ଛୋଟ ଗୁଳା କରି ବେଲନ୍ତୁ। ସେଥିରେ ଆଳୁ ଷ୍ଟଫି ଦେଇ ମଇଦାକୁ ତ୍ରିଭୁଜାକାର ଦିଅନ୍ତୁ। କଡ଼େଇରେ ତାୱା ବସାଇ ଅଳ୍ପ ତେଲ ଦେଇ ସିଙ୍ଗଡ଼ାକୁ ସେକନ୍ତୁ। ଦୁଇପାଖ ନାଲି ହୋଇଗଲେ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ତାୱା ସିଙ୍ଗଡ଼ା'।

# ଡେଲିଭରି ପରେ ପିନ୍ଧନ୍ତୁ ଏପରି ପୋଷାକ



**ସାଧାରଣତଃ ମାଆ ହେବା ପରେ ଜୀବନଶୈଳୀରେ ନାନା ପରିବର୍ତ୍ତନ ହୋଇଥାଏ। ମହିଳାମାନେ ସୁନ୍ଦରଠୁ ଅଧିକ ସୁବିଧାଜନକ ଏବଂ ଆରାମଦାୟକ ଆଉଟ୍‌ଫିଟ୍ ପିନ୍ଧିବାକୁ ପସନ୍ଦ କରନ୍ତି। ତେବେ ନୂଆ କରି ମାଆ ହୋଇଥିଲେ କିପରି ପୋଷାକ ପିନ୍ଧିବେ ଜାଣି ରଖନ୍ତୁ।**

### କୋ–ଅର୍ଡ ସେଟ୍

କୋ-ଅର୍ଡ ସେଟ୍‌କୁ ମହିଳାମାନେ ଅଧିକ ପସନ୍ଦ କରୁଛନ୍ତି। ଏହା ପିନ୍ଧିବାକୁ ଆରାମଦାୟକ ହୋଇଥିବାବେଳେ, ଏଥିରୁ ଏକ କ୍ଲାସି ଲୁକ୍ ମିଳିଥାଏ। ଏହାକୁ ଉଭୟ ଘର ଏବଂ ବାହାର ପିନ୍ଧା କରିପାରିବେ।

### ମ୍ୟାକ୍ସି ଏବଂ ରାପ୍ ଡ୍ରେସ୍

ସିମ୍ପଲ ଲୁକ୍ ଚାହୁଁଥିଲେ, ମ୍ୟାକ୍ସି ଏବଂ ରାପ୍ ଡ୍ରେସ ପିନ୍ଧିପାରିବେ। ଏହା ପୋଷ୍ଟ ପ୍ରେଗ୍‌ନେସି ମହିଳାଙ୍କୁ ଭଲ ମାନିଥାଏ। ଫ୍ଲୋରାଲ୍ ପ୍ରିଣ୍ଟ ଏବଂ ପେଷ୍ଟାଲ୍ ରଙ୍ଗ ପୋଷାକରୁ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ।

### ନରମ ଫାବ୍ରିକ୍ ଚୟନ କରନ୍ତୁ

ସର୍ବଦା ସାଧା, ସିଧା ଏବଂ ଆରାମଦାୟକ କପଡ଼ା ଚୟନ କରନ୍ତୁ। କଟନ ଲେଲିନ୍ ଏବଂ ଷ୍ଟ୍ରେଚ୍‌ବୁଲ୍ କପଡ଼ା ନୂଆ ମାଆଙ୍କ ପାଇଁ ଭଲ ହୋଇଥାଏ। ତେଣୁ ଚାହିଁଲେ ଫ୍ଲୋରାଲ କଟନ ଫ୍ରକ୍ ମଧ୍ୟ ପିନ୍ଧିପାରିବେ।

# ଆଖି ଅନୁଯାୟୀ କଜଳ ଲଗାନ୍ତୁ

କଜଳ ଆଖିକୁ ଆକର୍ଷଣୀୟ କରିଥାଏ। ଏଥିପାଇଁ ଅଧିକାଂଶ ମହିଳା କଜଳ ଲଗାଇବାକୁ ପସନ୍ଦ କରନ୍ତି। ହେଲେ ଅନେକେ ମହିଳା କଜଳକୁ ମୋଟା, ପତଳା କିଭଳି ଲଗାଇବେ ତାକୁ ନେଇ ଦ୍ୱନ୍ଦରେ ଥାଆନ୍ତି। ତେବେ ଆଖି ଆକାର ଅନୁଯାୟୀ ଲଗାନ୍ତୁ କଜଳ।

### ଆଖି ଛୋଟ ଥିଲେ

ଛୋଟ ଆଖିକୁ ସୁନ୍ଦର ଏବଂ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଆଖିର ତଳ ପାଖରେ ମୋଟା ପରିବର୍ତ୍ତେ ପତଳା ଆକାରରେ କଳା ଲଗାନ୍ତୁ। ଛୋଟ ଆଖି ପାଇଁ ଏହା ଖୁବ୍ ଭଲ ହୋଇଥାଏ। ସେହିପରି ଆଖି କୋଣରେ ମଧ୍ୟ ପତଳା କଳା ଲଗାଇବା ଆବଶ୍ୟକ।

### ଆଖିର ଆକାର ବଡ଼ ଥିଲେ

ସାଧାରଣତଃ ଆଖି ଆକାର ବଡ଼ ଥିଲେ, ଆଖିରେ ବୋଲ୍ଡ ଏବଂ ଗାଢ଼ରଙ୍ଗର କଳା ଲଗେଇ ଆଖିକୁ ସୁନ୍ଦର କରିପାରିବେ। କାରଣ ବଡ଼ ଆଖିରେ ପତଳା କଳା ଲଗାଇଲେ ଏହା ସେତେ ସୁନ୍ଦର ଦେଖାଯାଏନି। ତେଣୁ ବଡ଼ ଆଖି ଥିବା ମହିଳାମାନେ ମୋଟା କଳା ଲଗାଇଲେ ଏହା ଆଖି ସୌନ୍ଦର୍ଯ୍ୟକୁ ଦ୍ୱିଗୁଣା କରିଥାଏ।

# ମୋତି ନିର୍ମିତ ହୁପ୍ ଇୟରିଂ

**ମୁଖମଣ୍ଡଳର ସୌନ୍ଦର୍ଯ୍ୟକୁ ବଢ଼ାଇବାରେ କାନଫୁଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ବଜାରରେ ଭଳିକିଭଳି ଇମିଟେସନ୍‌ର କାନଫୁଲ ମିଳୁଛି। ହେଲେ ହାତ ତିଆରି କାନଫୁଲ ପିନ୍ଧିବାକୁ ପସନ୍ଦ କରୁଥିଲେ ମୋତି ବ୍ୟବହାର କରି ଘରେ ଆକର୍ଷଣୀୟ କାନଫୁଲ ତିଆରି ପାରିବେ।**

### ଗୋଲାକାର ପର୍ଲ ଇୟରିଙ୍ଗ୍

ଗୋଲାକାର ରିଙ୍ଗ୍ କାନଫୁଲ ପିନ୍ଧିବାକୁ ଚାହୁଁଥିଲେ ସୁନେଲି ତାରରେ ମୋତିମାଳି ଗୁନ୍ଥି ଏହି କାନଫୁଲ ତିଆରି ପାରିବେ। ଏହା ବିଶେଷ କରି ଧଳା ରଙ୍ଗର ପୋଷାକରେ ଭଲ ମାନିଥାଏ।

### ସିଙ୍ଗଲ୍ ପର୍ଲ

ଲୁକ୍‌କୁ ପରଫେକ୍ଟ ଏବଂ ଷ୍ଟାଇଲିସ୍ କରିବାକୁ ଚାହୁଁଥିଲେ, ସିଙ୍ଗଲ୍ ପର୍ଲ ଡିଜାଇନ୍ କାନଫୁଲ ପିନ୍ଧିପାରିବେ। ଏ ପ୍ରକାର ଇୟରିଙ୍ଗ୍ ଟ୍ରେଣ୍ଡରେ ରହିଛି। ଅଧିକାଂଶ ମହିଳାଙ୍କର ଏହା ପ୍ରିୟ ହୋଇଥାଏ।



### ହୁପ୍ ଇୟରିଙ୍ଗ୍

ପାର୍ଟି, ଫଙ୍କ୍‌ସନ୍‌ରେ ନିଜକୁ ଷ୍ଟାଇଲିଶ୍ ଏବଂ ଆକର୍ଷଣୀୟ ଲୁକ୍ ଦେବାକୁ ଚାହୁଁଥିଲେ, ଘରେ ଗୋଲଡେନ୍ ୱେୟାର୍ ପର୍ଲ ହୁପ୍ ଡିଜାଇନ କାନଫୁଲ ତିଆରିପାରିବେ। ଏହା ସୁନ୍ଦର ଦିଶିଥାଏ। ମହିଳାଙ୍କ ମଧ୍ୟରେ ଏହି କାନଫୁଲ ଟ୍ରେଣ୍ଡରେ ରହିଛି।

ସକାଳ
THE SAKALA
www.sakalaepaper.com






# ହ୍ୟାରୀ ଇଂଲଣ୍ଡର ହିରୋ

ଆଟଲାଣ୍ଟ, ୧।୭ (ଏଜେନ୍ସି): ଅଧିନାୟକ ହ୍ୟାରୀ କେନ୍‌ଙ୍କ ଡବଲ୍ ଗୋଲ୍ ବଳରେ ଏଠାରେ ବୁଧବାର ରାତିରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚରେ ଇଂଲଣ୍ଡ ୨-୧ ଗୋଲରେ କଙ୍ଗୋକୁ ହରାଇଦେଇଛି। ଏହି ମ୍ୟାଚର ୭ମ ମିନିଟରେ ବ୍ରାଏନ କିପେଙ୍ଗାଙ୍କ ଗୋଲ୍ ବଳରେ କଙ୍ଗୋ ଆରମ୍ଭରୁ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ଏପରିକି ମ୍ୟାଚର ୭୫ ମିନିଟ୍ ପର୍ଯ୍ୟନ୍ତ କଙ୍ଗୋ ଏହି ଅଗ୍ରଣୀକୁ ବଜାୟ ରଖି ଐତିହାସିକ ବିଜୟ ନିକଟତର ହେଉଥିଲା। କିନ୍ତୁ ମ୍ୟାଚର ଶେଷ ୧୫ ମିନିଟରେ ଇଂଲଣ୍ଡ ଅଧିନାୟକ କେନ୍ ୨ଟି ଗୋଲ୍ ଦେଇ କଙ୍ଗୋ ହାତରୁ ବିଜୟ ଛଡ଼ାଇ ଆଣିଥିଲେ। ସେ ୭୫ତମ ଓ ୮୬ତମ ମିନିଟରେ ଏହି ଦୁଇଟି ଗୋଲ୍ ଦେଇଥିଲେ। ପ୍ରି-କ୍ୱାର୍ଟରରେ ଇଂଲଣ୍ଡର ମୁକାବିଲା ସହ-ଆୟୋଜକ ମେକ୍ସିକୋ ସହିତ ହେବ। ଅପରପକ୍ଷରେ ଫିଫା ବିଶ୍ୱକପ୍ ଇତିହାସରେ ହ୍ୟାରୀଙ୍କ ଗୋଲ୍ ସଂଖ୍ୟା ୧୩ରେ ପହଞ୍ଚିଛି। ଏହିକ୍ରମରେ ସେ ବ୍ରାଜିଲ କିମ୍ବଦନ୍ତୀ ପେଲେ (୧୨ ଗୋଲ୍)ଙ୍କୁ ଟପିଯାଇଛନ୍ତି।

# ବିଜୟ ଉତ୍ସବ ପାଳନବେଳେ ମେକ୍ସିକୋ ସିଟିରେ ୩ଜଣଙ୍କ ମୃତ୍ୟୁ

ମେକ୍ସିକୋ ସିଟି, ୧।୭ (ଏଜେନ୍ସି): ସହ-ଆୟୋଜକ ମେକ୍ସିକୋ ଚଳିତ ଫିଫା ବିଶ୍ୱକପ୍‌ର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଇକ୍ୱେଡରକୁ ୨-୦ ଗୋଲରେ ହରାଇ ମେକ୍ସିକୋ ଏହି ସଫଳତା ପାଇଛି। ସେହିଭଳି ଦୀର୍ଘ ୪୦ ବର୍ଷ ପରେ ମେକ୍ସିକୋ ଫିଫା ବିଶ୍ୱକପର ନକଆଉଟରେ ବିଜୟ ସ୍ୱାଦ ଚାଖିଛି। ଏହି ପ୍ରତୀକ୍ଷିତ ବିଜୟ ପରେ ମେକ୍ସିକୋ ସିଟିରେ ଲକ୍ଷ ଲକ୍ଷ ଘରୋଇ ପ୍ରଶଂସକ ଏକାଠି ହୋଇ ବିଶାଳ ଉତ୍ସବ ପାଳନ କରିଥିଲେ। ମୁଖ୍ୟତଃ ଏଞ୍ଜେଲ ଅଫ୍ ଇଣ୍ଡିପେଣ୍ଡେନ୍ସ ସ୍ମାରକୀ ଚାରିପାଖରେ ୧୦ ଲକ୍ଷରୁ ଅଧିକ ଲୋକ ରାସ୍ତାକୁ ଓହ୍ଲାଇ ଉତ୍ସବ ମନାଇଥିଲେ। ଫଳରେ ଶ୍ୱାସରୁଦ୍ଧ ହୋଇ ୩ଜଣ ପ୍ରଶଂସକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପ୍ରାଣ ହରାଇଥିବା ପ୍ରଶଂସକଙ୍କ ମଧ୍ୟରେ ଜଣେ ୧୯ ବର୍ଷୀୟା ଓ ୪୮ ବର୍ଷୀୟା ମହିଳା ରହିଛନ୍ତି।

# ଶ୍ରୀସନ୍ଥଙ୍କ ଉପରୁ ବାସନ୍ଦ ଉଠାଇଲା କେରଳ ସଂଘ

ତିରୁଅନନ୍ତପୁରମ, ୧।୭ (ଏଜେନ୍ସି): କେରଳ କ୍ରିକେଟ ଆସୋସିଏସନ (କେସିଏ) ବୁଧବାର ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଏସ. ଶ୍ରୀସନ୍ଥଙ୍କ ଉପରେ ଲଗାଇଥିବା ୩ ବର୍ଷର ବାସନ୍ଦ ଦଣ୍ଡାଦେଶକୁ ହଟାଇ ଦେଇଛି। କେସିଏ ବିରୁଦ୍ଧରେ ମାନହାନିଜନକ ମନ୍ତବ୍ୟ ଦେବା ଅଭିଯୋଗରେ ସଂଘ ଗତବର୍ଷ ୪୩ ବର୍ଷୀୟ ଶ୍ରୀସନ୍ଥଙ୍କ ଉପରେ ତିନି ବର୍ଷର ବାସନ୍ଦ ଲଗାଇଥିଲା। ସଂଘ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି ଯେ, ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକରେ କେସିଏ ଏହି ବାସନ୍ଦ ହଟାଇବା ପାଇଁ ନିଷ୍ପତ୍ତି ନେଇଛି। ଶ୍ରୀସନ୍ଥ କେସିଏ ବିରୁଦ୍ଧରେ ତାଙ୍କ ମନ୍ତବ୍ୟ ପାଇଁ ଦୁଃଖ ପ୍ରକାଶ କରି ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଥିଲେ। ଏହି ଆଧାରରେ କେସିଏ ତାଙ୍କ ଉପରୁ ବାସନ୍ଦ ଉଠାଇ ଦେଇଛି।

# ଏମ୍‌ବାପ୍ପେ ମ୍ୟାଜିକ୍; ପ୍ରି-କ୍ୱାର୍ଟରରେ ଫ୍ରାନ୍ସ

ନ୍ୟୁୟର୍କ, ୧।୭ (ଏଜେନ୍ସି):

ଷ୍ଟାର୍ ଷ୍ଟ୍ରାଇକର କିଲିଆନ ଏମ୍‌ବାପ୍ପେଙ୍କ ଡବଲ୍ ଗୋଲ୍ ବଳରେ ଏଠାରେ ବୁଧବାର ସକାଳେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ର ଏକ ମ୍ୟାଚରେ ଶକ୍ତିଶାଳୀ ଫ୍ରାନ୍ସ ୩-୦ ଗୋଲ୍‌ରେ ସ୍ୱିଡେନକୁ ପରାସ୍ତ କରିଛି। ଦୁଇଥରର ବିଶ୍ୱବିଜେତା ଫ୍ରାନ୍ସ ଏହି ବିଜୟ ସହ ବିଶ୍ୱକପ୍‌ର ରାଉଣ୍ଡ-୧୬ ତଥା ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ପ୍ରି-କ୍ୱାର୍ଟରରେ ଫ୍ରାନ୍ସର ମୁକାବିଲା ଶନିବାର ରାତିରେ ପାରାଗୁଏ ସହ ହେବ। ଅପରପକ୍ଷରେ ପରାଜୟ ସହ ସ୍ୱିଡେନର ବିଶ୍ୱକପ୍ ଅଭିଯାନ ଶେଷ ହୋଇଛି।

ସ୍ଥାନୀୟ ନ୍ୟୁଜର୍ସି ଷ୍ଟାଡିୟମରେ ଅନୁଷ୍ଠିତ ଏହି ରାଉଣ୍ଡ ଅଫ୍ ୩୨ ମୁକାବିଲାରେ ବିଶ୍ୱର ଏକ ନମ୍ବର ଦଳ ଫ୍ରାନ୍ସକୁ ଆରମ୍ଭରୁ ସ୍ୱିଡେନ କଡ଼ା ଟକ୍କର ଦେଇଥିଲା। ବିଶ୍ୱ ମାନ୍ୟତାର ୩୭ତମ ସ୍ଥାନରେ ରହିଥିବା ସ୍ୱିଡେନର ଶକ୍ତିଶାଳୀ ରକ୍ଷଣାଭାଗକୁ ଫ୍ରାନ୍ସ ଷ୍ଟ୍ରାଇକରମାନେ ଭେଦ କରିବାରେ ବିଫଳ ହୋଇଥିଲେ। ତେବେ ପ୍ରଥମାର୍ଦ୍ଧର ଅନ୍ତିମ ମିନିଟ୍ (୪୫ତମ)ରେ ଫ୍ରାନ୍ସ ଖାତା ଖୋଲିବାରେ ସଫଳ ହୋଇଥିଲେ। ଓଉସମାନ ଡେମ୍ବେଲଙ୍କ ପାସକୁ ଉଦୀୟମାନ ଷ୍ଟ୍ରାଇକର ଏମ୍‌ବାପ୍ପେ



କୌଣସି ତ୍ରୁଟି ନ କରି ବଲ୍‌କୁ ସ୍ୱିଡେନ ଗୋଲ୍ ପୋଷ୍ଟ ମଧ୍ୟକୁ ପଠାଇ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧରେ ଫ୍ରାନ୍ସ ୧-୦ ଅଗ୍ରଣୀ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଫ୍ରାନ୍ସ ଖେଳାଳି ଅଧିକ ଆକ୍ରମଣାତ୍ମକ ମନୋଭାବ ନେଇ ପଡ଼ିଆକୁ ଆସିଥିଲେ। ୫୩ତମ ମିନିଟ୍‌ରେ ବ୍ରାଡଲୀ ବାର୍କୋଲାଙ୍କ ଗୋଲ୍ ଫ୍ରାନ୍ସର ଅଗ୍ରଣୀକୁ ୨-୦କୁ ବୃଦ୍ଧି କରିଥିଲା।

## କ୍ଲୋଜଙ୍କୁ ଟପିଲେ ଏମ୍‌ବାପ୍ପେ



ଫ୍ରାନ୍ସର ଷ୍ଟାର ଖେଳାଳି କିଲିଆନ ଏମ୍‌ବାପ୍ପେ ସ୍ୱିଡେନ ବିପକ୍ଷରେ ଡବଲ୍ ଗୋଲ୍ ଦେଇ ଦଳକୁ ବିଶ୍ୱକପ୍‌ର ପ୍ରି-କ୍ୱାର୍ଟରରେ ପହଞ୍ଚାଇଛନ୍ତି। ଏଥିସହ ଫିଫା ବିଶ୍ୱକପ୍ ଇତିହାସରେ ଏମ୍‌ବାପ୍ପେ ଦ୍ୱିତୀୟ ସର୍ବାଧିକ ଗୋଲ୍‌ସ୍କୋରର ହୋଇଛନ୍ତି। ୨୭ ବର୍ଷୀୟ ଏମ୍‌ବାପ୍ପେ ବର୍ତ୍ତମାନ ବିଶ୍ୱକପରେ ମୋଟ୍ ୧୮ ମ୍ୟାଚ୍ ଖେଳି ୧୮ ଟି ଗୋଲ୍ ଦେଇଛନ୍ତି। ଆର୍ଜେଣ୍ଟିନା ଅଧିନାୟକ ତଥା ମହାନ ଖେଳାଳି ଲିଓନେଲ ମେସି ୧୯ ଗୋଲ୍ ସହ ଏହି ତାଲିକାର ଶୀର୍ଷରେ ରହିଛନ୍ତି। ସେହିଭଳି ତୃତୀୟ ସ୍ଥାନରେ ରହିଥିବା ଜର୍ମାନୀର ପୂର୍ବତନ ଖେଳାଳି ମିରୋସ୍ଲାଭ କ୍ଲୋଜ ୧୬ଟି ଗୋଲ୍ ଦେଇଛନ୍ତି। ଫଳରେ ବିଶ୍ୱକପ୍ ଇତିହାସର ଟପ୍ ସ୍କୋରର ହେବା ଲାଗି ଚଳିତ ଟୁର୍ଣ୍ଣାମେଣ୍ଟରେ ମେସି ଓ ଏମ୍‌ବାପ୍ପେଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିବ। ସେହିଭଳି ଚଳିତ ବିଶ୍ୱକପ୍‌ରେ ମେସି ଓ ଏମ୍‌ବାପ୍ପେ ଉଭୟ ୬ଟି ଲେଖାଏ ଗୋଲ୍ ଦେଇ ଗୋଲ୍ଡେନ ବୁଟ୍ ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି।

ଏହାପରେ ଦ୍ୱିତୀୟାର୍ଦ୍ଧର ଟାଇମ ଆଉଟ୍ ପରେ ଏମ୍‌ବାପ୍ପେଙ୍କ କମାଲ ପୁଣିଥରେ ଦେଖିବାକୁ ମିଳିଥିଲା। ୭୪ତମ ମିନିଟରେ ଏମ୍‌ବାପ୍ପେ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳପାଇଁ ତୃତୀୟ ଗୋଲ୍ ଦେଇଥିଲେ। ୩-୦ ଗୋଲ୍‌ରେ ପଛୁଆ ରହିବା ପରେ ସ୍ୱିଡେନ ଖେଳାଳିମାନେ ମ୍ୟାଚକୁ ଫେରିବା ଲାଗି ଜୋରଦାର ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ବିଜୟ ସହ ଫ୍ରାନ୍ସ ଏକାଧିକ ରେକର୍ଡ କରିଛି। ବିଶ୍ୱକପ୍ ଇତିହାସର ପ୍ରଥମ ଦଳ ଭାବେ ଫ୍ରାନ୍ସ କ୍ରମାଗତ ୫ଟି ମ୍ୟାଚରେ ୩ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ଗୋଲ ଦେବାରେ ସମର୍ଥ ହୋଇଛି। ସେହିଭଳି ଫ୍ରାନ୍ସ କୋଚ୍ ଡିଡିଅର ଡେଶ୍ଚାମ୍ପ ଫିଫା ବିଶ୍ୱକପ୍ ନକ୍‌ଆଉଟ୍‌ରେ ତାଙ୍କର ୯ମ ବିଜୟ ହାସଲ କରିଛନ୍ତି। ଯାହାକି ଫିଫା ବିଶ୍ୱକପ୍ ଇତିହାସରେ କୌଣସି କୋଚ୍ ପାଇଁ ସର୍ବାଧିକ ନକ୍‌ଆଉଟ୍ ବିଜୟର ରେକର୍ଡ ହୋଇଛି।


# ଇକ୍ୱେଡରର ବିଦା; ରାଉଣ୍ଡ-୧୬ରେ ମେକ୍ସିକୋ

# ୪୦ ବର୍ଷ ପରେ ମେକ୍ସିକୋର ପ୍ରତୀକ୍ଷିତ ବିଜୟ



ମେକ୍ସିକୋ ସିଟି, ୧।୭ (ଏଜେନ୍ସି): ସହ-ଆୟୋଜକ ମେକ୍ସିକୋ ଚଳିତ ଫିଫା ବିଶ୍ୱକପ୍‌ର ୭ମ ଦଳ ଭାବେ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବୁଧବାର ସକାଳେ ମେକ୍ସିକୋ ସିଟି ଷ୍ଟାଡିୟମରେ ଅନୁଷ୍ଠିତ ଏକପାଖିଆ ମ୍ୟାଚରେ ଘରୋଇ ମେକ୍ସିକୋ ୨-୦ ଗୋଲ୍‌ରେ ଇକ୍ୱେଡରକୁ ହରାଇଦେଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ ମେକ୍ସିକୋ ଦୁଇଟିଯାକ ଗୋଲ୍ ଦେଇଥିଲା। ୨୨ତମ ମିନିଟରେ ଜୁଲିଆନ କ୍ୱିନୋନ୍ସଙ୍କ ଗୋଲ୍ ସହାୟତାରେ ମେକ୍ସିକୋ ଖାତା ଖୋଲିଥିଲା। ଏହାର ୯ ମିନିଟ ପରେ ମେକ୍ସିକୋ ଏହି ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲା। ୩୧ତମ ମିନିଟରେ ରାଉଲ ଜିମେଞ୍ଜ ମେକ୍ସିକୋ ପାଇଁ ଏହି ଦ୍ୱିତୀୟ ଗୋଲ୍‌ଟି ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷବେଳକୁ ମେକ୍ସିକୋ ୨-୦ରେ ଆଗୁଆ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଇକ୍ୱେଡର ମ୍ୟାଚକୁ ଫେରିବା ଲାଗି ଆପ୍ରାଣ ଉଦ୍ୟମ କରିଥିଲା। କିନ୍ତୁ ମେକ୍ସିକୋ ଡିଫେନ୍ସ କୌଣସି ସୁଯୋଗ ଦେଇ ନ ଥିଲେ। ଶେଷରେ ମେକ୍ସିକୋ ବିଜୟ ଲାଭ କରି ପ୍ରି-କ୍ୱାର୍ଟରରେ ସ୍ଥାନ ପକ୍କା କରିଥିଲା। ସମ୍ପୂର୍ଣ୍ଣ ମ୍ୟାଚରେ ପାସ୍, ପାସ୍ ଆକ୍ୟୁରେସି, ପୋଜେସନ ଆଦିରେ ମେକ୍ସିକୋଠାରୁ ଇକ୍ୱେଡର ଉନ୍ନତ ପ୍ରଦର୍ଶନ କରିଥିଲେ ମଧ୍ୟ ଭାଗ୍ୟ ସାଥ୍ ଦେଇ ନ ଥିଲା।

ଅପରପକ୍ଷରେ ଘରୋଇ ମେକ୍ସିକୋ ଦୀର୍ଘ ୪୦ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ବିଶ୍ୱକପ୍‌ରେ ନକ୍‌ଆଉଟ୍ ବିଜୟ ସ୍ୱାଦ ଚାଖିଛି। ଶେଷଥର ଲାଗି ମେକ୍ସିକୋ ୧୯୮୬ ସଂସ୍କରଣରେ ଏକ ନକ୍‌ଆଉଟ୍ ମ୍ୟାଚ୍ ଜିତିଥିଲା। ଏହାପରେ ୧୯୯୪ରୁ ୨୦୧୮ ପର୍ଯ୍ୟନ୍ତ ମେକ୍ସିକୋ ରାଉଣ୍ଡ-୧୬ରେ ହିଁ ଅଟକିଯାଉଥିଲା। ସେହିଭଳି ୨୦୨୨ରେ ଦଳ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଏଥର ଘରୋଇ ପରିବେଶରେ ଖେଳୁଥିବାରୁ ମେକ୍ସିକୋ ଆଗକୁ ଆହୁରି ବିପର୍ଯ୍ୟୟ ଘଟାଇବାକୁ ଲକ୍ଷ୍ୟ ରଖିଛି।




**ଫିଫା ବିଶ୍ୱକପ୍**
**ରାଉଣ୍ଡ ଅଫ୍ ୩୨ ମୁକାବିଲା**
**ଗୁରୁବାର ରାତି**
ସ୍ପେନ-ଅଷ୍ଟ୍ରିଆ
ଲସ୍ ଆଞ୍ଜେଲ୍ସ, ରାତି ୧୨ଟା ୩୦
**ଶୁକ୍ରବାର ସକାଳ**
ପର୍ତ୍ତୁଗାଲ-କ୍ରୋଏସିଆ
ଟରୋଣ୍ଟୋ, ଭୋର ୪ଟା ୩୦
ସୁଇଜରଲାଣ୍ଡ-ଆଲଜେରିଆ
ଭାଙ୍କୋଭର, ସକାଳ ୮ଟା ୩୦
ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫

# ବର୍ଷାରେ ଧୋଇଲା ଭାରତ-ଇଂଲଣ୍ଡ ପ୍ରଥମ ଟି-୨୦



ଚେଷ୍ଟର-ଲି-ଷ୍ଟ୍ରିଟ, ୧।୭ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ବୁଧବାରଠାରୁ ଆରମ୍ଭ ହୋଇଥିବା ଟି-୨୦ ସିରିଜର ପ୍ରଥମ ମୁକାବିଲା ବର୍ଷା ଲାଗି ବାତିଲ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୭ ୱିକେଟରେ ୧୮୯ ରନ କରିଥିଲା। ତେବେ ଇଂଲଣ୍ଡ ଇନିଂସ ପୂର୍ବରୁ ଲଗାଣ ବର୍ଷା ହେବାରୁ ଖେଳ ଆଉ ସମ୍ଭବପର ହୋଇପାରି ନ ଥିଲା। ପାଖାପାଖି ଦେଢ଼ଘଣ୍ଟା ଅପେକ୍ଷା କରିବା ପରେ ବର୍ଷା ନ କମିବାରୁ ମ୍ୟାଚ୍ ଅଫିସିଆଲ୍ ପ୍ରଥମ ଟି-୨୦କୁ ବାତିଲ ଘୋଷଣା କରିଥିଲେ। ସିରିଜର ଦ୍ୱିତୀୟ ମ୍ୟାଚ୍ ଶନିବାର ସନ୍ଧ୍ୟା ୭ଟାରେ ଖେଳାଯିବ। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଭ୍ରମଣକାରୀ ଭାରତ ୭ ୱିକେଟରେ ୧୮୯ ରନର ଚ୍ୟାଲେଞ୍ଜିଂ ସ୍କୋର ଠିଆ କରାଇଛି। ଦଳ ପକ୍ଷରୁ ଅଧିନାୟକ ଶ୍ରେୟସ ଆୟର ୪୭ ବଲରେ ସର୍ବାଧିକ ୬୮ ରନ ଓ ଓପନର୍ ଅଭିଷେକ ଶର୍ମା ୨୪ ବଲରେ ୫୯ ରନ (୬ଟି ଚୌକା ଓ ୪ଟି ଛକା) କରିଥିଲେ। ଶିବମ ଦୁବେ ୨୧ ବଲରେ ଅପରାଜିତ ୪୨ ରନର ଦ୍ରୁତ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୁ ସାମସନ ୧, ଇଶାନ କିଶାନ ୦, ଅକ୍ଷର ପଟେଲ ୩ ଓ ତିଲକ ବର୍ମା ୧୩ ରନରେ ଆଉଟ୍ ହୋଇ ନିରାଶ କରିଛନ୍ତି। ଇଂଲଣ୍ଡ ପକ୍ଷରୁ ସଫଳ ବୋଲର ଭାବେ ସାକିବ ମହମ୍ମଦ ସର୍ବାଧିକ ୨ଟି ୱିକେଟ୍ ନେଇଛନ୍ତି। ଏହି ଅବସରରେ ଅଭିଷେକ ୫ମ ଭାରତୀୟ ବ୍ୟାଟର୍ ଭାବେ ଟି-୨୦ରେ ୧୦୦ ଛକା ପୂରଣ କରିଛନ୍ତି। ତେବେ ଯୁବ ଭାରତୀୟ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ମ୍ୟାଚରେ ମଧ୍ୟ ଖେଳିବାର ସୁଯୋଗ ମିଳିନି। ଫଳରେ ସୂର୍ଯ୍ୟବଂଶୀଙ୍କ ଅନ୍ତର୍ଜାତୀୟ ପଦାର୍ପଣ ବିଳମ୍ବ ହୋଇଛି।


# ଟି-୨୦ ର୍ୟାଙ୍କିଙ୍ଗ୍: ପ୍ରଥମଥର ଶୀର୍ଷରେ ଇଶାନ

ଦୁବାଇ, ୧।୭ (ଏଜେନ୍ସି): ୱିକେଟ୍‌କିପର ଇଶାନ କିଶାନ ବିଶ୍ୱର ଏକ ନମ୍ବର ଟି-୨୦ ବ୍ୟାଟର ହୋଇଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ଟି-୨୦ ବ୍ୟାଟିଂ ର୍ୟାଙ୍କିଙ୍ଗ୍‌ରେ ଇଶାନ ଗୋଟିଏ ପାହାଚ ଉପରକୁ ଉଠି ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ସେ ସାଥୀ ଭାରତୀୟ ଖେଳାଳି ଅଭିଷେକ ଶର୍ମାଙ୍କୁ ହଟାଇ କ୍ୟାରିୟରରେ ପ୍ରଥମଥର ଲାଗି ବ୍ୟାଟିଂ ତାଲିକାର ଶୀର୍ଷ ମାନ୍ୟତା ଲାଭ କରିଛନ୍ତି। ଇଶାନଙ୍କ ରେଟିଂ ପଏଣ୍ଟ ୮୭୬ ରହିଛି। ଦୀର୍ଘ ୧୧ ମାସ ଧରି ଏକ ନମ୍ବର ସ୍ଥାନରେ ରହିଥିବା ଅଭିଷେକ ୮୬୯ ରେଟିଂ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଖସିଯାଇଛନ୍ତି। ବ୍ୟାଟିଂ ତାଲିକାର ଟପ୍-୧୦ରେ ରହିଥିବା ଅନ୍ୟ ଦୁଇ ଭାରତୀୟ ବ୍ୟାଟର ହେଲେ ତିଲକ ବର୍ମା ଓ ସୂର୍ଯ୍ୟକୁମାର ଯାଦବ। ତିଲକ ପୂର୍ବଭଳି ଷଷ୍ଠ ସ୍ଥାନରେ ସ୍ଥିର ରହିଛନ୍ତି।

# ଜାତୀୟ ପେଞ୍ଚାକ ସିଲାଟରେ ଓଡ଼ିଶାକୁ ୨୭ ପଦକ

ଭୁବନେଶ୍ୱର, ୧।୭ (ସମିସ): ମହାରାଷ୍ଟ୍ରର ନାସିକଠାରେ ଶେଷ ହୋଇଥିବା ଜାତୀୟ ଜୁନିଅର ଓ ସବ୍‌ଜୁନିଅର ପେଞ୍ଚକସିଲାଟ ଚାମ୍ପିଅନସିପରେ ଓଡ଼ିଶା ମୋଟ୍ ୨୭ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୧୨ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୮ଟି କାଂସ୍ୟ ପଦକ ରହିଛି। ପ୍ରତିଯୋଗିତାରେ ଓଡ଼ିଶା ଚତୁର୍ଥ ରନର୍ସଅପ୍ ହୋଇଛି। ଓଡ଼ିଶାରୁ ମୋଟ୍ ୬୨ ଜଣ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ଓଡିଶା ସଂଘର ସଭାପତି ତାପସ କୁମାର ରାୟ ଚୌଧୁରୀ, ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ଖୋର୍ଦ୍ଧା ସଂଘର ସମ୍ପାଦକ ଜୀତେନ୍ଦ୍ର କୁମାର ରାଉତ ପଦକ ବିଜୟୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାହୁଲ ସା, ପ୍ରକାଶ ବେହେରା ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ।

# ୱିମ୍ବଲଡନ: ପ୍ରତ୍ୟାବର୍ତ୍ତନରେ ସେରେନା ହାରିଲେ



ଲଣ୍ଡନ, ୧।୭ (ଏଜେନ୍ସି): ଅବସରର ଦୀର୍ଘ ୪ ବର୍ଷ ପରେ ପୁଣିଥରେ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଥିବା କିମ୍ବଦନ୍ତୀ ଟେନିସ ଖେଳାଳି ସେରେନା ୱିଲିୟମ୍ସଙ୍କୁ ୱିମ୍ବଲଡନର ପ୍ରଥମ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ପ୍ରତ୍ୟାବର୍ତ୍ତନ ପରେ ନିଜର ପ୍ରଥମ ସିଙ୍ଗଲ୍ସ ମ୍ୟାଚ୍ ଏଠାରେ ଖେଳିଥିବା ୪୪ ବର୍ଷୀୟା ସେରେନା ୩-୬, ୭-୬, ୩-୬ ସେଟରେ ଅଷ୍ଟ୍ରେଲିଆର ମାୟା ଜଏଣ୍ଟଙ୍କ ନିକଟରୁ ହାରିଯାଇଛନ୍ତି। ୱିମ୍ବଲଡନରେ ସିଙ୍ଗଲ୍ସ ଓ ଡବଲ୍ସରେ ମୋଟ ୧୩ଟି ଟାଇଟଲ ଜିତିଥିବା ସେରେନା ଏବେ ମହିଳା ଡବଲ୍ସରେ ଭଉଣୀ ଭେନସଙ୍କ ସହ ମିଶି ଖେଳିବେ। ଉଲ୍ଲେଖଯୋଗ୍ୟ ୨୩ଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ସେରେନା ୨୦୨୨ରେ ପ୍ରଫେସନାଲ ଟେନିସରୁ ଅବସର ନେଇଥିଲେ। ତେବେ ୪ ବର୍ଷ ପରେ ଗତ ମାସରେ ସେ ପୁଣିଥରେ କୋର୍ଟକୁ ଫେରି କେବଳ ମହିଳା ଡବଲ୍ସ ଖେଳିଥିଲେ। ଏବେ ସେ ୱିମ୍ବଲଡନରେ ପ୍ରଥମ ସିଙ୍ଗଲ୍ସ ଖେଳିଛନ୍ତି। ସେରେନାଙ୍କର 'ଅଲିମ୍ପିଆ' ଓ 'ଆଦ୍ରିରା' ନାମକ ଦୁଇଟି କନ୍ୟା ରହିଛନ୍ତି।

# ଜେଏମ୍ ଏକାଡେମୀରେ କ୍ରୀଡ଼ା ସାମ୍ବାଦିକ ସମ୍ବର୍ଦ୍ଧିତ





ଭୁବନେଶ୍ୱର,୧।୭ (ସମିସ): ସ୍ଥାନୀୟ ଜେଏମ୍ କ୍ରୀଡ଼ା ଏକାଡେମୀଠାରେ ବୁଧବାର ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳିତ ହୋଇଛି। କ୍ରୀଡ଼ାର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ରାଜ୍ୟର କିଛି ଆଗଧାଡ଼ିର ସାମ୍ବାଦିକ ଓ ସମାଜସେବୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମାରୋହରେ କ୍ରୀଡ଼ା ସାମ୍ବାଦିକ ସନ୍ତୋଷ ମହାନ୍ତି, ରଜନୀକାନ୍ତ ଶତ୍ରୁଶଲ୍ୟ, ସୁଭଜିତ ଜେନା, ବିଜୟ ଖୁଣ୍ଟିଆ, ତପନ ମହାରଣା, ମନୋଜ ସ୍ୱାଇଁ ଏବଂ ବିଶିଷ୍ଟ ସମାଜସେବୀ ବିକାଶ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଯୋଗଦେଇଥିଲେ। ସେହିଭଳି ମୁଖ୍ୟବକ୍ତା ଭାବେ ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ସନାତନ ପାଣି, ସମ୍ମାନିତ ଅତିଥି ପାରା କ୍ରୀଡ଼ାବିତ୍ ରଖାଲ ସେଠୀ ଏବଂ 'ଦୂରଦର୍ଶୀ' ପତ୍ରିକାର ସମ୍ପାଦକ ଦୁର୍ଗା ସାମନ୍ତରାୟ ଉପସ୍ଥିତ ରହିଥିଲେ। ଜେଏମ୍ କ୍ରୀଡ଼ା ଏକାଡେମୀର ଅଧ୍ୟକ୍ଷା ମୀରାରାଣୀ ଦାସ, ସମ୍ପାଦକ ଯଶୋବନ୍ତ ଦାସ, ଆଇନ ପରାମର୍ଶଦାତା ସୁବ୍ରତ ମହାପାତ୍ର ଏବଂ ପ୍ରଯୋଜକ ଅତିଶ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଉତ୍ତର-ପୂର୍ବାଞ୍ଚଳ ଦୃଷ୍ଟିହୀନ ଫୁଟ୍‌ବଲ ଉଦଘାଟିତ

ଭୁବନେଶ୍ୱର, ୧।୭ (ସମିସ):

ଉତ୍ତର-ପୂର୍ବାଞ୍ଚଳ ଦୃଷ୍ଟିବାଧିତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ବୁଧବାର ସ୍ଥାନୀୟ ୟୁନିଟ-୧ ଏକାଡେମୀ ଫୁଟବଲ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଓ ବ୍ଲୁଲ୍ସଆଇ ଅର୍ଗାନାଇଜେସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ୩ ଦିନ ଧରି ଖେଳାଯିବ। ପ୍ରଥମ ଦିବସରେ ଅନୁଷ୍ଠିତ ପୁରୁଷ ବିଭାଗ ମ୍ୟାଚରେ ମେଘାଳୟ ୧୦-୦ ଗୋଲରେ ଆସାମକୁ ଓ ନାଗାଲାଣ୍ଡ ୧-୦ ଗୋଲରେ ମିଜୋରାମକୁ ପରାସ୍ତ କରିଛି। ସେହିଭଳି ଆୟୋଜକ ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଅପରପକ୍ଷରେ ପଦ୍ମିନୀ ଟୁଡୁଙ୍କ ଡବଲ ଗୋଲ୍ ବଳରେ ଓଡ଼ିଶା ମହିଳା ଦଳ ୩-୦ ଗୋଲ୍‌ରେ ମେଘାଳୟକୁ ହରାଇଛି। ସରସ୍ୱତୀ ମୁର୍ମୁ ଓଡ଼ିଶା ପାଇଁ ଅନ୍ୟତମ ଗୋଲଟି ଦେଇଥିଲେ। ଓଡ଼ିଶାରେ ପ୍ରଥମଥର ଆୟୋଜିତ ଏହି



ଜାତୀୟ ଦୃଷ୍ଟିହୀନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟକୁ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ସୁଧାକର ନାୟକ ଅତିଥିଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଓଏସଡି ଧୀରଜ ପଟ୍ଟନାୟକ, କ୍ଷଣପ୍ରଭା ମହାନ୍ତି, ସନ୍ତୋଷିନୀ ଜୈନ ଓ ବ୍ଲୁଲ୍ସଆଇର ଅଧ୍ୟକ୍ଷ ତ୍ରିଲୋଚନ ବେହେରା ଉପସ୍ଥିତ ରହିଥିଲେ।

# ଫାଓ ଲିଗ୍ ଆରମ୍ଭ

ଭୁବନେଶ୍ୱର, ୧।୭ (ସମିସ): କଟକ ବାରବାଟୀ ଷ୍ଟାଡିୟମରେ ବୁଧବାର ଏମଜିଏମ୍ ଫାଓ ଲିଗ୍‌ର ୨୦୨୬ତମ ସଂସ୍କରଣ ଉଦଘାଟିତ ହୋଇଯାଇଛି। ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଲିଗରେ ୨୧ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ସନରାଇଜ କ୍ଲବ ୩-୦ ଗୋଲରେ ରୋଭର୍ସ କ୍ଲବକୁ ପରାସ୍ତ କରିଛି। ସିଏମସି କମିଶନର କୀରନଦୀପ୍ କୌର ସାହୋତ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଓ ଉପସଭାପତି ବିଜୟ ଦାସ, ସହଦେବ ରାଉତ, ବୀରେନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ୍ ଓ ବିଶ୍ୱ ରଞ୍ଜନ ଘଡ଼େଇ ପ୍ରମୁଖ ଉପସ୍ଥିତ ରହିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS